- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 44 ◆ISSUE-125 ◆FRIDAY ◆30 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୨୫ ◆ଶୁକ୍ରବାର ◆୩୦ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ଦକ୍ଷିଣରେ ଜଳପ୍ରଳୟ

■ ଭୁବନେଶ୍ୱର, ୨୯।୧୦ (ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବର୍ଷା ଓ ବନ୍ୟା ବିପତ୍ତି ଭୟଙ୍କର ରୂପ ନେଇଛି। ବିଶେଷକରି ଗଞ୍ଜାମ ଜିଲ୍ଲାରେ ସ୍ଥିତି ସଂଗୀନ ହୋଇପଡ଼ିଛି। ଜିଲ୍ଲାର ପ୍ରାୟ ୩୦୦ଟି ଗାଁ ଜଳବନ୍ଦୀ ହୋଇଥିବାବେଳେ ଅନେକ ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଲଗାଣ ବର୍ଷା ଓ ନଦୀରେ ବଢ଼ୁଥିବା ଜଳସ୍ତର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବନ୍ୟାଜଳରେ ଫସି ରହିଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ରାଜ୍ୟ ସରକାର କୋଷ୍ଟଗାର୍ଡ ହେଲିକପ୍ଟର ମାଧ୍ୟମରେ ଆକାଶମାର୍ଗରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମର ପାତ୍ରପୁର ଓ ସୋରଡ଼ା ଅଞ୍ଚଳରେ ପରିସ୍ଥିତି ସବୁଠୁ ଅଧିକ ଗମ୍ଭୀର ହୋଇଛି। ଏହି ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ୫୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ ହୋଇଛି। ବଡ଼ କଥା ହେଉଛି, ବୁଧବାର ରାତିଠାରୁ ଗୁରୁବାର ସକାଳ ମଧ୍ୟରେ ରାଜ୍ୟରେ ମାତ୍ରାଧିକ ବର୍ଷା ଅନୁଭୂତ ହୋଇଛି। ଏହି ସମୟରେ ରାଜ୍ୟରେ ସ୍ୱାଭାବିକ ତୁଳନାରେ ୫୫୪୩ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ଗଞ୍ଜାମରେ ସ୍ୱାଭାବିକଠାରୁ ୧୧୪୩୨ ମିମି ଅଧିକ ବର୍ଷା ହୋଇଥିବା ବେଳେ ଗଜପତିରେ ୧୭୭୦୬ ମିମି ଅଧିକ ବର୍ଷା ରେକର୍ଡ ହୋଇଛି।

ଗଞ୍ଜାମ, ଗଜପତିରେ ସ୍ଥିତି ବେକାବୁ

୨୪ ଘଣ୍ଟାରେ ରାଜ୍ୟରେ ୫୫୪୩ % ଅଧିକ ବର୍ଷା

ବିପଦ ସଙ୍କେତର ୩ ମିଟର ଉପରେ ଋଷିକୁଲ୍ୟା

ଗଞ୍ଜାମ ଜିଲ୍ଲାରେ ୩୦୦ରୁ ଊର୍ଦ୍ଧ୍ୱ ଗାଁ ଜଳବନ୍ଦୀ

ବ୍ୟାପକ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ବନ୍ୟାଜଳ ପଶିବା ସହ ଗ୍ରାମାଞ୍ଚଳରେ ଯାତାୟାତ ଓ ଜନଜୀବନ ଗୁରୁତର ପ୍ରଭାବିତ ହୋଇଛି। ପୁରୁଷୋତ୍ତମପୁର ନିକଟରେ ଋଷିକୁଲ୍ୟା ନଦୀର ଜଳସ୍ତର ବିପଦ ସଙ୍କେତ ୧୬.୮ ମିଟରକୁ ଅତିକ୍ରମ କରି ପ୍ରାୟ ୧୯ ମିଟରରେ ପହଞ୍ଚିଛି। ଏହା ଫଳରେ ନଦୀକୂଳବର୍ତ୍ତୀ ଓ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ବଢ଼ିଛି। ଜଳସ୍ତର ଆହୁରି ବଢ଼ିଲେ ଅଧିକ ଗାଁ ଜଳମଗ୍ନ ହେବାର ଆଶଙ୍କା ରହିଛି। ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଦକ୍ଷିଣ ଓଡ଼ିଶାର ସଡ଼କ ଯୋଗାଯୋଗ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଗଜପତି ଜିଲ୍ଲାର ମୋହନା ବ୍ଲକ୍ ନିକଟରେ ଜାତୀୟ ରାଜପଥ ୩୨୬ର ପ୍ରାୟ ୩୦୦ ମିଟର ଅଂଶ ବନ୍ୟାଜଳରେ ଧୋଇଯାଇଛି। ଫଳରେ ଗଞ୍ଜାମ ଓ ଗଜପତି ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ତପ୍ତପାଣି ଘାଟୀରେ ପାହାଡ଼ରୁ ମାଟି ଓ ପଥର ଖସିବା ଯୋଗୁଁ ▶ପୃଷ୍ଠା-୭

ଆଣ୍ଡାମାନରେ ସୃଷ୍ଟି ହେଲା ଆଉ ଏକ ଲଘୁଚାପ

୩୧ରେ ଅବପାତ ରୂପ ନେଇ ଆହୁରି ଘନୀଭୂତ ହେବ

ସଦୃଶ ଲଘୁଚାପରେ ପରିଣତ ହେଲା 'ଅର୍ଣ୍ଣବ'

ଆଜିଠୁ ରାଜ୍ୟରେ ବଦଳିବ ପାଗ; ୨ରୁ ପୁଣି ବର୍ଷା

■ ଭୁବନେଶ୍ୱର, ୨୯।୧୦ (ସମିସ): ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଏହି ଲଘୁଚାପ ସୃଷ୍ଟି ହୋଇଛି। ଏବେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରୁଥିବା ବେଳେ ଆସନ୍ତା ୩୧ ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ସଂଲଗ୍ନ ଆଣ୍ଡାମାନ ସାଗର ଅଞ୍ଚଳରେ ଏହା ଅବପାତରେ ପରିଣତ ହେବ। ପରବର୍ତ୍ତୀ ସମୟରେ ଏହି ଅବପାତଟି ଆହୁରି ଅଧିକ ଘନୀଭୂତ ହେବା ସହ ୨ ଦିନ ଧରି ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଅଗ୍ରସର ହେବାର ସମ୍ଭାବନା ରହିଛି। ସମ୍ଭାବ୍ୟ ଅବପାତ ସମ୍ପର୍କରେ ଆଇଏମ୍‌ଡି ପକ୍ଷରୁ ସୂଚନା ▶ପୃଷ୍ଠା-୭



୪ ମୁଖ୍ୟମନ୍ତ୍ରୀଙ୍କ ସହ ଅମିତ ଶାହାଙ୍କ ଆଲୋଚନା

ସହାୟତା ପାଇଁ ପ୍ରତିଶ୍ରୁତି

■ ଭୁବନେଶ୍ୱର, ୨୯।୧୦ (ସମିସ): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ଆନ୍ଧ୍ର ପ୍ରଦେଶ, ପୁଡୁଚେରୀ, ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହୋଇଛନ୍ତି। 'ଏକ୍ସ' ପ୍ଲାଟଫର୍ମରେ ଏକ ପୋଷ୍ଟରେ ଶାହ କହିଛନ୍ତି ଯେ ବାତ୍ୟା ଅର୍ଣ୍ଣବକୁ ଦୃଷ୍ଟିରେ ରଖି ଆନ୍ଧ୍ର ପ୍ରଦେଶ, ପୁଡୁଚେରୀ, ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ଅସୁବିଧାକୁ ହ୍ରାସ କରିବା ପାଇଁ ସମସ୍ତ ସହାୟତା ପାଇଁ ଆଶ୍ୱାସନା ଦେଇଛି। ଏନ୍‌ଡିଆରଏଫ ଏବଂ ଏସଡିଆରଏଫ ଦଳ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଜାରି ରଖିଛନ୍ତି। ଏହାର ପ୍ରଭାବ ଏବଂ ଆବଶ୍ୟକ ସହାୟତା ଆକଳନ କରିବା ପାଇଁ ଖୁବ୍ ଶୀଘ୍ର ଆଇଏମ୍‌ସିଟି ଗୁଡ଼ିକୁ ପଠାଯିବ। ଭାରତ ସରକାର ଦୃଢ଼ ପ୍ରତିବଦ୍ଧତାର ସହ ଲୋକଙ୍କ ନିକଟରେ ଠିଆ ହୋଇଛନ୍ତି ବୋଲି ଗୃହମନ୍ତ୍ରୀ କହିଛନ୍ତି।

ଅପରପକ୍ଷେ ଗୃହମନ୍ତ୍ରୀଙ୍କ ସହ କଥା ହେବା ପରେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏକ୍ସରେ ଏନେଇ ଉଲ୍ଲେଖ କରି କହିଛନ୍ତି ଯେ ଘୂର୍ଣ୍ଣିବାତ୍ୟା ▶ପୃଷ୍ଠା-୭

'ବିପର୍ଯ୍ୟୟ ପ୍ରସ୍ତୁତି ଦିବସ'ରେ ନବୀନଙ୍କ ପୋଷ୍ଟ

ବିପର୍ଯ୍ୟୟ ପରିଚାଳନାରେ ନେତୃତ୍ୱର ଦ୍ରୁତ ଅବକ୍ଷୟ ରାଜ୍ୟ ପାଇଁ ସତର୍କ ଘଣ୍ଟି

■ ଭୁବନେଶ୍ୱର, ୨୯।୧୦ (ସମିସ): 'ବିପର୍ଯ୍ୟୟ ପ୍ରସ୍ତୁତି ଦିବସ'ରେ ୧୯୯୯ ମସିହାର ମହାବାତ୍ୟା ଓ ଏହା ପରର ବିପର୍ଯ୍ୟୟ ମୁକାବିଲା କଥା ମନେ ପକାଇଛନ୍ତି ବୋରିଧୀ ଦଳ ନେତା ନବୀନ ପଟ୍ଟନାୟକ। ଗୁରୁବାର ରାଜ୍ୟ 'ବିପର୍ଯ୍ୟୟ ପ୍ରସ୍ତୁତି ଦିବସ'ରେ ନବୀନ ସୋସିଆଲ୍ ମିଡିଆରେ ଏକ ପୋଷ୍ଟ କରି କହିଛନ୍ତି, ୧୯୯୯ ମସିହା ପରଠାରୁ ଓଡ଼ିଶା ସାହସ, ଦୃଢ଼ ଆତ୍ମବିଶ୍ୱାସ ଓ ସଂକଳ୍ପର ସହ ପ୍ରକୃତିର ରୁଦ୍ରରୂପର ସମ୍ମୁଖୀନ ହୋଇଆସିଛି। ଏହି ଯାତ୍ରାରେ ଆମର ଗୋଟିଏ ଅଟଳ ନୀତି ରହିଆସିଛି, 'ପ୍ରତ୍ୟେକ ଜୀବନ ମୂଲ୍ୟବାନ'। ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ସହନଶୀଳତା ଓ ଗୋଷ୍ଠୀ ସହଭାଗିତା ଉପରେ ଆଧାରିତ ଆମର ''ଶୂନ୍ୟ ଜୀବନହାନି ମଡେଲ୍' ମାଧ୍ୟମରେ ଆମେ ପ୍ରକୃତିର ସବୁଠାରୁ ଭୟଙ୍କର ଆହ୍ୱାନଗୁଡ଼ିକର ମୁକାବିଲା କରିଛୁ। ଏହି ମଡେଲ୍ ଓଡ଼ିଶାର ଦୁର୍ବଳତାକୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଆଦର୍ଶରେ ପରିଣତ କରିଥିଲା। କିନ୍ତୁ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର



ନେତୃତ୍ୱର ଦ୍ରୁତ ଅବକ୍ଷୟ ଏକ ସତର୍କ ଘଣ୍ଟି, ଯାହାକୁ ଅଣଦେଖା କରିବା ଆମ ପାଇଁ ଭାରି ପଡ଼ିପାରେ ବୋଲି ନବୀନ ଚେତାଇ ଦେଇଛନ୍ତି। ଓଡ଼ିଶା ଭବିଷ୍ୟତରେ ମଧ୍ୟ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ, ଦୀର୍ଘ ସଂଘର୍ଷ ଓ ଅନୁଭବରୁ ହାସଲ କରାଯାଇଥିବା ବିପର୍ଯ୍ୟୟ ପ୍ରସ୍ତୁତି ବ୍ୟବସ୍ଥାରେ ଯେକୌଣସି ଦୁର୍ବଳତା ଆମ ▶ପୃଷ୍ଠା-୭

ରାଜ୍ୟସଭା ନିର୍ବାଚନ କ୍ରସ୍‌ଭୋଟିଂ ମାମଲା

୫ ବିଧାୟକଙ୍କୁ ହାଇକୋର୍ଟ ନୋଟିସ

■ କଟକ, ୨୯ ।୧୦ (ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗରେ ଦାୟର ହୋଇଥିବା ମୋଟ ୮ଟି ମାମଲାରୁ ୫ଟି ମାମଲାରେ ବିଜେଡିରୁ ନିଲମ୍ବିତ ୫ ବିଧାୟକଙ୍କୁ ନୋଟିସ ଜାରି କରିଛନ୍ତି ହାଇକୋର୍ଟ। ଆସନ୍ତା ନଭେମ୍ବର ୪ ତାରିଖ ସୁଦ୍ଧା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଏବଂ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ଜବାବ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ବିଜେଡି

- **ନଭେମ୍ବର ୪ ତାରିଖ ସୁଦ୍ଧା ଜବାବ ଦାଖଲ ନିର୍ଦ୍ଦେଶ**
- **ଜାନୁଆରୀ ୧୧ରେ ମାମଲାର ପରବର୍ତ୍ତୀ ଶୁଣାଣି**
- **ଆବେଦନକାରୀଙ୍କୁ ପ୍ରତିଜବାବ ଦାଖଲ ସୁଯୋଗ**

ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମାନ୍ୟବର ବିଚାରପତି ମୃଗାଙ୍କ ଶେଖର ସାହୁ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅପରପକ୍ଷରେ ଏହି ମାମଲାରେ ପୂର୍ବରୁ ବାଚସ୍ପତିଙ୍କୁ ହାଇକୋର୍ଟ ▶ପୃଷ୍ଠା-୭

ବନ୍ୟା ସୁଅରେ ଭାସିଗଲେ ଯୁବକ

■ ସୋରଡ଼ା, ୨୯।୧୦ (ସମିସ): ବରାଡ଼ି ନିକଟ ପାଣିରେ ବୁଡ଼ି ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ପାଣ୍ଡା ନାୟକ(୩୬)। ସୂଚନା ମୁତାବକ ବରାଡି ଗ୍ରାମର ପାଣ୍ଡା ବନ୍ୟା ପାଣି ଦେଖିବାକୁ ଯାଇଥିବା ବେଳେ ପାଣି ଭିତରେ ପଡ଼ି ଯାଇଥିଲା। ପାଣିରେ ଭାସି ଯାଇ ନିକଟରେ ଥିବା ଏକ ଗଛରେ ଲାଗିଯାଇଥିଲା। ସ୍ଥାନୀୟ ଲୋକ ସୂଚନା ଦେବାପରେ ଘଟଣା ସ୍ଥଳରେ ସୋରଡା ଅଗ୍ନିଶମ ବାହିନୀ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଯୁବକ ପାଣ୍ଡା ନାୟକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଜ୍ଞାନେଶଙ୍କ ବିରୋଧରେ 'ଜନ ମହାଭିଯୋଗ' ଆଜି

■ ନୂଆଦିଲ୍ଲୀ, ୨୯ ।୧୦(ଏଜେନ୍ସି): ଭୋଟ ଚୋରି ଅଭିଯୋଗରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ବିରୋଧୀ ଦଳ ଚଳାଇଥିବା ଅଭିଯାନ ଆସନ୍ତାଲି ନୂଆ ମୋଡ଼ ନେବାକୁ ଯାଉଛି। ତାଙ୍କ ବିରୋଧରେ ଜନମହାଭିଯୋଗ (ପବ୍ଲିକ ଇମ୍ପିଚ୍‌ମେଣ୍ଟ) ଆଣିବା ଲାଗି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବାସଭବନରେ ଇଣ୍ଡିଆ ମେଣ୍ଟ ନେତାମାନଙ୍କର ବୈଠକ ଅନୁଷ୍ଠିତ ହେବ। ଏଥିରେ ମେଣ୍ଟର ସମସ୍ତ ନେତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ନଭେମ୍ବର ପହିଲାରେ ରାମଲୀଳା ମଇଦାନରେ ମହାସମାବେଶ ହେବାକୁ ଯାଉଥିବା ବେଳେ ଆସନ୍ତାକାଲିର ବୈଠକରେ ଜ୍ଞାନେଶଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଗୃହୀତ ହେବ।

ଇଣ୍ଡିଆ ମେଣ୍ଟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରତୀକାତ୍ମକ ଭାବେ ମହାଭିଯୋଗ ଆଣିବା ଲାଗି ଆସନ୍ତାକାଲି ଖଡ଼ଗେଙ୍କ ବାସଭବନରେ ମକ୍ ପାର୍ଲାମେଣ୍ଟ ବସି। ଅପରାହ୍ନ ୩ଟା ୩୦ରେ ଖଡ଼ଗେଙ୍କ ୧୦, ରାଜାଜୀ ମାର୍ଗସ୍ଥିତ ବାସଭବନରେ ଏହା ଅନୁଷ୍ଠିତ ହେବ। ଇଣ୍ଡିଆ ମେଣ୍ଟର ପ୍ରତ୍ୟେକ ଦଳରୁ ଜଣେ ଲେଖାଏଁ ନେତା କିମ୍ବା ତାଙ୍କ ମନୋନୀତ ପ୍ରତିନିଧି ବୈଠକରେ ମତ ରଖିବେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପ୍ରସ୍ତାବ

ଖଡ଼ଗେଙ୍କ ଘରେ ବସିବ ଇଣ୍ଡିଆ ମେଣ୍ଟ ବୈଠକ

ପ୍ରକ୍ରିୟାର ଅଧ୍ୟକ୍ଷତା କରିବେ ମୀରା କୁମାର

ଆଗତ କରିବେ ଏବଂ ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାର ଅଧ୍ୟକ୍ଷତା କରିବେ। ଶେଷରେ ରାହୁଲ ଗାନ୍ଧୀ ଉଦ୍‌ଯାପନୀ ଅଭିଭାଷଣ ଦେବେ ବୋଲି ଜଣାପଡ଼ିଛି। ଲୋକସଭାର ପୂର୍ବତନ ବାଚସ୍ପତି ମୀରା କୁମାର ବୈଠକରେ ଅଧ୍ୟକ୍ଷତା କରିବେ। ଗୁରୁବାର ନୂଆଦିଲ୍ଲୀରେ ଖଡ଼ଗେଙ୍କ ବାସଭବନରେ ଅନୁଷ୍ଠିତ ▶ପୃଷ୍ଠା-୭

ଓଲଟ ପାଲଟ

କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ
ରହିଛି ଗାଆଁ ବଉଳା
ଅନେକ ଦିନରୁ ରହିଛି ସେଠାରେ
ପୁରାତନ ପାଠଶାଳା
ସରକାରୀ ସ୍କୁଲ ସରକାରଙ୍କର
ନାହିଁ ସେଠାକୁ ନଜର
ନଅ ଶ୍ରେଣୀ ପିଲା ତିନି କୋଠରିରେ
ପାଠପଢ଼ା କି ପ୍ରକାର
ଗୁରୁଜୀ ମୋହନ ନିଜ ଜିଲ୍ଲା ପ୍ରତି
ହୁଅ ସମ୍ବେଦନଶୀଳ
ପିଲାମାନେ ଯଦି ଅପାଠୁଆ ହେବେ
ମିଳିବ କିବା ସୁଫଳ ?

- ଯାଯାବର

ଡିଜିଟାଲ୍ ଠକେଇରେ ବ୍ୟାଙ୍କ ଦେବ କ୍ଷତିପୂରଣ: ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୨୯।୧୦ (ଏଜେନ୍ସି): ବ୍ୟାପକ ସଚେତନତା ସତ୍ତ୍ୱେ ଦେଶରେ ଡିଜିଟାଲ ଠକେଇ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ସୁପ୍ରିମ କୋର୍ଟ ଚିନ୍ତା ପ୍ରକଟ କରିବା ସହିତ କହିଛନ୍ତି ଯେ ଡିଜିଟାଲ୍ ଠକେଇର ଶିକାର ହୋଇ ଟଙ୍କା ହରାଉଥିବା ଗ୍ରାହକଙ୍କୁ କ୍ଷତିପୂରଣ ଦେବେ ବ୍ୟାଙ୍କ। ଜାଲିଆତି ରୋକିବାରେ ବ୍ୟବସ୍ଥା ବିଫଳ ହେଲେ ଏଥିପାଇଁ ବ୍ୟାଙ୍କ ଦାୟୀ ରହିବେ। ତଦନ୍ତରେ ଏହା ପ୍ରମାଣିତ ହେଲେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବାକୁ ବ୍ୟାଙ୍କ ବାଧ୍ୟ। କ୍ଷତିଗ୍ରସ୍ତ ଆକାଉଣ୍ଟଧାରୀ ଯେତେ ହରାଇଥିବେ, ଅତିକମରେ ସେତିକି ପରିମାଣର ରାଶି ସେମାନଙ୍କୁ ବ୍ୟାଙ୍କ ଦେବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

ଏସଂପକ୍ରାନ୍ତ ଏକ ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ବେଞ୍ଚ ଏପରି ଆଦେଶ ଦେବା ସହିତ କହିଛନ୍ତି ଯେ ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ବ୍ୟବସ୍ଥାରେ ସୁଧାର ଆଣିବାକୁ ପଡ଼ିବ। ଏହି

ଜମାକାରୀଙ୍କ ଆକାଉଣ୍ଟ ସୁରକ୍ଷାର ଦାୟିତ୍ୱ ବ୍ୟାଙ୍କ ନେବା ଆବଶ୍ୟକ

ଚଳିତ ବର୍ଷ ସାଇବର ଠକେଇରେ ଗଲାଣି ୮୦୦ କୋଟି

ଖଣ୍ଡପୀଠରେ ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନା ମଧ୍ୟ ଅଛନ୍ତି। ଖଣ୍ଡପୀଠ କହିଲେ ଯେ ସରକାରୀ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ସାଇବର ଅପରାଧ ୫୦ ପ୍ରତିଶତ କମିଛି। ଏହାସତ୍ତ୍ୱେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଡିଜିଟାଲ ଠକେଇର ଶିକାର ହୋଇ ୮୦୦ କୋଟି ଟଙ୍କା ହରାଇଲେଣି ଆକାଉଣ୍ଟଧାରୀ। ଏହା କିପରି ସମ୍ଭବ ହୋଇପାରିଲା ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଏଡାକୁ ରୋକିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ରେଗୁଲେଟୋରି ଫ୍ରେମୱର୍କ କରିବାକୁ ଯାଉଛି। ତେବେ ଏଥିରେ ଆଗୁଆ ସତର୍କତା ସହିତ କ୍ଷତିପୂରଣ ବ୍ୟବସ୍ଥା ଓ ବ୍ୟାଙ୍କଗୁଡ଼ିର ଉତ୍ତରଦାୟିତ୍ୱ ରହିବା ଦରକାର ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଆର୍ଥିକ ସଂସ୍ଥାର ଯାଞ୍ଚ ଓ ସତର୍କତାରେ ଅବହେଳା ଯୋଗୁଁ ଠକେଇ ହୋଇଥିବା ପ୍ରମାଣିତ ହେଲେ, ପୀଡ଼ିତଙ୍କୁ କ୍ଷତିପୂରଣ ମିଳିବାର ବ୍ୟବସ୍ଥା କରାଯିବା ଉଚିତ। ଡିଜିଟାଲ୍ ଗିରଫଦାରୀ ଭଳି ଠକେଇରେ ଅସ୍ୱାଭାବିକ ଆର୍ଥିକ କାରବାର ଚିହ୍ନଟ ହେଲେ ନିକଟସ୍ଥ ପୁଲିସ ଥାନାକୁ ସୂଚନା ଦେବା ବ୍ୟାଙ୍କର ଦାୟିତ୍ୱ ବୋଲି ମଧ୍ୟ କୋର୍ଟ କହିଛନ୍ତି। ▶ପୃଷ୍ଠା-୭

ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

୩,୮୫୫ କୋଟିର ୨୨ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

■ ଭୁବନେଶ୍ୱର, ୨୯।୧୦ (ସମିସ): ରାଜ୍ୟରେ ଶିଳ୍ପ ଓ ପୁଞ୍ଜିନିବେଶକୁ ଆହୁରି ବଢ଼ାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୨୨ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ଗୁରୁବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୫୧ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ପ୍ରକଳ୍ପଗୁଡ଼ିକୁ ମଞ୍ଜୁରି ମିଳିଥିବା ବେଳେ ଏଥିରେ ମୋଟ ୩,୮୫୫.୩୮ କୋଟି ଟଙ୍କା ପୁଞ୍ଜିନିବେଶ ହେବ। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ପ୍ରାୟ ୭,୭୬୫ ଜଣଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି।

ଅନୁମୋଦିତ ପ୍ରକଳ୍ପଗୁଡ଼ିକ ରାଜ୍ୟର ୧୨ଟି ଜିଲ୍ଲାରେ ପ୍ରତିଷ୍ଠା ହେବ। ଏଥିରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, ନୟାଗଡ଼, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲା ରହିଛି। ପର୍ଯ୍ୟଟନ, ବାୟୋଫୁଏଲ୍, ଉତ୍ପାଦନ, ଏରୋସ୍ପେସ୍ ଓ ପ୍ରତିରକ୍ଷା, ରସାୟନ ଓ ପେଟ୍ରୋକେମିକାଲ୍ସ, ଭିତ୍ତିଭୂମି, ପ୍ଲାଷ୍ଟିକ୍, ଔଷଧ, ଗ୍ଲୋବାଲ୍ କମ୍ପିଟେନ୍ସି ସେଣ୍ଟର, ଡାଉନ୍‌ଷ୍ଟ୍ରିମ୍ ଷ୍ଟିଲ୍ ଓ ପେପର ପ୍ୟାକେଜିଂ ଭଳି ▶ପୃଷ୍ଠା-୭

୭,୭୬୫ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ଭାବନା

ପେପର ଓ ପ୍ୟାକେଜିଂରେ ୧,୦୨୯ କୋଟି

୩ ବାୟୋଫୁଏଲ୍ ପ୍ରକଳ୍ପ ପାଇଁ ୬୮୦ କୋଟି

ହସିନାଙ୍କୁ ହଟାଇବାର ଦୁଇ ଦିନ ପୂର୍ବରୁ ସରକାର ପରିବର୍ତ୍ତନର ଷଡ଼ଯନ୍ତ୍ର ହୋଇଥିଲା

ଢାକା,୨୮ ।୧୦(ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ସରକାରର ପତନ ପୂର୍ବରୁ ହିଁ କ୍ଷମତା ପରିବର୍ତ୍ତନର ଯୋଜନା ପ୍ରସ୍ତୁତ ହୋଇଥିଲା । ହସିନା ଦେଶ ଛାଡ଼ିବାର ଦୁଇ ଦିନ ପୂର୍ବରୁ ଛାତ୍ର ଆନ୍ଦୋଳନର ନେତାମାନେ ନୋବେଲ୍ ବିଜେତା ମହମ୍ମଦ ୟୁନୁସ୍‌ଙ୍କୁ ଅନ୍ତରୀଣ ସରକାରର ନେତୃତ୍ୱ ନେବାକୁ ଆମନ୍ତ୍ରଣ କରିଥିଲେ । ୟୁନୁସ୍‌ଙ୍କ ପୂର୍ବତନ ପ୍ରେସ୍ ସଚିବ ଶଫିକୁଲ୍ ଆଲମ୍ ସୋସିଆଲ୍ ମିଡିଆରେ ଏଭଳି ଦାବି କରିଛନ୍ତି । ଆଲମ୍‌ଙ୍କ କହିବା ଅନୁଯାୟୀ, ଛାତ୍ର ନେତାମାନେ ୟୁନୁସ୍‌ଙ୍କ ସହ ଯୋଗାଯୋଗ କରିବା ପାଇଁ ଏଏଫ୍‌ପି ସମ୍ବାଦ ସଂସ୍ଥାର ଢାକାସ୍ଥିତ ତଥ୍ୟ ଯାଞ୍ଚ ଦଳର ତତ୍କାଳୀନ ସମ୍ପାଦକ କାଦରୁଦ୍ଦିନ୍ ଶିଶିରଙ୍କ ସହାୟତା ନେଇଥିଲେ । ଏହି ଯୋଗାଯୋଗ ଅତ୍ୟନ୍ତ ଗୋପନୀୟ ଭାବେ ହୋଇଥିଲା ଏବଂ ଶିଶିର ଉଭୟ ପକ୍ଷ ମଧ୍ୟରେ ପ୍ରାରମ୍ଭିକ ଆଲୋଚନାର ସେତୁ ସାଜିଥିଲେ ବୋଲି ଆଲମ୍ ଦାବି କରିଛନ୍ତି । ୨୦୨୪ ଅଗଷ୍ଟ ୫ରେ ହସିନା ଦେଶ ଛାଡ଼ିବା ପରେ ଅଗଷ୍ଟ ୮ରେ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଗଠିତ ହୋଇଥିଲା । ଅନ୍ୟପକ୍ଷରେ, ହସିନା ୟୁନୁସ୍ ପ୍ରଶାସନ ଉପରେ ରାଜନୈତିକ ଉଦ୍ଦେଶ୍ୟରେ ଆୱାମୀ ଲିଗ୍ ନେତା ଓ କର୍ମୀଙ୍କ ବିରୋଧରେ ମାମଲା କରାଯାଉଥିବା ଏବଂ ହିଂସାରେ ସମ୍ପୃକ୍ତ ଲୋକଙ୍କୁ ଦାୟୀ କରାଯାଉ ନଥିବା ଅଭିଯୋଗ କରିଛନ୍ତି । ସମ୍ପ୍ରତି ଆମେରିକା ଗସ୍ତ ସମୟରେ ନ୍ୟୁୟର୍କର ଜେଏଫ୍‌କେ ବିମାନବନ୍ଦରରେ ୟୁନୁସ୍‌ଙ୍କୁ ଆୱାମୀ ଲିଗ୍‌ର ସମର୍ଥକ ବୋଲି କୁହାଯାଉଥିବା କିଛି ଲୋକ ବିରୋଧ କରିଥିଲେ । ତେବେ ସରକାର ପରିବର୍ତ୍ତନ ଯୋଜନା ସମ୍ପର୍କରେ ଆଲମ୍‌ଙ୍କ ଏହି ଦାବିର ସ୍ୱତନ୍ତ୍ର ପୁଷ୍ଟି ଏହି ରିପୋର୍ଟରେ ଦିଆଯାଇନାହିଁ ।

ୟୁକ୍ରେନ୍ ରେଳ ଷ୍ଟେସନ୍‌ରେ ଡ୍ରୋନ୍ ଆକ୍ରମଣ; ୧୩ ମୃତ

କିଭ୍,୨୯ ।୧୦(ଏଜେନ୍ସି): ୟୁକ୍ରେନ୍‌ର ଡ୍ନିପ୍ରୋ ରେଳ ଷ୍ଟେସନ୍‌ରେ ଗୁରୁବାର ସକାଳେ ରୁଷୀୟ ଡ୍ରୋନ୍ ଆକ୍ରମଣରେ ଅତିକମ୍‌ରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି । ଏଥିରେ ଅନ୍ୟ ୧୦ ଜଣ ଆହତ ହୋଇଥିବା ୟୁକ୍ରେନ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଷ୍ଟେସନ୍‌ରେ ଟ୍ରେନ୍ ଅଟକି ରହିଥିବାବେଳେ ଏହି ଆକ୍ରମଣ ହୋଇଥିଲା । ୟୁକ୍ରେନ୍‌ର ରାଷ୍ଟ୍ରାୟତ୍ତ ରେଳ ସଂସ୍ଥା ଟେଲିଗ୍ରାମ୍‌ରେ କହିଛି ଯେ, ଜାପୋରିଝିଆ ଅଭିମୁଖେ ଯାତ୍ରା କରିବାକୁ ଥିବା ୮୬୬ ନମ୍ବର ଟ୍ରେନ୍ ଡ୍ନିପ୍ରୋ ଷ୍ଟେସନ୍‌ର ଏକ ପ୍ଲାଟଫର୍ମରେ ରହିଥିଲା । ଏହି ସମୟରେ ରୁଷ୍ ପକ୍ଷରୁ ଜେଟ୍‌ଚାଳିତ ମାନବବିହୀନ ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଇଥିଲା । ଆକ୍ରମଣ ପୂର୍ବରୁ ଅଞ୍ଚଳରେ ଅଧିକ ବିପଦ ସମ୍ପର୍କରେ ସତର୍କ ସୂଚନା ଜାରି ହୋଇଥିଲା । ତଥାପି ପ୍ଲାଟଫର୍ମରେ ଯାତ୍ରୀ ଉପସ୍ଥିତ ଥିଲେ । ଡ୍ନିପ୍ରୋର ମେୟର ବୋରିସ୍ ଫିଲାଟୋଭ୍ ଏହି ଘଟଣାକୁ ଏକ ଦୁଃଖଦ ଦୁର୍ଘଟଣା ବୋଲି କହିବା ସହ ଏକ ନାଗରିକ ବିଦ୍ୟୁତ୍‌ଚାଳିତ ଟ୍ରେନ୍‌କୁ ଡ୍ରୋନ୍ ଆଘାତ କରିଥିବା ଉଲ୍ଲେଖ କରିଛନ୍ତି । ଏହି ଆକ୍ରମଣକୁ ନେଇ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଅନ୍ତର୍ଜାତୀୟ ସମୁଦାୟର ହସ୍ତକ୍ଷେପ ଦାବି କରିଛନ୍ତି । ରୁଷ୍‌ର କେତେକ ଧନୀ ଉଦ୍ୟୋଗପତି ଓ ଶକ୍ତି କ୍ଷେତ୍ର ଉପରୁ କଟକଣା କୋହଳ କରାଯିବା ପରେ ମଧ୍ୟ ଆକ୍ରମଣ ବନ୍ଦ ହୋଇନଥିବା ସେ ସୋସିଆଲ୍ ମିଡିଆରେ ପ୍ରଶ୍ନ ଉଠାଇଛନ୍ତି । ୟୁକ୍ରେନ୍‌ର ରେଳ ଭିତ୍ତିଭୂମି ଉପରେ ରୁଷ୍‌ର ଆକ୍ରମଣ ବଢୁଥିବା ଅଭିଯୋଗ ହୋଇଛି । ରେଳ ସଂସ୍ଥାର ସୂଚନା ଅନୁଯାୟୀ, ୨୦୨୬ରେ ଏଯାଏଁ ୧,୭୦୦ରୁ ଅଧିକ ରେଳ ସମ୍ପତ୍ତି ଆକ୍ରମଣର ଶିକାର ହୋଇଛି । ଏଥିରେ ଷ୍ଟେସନ୍, ରେଳ ଇଞ୍ଜିନ୍ ଓ ଯାତ୍ରୀବାହୀ ଡବା ଅନ୍ତର୍ଭୁକ୍ତ । ଏହି ଘଟଣା ୟୁକ୍ରେନ୍‌ର ଗୁରୁତ୍ୱପୂର୍ଣ୍ଣ ପରିବହନ ବ୍ୟବସ୍ଥାର ସୁରକ୍ଷାକୁ ନେଇ ପୁଣି ଚିନ୍ତା ବଢ଼ାଇଛି ।

ବିଶେଷ ଟିପ୍ପଣୀ



"ଜ୍ଞାନେଶ କୁମାର ଇସ୍ତଫା ଦିଅନ୍ତୁ । ଦେଶରେ ଭୋଟ୍ ଚୋରି ହେଉଛି । ନିର୍ବାଚନ ପ୍ରକ୍ରିୟାକୁ ନିରପେକ୍ଷ କରିବା ପାଇଁ କାଗଜ ବାଲଟ୍‌ରେ ନିର୍ବାଚନ କରାଯାଉ ।"

- ସଞ୍ଜୟ ସିଂହ (ବରିଷ୍ଠ ଆପ୍ ନେତା)

"ଜ୍ଞାନେଶ କୁମାର ଗଣତନ୍ତ୍ରକୁ ଦୁର୍ବଳ କରିବାକୁ ଉଦ୍ୟମ କରିଛନ୍ତି । ସେ ବିଜେପି ଓ ତା'ର ଶୀର୍ଷ ନେତୃତ୍ୱଙ୍କ ଇଙ୍ଗିତରେ କାମ କରୁଥିବା ଆମର ଅଭିଯୋଗ । ଏହାର ଜବାବ ଦେବାକୁ ପଡ଼ିବ ।"

- ତେଜସ୍ୱୀ ଯାଦବ (ଆରଜେଡ଼ି ନେତା)

ଜେନ୍ Z

"ଭୋଟ୍ ଚୋରି ବିରୋଧରେ ପ୍ରତିବାଦ ଜାରି ରହିବ । ଯଦି ବିଜେପି ନିଜ ବିଜୟକୁ ନେଇ ଆତ୍ମବିଶ୍ୱାସୀ, ତେବେ ସଂସଦ ଭାଙ୍ଗି ବାଲଟ୍ ପେପର୍‌ରେ ନିର୍ବାଚନକୁ ସାମ୍ନା କରୁ ।"

-ମଲ୍ଲିକାର୍ଜୁନ ଖଡ଼୍‌ଗେ @kharge

ତାଣ୍ଡବ ରଚାଇବ ଏଲ୍ ନିନୋ

ଭାରତରେ ମାର୍ଚ୍ଚ ସୁଦ୍ଧା ୫୫ ହଜାର ମୃତ୍ୟୁ ଆଶଙ୍କା

ନୂଆଦିଲ୍ଲୀ,୨୯ ।୧୦(ଏଜେନ୍ସି): ଚଳିତ ବର୍ଷ ଏଲ୍ ନିନୋର ପ୍ରଭାବ ଭାରତ ସମେତ ବିଶ୍ୱର ଅନେକ ଦେଶରେ ଭୟଙ୍କର ଗ୍ରୀଷ୍ମପ୍ରବାହ ସୃଷ୍ଟି କରିପାରେ । କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍‌ର ଏକ ନୂଆ ଆକଳନ ଅନୁଯାୟୀ, ଆସନ୍ତା ଛଅ ମାସରେ ବିଶ୍ୱରେ ଅତିରିକ୍ତ ୩ ଲକ୍ଷ ୭୩ ହଜାରରୁ ଅଧିକ ଲୋକଙ୍କ ତାପଜନିତ ମୃତ୍ୟୁ ହୋଇପାରେ । ଏଥିରେ ଭାରତରେ ଆସନ୍ତା ମାର୍ଚ୍ଚ ସୁଦ୍ଧା ପ୍ରାୟ ୫୫ ହଜାର ମୃତ୍ୟୁ ହେବାର ଆଶଙ୍କା କରାଯାଇଛି ।

ଏଲ୍ ନିନୋ ହେଉଛି ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ ଭାଗରେ ସମୁଦ୍ରପୃଷ୍ଠର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବାର ଏକ ପ୍ରାକୃତିକ ଜଳବାୟୁ ପ୍ରକ୍ରିୟା । ଏହା ବିଶ୍ୱର ପବନ, ବାୟୁଚାପ ଓ ବର୍ଷାର ଧାରାକୁ ପ୍ରଭାବିତ କରେ । ଫଳରେ କେତେକ ଅଞ୍ଚଳରେ ମରୁଡ଼ି, ଅନ୍ୟ କେତେକ ସ୍ଥାନରେ ବନ୍ୟା ଏବଂ ପ୍ରବଳ ଗ୍ରୀଷ୍ମପ୍ରବାହ ଦେଖାଦେଇପାରେ । ଟ୍ରାକର୍‌ର ଆକଳନ ଅନୁସାରେ, ନାଇଜେରିଆରେ ପ୍ରାୟ ୫୬ ହଜାର ତାପଜନିତ ମୃତ୍ୟୁ ହୋଇପାରେ । ଇଣ୍ଡୋନେସିଆରେ ୨୯ ହଜାର ଓ ବ୍ରାଜିଲ୍‌ରେ ୧୯ ହଜାର ମୃତ୍ୟୁ ଆଶଙ୍କା କରାଯାଇଛି । ବିଶ୍ୱ ପାଣିପାଗ ସଂଗଠନ ଚଳିତ ବର୍ଷର ଏଲ୍ ନିନୋ ୧୯୫୦ ପରଠାରୁ ସବୁଠାରୁ ଶକ୍ତିଶାଳୀ ହୋଇପାରେ ବୋଲି ସତର୍କ କରିଛି । ଡିସେମ୍ବରରେ ଏହା ଶୀର୍ଷରେ ପହଞ୍ଚିବା ଆଶଙ୍କା ରହିଛି ଏବଂ ଏହାର ପ୍ରଭାବ ୨୦୨୭ ଆରମ୍ଭ ପର୍ଯ୍ୟନ୍ତ ରହିପାରେ । ଏହା ଆଗାମୀ ଦିନରେ କେବଳ ଭାରତ ନୁହେଁ ସାରା ବିଶ୍ୱ ପାଇଁ ବିପଜ୍ଜନକ ସ୍ଥିତି ସୃଷ୍ଟି କରିବ । ପ୍ରକୃତିର ଏହି ରୋଷ କାରଣରୁ ବିଭିନ୍ନ ଦେଶରେ ମରୁଡ଼ି, ଅକାଳ ଭଳି ସ୍ଥିତି ଦେଖିବାକୁ ମିଳିବ । ଏପରିକି ଖାଦ୍ୟ ଅଭାବନରୁ ପ୍ରାଣହାନୀ ଘଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପରେ । ଏବେ ମଧ୍ୟ ସାଉଥ ସୁଦାନ ଭଳି ଆଫ୍ରିକୀୟ ଦେଶରେ ଏହି ସ୍ଥିତି ସୃଷ୍ଟି ହୋଇଛି ଓ ଏହା ଅନ୍ୟ ଦେଶକୁ ବ୍ୟାପିବ ବୋଲି ଆଶଙ୍କା କରାଯାଉଛି । ତେବେ ଏହି ସଂଖ୍ୟାଗୁଡ଼ିକ ଆକଳନ ମାତ୍ର, ପ୍ରକୃତ ମୃତ୍ୟୁସଂଖ୍ୟା ପାଣିପାଗ, ସ୍ଥାନୀୟ ପରିସ୍ଥିତି ଓ ପ୍ରତିରୋଧମୂଳକ ପଦକ୍ଷେପ ଉପରେ ନିର୍ଭର କରିବ ।

ବିଜେପିକୁ ଖଡ଼ଗେଙ୍କ ଆହ୍ୱାନ

ପାର୍ଲାମେଣ୍ଟ ଭାଙ୍ଗି ବାଲଟ୍ ପେପର୍‌ରେ ନିର୍ବାଚନ କର

ବେଙ୍ଗାଲୁରୁ,୨୯।୧୦(ଏଜେନ୍ସି): ନିର୍ବାଚନରେ ଭୋଟ୍ ଚୋରି ଅଭିଯୋଗକୁ ନେଇ କଂଗ୍ରେସର ଆନ୍ଦୋଳନ ଜାରି ରହିବ । ଏଥିସହ ସଂସଦ ଭଙ୍ଗ କରି ବାଲଟ୍ ପେପର୍ ମାଧ୍ୟମରେ ପୁନର୍ବାର ନିର୍ବାଚନ କରିବାକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଗୁରୁବାର ବିଜେପିକୁ ଆହ୍ୱାନ ଦେଇଛନ୍ତି । ନିର୍ବାଚନୀ ଅନିୟମିତତା ଓ ଭୋଟର ତାଲିକାରୁ ନାମ ବାଦ୍ ପଡ଼ିବା ଅଭିଯୋଗକୁ ନେଇ ଦଳ ଦେଶବ୍ୟାପୀ ସଚେତନତା ଅଭିଯାନ ଜାରି ରଖିବ ବୋଲି ସେ କହିଛନ୍ତି । ବେଙ୍ଗାଲୁରୁରେ ସାମ୍ବାଦିକମାନଙ୍କୁ ଖଡ଼ଗେ କହିଛନ୍ତି, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ମଧ୍ୟ ଦଳର ପ୍ରତିବାଦ ଜାରି ରହିବ । ନଭେମ୍ବର ୧ରେ ଦିଲ୍ଲୀର ରାମଲୀଳା ମଇଦାନରେ କଂଗ୍ରେସ ଏକ ବଡ଼ ରାଲି କରିବାକୁ ଯୋଜନା କରିଛି । ଏହା ପୂର୍ବରୁ ଶୁକ୍ରବାର ଏକ ପ୍ରତୀକାତ୍ମକ ସଂସଦ ଅଧିବେଶନ ଆୟୋଜନ କରାଯିବ । ଖଡ଼ଗେ କହିଛନ୍ତି, ଗଣତନ୍ତ୍ରରେ ଲୋକଙ୍କୁ ସଚେତନ କରିବାକୁ ହେଲେ ସଂଘର୍ଷ କରିବା ଆବଶ୍ୟକ । ଭୋଟର ତାଲିକାରୁ ସଂଖ୍ୟାଲଘୁ ଓ ସାମାଜିକ-ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଲୋକଙ୍କ ନାମ ବାଦ୍ ଦିଆଯାଉଥିବା କଂଗ୍ରେସ ଅଭିଯୋଗ କରିଛି । କର୍ଣ୍ଣାଟକ ବିଧାନ ପରିଷଦ ନିର୍ବାଚନରେ ବାଲଟ୍ ପେପର୍ ବ୍ୟବହାର ସତ୍ତ୍ୱେ ବିଜେପି ଓ ଜେଡିଏସ୍ ଚାରିଟି ଯାକ ଆସନ ଜିତିଥିବା ପ୍ରସଙ୍ଗରେ ଖଡ଼ଗେ କହିଛନ୍ତି, ଏହାଦ୍ୱାରା ବାଲଟ୍ ପେପର୍‌ରେ ନିର୍ବାଚନ କରିବା ଦାବିରୁ କଂଗ୍ରେସ ଓହରିବ ନାହିଁ । ସେ କହିଛନ୍ତି, ଅତୀତରେ ବାଲଟ୍ ପେପର୍‌ରେ ନିର୍ବାଚନ ହେବା ସମୟରେ ବିଜେପି ମାତ୍ର ଦୁଇଟି ଲୋକସଭା ଆସନ ଜିତିଥିଲା । ତେଣୁ ନିର୍ବାଚନୀ ସଫଳତାକୁ ନେଇ କୌଣସି ଦଳ ଅହଂକାରୀ ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି । 'ଯଦି ଆତ୍ମବିଶ୍ୱାସ ଅଛି, ସଂସଦ ଭଙ୍ଗ କରି ବାଲଟ୍ ପେପର୍‌ରେ ନିର୍ବାଚନ କରାଯାଉ' ବୋଲି ଖଡ଼ଗେ ଆହ୍ୱାନ ଦେଇଛନ୍ତି ।

ନକଲି ମଦ ମୃତ୍ୟୁ ମାମଲା: ନେତାଙ୍କ ପୁଅ ଗିରଫ

ଇନ୍ଦୋର,୨୯।୧୦(ଏଜେନ୍ସି): ମଧ୍ୟପ୍ରଦେଶର ଦେୱାସ ଜିଲ୍ଲାରେ ନକଲି ମଦ ପିଇ ଅନ୍ତତଃ ୧୩ ଜଣଙ୍କ ମୃତ୍ୟୁ ଅଭିଯୋଗ ମାମଲାରେ କଂଗ୍ରେସ ନେତା ଆନନ୍ଦ ଜୈନ କସଲିୱାଲଙ୍କ ପୁଅ ଅମନ କସଲିୱାଲ (୨୭) ଗିରଫ ହୋଇଛନ୍ତି । ମୁଖ୍ୟ ଅଭିଯୁକ୍ତ ଅଜୟ ରାଠୋରଙ୍କୁ ରାସାୟନିକ ପଦାର୍ଥ ଯୋଗାଇଥିବା ଅଭିଯୋଗରେ ପୁଲିସ ତାଙ୍କୁ ଗିରଫ କରିଛି । ପୁଲିସ ଅନୁଯାୟୀ, ଘରେ ନକଲି ମଦ ପ୍ରସ୍ତୁତ କରି ବ୍ରାଣ୍ଡେଡ୍ ବୋତଲରେ ଭର୍ତ୍ତି କରି ବିକ୍ରି କରାଯାଉଥିଲା । ଏହି ମାମଲାରେ ଏଯାଏଁ ୧୧ ଜଣ ଗିରଫ ହୋଇଛନ୍ତି । ଅମନଙ୍କ ବିରୋଧରେ ଅବକାରୀ ଆଇନରେ ମାମଲା ରୁଜୁ ହୋଇଛି । ଯୋଗାଣ ହୋଇଥିବା ରାସାୟନିକ ପଦାର୍ଥର ପରିଚୟ ପରୀକ୍ଷାଗାର ରିପୋର୍ଟ ପରେ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି । ତେବେ ଅମନଙ୍କ ବାପା ତାଙ୍କ ପୁଅ ନିର୍ଦ୍ଦୋଷ ବୋଲି ଦାବି କରିଛନ୍ତି । ତାଙ୍କ କହିବା ଅନୁଯାୟୀ, ଅକ୍ଟୋବର ୧ରେ ତାଙ୍କ ପରିବାରର ସଂସ୍ଥା ଜଣେ ଗ୍ରାହକଙ୍କୁ ୨୨୦ ଲିଟର ପେଣ୍ଟ୍ ଥିନର୍ ଯୋଗାଇଥିଲା । ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୬ ମଧ୍ୟରେ ନକଲି ମଦ ପିଇ ମୃତ୍ୟୁ ଓ ଦୃଷ୍ଟିଶକ୍ତି ନଷ୍ଟ ଅଭିଯୋଗର ତଦନ୍ତ ଜାରି ରହିଛି ।

ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜରେ ୫.୦ ତୀବ୍ରତାର ଭୂକମ୍ପ

ନୂଆଦିଲ୍ଲୀ,୨୯ ।୧୦(ଏଜେନ୍ସି):ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଗୁରୁବାର ୫.୦ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି । ଏଥିରେ କୌଣସି ଧନଜୀବନ କ୍ଷୟକ୍ଷତି ହୋଇଥିବାର ତତ୍କାଳ ସୂଚନା ମିଳିନାହିଁ । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଭୂକମ୍ପର କେନ୍ଦ୍ରସ୍ଥଳ ବାମ୍ବୁ ଫ୍ଲାଟ୍‌ଠାରୁ ୨୧୮ କିଲୋମିଟର ଉତ୍ତର-ଉତ୍ତରପଶ୍ଚିମରେ ରହିଥିଲା । ଭୂକମ୍ପ ପରେ ସ୍ଥାନୀୟ ଅଞ୍ଚଳର ସ୍ଥିତି ଉପରେ ନଜର ରଖାଯାଇଛି । ଏହା ପୂର୍ବରୁ ୨୦୨୫ ଜୁଲାଇରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ନିକଟ ବଙ୍ଗୋପସାଗରରେ ୬.୩ ତୀବ୍ରତାର ଭୂକମ୍ପ ହୋଇଥିଲା । ସେତେବେଳେ ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରତାରେ ଥିଲା । ଅନ୍ୟପକ୍ଷରେ, ଗୁରୁବାର ପାପୁଆ ନ୍ୟୁଗିନିର ନ୍ୟୁ ଗିନି ଅଞ୍ଚଳରେ ମଧ୍ୟ ୫.୮୨ ତୀବ୍ରତାର ଭୂକମ୍ପ ହୋଇଥିବା ରିପୋର୍ଟ ହୋଇଛି ।

ଗୋଆରେ ଭୟାବହ ଅଗ୍ନିକାଣ୍ଡ, ଜଳିଗଲା ୧୦୦ରୁ ଅଧିକ ଦୋକାନ

ପଣଜୀ,୨୯ ।୧୦(ଏଜେନ୍ସି): ଗୋଆର ଦକ୍ଷିଣ ଭାଗରେ ଥିବା ଭାସ୍କୋ-ଡା-ଗାମାର ସାପ୍ତାହିକ ବଜାରରେ ବୁଧବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଶହେରୁ ଅଧିକ ଦୋକାନ ଜଳିଯାଇଛି । ତେବେ ଏହି ଘଟଣାରେ କୌଣସି ଜୀବନହାନି ହୋଇନାହିଁ । ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନାହିଁ । ଅଧିକାରୀଙ୍କ ସୂଚନା ଅନୁଯାୟୀ, ରାତି ପ୍ରାୟ ୧୧ଟା ୩୦ରେ ତିଳକ ମୈଦାନ ନିକଟ ବଜାରରେ ନିଆଁ ଲାଗିଥିଲା । ସର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ପ୍ରଥମେ ଏକ କାର୍ ଆସେସୋରିଜ୍ ଦୋକାନକୁ ନିଆଁ ବ୍ୟାପିବା ପରେ ପୋଷାକ ଓ ଆସବାବପତ୍ର ବିକ୍ରି କରୁଥିବା ଦୋକାନଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା । ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଘଟଣାସ୍ଥଳ ପରିଦର୍ଶନ କରି କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଆର୍ଥିକ ସହାୟତାର ଆଶ୍ୱାସନା ଦେଇଛନ୍ତି ।

ନେତନ୍ୟାହୁଙ୍କୁ ଅଡୁଆରେ ପକାଇଲା ନିର୍ବାଚନ ଫଳ

- ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ଆରବ ଦଳ
- ଅନିୟମିତତା ଅଭିଯୋଗ ଆଣିଲେ ପ୍ରଧାନମନ୍ତ୍ରୀ
- ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଉପରେ ନଜର

ତେଲ୍ ଆଭିଭ୍,୨୯ ।୧୦(ଏଜେନ୍ସି): ଇସ୍ରାଏଲ ସଂସଦ ନିର୍ବାଚନରେ ପରାଜିତ ହେବାପରେ ପ୍ରଧାନମନ୍ତ୍ରୀ ।।ବେଞ୍ଜାମିନ୍ ନେତାନ୍ୟାହୁ ବ୍ୟସ୍ତବିବ୍ରତ ହୋଇପଡ଼ିଛନ୍ତି । ପରାଜୟ ସତ୍ତ୍ୱେ କ୍ଷମତା ଛାଡ଼ିବାକୁ ପ୍ରସ୍ତୁତ ନଥିବା ନେତନ୍ୟାହୁ ଅଭିଯୋଗ କରିଛନ୍ତି ଯେ ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି । ୧୯ଟି ଆସନ ସହିତ କିଙ୍ଗମେକର ପାଲଟିଥିବା ଆରବ ଦଳକୁ ବିଦେଶରୁ ଅର୍ଥ ମିଳିଥିବା ଅଭିଯୋଗ କରିବା ସହିତ ଏହାର ଯାଞ୍ଚ କରିବାକୁ ଦାବି କରିଛନ୍ତି ।

ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଲିକୁଡ୍ ଦଳ ନେତୃତ୍ୱାଧୀନ ମେଣ୍ଟକୁ ୧୨୦ ସଦସ୍ୟ ବିଶିଷ୍ଟ ସଂସଦରେ ୫୩ଟି ଆସନ ମିଳିଥିବା ବେଳେ ପୂର୍ବତନ ସେନାମୁଖ୍ୟ ଗାଦି ଆଇଜେନକୋଟ୍‌ଙ୍କ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ୪୮ ଟି ଆସନ ପାଇଛି । ଆରବ ନେତୃତ୍ୱାଧୀନ ଦଳଗୁଡ଼ିକ ୧୯ଟି ଆସନ ଜିତିପାରନ୍ତି ବୋଲି ଆକଳନ କରାଯାଇଛି । ସରକାର ଗଠନ ପାଇଁ ଅତିକମ୍‌ରେ ୬୧ ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ । ତେଣୁ କୌଣସି ମେଣ୍ଟ ଏବେ ଏକାକୀ ବହୁମତ ହାସଲ କରିବା ସ୍ଥିତିରେ ନାହିଁ । ଫଳରେ ନୂଆ ସରକାର ଗଠନ ପାଇଁ ଦଳଗୁଡ଼ିକ ମଧ୍ୟରେ ଆଲୋଚନା ଓ ରାଜନୈତିକ ବୁଝାମଣା ଗୁରୁତ୍ୱପୂର୍ଣ୍ଣ ହେବ ।

ନିର୍ବାଚନରେ ଆରବ ନେତୃତ୍ୱାଧୀନ ଦଳଗୁଡ଼ିକର ପ୍ରଦର୍ଶନ ବିଶେଷ ଚର୍ଚ୍ଚାରେ ରହିଛି । ମନସୁର ଆବାସଙ୍କ ନେତୃତ୍ୱାଧୀନ ୟୁନାଇଟେଡ୍ ଆରବ ଲିଷ୍ଟ୍ ୧୯ଟି ଆସନ ପାଇପାରନ୍ତି । ଏହି ସଂଖ୍ୟା ନୂଆ ସରକାର ଗଠନରେ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଇପାରେ । ଇସ୍ରାଏଲର ମୋଟ ଜନସଂଖ୍ୟାର ପ୍ରାୟ ଏକ-ପଞ୍ଚମାଂଶ ଆରବ ନାଗରିକ । ଦୀର୍ଘଦିନ ଧରି କମ୍ ମତଦାନ, ଦଳଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଏବଂ ଇହୁଦୀ ନେତୃତ୍ୱାଧୀନ ଦଳଗୁଡ଼ିକର ଅନିଚ୍ଛା ଯୋଗୁଁ ସେମାନଙ୍କ ରାଜନୈତିକ ପ୍ରଭାବ ସୀମିତ ରହିଥିଲା । ଏଥର ଫଳାଫଳ ସେମାନଙ୍କ ଦାବିକୁ ଅଧିକ ଗୁରୁତ୍ୱ ଦେଇଛି । ତେବେ ଆରବ ଦଳଗୁଡ଼ିକର ସମର୍ଥନ ନେବା ନେଇ ବିରୋଧୀ ମେଣ୍ଟ ମଧ୍ୟରେ ଏକମତ ନାହିଁ । ଆଇଜେନକୋଟ୍ ନିଜକୁ ଜାତୀୟତାବାଦୀ ନେତା ଭାବେ ଉପସ୍ଥାପନ କରିଥିବାବେଳେ କିଛି ବିରୋଧୀ ନେତା ଆରବ ଦଳଗୁଡ଼ିକ ସହ ଔପଚାରିକ ମେଣ୍ଟକୁ ନେଇ ଦ୍ୱିଧାରେ ଅଛନ୍ତି । ଅନ୍ୟପକ୍ଷରେ, କେନ୍ଦ୍ର-ବାମପନ୍ଥୀ ଡେମୋକ୍ରାଟ୍ସ ଦଳର ନେତା ୟାଇର୍ ଗୋଲାନ୍ ଆରବ ଦଳଗୁଡ଼ିକୁ ରାଜନୈତିକ ପ୍ରକ୍ରିୟାରେ ସାମିଲ କରିବା ସପକ୍ଷରେ ମତ ଦେଇଛନ୍ତି । ଏଭଳି ପରିସ୍ଥିତିରେ ସମସ୍ତଙ୍କର ନଜର ରାଷ୍ଟ୍ରପତିଙ୍କ ଉପରେ ରହିଛି ।

ଆୱାମୀ ଲିଗ୍ ନେତା ହନିଫ୍‌ଙ୍କୁ ମୃତ୍ୟୁଦଣ୍ଡ

ଢାକା,୨୯ ।୧୦(ଏଜେନ୍ସି): ବାଂଲାଦେଶରେ ୨୦୨୪ ଜୁଲାଇରେ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରେ ୬ ଜଣଙ୍କ ହତ୍ୟା ମାମଲାରେ ଆୱାମୀ ଲିଗ୍‌ର ଯୁଗ୍ମ ମହାସଚିବ ମହବୁବୁଲ ଆଲମ ହନିଫ୍‌ଙ୍କୁ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି । ଗୁରୁବାର ଏହି ରାୟ ପ୍ରକାଶ ପାଇଛି । ହନିଫ୍‌ଙ୍କ ସମେତ ଚାରି ଅଭିଯୁକ୍ତଙ୍କ ଅନୁପସ୍ଥିତିରେ ବିଚାର କରାଯାଇ ଦଣ୍ଡାଦେଶ ଦିଆଯାଇଛି । ବିଚାରପତି ନଜରୁଲ ଇସ୍‌ଲାମ ଚୌଧୁରୀଙ୍କ ନେତୃତ୍ୱରେ ତିନିଜଣିଆ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ମାମଲାରେ ଆୱାମୀ ଲିଗ୍‌ର ଅନ୍ୟ ତିନି ଜଣ ଜିଲ୍ଲାସ୍ତରୀୟ ନେତାଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଛି । ଚାରି ଅଭିଯୁକ୍ତ ଫେରାର ଥିବାରୁ ସେମାନଙ୍କ ସମ୍ପତ୍ତିର ଅଧା ଜବତ କରିବାକୁ ମଧ୍ୟ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୪ର ଛାତ୍ର ଆନ୍ଦୋଳନ ହିଂସାତ୍ମକ ରୂପ ନେବା ପରେ ଅଗଷ୍ଟ ୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ସରକାରର ପତନ ଘଟିଥିଲା । ପରେ ହସିନା ଭାରତ ଚାଲିଆସିଥିଲେ । ପିଟିଆଇ ରିପୋର୍ଟ ଅନୁଯାୟୀ, ହସିନାଙ୍କ ସରକାର ପତନ ପରେ ଆୱାମୀ ଲିଗ୍‌ର ୨୩ ଜଣ ନେତାଙ୍କୁ ମୃତ୍ୟୁଦଣ୍ଡ ମିଳିଛି । ତେବେ ହସିନା ଓ ତାଙ୍କ ଦଳର ନେତାମାନେ ଟ୍ରିବ୍ୟୁନାଲ୍‌ର ବିଚାର ପ୍ରକ୍ରିୟାକୁ ପକ୍ଷପାତପୂର୍ଣ୍ଣ ବୋଲି ଅଭିଯୋଗ କରିଛନ୍ତି ।



ସ୍ପେନ୍‌ରେ ରେଳ ଦୁର୍ଘଟଣା ପରେ ତେଜିଲା ଆନ୍ଦୋଳନ

ମାଦ୍ରିଦ୍,୨୮ ।୧୦(ଏଜେନ୍ସି): ସ୍ପେନ୍‌ରେ ଭୟାବହ ରେଳ ଦୁର୍ଘଟଣାରେ ୬୮ ଜଣଙ୍କ ମୃତ୍ୟୁ ପରେ ସରକାର ବିରୋଧୀ ଆନ୍ଦୋଳନ ତୀବ୍ର ହୋଇଛି । ଦୁର୍ଘଟଣାର ମୁକାବିଲା ଓ ରେଳ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇ ହଜାର ହଜାର ଲୋକ ପ୍ରଧାନମନ୍ତ୍ରୀ ପେଦ୍‌ରୋ ସାଞ୍ଚେଜ୍ ଓ ପରିବହନ ମନ୍ତ୍ରୀ ଓସ୍କାର ପୁଏଣ୍ଟେଙ୍କ ଇସ୍ତଫା ଦାବି କରିଛନ୍ତି । ରାଜଧାନୀ ମାଦ୍ରିଦ୍‌ରେ ପରିବହନ ମନ୍ତ୍ରଣାଳୟ ବାହାରେ ପ୍ରାୟ ୧୫୦୦ ଲୋକ ବିକ୍ଷୋଭ କରିଥିଲେ । କେତେକ ପ୍ରଦର୍ଶନକାରୀ ପୁଲିସ ଉପରକୁ ବୋତଲ ଓ ଅଗ୍ନିବାଣ ଫିଙ୍ଗିବା ପରେ ପୁଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା । ତେବେ ଏହି ଘଟଣାରେ ଆହତ କିମ୍ବା ଗିରଫ ହେବାର ଖବର ମିଳିନାହିଁ । ଚଳିତ ବର୍ଷ ଜାନୁଆରୀରେ ମଧ୍ୟ ଏକ ରେଳ ଦୁର୍ଘଟଣାରେ ୪୬ ଜଣଙ୍କ ମୃତ୍ୟୁ ହୋଇଥିଲା । ଲଗାତାର ଦୁର୍ଘଟଣା ଦେଶର ଦ୍ରୁତଗାମୀ ରେଳ ବ୍ୟବସ୍ଥାର ସୁରକ୍ଷା ନେଇ ଚିନ୍ତା ବଢ଼ାଇଛି । ପ୍ରଧାନମନ୍ତ୍ରୀ ସାଞ୍ଚେଜ୍ ତଦନ୍ତ ଓ ସୁରକ୍ଷା ସୁଧାରର ପ୍ରତିଶ୍ରୁତି ଦେଇଛନ୍ତି । ସରକାର ତିନି ଦିନିଆ ଶୋକ ଘୋଷଣା କରିଛନ୍ତି ।

ବିଧାନ ପରିଷଦ ନିର୍ବାଚନ

କର୍ଣ୍ଣାଟକରେ କଂଗ୍ରେସକୁ; ମହାରାଷ୍ଟ୍ରରେ ବିଜେପିକୁ ଝଟକା

ନୂଆଦିଲ୍ଲୀ,୨୯ ।୧୦(ଏଜେନ୍ସି): ଚାରିଟି ରାଜ୍ୟରେ ବିଧାନ ପରିଷଦର ୨୮ଟି ଆସନ ପାଇଁ ହୋଇଥିବା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୧୬ଟି ଆସନ ଜିତିଛି । କଂଗ୍ରେସ ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଥିବାବେଳେ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି (ସପା) ଉଲ୍ଲେଖନୀୟ ସଫଳତା ପାଇଛି । ତେବେ ଏହି ନିର୍ବାଚନରେ କଂଗ୍ରେସକୁ କର୍ଣ୍ଣାଟକରେ ଝଟକା ମିଳିଥିବା ବେଳେ ମହାରାଷ୍ଟ୍ରରେ କ୍ଷମତାସୀନ ବିଜେପିକୁ ମଧ୍ୟ ଝଟକା ଖାଇବାକୁ ପଡ଼ିଛି । କର୍ଣ୍ଣାଟକରେ କଂଗ୍ରେସ କ୍ଷମତାରେ ଥିବା ଏଠାରେ ସମସ୍ତ ୪ଟି ଆସନକୁ ପୋଛି ନେଇଛି ଏନଡିଏ । ସେହିଭଳି ମହାରାଷ୍ଟ୍ରରେ କଂଗ୍ରେସକୁ ଗୋଟିଏ ମାତ୍ର ଆସନ ମିଳିଥିଲେ ମଧ୍ୟ ବିଜେପି ପାଇଁ ବଡ଼ ଧରଣର ଝଟକା ହୋଇଛି । କାରଣ ରାଜ୍ୟରେ ୫ଟି ଆସନରେ ନିର୍ବାଚନ ହୋଇଥିବା ବେଳେ ତିନିଟିରେ ବିରୋଧୀ ଦଳ ବିଜୟୀ ହୋଇଥିବା ବେଳେ ଶାସକ ମେଣ୍ଟକୁ ମାତ୍ର ଦୁଇଟିରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଆରଏସଏସର ଗଡ଼ କୁହାଯାଉଥିବା ନାଗପୁର ସ୍ନାତକ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଅଭିଜିତ ୱାଞ୍ଜାରୀ ବିଜୟୀ ହୋଇଛନ୍ତି । ସେ ବିଜେପିର ସୁଧାକର କୋହଲେଙ୍କୁ ୩,୨୭୧ ଭୋଟ୍‌ରେ ପରାସ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ ଓ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ଗୃହନଗରୀରେ ବିଜେପିର ପରାଜୟ ଦଳ ପାଇଁ ବଡ଼ ଝଟ୍‌କା ହୋଇଛି । ସେହିଭଳି ପୁନେ ଆସନରେ ମଧ୍ୟ ବିରୋଧୀ ଦଳ କବଜା କରିଛନ୍ତି । ଏଭଳି ଫଳାଫଳକୁ ନେଇ ଶାସକ ବିଜେପି ଓ ଶିବ ସେନା ପରସ୍ପରକୁ ଦୋଷ ଦେବା ଆରମ୍ଭ କରିଦେଇଛନ୍ତି ।

ଉତ୍ତରପ୍ରଦେଶର ୧୧ଟି ଆସନ ମଧ୍ୟରୁ ବିଜେପି ଛଅଟି ଓ ସପା ତିନୋଟି ଜିତିଛନ୍ତି । ଅନ୍ୟ ଆସନଗୁଡ଼ିକରେ ମଧ୍ୟ ସପାର ପ୍ରଦର୍ଶନ ଚର୍ଚ୍ଚାରେ ରହିଛି । ଗୋରଖପୁର-ଫୈଜାବାଦ ଶିକ୍ଷକ ଆସନରେ ବିଜେପି ପ୍ରାର୍ଥୀ ଧ୍ରୁବ ତ୍ରିପାଠୀ ସ୍ୱାଧୀନ ପ୍ରାର୍ଥୀ ରାଜୀବ ଯାଦବଙ୍କୁ ମାତ୍ର ୩୦୭ ଭୋଟ୍‌ରେ ହରାଇଛନ୍ତି । ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଫଳାଫଳକୁ ବିଜେପି ଓ ସପା ମଧ୍ୟରେ ପ୍ରତିଷ୍ଠାର ଲଢେଇ ଭାବେ ଦେଖାଯାଉଛି । ତେବେ ସବୁଠାରୁ ଚର୍ଚ୍ଚିତ ଫଳାଫଳ ବାରଣାସୀରୁ ଆସିଛି । ଏଠାର ଦୁଇଟି ଯାକ ଆସନ ସପା ଖାତାକୁ ଯାଇଛି । ବାରଣାସୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲୋକସଭା ନିର୍ବାଚନମଣ୍ଡଳୀ ହୋଇଥିବାରୁ ଏଠାରେ ବିରୋଧୀଙ୍କ ବିଜୟ ଯୋଗୀ ସରକାରଙ୍କ ପାଇଁ ଝଟକା ହୋଇଛି । ଏହାକୁ ନେଇ ବିରୋଧୀ କଟାକ୍ଷ କରିଛନ୍ତି ।

କର୍ଣ୍ଣାଟକର ଚାରିଟି ଆସନରେ କଂଗ୍ରେସ ପରାଜିତ ହୋଇଛି । ବିଜେପି ତିନୋଟି ଆସନ ବଜାୟ ରଖିଥିବା ବେଳେ ଏହାର ସହଯୋଗୀ ଜେଡିଏସ୍ ବେଙ୍ଗାଲୁରୁ ଶିକ୍ଷକ ଆସନ କଂଗ୍ରେସଠାରୁ ଛଡ଼ାଇ ନେଇଛି । ଏହା ବିଜେପି-ଜେଡିଏସ୍ ମେଣ୍ଟ ପାଇଁ ଉତ୍ସାହଜନକ ଫଳାଫଳ ହୋଇଛି । ସେହିଭଳି ବିହାରର ଆଠଟି ଆସନ ମଧ୍ୟରୁ ବିଜେପି ତିନୋଟି, ସ୍ୱାଧୀନ ପ୍ରାର୍ଥୀ ଦୁଇଟି ଏବଂ ଆର୍‌ଜେଡି, ଜନ ସୁରାଜ ଓ ଜେଡିୟୁ ଗୋଟିଏ ଲେଖାଏଁ ଆସନ ଜିତିଛନ୍ତି । ପାଟନା ଶିକ୍ଷକ ଆସନରେ ଆର୍‌ଜେଡିର ସଞ୍ଜୀବ କୁମାର ବିଜେପିର ନୱଲ କିଶୋର ଯାଦବଙ୍କୁ ପରାସ୍ତ କରିଛନ୍ତି । ଅନ୍ୟପକ୍ଷରେ ଦରଭଙ୍ଗା ଶିକ୍ଷକ ଆସନରେ ଜନ ସୁରାଜ ପ୍ରାର୍ଥୀ ସୁରେଶ ପ୍ରସାଦ ରାୟ ବିଜୟୀ ହୋଇଛନ୍ତି । କଂଗ୍ରେସ ପାଞ୍ଚଟି ଆସନରେ ଲଢ଼ି ଗୋଟିଏରେ ମଧ୍ୟ ଜିତିପାରିନାହିଁ ।

ଜଳେଶ୍ୱରରେ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଘଟଣା

ସିବିଆଇ ତଦନ୍ତ ଦାବିକଲା ବିଜେଡି

ଭୁବନେଶ୍ୱର,୨୯।୧୦(ସମିସ): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଞ୍ଚଳରେ ୧୪ ବର୍ଷୀୟା ସ୍କୁଲ ଛାତ୍ରୀଙ୍କ ସହ ହୋଇଥିବା ଗଣଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛି ବିଜେଡି। ବାଲେଶ୍ୱର ଜିଲ୍ଲା ପୁଲିସ ପ୍ରଶାସନ ବିଜେପିର ହାତବାରିସି ସାଜିଛି। ନାବାଳିକାଙ୍କ ସନ୍ଧାନ ମିଳିବା ପୂର୍ବରୁ ପୁଲିସ ବିଜେପି ନେତାଙ୍କ ଚାପରେ ଚେପା ହୋଇ ଅଭିଯୁକ୍ତଙ୍କୁ ଛାଡ଼ି ଦେଇଥିବା ଅଭିଯୋଗ କରିଛି ବିଜେଡି। ଘଟଣାର ସତ୍ୟ ଉନ୍ମୋଚନ କରିବା ସହ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ସିବିଆଇ ତଦନ୍ତ କରାଯାଉ ବୋଲି ଦଳ ପକ୍ଷରୁ ଦାବି ହୋଇଛି।

ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ତଥା ଜାତୀୟ ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର ଏବଂ ବିଧାୟକ ଅଶ୍ୱିନୀ ପାତ୍ର ଘଟଣାକୁ ନେଇ କଡ଼ା ଉଦବେଗ ପ୍ରକାଶ କରିଥିଲେ। ଡ. ସାମନ୍ତସିଂହାର କହିଥିଲେ ଯେ ଗତ ଅକ୍ଟୋବର ୧୫ ତାରିଖରେ ବର୍ତ୍ତନା ଗ୍ରାମପଞ୍ଚାୟତ ଅଞ୍ଚଳରେ ଏକ ଲୋମହର୍ଷଣକାରୀ ଘଟଣା ଘଟିଥିଲା । ଜଣେ ୧୪ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ଓ ପରେ ହତ୍ୟା କରାଯାଇଥିଲା। ନାବାଳିକା ନିଖୋଜ ଥିବା ସତ୍ତ୍ୱେ ମୁଖ୍ୟ ଅଭିଯୁକ୍ତ ଚନ୍ଦ୍ରକାନ୍ତ ଜେନା ଓରଫ କାହ୍ନୁଙ୍କୁ ପୁଲିସ କେଉଁ ପରିସ୍ଥିତିରେ ଅଟକ ରଖିଥିଲା ଏବଂ ପରେ ଛାଡ଼ି ଦେଇଥିଲା, ତାହାକୁ ନେଇ ପ୍ରଶ୍ନ ଉଠୁଛି। ଜଣେ ସ୍ଥାନୀୟ ବିଜେପି ନେତା

ଅଭିଯୁକ୍ତଙ୍କୁ ଛାଡ଼ିବା ପାଇଁ ପୁଲିସ ଉପରେ ଚାପ ପକାଇଥିବାର ଅଭିଯୋଗ ରହିଛି। ଏହି ଅଭିଯୋଗର ନିରପେକ୍ଷ ତଦନ୍ତ କରି ଏଥିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ତୁରନ୍ତ ଗିରଫ କରୁ । ଏଠାରେ ଅଭିଯୁକ୍ତ ଅକ୍ଟୋବର ୨୧ ତାରିଖରେ ଅପରାଧ ସମ୍ପର୍କରେ ସୂଚନା ଦେବା ପରେ ପୀଡ଼ିତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ମୃତଦେହରେ ଗଭୀର କ୍ଷତ ଚିହ୍ନ ରହିଥିବା ବେଳେ ପ୍ରମାଣ ନଷ୍ଟ କରିବା ପାଇଁ ଏସିଡ୍ ବ୍ୟବହାର କରାଯାଇଥିଲା। ମୃତ୍ୟୁର କାରଣ ଓ ପ୍ରମାଣ ନଷ୍ଟ ଉଦ୍ୟମ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ଫରେନସିକ୍ ତଦନ୍ତ କରାଯାଉ। ଜଳେଶ୍ୱର ଅଞ୍ଚଳରେ ଘଟିଥିବା ଦୁଷ୍କର୍ମ ଭଳି ସମ୍ବେଦନଶୀଳ

- ଦୁଷ୍କର୍ମ ଭଳି ସମ୍ବେଦନଶୀଳ ଘଟଣାରେ ରାଜନୈତିକ ହସ୍ତକ୍ଷେପ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ
- ବିଜେପି ନେତାଙ୍କ ଚାପରେ ଚେପା ପୁଲିସ ପ୍ରଶାସନ

ଘଟଣାରେ ନାମ୍ପୋ ପୁଲିସ ଫାଣ୍ଡି ଦାୟିତ୍ୱରେ ଥିବା ଅଧିକାରୀ କରଣ ମାରାଣ୍ଡିଙ୍କୁ ନିଲମ୍ବନ ଏବଂ ଜଳେଶ୍ୱର ଥାନାର ଇନ୍ସପେକ୍ଟର-ଇନ୍-ଚାର୍ଜ ଅଶୋକ ବାରିକଙ୍କୁ ବଦଳି କରିଦେଇ ସରକାର ଚୁପ୍ ବସିଲେ ହେବ ନାହିଁ । ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ପୀଡ଼ିତାଙ୍କ ପରିବାରକୁ ସରକାର ନ୍ୟାୟ ପ୍ରଦାନ କରନ୍ତୁ। ଅଶ୍ୱିନୀ ପାତ୍ର କହିଥିଲେ ଯେ ୧୪ ବର୍ଷୀୟା ନାବାଳିକାଙ୍କୁ ଚାଉମିନ୍ କିଣିଦେବାର ପ୍ରଲୋଭନ ଦେଖାଇ ଗଣଦୁଷ୍କର୍ମ କରିବା ଓ ପରେ ହତ୍ୟା ଘଟଣା ଜଳେଶ୍ୱର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ପୀଡ଼ିତାଙ୍କ ପରିବାର ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁଯାୟୀ, ଜଣେ ମହିଳାଙ୍କ ସମେତ ଅନ୍ୟ କେହି ଏହି ଘଟଣାରେ ସାମିଲେ ଥିଲେ କି ନାହିଁ, ତାହାର ତଦନ୍ତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ଦଣ୍ଡିତ କରାଯାଉ । ଫରେନସିକ୍ ପ୍ରମାଣ, ସିସିଟିଭି ଫୁଟେଜ୍, କଲ୍ ଡିଟେଲ୍ ରେକର୍ଡ ଓ ଅନ୍ୟାନ୍ୟ ତଥ୍ୟର ଯାଞ୍ଚ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହା ସହିତ ପୀଡ଼ିତାଙ୍କ ପରିବାରକୁ ଆର୍ଥିକ ସହାୟତା ଓ ଆଇନଗତ ସହଯୋଗ ପ୍ରଦାନ କରାଯାଉ। ଘଟଣାର ପ୍ରକୃତ ସତ୍ୟାସତ୍ୟ ଜାଣିବା ପାଇଁ ସିବିଆଇ ତଦନ୍ତ କରାଯାଉ ବୋଲଲି ସେ ଦାବି କରିଛନ୍ତି।

୫ ବିଧାୟକଙ୍କୁ ନୋଟିସ୍ ମାମଲା

ହାଇକୋର୍ଟଙ୍କ ହସ୍ତକ୍ଷେପକୁ ବିଜେଡିର ସ୍ୱାଗତ

ଭୁବନେଶ୍ୱର,୨୯।୧୦(ସମିସ): ରାଜ୍ୟସଭାରେ ନିର୍ବାଚନରେ କ୍ରସ ଭୋଟିଂ ମାମଲାରେ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଦାବି କରି ବିଜଡେି ପକ୍ଷରୁ ହାଇକୋର୍ଟରେ ମାମଲା ଦାୟର ହୋଇଥିଲା। ଏହି ମାମଲାରେ ହାଇକୋର୍ଟ ୫ ବିଧାୟକଙ୍କୁ ନୋଟିସ୍ ଜାରି କରି ସେମାନଙ୍କ ସଭ୍ୟ ପଦ କାହିଁକି ରଦ୍ଦ ନ ହେବ, ସେନେଇ ନିଜ ପକ୍ଷ ରଖିବାକୁ କହିଛନ୍ତି। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ସ୍ୱାଗତ କରିଛି ବିଜେଡି। ଗୁରୁବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ହାଇକୋର୍ଟଙ୍କ ହସ୍ତକ୍ଷେପକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ କ୍ରସ ଭୋଟିଂ ଅଭିଯୋଗରେ ବିଜେଡି ପୂର୍ବରୁ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କ ନିକଟରେ ବିଜେଡିର ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ନିୟମ ଅନୁଯାୟୀ ଆବେଦନ କରିଥିଲା । କିନ୍ତୁ ପ୍ରକ୍ରିୟାଗତ ତ୍ରୁଟି ଦର୍ଶାଇ ବାଚସ୍ପତି ଏହାକୁ ଗ୍ରହଣ ନ କରି ଖାମଖିଆଲ ଭାବରେ ରାଜନୈତିକ ଉଦ୍ଦେଶ୍ୟ ରଖି ଖାରଜ କରିଥିଲେ । ଏହାକୁ ନେଇ ବିଜେଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଗତ ୧ ମାସ ତଳେ ହାଇକୋର୍ଟ ଏହାକୁ ଗ୍ରହଣ କରି ବାଚସ୍ପତିଙ୍କୁ ନୋଟିସ୍ ଜାରି କରିଥିଲା ବେଳେ ବାଚସ୍ପତି ଜବାବ ଦାଖଲ ପାଇଁ ସମୟ ନେଇଛନ୍ତି। ଆଜି ପ୍ରଥମ ପର୍ଯ୍ୟାୟରେ ହାଇକୋର୍ଟ ୫ ବିଧାୟକଙ୍କ ସଭ୍ୟ ପଦ କାହିଁକି ରଦ୍ଦ ନ ହେବ, ସେନେଇ ନୋଟିସ୍ ଜାରି କରି ନିଜ ପକ୍ଷ ରଖିବାକୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆଡଭୋକେଟ୍ ଜେନେରାଲ ଆଜି ଗଣମାଧ୍ୟମକୁ ଦେଇଥିବା ତାଙ୍କ ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ। ଯେଉଁ ବିଧାୟକମାନେ ରାଜ୍ୟସଭା

- ବିଜେଡିର ଅଭିଯୋଗ ଗ୍ରହଣୀୟ ହୋଇଛି
- ଆଡଭୋକେଟ୍ ଜେନେରାଲଙ୍କ ରାଜନୈତିକ ବୟାନକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି

ନିର୍ବାଚନରେ କ୍ରସ ଭୋଟିଂ କରିଥିଲେ, ତାଙ୍କ ସଭ୍ୟ ପଦ ରଦ୍ଦ ଉପରେ ମତାମତ ନ ରଖି ବିଜେଡି ବାଚସ୍ପତିଙ୍କ ପାଖରେ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ନେଇ କରିଥିବା ଆବେଦନ ଉପରେ ଆଡଭୋକେଟ୍ ଜେନେରାଲ ମନ୍ତବ୍ୟ ରଖିବା ନିନ୍ଦନୀୟ। ଶ୍ରୀମତୀ ମଲ୍ଲିକ ଆହୁରି କହିଥିଲେ ଯେ ନ୍ୟାୟିକ ପ୍ରକ୍ରିୟା ଉପରେ ଆସ୍ଥା ପ୍ରକଟ କରିବା ସହ ଏହି ମାମଲା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ ହେବ ବୋଲି ଦଳ ଆଶା ରଖିଛି । ସାମ୍ବିଧାନିକ ଓ ଆଇନଗତ ପ୍ରସଙ୍ଗଗୁଡ଼ିକୁ ଉପଯୁକ୍ତ ମର୍ଯ୍ୟାଦା ରକ୍ଷା କରି ଏବଂ ପ୍ରତିଷ୍ଠିତ ଆଇନଗତ ନୀତି ଅନୁଯାୟୀ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି।

ବିଲ୍ ପାଇଁ ଲକ୍ଷେ ଟଙ୍କା ଡିଲ୍ ଅଭିଯୋଗ

ଫୁଲନଖରା ବନଖଣ୍ଡ ଡେପୁଟୀ ରେଞ୍ଜର ଗିରଫ

କଟକ, ୨୯।୧୦(ସମିସ): ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଫୁଲନଖରା ସିଟି ଫରେଷ୍ଟ ଡିଭିଜନର ଡେପୁଟି ରେଞ୍ଜର ମୌସୁମୀ ବେହେରାଙ୍କୁ ଗିରଫ କରିଛି ଭିଜିଲାନ୍ସ। ଫୁଲନଖରା ରେଞ୍ଜ ଅଧୀନରେ ଥିବା ୩ଟି ବୃକ୍ଷରୋପଣ ସ୍ଥଳର ରକ୍ଷଣାବେକ୍ଷଣ ବାବଦକୁ ଗତ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବିଲ୍ ମଞ୍ଜୁର କରାଇଦେବା ପାଇଁ ଶ୍ରୀମତୀ ବେହେରା ନିଜ ବିଭାଗର ଜଣେ କର୍ମଚାରୀଙ୍କଠାରୁ ୧ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଦାବି ମୁତାବକ ୧ ଲକ୍ଷ ଟଙ୍କା ନ ଦେଲେ ଆଗାମୀ ମାସଗୁଡ଼ିକର ବିଲ୍ ମଧ୍ୟ ବନ୍ଦ କରିଦେବାକୁ ସେ ଧମକ ଦେଇଥିଲେ। ବାଧ୍ୟହୋଇ ସମ୍ପୃକ୍ତ କର୍ମଚାରୀ ତଥା ଅଭିଯୋଗକାରୀ ଜଣକ ଏନେଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଆଜି ଭିଜିଲାନ୍ସ ଟିମ୍ ପୂର୍ବରୁ ପ୍ରସ୍ତୁତ ରହିଥିଲା। ଡେପୁଟି ରେଞ୍ଜର ଶ୍ରୀମତୀ ବେହେରା ନିଜ ସରକାରୀ ବାସଭବନରେ ଅଭିଯୋଗକାରୀଙ୍କଠାରୁ ଦାବି ମୁତାବକ ୧ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ହାବୁଡରେ ପଡିଥିଲେ।

ସାକ୍ଷୀମାନଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କ ପାଖରୁ ସମ୍ପୂର୍ଣ୍ଣ ଲାଞ୍ଚ ଅର୍ଥ ୧ ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଗିରଫ ପରେ ଭିଜିଲାନ୍ସ ପକ୍ଷରୁ କଟକସ୍ଥିତ ତାଙ୍କ ସରକାରୀ ବାସଭବନ ଏବଂ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ଉ ଜାରି ରହିଛି। ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ଅଭିଯୁକ୍ତ ଡେପୁଟି ରେଞ୍ଜରଙ୍କୁ ଗିରଫ କରାଯାଇ ଭିଜଲାନ୍ସ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଥାଉକି, ଶ୍ରୀମତି ବେହେରା ୨୦୧୧ରେ ଫରେଷ୍ଟର ଭାବେ ଚାକିରିରେ ଯୋଗଦେଇଥିବା ବେଳେ ୨୦୧୫ ସେପ୍ଟେମ୍ବର ୨୮ରେ ତାଙ୍କ ଚାକିରି ନିୟମିତ ହୋଇଥିଲା।

ବନ୍ୟା ଯୋଗୁଁ ୫୯ ହଜାର ସ୍ଥାନାନ୍ତର

ଭୁବନେଶ୍ୱର,୨୯।୧୦(ସମିସ): ଅତ୍ୟଧିକ ବର୍ଷା ଜନିତ ବନ୍ୟା ଯୋଗୁଁ ଗଞ୍ଜାମ ଏବଂ ଗଜପତି ଜିଲ୍ଲାରେ ପରିସ୍ଥିତି ଗମ୍ଭୀର ରହିଛି। ଗୁରୁବାର ଏସ୍ଆରସିଙ୍କ କାର୍ଯ୍ୟାଳୟରେ ରାଜସ୍ୱ ମନ୍ତ୍ରୀ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀଙ୍କ ସହ ପରିସ୍ଥିତିର ସମୀକ୍ଷା କରିଛନ୍ତି। ତଟରକ୍ଷୀ ବାହିନୀ ସହ ଯୋଗାଯୋଗ କରି ପ୍ରଭାବିତ ଅଞ୍ଚଳରେ ହେଲିକପ୍ଟର ଯୋଗେ ଜଳବନ୍ଦୀ ଜନସାଧାରଣଙ୍କ ସ୍ଥାନାନ୍ତରଣ ସୁନିଶ୍ଚିତ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ପ୍ରଭାବିତ ଅଂଚଳରେ ପ୍ରଖର ଜଳସ୍ରୋତ ଯୋଗୁଁ ଯେଉଁଠି ଏନଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ପହଁଚିବା ସମ୍ଭବପର ହେଉ ନାହିଁ, ସେ ସବୁ ଅଂଚଳରେ ପ୍ରଭାବିତଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ଏୟାରଲିଫ୍ଟିଂ କରାଯାଇଛି। ଗଞ୍ଜାମ ଜିଲ୍ଲାର ବିପଦଜନକ ସ୍ଥାନରେ ଥିବା ପ୍ରଭାବିତ ଜନସାଧାରଣଙ୍କୁ ପର୍ଯ୍ୟାୟକ୍ରମେ କୋଷ୍ଟଗାଡର୍ ହେଲିକପ୍ଟର ଯୋଗେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଉଛି ବୋଲି କୁହାଯାଇଛି।

ଏବେ ଗଞ୍ଜାମ ଜିଲ୍ଲାରେ ୪୫ ଓଡ୍ରାଫ୍, ୭ ଏନଡିଆରଏଫ୍ ଓ ୨୪ ଅଗ୍ନିଶମ ଦଳ ନିୟୋଜିତ ଥିବା ବେଳେ ୧୧୦ ସ୍ଥାୟୀ ଆଶ୍ରୟସ୍ଥଳୀ ସହ ଅନେକ ଅସ୍ଥାୟୀ ଆଶ୍ରୟସ୍ଥଳୀର ବ୍ୟବସ୍ଥା ସହିତ ପ୍ରାଥମିକ ପର୍ଯ୍ୟାୟରେ ଚୁଡ଼ା, ଗୁଡ଼ ଓ ପଲିଥିନ୍ ବ୍ୟବସ୍ଥା କରାଯାଇଛି। ଗଞ୍ଜାମ ଜିଲ୍ଲାରେ ୯୨୨ ଟି ସମ୍ବେଦନଶୀଳ ଗ୍ରାମ ଚିହ୍ନଟ (୨୨ଟି ବ୍ଲକରେ ୨୯୯ଟି ଗ୍ରାମ ପ୍ରଭାବିତ) ସହ ୪ଟି ପାୱାର୍ ବୋଟ୍ ନିୟୋଜିତ ହୋଇଛି। ୫୫୦ ଜଣ ଗର୍ଭବତୀ ମହିଳା ସ୍ଥାନାନ୍ତରିତ (୨୯୩ ଟି ପ୍ରସବ

- ୩୦୦୧ ଆସନ୍ନପ୍ରସବା ସ୍ଥାନାନ୍ତର, ୧୧୮୮ ସୁରକ୍ଷିତ ପ୍ରସବ
- ଉଦ୍ଧାରରେ ୬୦ ଓଡ୍ରାଫ୍, ୯ ଏନ୍ଡିଆର୍ଏଫ୍ ଟିମ୍ ନିୟୋଜିତ

କରାଯାଇଛି। କଳିଙ୍ଗା ଘାଟି ଏବଂ ବିଭିନ୍ନ ନଦୀ ଜଳ ଉପରେ ନିରନ୍ତର ନିରୀକ୍ଷଣ କରାଯାଉଛି। ଗଜପତି ଜିଲ୍ଲାରେ ୧୨ ଓଡ୍ରାଫ୍, ୧ ଏନଡିଆରଏଫ୍ ଏବଂ ୧୨ ଅଗ୍ନିଶମ ଦଳ ପ୍ରସ୍ତୁତ ଥିବା ବେଳେ ଉଭୟ ସ୍ଥାୟୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳୀ ଖୋଲାଯାଇଛି। ଜିଲ୍ଲାର ୭ଟି ବ୍ଲକରେ ୧୧୯ଟି ଗ୍ରାମ ସମ୍ବେଦନଶୀଳ ଥିବା ବେଳେ (୭୧୧ଟି ଗ୍ରାମ ପ୍ରଭାବିତ) ଗୋଟା ବ୍ୟାରେଜ୍, ବଡ଼ନାଳ ଏବଂ ଡ୍ରେନେଜ୍ ନିରୀକ୍ଷଣ କରାଯାଉଛି। ବଂଶଧାରାରେ ଜଳସ୍ତର ୫୨.୫ ମିଟର; ଯାହା ବିପଦ ସଙ୍କେତ (୫୪.୧୦ ମିଟର) ଠାରୁ ବହୁତ କମ୍ ଅଛି। ୭ଟି ଉଦ୍ଧାରକାରୀ ବୋଟ୍ ନିୟୋଜିତ ଥିବା ବେଳେ ୪୨୦ ଜଣ ଗର୍ଭବତୀ ମହିଳା ସ୍ଥାନାନ୍ତରିତ (୩୩ଟି ପ୍ରସବ କରାଯାଇଛି। ରାୟଗଡ଼ା ଜିଲ୍ଲାରେ ୧୧ ଅଗ୍ନିଶମ ଦଳ ନିୟୋଜିତ ଥିବା ବେଳେ ୩ ଟି ସ୍ଥାୟୀ ଏବଂ ୧୩୧ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ୧୪୮ ଟି ସମ୍ବେଦନଶୀଳ ଗ୍ରାମ ଚିହ୍ନଟ ହୋଇ ସମସ୍ତ ବ୍ୟବସ୍ଥା ସହ ଗୁଣପୁର, ଗୁଡ଼ାରୀ ଏବଂ କେ. ସିଂହପୁରରେ ୩ଟି ପାୱାର୍ ବୋଟ୍ ମହଜୁଦ୍ ରହିଛି। ୨୩୬ ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ୮୬ଟି ପ୍ରସବ କରାଯାଇଛି।

ବର୍ତ୍ତମାନ ରାଜ୍ୟରେ ୬୦ଟି ଓଡ୍ରାଫ୍ ଏବଂ ୯ଟି ଏନ୍ଡିଆର୍ଏଫ (ସମୁଦାୟ ୬୯ଟି ଦଳ) ସମ୍ପୂର୍ଣ୍ଣ ଭାବେ ନିୟୋଜିତ ରହି ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରୁଛନ୍ତି। ସେହିପରି ମୋଟ୍ ୨୪୪ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବାହିନୀ ସମଗ୍ର ରାଜ୍ୟରେ ନିୟୋଜିତ ରହି ଗଛ କାଟି ରାସ୍ତା ସଫା କରିବା, ଯୋଗାଯୋଗ ପୁନଃସ୍ଥାପନ କରିବା, ଉଦ୍ଧାର ଏବଂ ସ୍ଥାନାନ୍ତରଣ କାର୍ଯ୍ୟ ସୁନିଶ୍ଚିତ କରୁଛନ୍ତି। ମନ୍ତ୍ରୀ ସୂଚନା ଦେଇଛନ୍ତି, ବର୍ଷା ଯୋଗୁଁ ଗଞ୍ଜାମ, ଗଜପତି, ମାଲାକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ ଜିଲ୍ଲା ପ୍ରଭାବିତ ହୋଇଛି। ବିପଦସଙ୍କୁଳ ଅଞ୍ଚଳରୁ ମୋଟ୍ ୫୯,୦୨୮ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବନ୍ୟାରେ ଗଞ୍ଜାମ ଓ ଗଜପତି ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ବେଳେ ଗଜପତି ଜିଲ୍ଲାରେ ୧୭,୪୪୧ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି, ମାଲକାନଗିରିରେ ୧୫,୪୭୭, ଗଞ୍ଜାମରେ ୧୧,୮୮୨ ଏବଂ ନବରଙ୍ଗପୁରରେ ୧୦,୫୧୯ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି।

ବିଶାଖାପାଟଣା ଡିଭିଜନର ଇଚ୍ଛାପୁରମ-ଝଡୁପୁଡ଼ି ସେକ୍ସନ ମଧ୍ୟରେ ଅନେକ ସ୍ଥାନରେ ରେଳପଥ ଜଳବନ୍ଦୀ ହୋଇଥିବା ବେଳେ ୯ ଟି ଟ୍ରେନର ଯାତ୍ରା ସ୍ଥଗିତ ରଖାଯାଇଥିବା ବେଳେ ୧୪ଟି ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଛି। ସେହିପରି ଓଡ଼ିଶାର ପାଞ୍ଚଟି ସ୍ଥାନରେ ପ୍ରଭାବିତ ଗତିପଥ ଟ୍ରେନ୍ ଅଟକି ରହିଥିବା ବେଳେ ଯାତ୍ରୀମାନଙ୍କ ପାଇଁ ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯାଉଛି। ଅନ୍ୟପଟେ ପାଗ ଅନୁକୂଳ ହେଲେ ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀ ଆକାଶମାର୍ଗରୁ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହ କେନ୍ଦ୍ରୀୟ ଟିମ୍ ମଧ୍ୟ ପରିସ୍ଥିତି ଅନୁଧ୍ୟାନ କରିବା ନିମନ୍ତେ ଗଞ୍ଜାମ, ଗଜପତି ଜିଲ୍ଲା ପରିଦର୍ଶନ କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ସମ୍ବଲପୁର ଡାକ କ୍ଷେତ୍ର ଅଧୀନକୁ ଗଲା ମୟୂରଭଞ୍ଜ ଓ ରାଇରଙ୍ଗପୁର ମଣ୍ଡଳ

ବାରିପଦା, ୨୯ ।୧୦(ସମିସ): ଓଡ଼ିଶା ଡାକ ମଣ୍ଡଳର ପ୍ରଶାସନିକ କାର୍ଯ୍ୟକ୍ଷେତ୍ର ପୁନର୍ଗଠନ କରାଯାଇଛି। ଏନେଇ ସମ୍ବଲପୁରସ୍ଥିତ ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୨୬ ତାରିଖରେ ମେମୋ କ୍ରମାଙ୍କ ଇଏସ୍ଟି/୧-୫/୨୦୨୫-୨୬/ଇ-୧ ଜରିଆରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆଦିଲ୍ଲୀ ଡାକ ନିର୍ଦ୍ଦେଶାଳୟ ଏବଂ ଭୁବନେଶ୍ୱରସ୍ଥିତ ମୁଖ୍ୟ ଡାକ ମଣ୍ଡଳ କାର୍ଯ୍ୟାଳୟର ଅନୁମୋଦନକ୍ରମେ ଏହି ପରିବର୍ତ୍ତନ କରାଯାଇଛି। ନୂତନ ନିୟମ ଅନୁଯାୟୀ, ଏପର୍ଯ୍ୟନ୍ତ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ଅଧୀନରେ ଥିବା ମୟୂରଭଞ୍ଜ ଓ ରାଇରଙ୍ଗପୁର ଡାକ ମଣ୍ଡଳକୁ ସେଥିରୁ ଅଲଗା କରାଯାଇ ସମ୍ବଲପୁର କ୍ଷେତ୍ର ଅଧୀନରେ ସାମିଲ କରାଯାଇଛି। ଏହି ପୁନର୍ଗଠନ ପରେ ସମ୍ବଲପୁର କ୍ଷେତ୍ର ଅଧୀନରେ ବଲାଙ୍ଗୀର, ଢେଙ୍କାନାଳ, କେନ୍ଦୁଝର, ରାଉରକେଲା, ସମ୍ବଲପୁର, ସୁନ୍ଦରଗଡ଼, ମୟୂରଭଞ୍ଜ, ରାଇରଙ୍ଗପୁର ଏବଂ ଝାରସୁଗୁଡ଼ା ରେଳ ଡାକ ସେବା 'କେ' ମଣ୍ଡଳ ସମେତ ମୋଟ ୯ଟି ଡାକ ମଣ୍ଡଳ ରହିବ। ଆସନ୍ତା ୩୧ ଅକ୍ଟୋବର ୨୦୨୬ରୁ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏଥିପାଇଁ ଧାର୍ଯ୍ୟ ତାରିଖ ପୂର୍ବରୁ ଆବଶ୍ୟକୀୟ ତଥ୍ୟ ସଂଯୋଗୀକରଣ ସମେତ ସମସ୍ତ ପ୍ରଶାସନିକ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପାଣିପାଗ ସ୍ଥିତିରେ ସୁଧାର ଆସିବା ଯାଏଁ ଓସିଏସ୍ ମୁଖ୍ୟ ପରୀକ୍ଷା ସ୍ଥଗିତ ହେଉ

ଭୁବନେଶ୍ୱର,୨୯।୧୦(ସମିସ): ବାତ୍ୟାଜନିତ ପ୍ରବଳ ବର୍ଷା ଓ ବିଭିନ୍ନ ଜିଲ୍ଲାରେ ଜନଜୀବନ ପ୍ରଭାବିତ ହୋଇଥିବାରୁ ଓଡ଼ିଶା ସିଭିଲ ସର୍ଭିସେସ୍ (ଓସିଏସ୍) ମୁଖ୍ୟ ପରୀକ୍ଷା ସ୍ଥଗିତ ରଖିବାକୁ ଆଶାୟୀ ପରୀକ୍ଷାର୍ଥୀମାନେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ବାତ୍ୟା ପ୍ରଭାବରେ ଅନେକ ଅଞ୍ଚଳରେ ସଡ଼କ ଯୋଗାଯୋଗ ବ୍ୟାହତ ହେବା ସହ ପ୍ରାୟ ତିନି ଦିନ ଧରି ବିଦ୍ୟୁତ୍ ସେବା ବନ୍ଦ ରହିଛି। ଋଷିକୂଲ୍ୟା ନଦୀର ଜଳସ୍ତର ବୃଦ୍ଧି, ଗଞ୍ଜାମ ଜିଲ୍ଲାର ଆସିକା ଓ ଭଞ୍ଜନଗରରେ ପ୍ରବଳ ବର୍ଷା ଏବଂ କୋରାପୁଟ, ଗଞ୍ଜାମ ଓ ମାଲକାନଗିରିର କେତେକ ଅଞ୍ଚଳରେ ଭୂସ୍ଖଳନ ଓ ରାସ୍ତା ଅବରୋଧ ଯୋଗୁଁ ଯାତାୟାତରେ ସମସ୍ୟା ଦେଖାଦେଇଛି। ବିଭିନ୍ନ ସ୍ଥାନରେ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟ ମଧ୍ୟ ଜାରି ରହିଛି। ଏହାସହ ପ୍ରାୟ ୫୬ଟି ଟ୍ରେନ୍ ବାତିଲ ହେବା ଏବଂ ବସ୍ ଚଳାଚଳ ବ୍ୟାହତ ହେବାରୁ ପରୀକ୍ଷାର୍ଥୀମାନେ ନିଜ ନିର୍ଦ୍ଧାରିତ କେନ୍ଦ୍ରରେ ସୁରକ୍ଷିତ ଭାବେ ଓ ଠିକ୍ ସମୟରେ ପହଞ୍ଚିବା ନେଇ ଆଶଙ୍କା କରାଯାଇଛି। ଆଗକୁ ଆଉ ଏକ ଲଘୁଚାପ ବଳୟ ଆସୁଥିବା ରିପୋର୍ଟ ଯୋଗୁଁ ପାଣିପାଗ ଓ ପରିବହନ ସ୍ଥିତିକୁ ନେଇ ଆଶାୟୀଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି। ଆଶାୟୀଙ୍କ କହିବାନୁଯାୟୀ ଏଭଳି ପରିସ୍ଥିତିରେ ପରୀକ୍ଷା ଆୟୋଜନ କରାଗଲେ ପ୍ରଭାବିତ ଅଞ୍ଚଳର ପରୀକ୍ଷାର୍ଥୀମାନେ ଅସୁବିଧାରେ ପଡ଼ିବା ସହ ସମାନ ସୁଯୋଗରୁ ବଞ୍ଚିତ ହୋଇପାରନ୍ତି। ତେଣୁ ପାଣିପାଗ ସ୍ଥିତିରେ ସୁଧାର ଆସିବା ଓ ପରିବହନ ସେବା ସ୍ୱାଭାବିକ ହେବା ପର୍ଯ୍ୟନ୍ତ ପରୀକ୍ଷା ସ୍ଥଗିତ ରଖିବାକୁ ସେମାନେ ଦାବି କରିଛନ୍ତି। ଏଥିସହ ଓପିଏସ୍ସି ଓ ରାଜ୍ୟ ସରକାର ଯଥାଶୀଘ୍ର ସ୍ପଷ୍ଟ ସୂଚନା ଜାରି କରିବା, ଗଞ୍ଜାମ, କୋରାପୁଟ, ମାଲକାନଗିରି ସମେତ ପ୍ରଭାବିତ ଜିଲ୍ଲାଗୁଡ଼ିକର ସ୍ଥିତି ସମୀକ୍ଷା କରିବା ଏବଂ ସଂଶୋଧିତ ପରୀକ୍ଷା ସୂଚୀ ଘୋଷଣା କରିବାକୁ ଅନୁରୋଧ କରିଛନ୍ତି। ବାତ୍ୟାଜନିତ ପରିବହନ ବାଧା ଓ ଅନ୍ୟାନ୍ୟ ଅନିବାର୍ଯ୍ୟ ପରିସ୍ଥିତି ଯୋଗୁଁ ଯେପରି କୌଣସି ପରୀକ୍ଷାର୍ଥୀ ଅନ୍ୟାୟର ଶିକାର ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ ସେମାନେ ନିବେଦନ କରିଛନ୍ତି। ପରୀକ୍ଷାର ସୁଚାରୁ ପରିଚାଳନା ପାଇଁ ଆୟୋଗଙ୍କ ଦାୟିତ୍ୱକୁ ସମ୍ମାନ ଜଣାଇବା ସହ ପରୀକ୍ଷାର୍ଥୀଙ୍କ ସୁରକ୍ଷା, ନିରପେକ୍ଷତା ଓ ସମାନ ସୁଯୋଗ ନିଶ୍ଚିତ କରିବା ଏହି ଅନୁରୋଧର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେମାନେ କହିଛନ୍ତି।

ମାଟ୍ରିକ ପରୀକ୍ଷା ଫର୍ମ ପୂରଣ ନଭେମ୍ବର ୨ରୁ

କଟକ,୨୯ ।୧୦(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଆଗାମୀ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ) ପରୀକ୍ଷା ପାଇଁ ଫର୍ମ ପୂରଣ ସମ୍ପର୍କ ବିଜ୍ଞପ୍ତି ପ୍ରକାଶ ପାଇଛି। ଫର୍ମ ପୂରଣ ପ୍ରକ୍ରିୟା ଆସନ୍ତା ନଭେମ୍ବର ୨ତାରିଖରୁ ଆରମ୍ଭ ହୋଇ ୧୯ ତାରିଖ ରାତ୍ରୀ ୧୧ଟା ୫୪ ପର୍ଯ୍ୟନ୍ତ ଚାଲିବ। ରେଗୁଲାର, କ୍ୱାସି ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ବିଦ୍ୟାଳୟର ମୁଖ୍ୟଙ୍କ ଦ୍ୱାରା ଅନଲାଇନ୍ ମାଧ୍ୟମରେ କରାଯିବ। କରେସପଣ୍ଡେନ୍ସ ରେଗୁଲାର ଓ କରେସପଣ୍ଡେନ୍ସ ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟର ଉପ ସମ୍ପାଦକଙ୍କ ଦ୍ୱାରା ଅଫଲାଇନ୍ ମାଧ୍ୟମରେ କରାଯିବ। ଫର୍ମ ପୂରଣ ନିମନ୍ତେ ଅନଲାଇନ୍ ଲିଙ୍କ୍, ସବିଶେଷ ନିର୍ଦ୍ଦେଶାବଳୀ ବୋର୍ଡର ୱେବସାଇଟରେ ଉପଲବ୍ଧ ରହିବ।

ଗୋଟିଏ ଦିନ ବଢ଼ିଲା ରାଷ୍ଟ୍ରପତିଙ୍କ ଗସ୍ତ

ନଭେମ୍ବର ୩ରୁ ୫ ତାରିଖ ଯାଏଁ ତିନିଦିନିଆ ମୟୂରଭଞ୍ଜ ଗସ୍ତ

ବାରିପଦା, ୨୯ ।୧୦(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ ଗୋଟିଏ ଦିନ ବୃଦ୍ଧି କରାଯାଇଛି। ଆସନ୍ତା ନଭେମ୍ବର ୪ ବଦଳରେ ୩ ତାରିଖରେ ମୟୂରଭଞ୍ଜ ଗସ୍ତରେ ଆସୁଛନ୍ତି। ୫ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ମୟୂରଭଞ୍ଜ ଗସ୍ତରେ ରହିବେ। ଏହି ଗସ୍ତ କାଳରେ ସେ ରାଇରଙ୍ଗପୁର ଓ ଆଖପାଖ ଅଞ୍ଚଳରେ ଏକାଧିକ ଧାର୍ମିକ, ସାମାଜିକ, ସ୍ୱାସ୍ଥ୍ୟ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଯୋଗଦେବେ। ୩ ତାରିଖ ପ୍ରଥମ ଦିନ ସେ ନୂଆଦିଲ୍ଲୀରୁ ବାୟୁସେନା ବିମାନ ଯୋଗେ କଲାଇକୁଣ୍ଡା ବିମାନବନ୍ଦରରେ ଅବତରଣ କରିବା ପରେ ସଡ଼କ ପଥରେ ମୟୂରଭଞ୍ଜରେ ପହଞ୍ଚିବେ। ବହଳଦାସ୍ଥ ମା' କିଚକେଶ୍ୱରୀ ମନ୍ଦିରରେ ଦର୍ଶନ ଓ ଆଳତି କରିବା ପରେ ରାଇରଙ୍ଗପୁରସ୍ଥ ବାସଭବନକୁ ଯାଇ ରାତ୍ରୀଯାପନ କରିବେ। ୪ ତାରିଖ ଦ୍ୱିତୀୟ ଦିନ ମହୁଲଡିହାର ଲକ୍ଷ୍ମୀ ମଣ୍ଡପରେ ପୂଜାର୍ଚ୍ଚନା, ବିକାଶ ନଗରରେ ପୂର୍ବତନ ସୈନିକ ସିଏସ୍ଡି କ୍ୟାଣ୍ଟିନ୍ ପରିଦର୍ଶନ ଓ ଜିଲ୍ଲାର ତିନିଜଣ ବୀର ନାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବେ। ପରେ ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିଦର୍ଶନ କରିବେ। ଏହାପରେ ହଲିଡେ ହୋମ୍ରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ପି ଡି ହିନ୍ଦୁଜା ହସ୍ପିଟାଲ ମଧ୍ୟରେ ନେଫ୍ରୋଲୋଜି ମେଡିକାଲ କ୍ୟାମ୍ପେନ ନେଇ ଏମ୍ଓୟୁ ସ୍ୱାକ୍ଷରିତ ହେବ ଓ ରାଷ୍ଟ୍ରପତି ଏକ ମେଡିକାଲ ଭ୍ୟାନର ଶୁଭାରମ୍ଭ କରିବେ। ୫ ତାରିଖରେ ଟାଉନ୍ ହଲ୍ରେ ସିକଲ ସେଲ୍ ଆନିମିଆ ରୋଗାକ୍ରାନ୍ତଙ୍କ ସହ ଆଲୋଚନା କରିବେ। ପରେ ଗୋରୁମହିଷାଣୀ ଆଇରନ୍ କଲେଜର ମଲ୍ଟି ସ୍କିଲ୍ ଡେଭେଲପମେଣ୍ଟ ସେଣ୍ଟର ପରିଦର୍ଶନ କରି ବୃକ୍ଷରୋପଣ କରିବେ। ଅପରାହ୍ନରେ କଲାଇକୁଣ୍ଡା ବିମାନବନ୍ଦର ଦେଇ ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି।

୧୫ ବର୍ଷ ପରେ ବି ରହସ୍ୟଘେରରେ ରୁପା ଇଟା

ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆସିବ କେବେ?

ପୁରୀ,୨୯।୧୦(ସମିସ): ଏମାର ମଠରୁ ଉଦ୍ଧାର ହୋଇଥିବା ୫୬୭ ଖଣ୍ଡ ରୁପା ଇଟାର ଭାଗ୍ୟ କ'ଣ ହେବ? ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆସିବ ନା ଏବେ ଭଳି ପୁଲିସ ଅସ୍ତ୍ରାଗାର ଓ ଜିଲ୍ଲା ଟ୍ରେଜେରୀରେ ପଡ଼ି ରହିବ? ଏଭଳି ପ୍ରଶ୍ନ ଅନେକଙ୍କ ମନରେ ଉଙ୍କି ମାରୁଛି। ରୁପା ଇଟାକୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆଣିବା ପାଇଁ ଗତବର୍ଷ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଥିଲେ ମଧ୍ୟ ଏଯାଏଁ କୌଣସି ସ୍ପଷ୍ଟ ନିଷ୍ପତ୍ତି ସାମ୍ନାକୁ ଆସିନାହିଁ। ଫଳରେ କୋଟି କୋଟି ଟଙ୍କାର ଏହି ରୁପା ଇଟାକୁ ନେଇ ଅନିଶ୍ଚିତତା ଲାଗିରହିଛି।

ଏକଦା ଓଡ଼ିଶାର ସବୁଠୁ ଧନୀ ଓ ବିତ୍ତଶାଳୀ ମଠ ଭାବେ ପରିଚିତ ଥିଲା ପୁରୀର ଏମାର ମଠ। ପ୍ରାୟ ୯୦୦ ବର୍ଷର ଇତିହାସ ବହନ କରୁଥିବା ଏହି ମଠ ବିପତ୍ତି ସମୟରେ ଲୋକଙ୍କୁ ସହଯୋଗ ଓ ସହାୟତାର ହାତ ବଢ଼ାଉଥିଲା। ତେବେ ମଠରେ ଗଚ୍ଛିତ ଥିବା ବିପୁଳ ପରିମାଣର ରୁପା ଇଟା ଦୁଇଟି ପର୍ଯ୍ୟାୟରେ ଉଦ୍ଧାର ହେବା ପରେ ଏହା ରାଜ୍ୟବ୍ୟାପୀ ଚର୍ଚ୍ଚାକୁ ଆସିଥିଲା। ୨୦୧୧ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଏମାର ମଠର ଦୁଇଟି କୋଠରିର ମରାମତି କାର୍ଯ୍ୟ ଚାଲିଥିଲା। ଏହି ସମୟରେ ମଠର ସିନ୍ଦୁକ ଭାଙ୍ଗି ରୁପା ଇଟା ଚୋରି ହୋଇଥିବା ଅଭିଯୋଗ ହେବା ପରେ ଆରମ୍ଭ ହୋଇଥିଲା ଖୋଳତାଡ଼। ତଦନ୍ତ ସମୟରେ ଢେଙ୍କାନାଳର ଜଣେ ବ୍ୟକ୍ତିଙ୍କଠାରୁ ରୁପା ଇଟା ଜବତ ହୋଇଥିଲା। ପରେ ସିଂହଦ୍ୱାର ଥାନା ପୁଲିସ ଗୋଟିଏ କୋଠରିରେ ଥିବା ସିନ୍ଦୁକରୁ ମୋଟ୍ ୫୨୨ ଖଣ୍ଡ ରୁପା ଇଟା

- ଏମାର ମଠରୁ ମିଳିଥିଲା ୫୬୭ ଖଣ୍ଡ ରୁପା ଇଟା
- ୨୦୧୧ରେ ୫୨୨ ଓ ୨୦୨୧ରେ ମିଳିଥିଲା ୪୫ ଖଣ୍ଡ

ଜବତ କରିଥିଲା। ସେତେବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୯୦ କୋଟି ଟଙ୍କା ଆକଳନ କରାଯାଇଥିଲା। ଉକ୍ତ ରୁପା ଇଟାଗୁଡ଼ିକ ବ୍ରିଟିଶ୍ ଅମଳର ବୋଲି ଜଣାପଡ଼ିଥିଲା।

ଏହି ଘଟଣା ପରେ ମାମଲା ଆଇନଗତ ବିବାଦରେ ଛନ୍ଦି ହୋଇପଡ଼ିଥିଲା। ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଦ୍ଧାର ରୁପା ଇଟାଗୁଡ଼ିକୁ ଜିଲ୍ଲା ପୁଲିସ ଅସ୍ତ୍ରାଗାରରେ ରଖାଯାଇଛି। ଘଟଣାକୁ ପ୍ରାୟ ୧୫ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ତଦନ୍ତ ପ୍ରକ୍ରିୟାରେ ଆଶାନୁରୂପ ଅଗ୍ରଗତି ହୋଇପାରିନାହିଁ। ଏହି ମାମଲାରେ ପୁଲିସ ଢେଙ୍କାନାଳର ଦୁଇଜଣ ଶ୍ରମିକ, ମଠ ମହନ୍ତ, ଚେଲା, ଜୁଏଲାରୀ ମାଲିକ ଓ କେତେକ ବ୍ୟବସାୟୀଙ୍କୁ ଗିରଫ କରିଥିଲା। ଇତିମଧ୍ୟରେ ତଦନ୍ତ ଅଧିକାରୀଙ୍କ ସମେତ ବହୁ ଏସ୍ପିଙ୍କ ବଦଳି ହୋଇସାରିଥିବା ବେଳେ ରୁପା ଇଟାର ଭବିଷ୍ୟତ ଏବେ ବି ଅସ୍ପଷ୍ଟ ରହିଛି। ସେହିପରି ୨୦୨୧ ଏପ୍ରିଲ ୧୦ ତାରିଖରେ ଏମାର ମଠର ପରିଚାଳନା ଦାୟିତ୍ୱ ନୂତନ ଟ୍ରଷ୍ଟବୋର୍ଡକୁ ହସ୍ତାନ୍ତର କରାଯାଉଥିଲା। ଏହି ସମୟରେ ମହନ୍ତଙ୍କ ଜିମାରେ ଥିବା ଜିନିଷପତ୍ରକୁ ପୂର୍ବ ତାଲିକା ସହ ମେଳକ କରାଯିବାବେଳେ ମଠର ଏକ ବନ୍ଦ କୋଠରିରେ ପୋତାଯାଇଥିବା ଆଉ ୪୫ ଖଣ୍ଡ ରୁପା ଇଟା ଉଦ୍ଧାର ହୋଇଥିଲା। ପରେ ଏହି ରୁପା ଇଟାଗୁଡ଼ିକୁ ଜିଲ୍ଲା ଟ୍ରେଜେରୀରେ ରଖାଯାଇଥିଲା। ଏହାକୁ ମିଶାଇ ଏମାର ମଠରୁ ମୋଟ୍ ୫୬୭ ଖଣ୍ଡ ରୁପା ଇଟା ମିଳିଥିଲା।

ତେବେ ଏମାର ମଠରୁ ଉଦ୍ଧାର ହୋଇଥିବା ରୁପା ଇଟାକୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆଣିବା ପାଇଁ ବିଭିନ୍ନ ସମୟରେ ଦାବି ଉଠିଆସିଛି। ଗତବର୍ଷ ନଭେମ୍ବର ୨୧ ତାରିଖରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ମଧ୍ୟ ଏହି ପ୍ରସଙ୍ଗ ଉଠିଥିଲା। ରୁପା ଇଟାକୁ ମହାପ୍ରଭୁଙ୍କ ଅଧୀନକୁ ଆଣିବା ନେଇ ଆଲୋଚନା ହୋଇଥିଲା। ସେତେବେଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ କହିଥିଲେ ଯେ, ଏମାର ମଠରୁ ଉଦ୍ଧାର ରୁପା ଇଟା ସମ୍ପର୍କିତ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ଏହାକୁ କିପରି ମହାପ୍ରଭୁଙ୍କ ଅଧୀନକୁ ଅଣାଯାଇପାରିବ, ସେ ନେଇ ରାଜ୍ୟ ସରକାରଙ୍କ ସ୍ତରରେ ମଧ୍ୟ ଆଲୋଚନା ହୋଇଛି। ନିୟମ ଅନୁଯାୟୀ ରୁପା ଇଟାକୁ ମନ୍ଦିର ପ୍ରଶାସନ ଅଧୀନକୁ ଆଣିବା ପାଇଁ ପ୍ରକ୍ରିୟା ଚାଲିଛି। ତେବେ ଏହି ଘୋଷଣାକୁ ବର୍ଷେ ବିତିବାକୁ ବସିଥିଲେ ମଧ୍ୟ ରୁପା ଇଟା ହସ୍ତାନ୍ତର ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ହାଇକୋର୍ଟରେ ବିଚାରାଧୀନ ମାମଲାର ବର୍ତ୍ତମାନ ସ୍ଥିତି କ'ଣ, ତାହା ମଧ୍ୟ ସାମ୍ନାକୁ ଆସିନାହିଁ। ତେଣୁ ଏମାର ମଠରୁ ମିଳିଥିବା ୫୬୭ ଖଣ୍ଡ ରୁପା ଇଟା କେବେ ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆସିବ ଏବଂ ଏହାର ଚୂଡ଼ାନ୍ତ ଭାଗ୍ୟ କ'ଣ ହେବ, ତାହାକୁ ନେଇ ଏବେ ବି ରହିଛି ଅନିଶ୍ଚିତତା।

ବାତ୍ୟା ପରେ ବଢ଼ିଲା ଚାଷୀଙ୍କ ଦୁର୍ଦ୍ଦଶା

କବାଟବନ୍ଧ,୨୯।୧୦(ସମିସ):

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପବନର ମାତ୍ରା ଅଧିକ ନ ଥିଲେ ମଧ୍ୟ ଚାଷୀମାନଙ୍କୁ ପ୍ରଭାବିତ ହେବାକୁ ପଡ଼ିଛି। ଲଗାଣ ବର୍ଷାରେ ଅନେକ ଜମିରେ ଧାନ ଗଛ ସବୁ ତଳେ ପଡ଼ିଯାଇଛି। ପ୍ରଥମତଃ ବାତ୍ୟା ପୂର୍ବରୁ ଅସାଧୁ ଧାନ ବେପାରୀଙ୍କ ଦ୍ୱାରା ଚାଷୀମାନେ ଆର୍ଥିକ ଶୋଷଣର ଶିକାର ହୋଇଛନ୍ତି। ବାତ୍ୟା ପରେ ଅମଳ ଉପଯୋଗୀ ଫସଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବାତ୍ୟା ଅର୍ଣ୍ଣବ ଚାଷୀଙ୍କ ଆର୍ଥିକ ଅବସ୍ଥା ବିଗାଡ଼ି ଦେଇଥିବାବେଳେ ଅସାଧୁ ଧାନ ବେପାରୀ ମାଲେମାଲ ହୋଇଛନ୍ତି।

ବାତ୍ୟା ଖବର ଜଣାପଡ଼ିବା ଗାଁ ଗାଁରେ ଅସାଧୁ ବେପାରୀମାନେ ଚାଷୀମାନଙ୍କୁ ଭୟଭୀତ କରି ଶୋଷଣ କରିଥିବା ଜଣାପଡ଼ିଛି। ବାତ୍ୟା ହେଲେ ସବୁ ଧାନ ନଷ୍ଟ ହୋଇଯିବ, ଜମିରେ ପଚି ଗଜା ହୋଇଯିବ ଆଦି କହି କମ୍ ଦରରେ ଧାନ ନେଇଯାଇଛନ୍ତି। ଅନେକ ଚାଷୀ ମାତ୍ର ୧୭ ଶହରୁ ୧୭୫୦ ଟଙ୍କାରେ ଧାନ ବିକ୍ରି କରିଦେଇଛନ୍ତି। ଫଳରେ ଚାଷୀ ବହୁତ କ୍ଷତି ସହିଛନ୍ତି। ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ୩୧ ଶହ ଠାରୁ ବହୁ କମରେ ଧାନ ଦେଇଛନ୍ତି। ଅର୍ଥାତ କ୍ୱିଣ୍ଟାଲ ପ୍ରତି ପ୍ରାୟ ୧୩୫୦ ଟଙ୍କାରୁ ୧୪ ଶହ ପର୍ଯ୍ୟନ୍ତ କ୍ଷତି ସହିବାକୁ ବାଧ ହୋଇଛନ୍ତି।

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଏବଂ ଏହାର ଆଖପାଖ ଅଞ୍ଚଳରେ ବାତ୍ୟା ଅର୍ଣ୍ଣବର ବିପଦ ଟଳିଯିବା ପରେ ସାଧାରଣ ଲୋକ ଆଶ୍ୱସ୍ତ ହେଲେ ବି ଚାଷୀକୁଳ ଏବେ ହତାଶ ହୋଇଛନ୍ତି। ବ୍ଲକର ମର୍ଜିତାପୁର, ମଧୁସୂଦନପୁର, କବାଟବନ୍ଧ, ରାଇଛନ୍ଦା, ତାଳଜଙ୍ଗ, ରେଖିଦେଇପୁର, ଏଣ୍ଡଳବା, ଚକ୍ରଧରପୁର, ଅଞ୍ଜିରା, ସାହାଣୀଡ଼ିହ, ଜେନାପୁର, ବୃନ୍ଦାଦେଇପୁର, କମାଗଡ଼, ଅଣ୍ଟିଆ, ପୁରୁଣା ବଡଲମାଳ, ଗଡ଼ମଧୁପୁର, ମହିସରା, ସଂପାରୁ,ଥାନୁଆଳ, ସଂପାରୁ, ପାଖର,ନେଉଳପୁର, ମଙ୍ଗଳପୁର, କୁମାରୀ, କ୍ଷେତ୍ରପାଳ, କଣ୍ଟିଗଡ଼ିଆ, କଦମପାଳ, ଜାରକା, ହରିଦାସପୁର, ଚହଟା, ବଡ଼କାଏମା, ଅରାବଳ, ଆରୁହା ସମେତ ବିଭିନ୍ନ ପଞ୍ଚାୟତର ଶହ ଶହ ଚାଷୀ ବାତ୍ୟା ଭୟରେ ଶସ୍ତାରେ ବେପାରୀଙ୍କୁ ଧାନ ବିକି ଦେଇଥିଲେ। ଆହୁରି ଅନେକ ଚାଷୀ ଅଧା ପାଚିଲା ଧାନକୁ ବାତ୍ୟା ଭୟରେ ଅମଳ କରି ଦେଇଥିଲେ। କିନ୍ତୁ ବାତ୍ୟାର କୌଣସି ପ୍ରଭାବ ନ ହେବାରୁ ଚାଷୀମାନେ ଯାହା କ୍ଷତି କଲେ ତାହା କେମିତି ଭରଣା କରିବେ ବୋଲି ଏବେ ଭାବୁଛନ୍ତି। ବାତ୍ୟା ଟଳିଲା କିନ୍ତୁ ଆମ ଦୁଃଖ ବଢ଼ିଲା ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ବାତ୍ୟା ପ୍ରଭାବରେ ଅମଳ ଧାନକୁ ରଖିବା ପାଇଁ ଏବଂ ଶୁଖାଇବା ପାଇଁ ସେମିତି ବିଶେଷ ସୁବିଧା ନ ଥିବାରୁ ଚାଷୀ ମାନେ ବହୁ ହଇରାଣ ହେଉଛନ୍ତି। ଏକକାଳୀନ ଛାନିଆ ହୋଇ ଅମଳ ହୋଇଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଯଦି ଚାଷୀ ପର୍ଯ୍ୟାୟ କ୍ରମେ ଅମଳ କରି ଥାଆନ୍ତା ତେବେ ଏହି ସମସ୍ୟା ସୃଷ୍ଟି ହୋଇ ନ ଥାନ୍ତା ବୋଲି ଚାଷୀମାନେ କହିଛନ୍ତି।

ଓଡ଼ିଆ ଅସ୍ମିତା ସମ୍ମିଳନୀରେ ସମ୍ମାନିତ ହେବେ ଚମ୍ପୁଆର ନାଟ୍ୟ କଳାକାର ପବିତ୍ର ନାୟକ

ଚମ୍ପୁଆ, ୨୯।୧୦(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆର ସ୍ୱନାମଧନ୍ୟ ନାଟ୍ୟ କଳାକାର ପବିତ୍ର ନାୟକ (ପପୁ ଭାଇ) ନାଟ୍ୟକଳା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ରାଜ୍ୟସ୍ତରୀୟ ପୁରସ୍କାରରେ ସମ୍ମାନିତ ହେବେ। ଆସନ୍ତା ୪ ନଭେମ୍ବର ବୁଧବାର ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଆୟୋଜିତ 'ଓଡ଼ିଆ ଅସ୍ମିତା ସମ୍ମିଳନୀ-୨୦୨୬'ରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ପବିତ୍ର ନାୟକ ଜଣେ ନିଷ୍ଠାପର ନାଟ୍ୟ କଳାକାର ହେବା ସହ ଜଣେ ସାମ୍ବାଦିକ ଓ ସମାଜସେବୀ ଭାବେ ମଧ୍ୟ ନିଜର ପରିଚୟ ସୃଷ୍ଟି କରିଛନ୍ତି। ମଞ୍ଚ ଅଭିନୟ ପ୍ରତି ଗଭୀର ଆଗ୍ରହ, କଳା ପ୍ରତି ନିଷ୍ଠା ଓ ଅଭିନୟ ମାଧ୍ୟମରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଆଗକୁ ବଢ଼ାଇବାରେ ତାଙ୍କର ଭୂମିକା ଉଲ୍ଲେଖନୀୟ। ନାଟ୍ୟକଳା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସେ ପୂର୍ବରୁ ମଧ୍ୟ ଏକାଧିକ ରାଜ୍ୟସ୍ତରୀୟ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି। ଏଥିସହ ପବିତ୍ର ନାୟକ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପରିଷଦ, ଚମ୍ପୁଆର ଜଣେ ସକ୍ରିୟ ସଦସ୍ୟ ଭାବେ ମଧ୍ୟ ଜଡ଼ିତ ଅଛନ୍ତି। ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ମଧ୍ୟ ତାଙ୍କର ସକ୍ରିୟତା ରହିଛି। ଓଡ଼ିଆ ଅସ୍ମିତାର ସାଧକ ତଥା ମଞ୍ଚ ଅଭିନୟର ଜଣେ ନିଷ୍ଠାପର କଳାକାର ପବିତ୍ର ନାୟକଙ୍କ ଏହି ସଫଳତା ଚମ୍ପୁଆ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି। ତାଙ୍କୁ ଏହି ସମ୍ମାନ ମିଳିବା ଖବର ପ୍ରକାଶ ପାଇବା ପରେ କଳାପ୍ରେମୀ ଓ ସାଂସ୍କୃତିକ ମହଲରେ ଆନନ୍ଦ ପ୍ରକାଶ ପାଇଛି।

ମିଳିବ ରାଜ୍ୟସ୍ତରୀୟ ପୁରସ୍କାର, ଚମ୍ପୁଆ ପାଇଁ ଗୌରବ

ସାମୁଦ୍ରିକ ଝଡ଼ 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା

କେନ୍ଦୁଝର, ୨୯।୧୦(ସମିସ): ସାମୁଦ୍ରିକ ଝଡ଼ 'ଅର୍ଣ୍ଣବ' ପ୍ରଭାବରେ ଗତକାଲିଠାରୁ କେନ୍ଦୁଝର ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି। ଫଳରେ ଜନଜୀବନ ପ୍ରଭାବିତ ହୋଇଛି। ବିଭିନ୍ନ ବ୍ଲକ ଅଞ୍ଚଳରେ ଝିପିଝିପି ଲାଗି ରହିଛି। କୋହଲା ସାଙ୍ଗକୁ ନିରବିଚ୍ଛିନ୍ନ ବର୍ଷା ଲାଗି ରହିବା ଯୋଗୁଁ ଚାଷୀଙ୍କ ଭାଳେଣି ବଢିଯାଇଛି। ବିଲରେ ଥିବା ପାଚିଲା ଧାନ, କଟାହୋଇ ବିଲରେ ପଡିଥିବା ଧାନ ଏବଂ ଖଳାକୁ ବୁହାହୋଇ ଆସିଥିବା ଧାନ କଳେଇର ସୁରକ୍ଷା ନେଇ ଚାଷୀ ଚିନ୍ତାରେ ପଡିଛି। ଏହି ବର୍ଷା କାରଣରୁ ପାଚି ଯାଇ ଅମଳ ହେବାକୁ ଥିବା ଧାନ ନଷ୍ଟ ହେବା ସମ୍ଭାବନା ରହିଛି। କିଏ ଖଳାରେ ଧାନବିଡାରେ ପଲିଥିନ ଘୋଡେଇଲାଣି ତ କିଏ କ୍ଷେତରେ ପଲିଥିନ ଘୋଡେଇ ଭଗବାନକୁ ଡାକୁଛି। ବହୁ ସ୍ଥାନରେ ରୋଗପୋକ ଯୋଗୁଁ ଧାନଫସଲ ନଷ୍ଟ ହୋଇଥିବାବେଳେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ କ୍ଷେତ ଆଉ ଖଳାରେ ପାଚିଲା ଧାନ ଯାହା କିଛି ଅଛି ତାହା ଗଜା ପାଲଟି ଯିବା ଆଶଙ୍କା ସୃଷ୍ଟି ହୋଇଛି। ସୂଚନା ଅନୁସାରେ, କେନ୍ଦୁଝର ସଦର ବ୍ଲକ ଅଞ୍ଚଳରେ ୬୮.୮ ମିମି ବର୍ଷା ରେକର୍ଡ ହୋଇଛି। ବାଂଶପାଳରେ ୩୨.୬ ମିମି, ତେଲକୋଇ ବ୍ଲକରେ ୩୩ ମିମି, ପାଟଣାରେ ୩୭ ମିମି, ସାହାରପଡା ଅଞ୍ଚଳରେ ୩୨.୪ ମିମି, ଘଟଗାଁ ବ୍ଲକଳରେ ୫୮.୪ ମିମି, ହରିଚନ୍ଦନପୁର ଅଞ୍ଚଳରେ ୪୭.୮ ମିମି ବର୍ଷା ରେକର୍ଡ ହୋଇଛି। ଆନନ୍ଦପୁର ବ୍ଲକ ଅଞ୍ଚଳରେ ୬୯.୮ ମିମି, ଘସିପୁରାରେ ୬୦.୬ ମିମି, ହାଟଡିହିରେ ୧୦୨.୧ ମିମି, ଚମ୍ପୁଆରେ ୧୦ ମିମି, ଯୋଡାରେ ୫୦.୪ ମିଲିମିଟର ସହ ଝୁମ୍ପୁରା ବ୍ଲକ ଅଞ୍ଚଳରେ ୫୩.୬ ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି।

ଜନଜୀବନ ପ୍ରଭାବିତ, ଚାଷୀ ଚିନ୍ତାରେ

ପଞ୍ଚାୟତର ନାମ ପରିବର୍ତ୍ତନକୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

ଯୋଡ଼ା, ୨୯।୧୦ (ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକ ଚମକପୁର ଗ୍ରାମପଞ୍ଚାୟତର ନାମ ପରିବର୍ତ୍ତନ କରି ଶଙ୍କରପୁର ରଖାଯାଇଥିବା ଘଟଣାକୁ ନେଇ ଅସନ୍ତୋଷ ଦେଖାଦେଇଛି। ପଞ୍ଚାୟତବାସୀଙ୍କୁ ଅବଗତ ନକରି ଏବଂ ସେମାନଙ୍କ ମତାମତ ନନେଇ ଏପରି ନିଷ୍ପତ୍ତି ହୋଇଥିବା ଅଭିଯୋଗ କରି ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଜଣାଇଛନ୍ତି। ନାମ ପରିବର୍ତ୍ତନ ପ୍ରକ୍ରିୟାର ସମୀକ୍ଷା କରିବା ସହ ଏହାକୁ ସ୍ଥଗିତ ରଖିବାକୁ ଦାବି କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ଯୋଗୁଁ ପଞ୍ଚାୟତର ଅନେକ ପରିବାର ବିସ୍ଥାପନ ଓ ପୁନର୍ବାସ ସମସ୍ୟାରେ ରହିଛନ୍ତି। ପଞ୍ଚାୟତର ନାମ ପରିବର୍ତ୍ତନ ହେଲେ ସରକାରୀ ଦସ୍ତାବିଜ, ଠିକଣା ଓ ବିସ୍ଥାପିତଙ୍କ ସହାୟତା ରାଶି ମଞ୍ଜୁରୀ ଏବଂ ବଣ୍ଟନରେ ଅସୁବିଧା ହେବାର ଆଶଙ୍କା ରହିଛି। ଏଥିପାଇଁ ପ୍ରଶାସନ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରି ବିସ୍ଥାପିତ ପରିବାରଙ୍କ ଅଧିକାର ସୁରକ୍ଷିତ ରଖିବାକୁ ଦାବି ହୋଇଛି। ଏହି ସମସ୍ୟାକୁ ନେଇ ଗତକାଲି ଆଙ୍ଗୁଳିଆସ୍ଥିତ ବିସ୍ଥାପିତ କଲୋନୀରେ ଗ୍ରାମବାସୀଙ୍କ ଏକ ସଭା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର ନାମ ପରିବର୍ତ୍ତନ ସମ୍ପର୍କିତ ସରକାରୀ ଆଦେଶ ଓ ନିୟମର ଯାଞ୍ଚ କରିବା ସହ ଗ୍ରାମବାସୀଙ୍କୁ ନିଜ ମତ ରଖିବାର ସୁଯୋଗ ଦେବାକୁ ଦାବି କରାଯାଇଛି। ଗ୍ରାମବାସୀ କହିଛନ୍ତି, ସେମାନେ ବିକାଶ କିମ୍ବା ପ୍ରଶାସନିକ କାର୍ଯ୍ୟର ବିରୋଧୀ ନୁହନ୍ତି; କିନ୍ତୁ ଲୋକଙ୍କ ମତାମତକୁ ଅଣଦେଖା କରି ନିଆଯାଇଥିବା ନିଷ୍ପତ୍ତି ଯୋଗୁଁ ସାଧାରଣ ଲୋକଙ୍କ ଅଧିକାର ଓ ବିସ୍ଥାପିତଙ୍କ ପ୍ରାପ୍ୟ ପ୍ରଭାବିତ ନହେବା ଆବଶ୍ୟକ। ଅଭିଯୋଗର ସମାଧାନ ନହେବା ପର୍ଯ୍ୟନ୍ତ ନାମ ପରିବର୍ତ୍ତନକୁ ସ୍ଥଗିତ ରଖିବାକୁ ସେମାନେ ଅନୁରୋଧ କରିଛନ୍ତି। ଜିଲ୍ଲା ପ୍ରଶାସନର ପରବର୍ତ୍ତୀ ପଦକ୍ଷେପକୁ ଗ୍ରାମବାସୀ ଅପେକ୍ଷା କରିଛନ୍ତି।

ପାଞ୍ଚପୋଖରିଆ ମୁଣ୍ଡାସାହି ମା' ଲକ୍ଷ୍ମୀ ପୂଜାରେ ଝୁମିଲେ ଗ୍ରାମବାସୀ

ଚମ୍ପୁଆ, ୨୯।୧୦(ସମିସ): ଭକ୍ତିମୟ ପରିବେଶ ଓ ଉତ୍ସବମୁଖର ପରିସର ମଧ୍ୟରେ ପାଞ୍ଚପୋଖରିଆ ମୁଣ୍ଡାସାହିରେ ମା' ଲକ୍ଷ୍ମୀଙ୍କ ପୂଜା ଧୁମ୍ଧାମରେ ପାଳିତ ହୋଇଯାଇଛି। ପୂଜାକୁ କେନ୍ଦ୍ରକରି ଅଞ୍ଚଳରେ ଆଧ୍ୟାତ୍ମିକ ଉତ୍ସାହ ସୃଷ୍ଟି ହୋଇଥିବା ବେଳେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ମଧ୍ୟରେ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା। ଏହି ଅବସରରେ ଗ୍ରାମାଞ୍ଚଳର କଳାକାରମାନଙ୍କୁ ନେଇ ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କଳାକାରମାନେ ନିଜର ନୃତ୍ୟ ଓ ସଙ୍ଗୀତ ପରିବେଷଣ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିଥିଲେ। କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଗ୍ରାମବାସୀଙ୍କ ଭିଡ଼ ଜମିଥିବା ବେଳେ ସମଗ୍ର ପରିବେଶ ଉତ୍ସବମୁଖର ହୋଇଉଠିଥିଲା। କାର୍ଯ୍ୟକ୍ରମକୁ ଅକ୍ଷୟ ନାୟକ ଓ ରାଜକୁମାର ପାତ୍ର ପରିଚାଳନା କରିଥିଲେ। ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମହେଶ୍ୱର ଦାଶ ଓ ବିଶିଷ୍ଟ କଳାକାର ପବିତ୍ର ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ସ୍ଥାନୀୟ ଅଞ୍ଚଳରେ ଲୁକ୍କାୟିତ ପ୍ରତିଭାର ଅଭାବ ନାହିଁ ବୋଲି ମତ ପ୍ରକାଶ କରିବା ସହ ଗ୍ରାମାଞ୍ଚଳର କଳାକାରମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ ପାଇଁ ଅଧିକ ସୁଯୋଗ ଓ ଉପଯୁକ୍ତ ମଞ୍ଚ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଭଳି ସାଂସ୍କୃତିକ ଆୟୋଜନ ସ୍ଥାନୀୟ କଳା, ସଂସ୍କୃତି ଓ ପ୍ରତିଭାର ବିକାଶ ସହ ଗ୍ରାମାଞ୍ଚଳରେ ଭାଇଚାରା ଓ ସାମାଜିକ ଏକତାକୁ ଅଧିକ ସୁଦୃଢ଼ କରିବ ବୋଲି ମତ ପ୍ରକାଶ ପାଇଥିଲା।

ଆସୁଛି କାଳୀପୂଜା: ଶେଷ ପର୍ଯ୍ୟାୟରେ ମୂର୍ତ୍ତି ନିର୍ମାଣ

ଯାଜପୁର,୨୯।୧୦(ସମିସ): ଆଉ ଦିନ କେଇଟା ପରେ ଆରମ୍ଭ ହେବ ଯାଜପୁରର ଗଣପର୍ବ କାଳୀପୂଜା। ଏଥିପାଇଁ ଯାଜପୁର ସହରବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହେଲାଣି। ଏଠାରେ ମା' ଶ୍ୟାମାକାଳୀ ଓ ଦକ୍ଷିଣକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଥାଏ। ମା' ଶ୍ୟାମାକାଳୀ ଓ ଦକ୍ଷିଣକାଳୀଙ୍କ ଆଗମନକୁ ସ୍ୱାଗତ କରିବା ପାଇଁ ସବୁଠି ଚାଲିଛି ପ୍ରସ୍ତୁତି। ପୂଜାକୁ ଆଉ ଅଳ୍ପ ଦିନ ବାକି ଥିବାବେଳେ ବିଭିନ୍ନ ପୂଜା ମଣ୍ଡପରେ ଦେଖିବାକୁ ମିଳୁଛି ସଜବାଜ ଓ ଗହଳଚହଳ। କେଉଁଠି ଆକର୍ଷଣୀୟ ତୋରଣ ଓ ସାଜସଜା ପାଇଁ ପ୍ରସ୍ତୁତ ଚାଲିଛି ତ ଆଉ କେଉଁଠି ମୂର୍ତ୍ତି ତିଆରିରେ ବ୍ୟସ୍ତ କାରିଗର। ସବୁଠି ପୂଜା ମଣ୍ଡପକୁ ସଜାଇବା ପାଇଁ ଲାଗିଛି ଏକ ପ୍ରକାର ପ୍ରତିଯୋଗୀତା। ଚଳିତବର୍ଷ ଯାଜପୁର ସହର ଓ ଆଖପାଖ ଅଞ୍ଚଳରେ ପୂଜା ମଣ୍ଡପ ସଂଖ୍ୟା ବଢ଼ିଥିବା ମଧ୍ୟ ନଜରକୁ ଆସିଛି। ଚଳିତ ମାସ ଶେଷ ସପ୍ତାହରେ ମା'ଙ୍କ ଆରାଧନା ପ୍ରାରମ୍ଭ ହେବ। ମାତ୍ର ଦିନ କେଇଟା ଏହି ପୂଜା କରାଯିବା ପରେ ନଭେମ୍ବର ୧,୨ ଓ ୩ ତାରିଖ ଦୁଇଦିନ ଧରି ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଚଳିତ ବର୍ଷ କାଳୀପୂଜା ପାଇଁ ବିଭିନ୍ନ ମଣ୍ଡପ ପକ୍ଷରୁ ପ୍ରସ୍ତୁତିର କାର୍ଯ୍ୟକ୍ରମକୁ ଦ୍ରୁତଗତି ଦିଆଯାଇଛି। ବିଭିନ୍ନ ମଣ୍ଡପରେ ଓଡ଼ିଶାର ନାମୀଦାମୀ କଳାକାରମାନଙ୍କ ପ୍ରସ୍ତୁତିର ସଙ୍ଗୀତ ମୂର୍ଚ୍ଛନା ପରିବେଷଣ କରିବେ। ସେଥିପାଇଁ ସମଗ୍ର ଯାଜପୁର ମଧ୍ୟ ଆକର୍ଷଣୀୟ ଭାବେ ପରିଣତ ହୋଇଛି। ଚଳିତ ବର୍ଷ ଯାଜପୁରରେ ୪୫ଟି ମଣ୍ଡପରେ ପୂଜା ଉତ୍ସବ ଅନୁଷ୍ଠିତ ହେବ। ଏହି କାଳୀପୂଜାର ବିଶେଷତ୍ୱ ହେଉଛି କିଛି ମଣ୍ଡପରେ ମା' ଶ୍ୟାମାକାଳୀ ପୂଜା ପାଇବେ ଏବଂ ଅନ୍ୟ କେତେକ ମଣ୍ଡପରେ ଦକ୍ଷିଣକାଳୀ ପୂଜା ପାଇବେ। ସହରର ସମସ୍ତ ପୂଜା ମଣ୍ଡପରେ ଚାଲିଛି ମା' ଶ୍ୟାମାକାଳୀ ଓ ଦକ୍ଷିଣକାଳୀଙ୍କ ମୂର୍ତ୍ତି ତୋଳା କାମ। କେଉଁ ମଣ୍ଡପରେ ତିନି ଚକା ବିଶିଷ୍ଟ କାର୍ଯ୍ୟ ହେଉଛି ଆଉ କେଉଁ ମଣ୍ଡପରେ ଏକମାଟିଆ କାର୍ଯ୍ୟ ସମାପ୍ତ ନେଲାଣି। ସେହିପରି ମୂର୍ତ୍ତି ଛଡ଼ା, ପେଣ୍ଡାଲରେ ତେଣ୍ଟା ବନ୍ଧା କାମ ମଧ୍ୟ ଆରମ୍ଭ ହେଲାଣି। କେଉଁ ପୂଜା କମିଟି ମୂର୍ତ୍ତିକୁ ଅଧିକ ସୌନ୍ଦର୍ଯ୍ୟ କରିବା ପାଇଁ ବ୍ୟସ୍ତ ତ ଆଉ କେଉଁ ପୂଜା କମିଟି ଆକର୍ଷଣୀୟ ତୋରଣ, ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ନିଜ ନିଜ ମଧ୍ୟରେ ପ୍ରସ୍ତୁତି ଆରମ୍ଭ କରିସାରିଲେଣି। କିନ୍ତୁ ଗତ କିଛି ଦିନ ଧରି ଲଘୁଚାପର ପ୍ରଭାବରେ ବର୍ଷା ଯୋଗୁଁ ପୂଜା କମିଟି ମାନଙ୍କର ତୋରଣ କାର୍ଯ୍ୟ ପଛେଇ ଯାଇଛି। ପାଗ ଅନୁକୂଳ ହେଲେ ତୋରଣ ଓ ସାଜସଜା କାମ ଜୋରଦାର ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

ପ୍ରତିକୂଳ ପାଗ ପାଇଁ ତୋରଣ ନିର୍ମାଣରେ ବିଳମ୍ବ

ଅସରାଏ ବର୍ଷାରେ ପୂର୍ତ୍ତ ରାସ୍ତା ଯମଦ୍ୱାର

ତେଲକୋଇ, ୨୯।୧୦(ସମିସ): ତେଲକୋଇରୁ ବିମଳା ସିରିଗିଡାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଅସରାଏ ବର୍ଷାରେ ବେହଲ ହୋଇପଡ଼ିଛି। ରାସ୍ତାର ଅନେକ ସ୍ଥାନରେ ଆଣ୍ଠୁଏ ଆଣ୍ଠୁଏ ଖାଲ ରହିଥିବାରୁ ସେଠାରେ ବର୍ଷାଜଳ ଜମି ରହିଛି। ଏହାସହିତ ଉକ୍ତ ସ୍ଥାନଗୁଡ଼ିକରେ ମାଟି ପଡ଼ିଥିବାରୁ କାଦୁଅରେ ଲୋକେ ଯମ ଯନ୍ତ୍ରଣା ଭୋଗୁଛନ୍ତି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଛି। ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ଉକ୍ତ ରାସ୍ତା ପୂର୍ତ୍ତ ବିଭାଗ ନିର୍ମାଣ କରୁଥିବା ବେଳେ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରି ନାହିଁ। ପୂର୍ବ ସରକାର ଅମଳରୁ ନିର୍ମାଣ ହେଉଥିବା ଏହି ରାସ୍ତା ଆଜିବି ଅଧପନ୍ତରିଆ ହୋଇ ପଡ଼ି ରହିଛି। ଏଥିପ୍ରତି କାହାରି ନିଘା ନଥିବା ଅଭିଯୋଗ ହୋଇଛି। ପ୍ରଶାସନଠାରୁ ଆରମ୍ଭ କରି ଜନପ୍ରତିନିଧିମାନେ ସବୁ ଆଖି ବୁଜି ଦେଇଛନ୍ତି। ଏହି ରାସ୍ତା ତେଲକୋଇ ବ୍ଲକ୍‌ବାସୀଙ୍କ ଜୀବନରେଖା ସାଜିଥିବା ବେଳେ ୪ ବର୍ଷ ହେବ ନିର୍ମାଣ ନ ହେବା ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଏପରିସ୍ଥଳେ ତେଲକୋଇ ଅଞ୍ଚଳ ବିକାଶ ବଦଳରେ ଦିନକୁ ଦିନ ବିନାଶ ଆଡକୁ ଗତି କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏଥିପ୍ରତି ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡାକ୍ତର ଫକିର ମୋହନ ନାଏକ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସ୍ୱାମୀ ନିଖୋଜ; ସ୍ତ୍ରୀଙ୍କ ଏତଲା

ତୁରୁମୁଙ୍ଗା, ୨୯।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାଧୁପଡ଼ାରେ ଭଡ଼ାଘରେ ରହୁଥିବା ଦୀପକ କୁମାର ସେଠୀ ଗତ ଶୁକ୍ରବାର ସଂଧ୍ୟାରୁ ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ସ୍ତ୍ରୀ ଦୀପାଞ୍ଜଳି ନାୟକ ରବିବାର ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଶୁକ୍ରବାର ଦୀପକ ଓ ତାଙ୍କ ସ୍ତ୍ରୀ ପୁରୀରୁ ଫେରିବା ପରେ ସେ ଚିକେନ୍ କିଣିବାକୁ ପାଟଣା ବଜାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଫୋନ୍ କରିବାରୁ ସେ ବ୍ୟସ୍ତ ଥିବା କହି ଫୋନ୍ କାଟିଦେଇଥିଲେ। ପରେ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜି ନିରାଶ ହେବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଦୀପକ ଏକ ଠିକାସଂସ୍ଥାରେ ରାସ୍ତା କାମର ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା ବେଳେ ପାଟଣା ପୁଲିସ ଘଟଣାର ତଦନ୍ତ କରୁଛି।

ମଙ୍ଗଳପୁର- ଦାଣ୍ଡିସାହି ମୁଖ୍ୟମନ୍ତ୍ରୀ ସଡ଼କ କାମ ନିମ୍ନମାନର

ମାଟିମିଶା ବାଲିରେ ଢଳେଇ, ସ୍ଥାୟିତ୍ୱ ନେଇ ପ୍ରଶ୍ନ

ମଙ୍ଗଳପୁର,୨୮।୧୦(ସମିସ):

ଦଶରଥପୁର ବ୍ଲକସ୍ତ ମଙ୍ଗଳପୁର ଦାଣ୍ଡିସାହି ଭାୟା କର୍ଣ୍ଣଦାଣ୍ଡି ମୁଖ୍ୟମନ୍ତ୍ରୀ ସଡ଼କ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଏବେ କରାଯାଉଛି। ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ ଯାଜପୁର-୧ଙ୍କ ଅଧୀନରେ କାର୍ଯ୍ୟ କରାଯାଉଥିବାବେଳେ ୬ କିମି ୩୫୦ ମିଟର ଲମ୍ବ ରାସ୍ତା ପାଇଁ ୬୬୮. ୨୭ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଜନସାଧାରଣଙ୍କ ଯାତାୟାତକୁ ସୁଗମ କରିବା ଲକ୍ଷ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ପ୍ରକୃତରେ ଲୋକେ ଏହାର ସୁଫଳ ପାଉନଥିବା ଅଭିଯୋଗ ହେଉଛି। ଏମିତି ଏକ ଅଭିଯୋଗ ଆସିଛି ମଙ୍ଗଳପୁର ଦାଣ୍ଡିସାହି ଭାୟା କର୍ଣ୍ଣଦାଣ୍ଡି ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ କ୍ଷେତ୍ରରେ। ବର୍ତ୍ତମାନ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ନିୟମ ଅନୁଯାୟୀ ଜିରୋ ପଏଣ୍ଟରୁ କାର୍ଯ୍ୟ ଆରମ୍ଭ କରିବା କଥା। ମାତ୍ର ଠିକାଦାର ଜଣକ ନିୟମ ଉଲ୍ଲଂଘନ କରି ରାସ୍ତା ମଝିରୁ କାର୍ଯ୍ୟ ଆରମ୍ଭ କରିଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି। ସେହିପରି ପୂର୍ବରୁ ଥିବା ରାସ୍ତାର ୨ ପାଶ୍ୱର୍ରେ ୩ ଫୁଟ ଚଉଡାରେ ରାସ୍ତା ବର୍ଦ୍ଧିତ କରାଯାଉଥିବା ବେଳେ ନିୟମ ଅନୁଯାୟୀ ଏହି ବର୍ଦ୍ଧିତ ରାସ୍ତା କାର୍ଯ୍ୟ କରାଯାଉନଥିବା ଅଭିଯୋଗ ହୋଇଛି।

ନିୟମ ଅନୁଯାୟୀ ସାଇଡ ଢଳେଇ କରାଯାଉ ନଥିବା ବେଳେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଉ ଥିବାରୁ କେତେକ ସ୍ଥାନରେ ସାଇଡ ଢଳେଇ ଗୁଡିକ ଭାଙ୍ଗି ଯାଉଥିବା ଦେଖିବାକୁ ମିଳିଛି। ଏ ବିଷୟରେ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଜେଇଙ୍କ ସହ ଉଚ୍ଚ ଅଧିକାରୀ ମାନଙ୍କୁ ଜଣାଇଲେ ମଧ୍ୟ କୌଣସି ଅଧିକାରୀ କାର୍ଯ୍ୟସ୍ଥଳକୁ ଆସୁନଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମାଟିମିଶା ବାଲିରେ ଢଳେଇ କରାଯାଉଥିବା ବେଳେ ଏଷ୍ଟିମେଟ ଅନୁଯାୟୀ ସିମେଣ୍ଟ ଦିଆଯାଉ ନଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି କାର୍ଯ୍ୟ ସ୍ଥଳକୁ ଠିକାଦାର ଆଦୌ ଆସୁନଥିବା ବେଳେ ସୁପର ଭାଇଜରମାନେ ନିଜର ଇଚ୍ଛା ମୁତାବକ କାର୍ଯ୍ୟ କରୁଛନ୍ତି ବୋଲି ସ୍ଥାନୀୟ ଲୋକ ପ୍ରତିନିଧି ମାନେ ଅଭିଯୋଗ କରିଛନ୍ତି।

ମଙ୍ଗଳପୁର ପଞ୍ଚାୟତ ନାଲମଲ୍ଲିକ ପାଟଣା ଗ୍ରାମ ଦେଇଯାଇଥିବା ରାସ୍ତା କାର୍ଯ୍ୟ କରାଯାଉଥିବା ବେଳେ ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଛି। ଫଳରେ ଗ୍ରାମବାସୀ ଅଗଷ୍ଟ ୬ ତାରିଖରେ କାର୍ଯ୍ୟ ବନ୍ଦ କରିଥିଲେ। ତେବେ ପୁନର୍ବାର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରାଯାଉଥିବାରୁ ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ବାତ୍ୟା ଅର୍ଣ୍ଣବ ସାଙ୍ଗକୁ ଲଗାଣ ବର୍ଷା ସତ୍ତ୍ୱେ ତରବରିଆ ଭାବେ ଢଳେଇ ରାସ୍ତା ନିର୍ମାଣ କରିବାକୁ ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି। ଠିକାଦାରଙ୍କ ଏଭଳି ଚଞ୍ଚକତା ପଛରେ କ'ଣ କାରଣ ରହିଛି ତାହାକୁ ନେଇ ଏବେ ନାନା କଳ୍ପନା ଜଳ୍ପନା ସୃଷ୍ଟି ହୋଇଛି। ତେଣୁ ଅନିୟମିତତାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଜେଇ, ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

ମହିଳାଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ

ବରୁଆଁ,୨୯।୧୦(ସମିସ)

ଯାଜପୁର ସଦର ଥାନା ଅନ୍ତର୍ଗତ ମଲ୍ଲିକାପୁର ଗ୍ରାମରେ ବଧୂ ହତ୍ୟା ଅଭିଯୋଗ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଝିଅର ପିତା। ଘଟଣାରୁ ପ୍ରକାଶ ଯେ ବିଂଝାରପୁର ଥାନା ବିଂଝାରପୁର ଗ୍ରାମର ନରେନ୍ଦ୍ର ଦାସଙ୍କ ଝିଅ ଅମ୍ବିକା ନାୟକ ୨୦୨୦ ମସିହାରେ ଯାଜପୁର ସଦର ଥାନା ଅନ୍ତର୍ଗତ ମଲ୍ଲିକାପୁର ଗ୍ରାମର ଗଗନ ନାୟକଙ୍କ ପୁତ୍ର ଆଦିତ୍ୟ ନାୟକଙ୍କ ସହ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ସ୍ୱାମୀ ଆଦିତ୍ୟ ବାହାରେ ରୁହନ୍ତି, ମଝିରେ ମଝିରେ ନିଜ ଘରକୁ ଆସନ୍ତି। ବିବାହର କିଛିଦିନ ପରେ ଶାଶୂ, ଯାଆ, ଦେଢ଼ଶୁର, ଦିଅର ତାଙ୍କୁ ବିଭିନ୍ନ ସମୟରେ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇଆସୁଥିଲେ। ଗତ ୨୮ ତାରିଖ ସକାଳେ ଅମ୍ବିକାଙ୍କ ଯାଆ ଝିଅର ପିତା ନରେନ୍ଦ୍ର ଦାସଙ୍କୁ ଫୋନ୍ କରି ତୁମ ଝିଅ ଅସୁସ୍ଥ ଥିବା ଜଣାଇ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବାକୁ କହିଥିଲେ। ପିତା ନରେନ୍ଦ୍ର ଡାକ୍ତରଖାନାରେ ପହଞ୍ଚି ଝିଅକୁ ମୃତ ଅବସ୍ଥାରେ ଦେଖିଥିଲେ। ନିଜ ଝିଅର ମୃତ ଶରୀରର ବିଭିନ୍ନ ଅଂଶରେ କ୍ଷତ ଚିହ୍ନ ଦେଖି ସନ୍ଦେହ ହେବାରୁ ସଦର ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଅଭିଯୋଗରେ ଝିଅର ଶାଶୂ ସୁଲୋଚନା ନାୟକ, ଦେଢ଼ଶୁର ଯଯାତି ନାୟକ, ଯାଆ ପୂଜାରିଣୀ ନାୟକ ଓ ଦିଅର ଅନନ୍ତ ନାୟକ ମିଶି ମୋ ଝିଅ ଅମ୍ବିକାକୁ ପିଟି ପିଟି ତା'ର ବେକକୁ ଚିପି ଜୀବନରୁ ମାରି ଦେଇଥିବା ଅଭିଯୋଗ କରି ଏହି ହତ୍ୟା କାଣ୍ଡରେ ସମ୍ପୃକ୍ତ ଥିବା ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ସଦର ପୁଲିସ କେସ୍ ନମ୍ବର ୩୩୮/୨୬ ରେ ଏକ ମାମଲା ରୁଜୁ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରିବା ସହ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୃତକଙ୍କ ବାପଘର ଲୋକେ ଦାବି କରିଛନ୍ତି।

ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କମିତ୍ରଙ୍କଠାରୁ ଟଙ୍କା ଆଦାୟ ଅଭିଯୋଗ

ମଙ୍ଗଳପୁର,୨୯।୧୦(ସମିସ): ରାଜ୍ୟରେ ନବୀନ ପଟ୍ଟନାୟକ ସରକାର ସମୟରେ ମହିଳାମାନେ କିପରି ନିଜେ ନିଜେ ଆତ୍ମ ନିର୍ଭରଶୀଳ ହୋଇପାରିବେ, ନିଜ ପରିବାର ପୋଷିବା ପାଇଁ ଅନ୍ୟ କାହା ଉପରେ ନିର୍ଭର କରିବେ ନାହିଁ, ସେଥିପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବିନା ସୁଧରେ ଯୋଗାଇ ଦେଇଥିଲେ। ଏହି ଟଙ୍କା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କିପରି ସହଜରେ ଋଣ ମାଧ୍ୟମରେ ପାଇପାରିବେ ଓ ଋଣ ନେଇ କିପରି ପରବର୍ତ୍ତୀ ସମୟରେ ପରିଶୋଧ କରିବେ ଏହି ସମଗ୍ର କାର୍ଯ୍ୟରେ ସହଯୋଗ କରିବା ପାଇଁ ଦଶରଥପୁର ବ୍ଲକରେ ମୋଟ ୧୯୬ ଜଣ ସିଆର୍‌ପି, ୩୫ ଜଣ ଏମ୍‌ବିକେ ଓ ୧୭ ଜଣ ବ୍ୟାଙ୍କ ମିତ୍ର କାର୍ଯ୍ୟ କରୁଛନ୍ତି।

ତେବେ ବିଜେପି ସରକାର କ୍ଷମତାକୁ ଆସିବା ପରେ ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କ ମିତ୍ରମାନଙ୍କର ଅକ୍ଟୋବର ୨୦୨୫ରୁ ମାର୍ଚ୍ଚ ୨୦୨୬ ମସିହା ପର୍ଯ୍ୟନ୍ତ ୬ ମାସର ଦରମା ମିଳିନାହିଁ। ଏହି ଦରମା କରାଇ ଦେବା ପାଇଁ ସାରା ବ୍ଲକ୍‌ରୁ ପ୍ରାୟ ୯ ଲକ୍ଷ ଟଙ୍କା ସଂପୃକ୍ତ ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କ ମିତ୍ରଙ୍କଠାରୁ ଆଦାୟ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ପ୍ରତି ସିଆର୍‌ପିଙ୍କ ଠାରୁ ୩ ହଜାର, ଏମ୍‌ବିକେଙ୍କ ଠାରୁ ଜଣପିଛା ୬ ହଜାର ଓ ବ୍ୟାଙ୍କ ମିତ୍ରଙ୍କ ଠାରୁ ଜଣ ପିଛା ୬ ହଜାର ଟଙ୍କା ଲେଖାଏଁ ମୋଟ ୯ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଓଏଲ୍‌ଏମ୍‌ର ବରିଷ୍ଠ ଅଧିକାରୀଙ୍କ ନିର୍ଦ୍ଦେଶରେ ଏହି ଟଙ୍କା ଆଦାୟ ହୋଇଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଏହି ଆଦାୟ ଟଙ୍କାକୁ ରାଜନେତା, ସରକାରୀ ଅଧିକାରୀ ଓ ଓଏଲ୍‌ଏମ୍‌ର ଅଧିକାରୀଙ୍କ ମଧ୍ୟରେ ଭାଗ ବଣ୍ଟା କରି ନେଇଥିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥିରେ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ସେହିପରି ଅନିଚ୍ଛା ସତ୍ତ୍ୱେ ଲାଞ୍ଚ ଟଙ୍କା ଦେଇଥିବା କେତେକ ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କ ମିତ୍ର ମାନଙ୍କ ଅଭିଯୋଗ ଅନୁଯାୟୀ ଲାଞ୍ଚ ନ ଦେଲେ ତୁମର ଦରମା ହେବ ନାହିଁ ବୋଲି ଆମକୁ ଭୟଭୀତ କରିବାରୁ ଆମେ ଦରମା ପାଇବା ଆଶାରେ ସେମାନଙ୍କୁ ଲାଞ୍ଚ ଦେଇଛୁ ବୋଲି କହିଛନ୍ତି। ଏପରିକି ଆମ ଲାଞ୍ଚ ଟଙ୍କା ନ ଫେରାଇଲେ ଆମେ ବାଧ୍ୟ ହୋଇ ଯାଜପୁର ଜିଲ୍ଲାପାଳ, ବିଭାଗୀୟ ମନ୍ତ୍ରୀ ଏବଂ ଆବଶ୍ୟକ ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବୁ ବୋଲି ଚେତାବନୀ ଦେଇଛନ୍ତି। ତେବେ ଏଭଳି ଦୁର୍ନୀତିରେ ସମ୍ପୃକ୍ତ ଜଣେ ଅଧିକାରୀଙ୍କର ଏହି ବ୍ଲକରୁ ଅନ୍ୟତ୍ର ବଦଳି ହୋଇଯାଇଥିବା ବେଳେ ତାଙ୍କୁ ତଦନ୍ତ ପରିସରକୁ ଆଣିବା ସହ ଅନ୍ୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କ ମିତ୍ର ଭାବେ କାର୍ଯ୍ୟକରୁଥିବା ମହିଳା।

ଶିଶୁ ଶ୍ରମମୁକ୍ତ ପଞ୍ଚାୟତ ଗଠନ ପାଇଁ ସଚେତନତା

ମଙ୍ଗଳପୁର,୨୯।୧୦(ସମିସ): ଶିଶୁ ଶ୍ରମିକ ମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ଲକ୍ଷ୍ୟରେ ଦଶରଥପୁର ବ୍ଲକ୍‌ର କନିକାପଡ଼ା ଗ୍ରାମ ପଞ୍ଚାୟତରେ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ସଚେତନତା ସଭା ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କନିକାପଡ଼ା ଅପର ପ୍ରାଇମେରୀ ସ୍କୁଲଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇ ଶିଶୁ ଶ୍ରମ ନିରାକରଣ ନିମନ୍ତେ ସଚେତନତାର ବାର୍ତ୍ତା ପ୍ରଚାର କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ସହକାରୀ ଶ୍ରମ ଅଧିକାରୀ ସୌମ୍ୟସୁନ୍ଦର ରାଉତରାୟଙ୍କ ସମେତ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିତ୍ୱ ପଦଯାତ୍ରାରେ ସାମିଲ ହୋଇଥିଲେ। ସେମାନେ ଶିଶୁ ଶ୍ରମର କୁପରିଣାମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ପ୍ରତ୍ୟେକ ଶିଶୁଙ୍କ ପାଇଁ ଶିକ୍ଷା, ସୁରକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବାକୁ ଆହ୍ୱାନ ଦେଇଥିଲେ। କନିକାପଡା ସରକାରୀ ଉପ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବ୍ରତ କୁମାର ସୁତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏସଜି କଲିଜିଏଟ ସ୍କୁଲର ପ୍ରଧାନ ଶିକ୍ଷକ ଅନିଲ କୁମାର ରାୟ, ସହକାରୀ ଶିକ୍ଷକ ଉମେଶ ଦାସ, ପୂର୍ବତନ ସମିତି ସଭ୍ୟ ରାକେଶ କୁମାର ସାହୁ, ସହକାରୀ ଶ୍ରମ ଅଧିକାରୀ ସୌମ୍ୟ ସୁନ୍ଦର ରାଉତ ରାୟ ପ୍ରମୁଖ ଯୋଗ ଦେଇ ଶିଶୁ ଶ୍ରମ ନିରାକରଣର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଶିଶୁ ଶ୍ରମମୁକ୍ତ ପଞ୍ଚାୟତ ଗଠନ ପାଇଁ ଉପସ୍ଥିତ ସମସ୍ତଙ୍କୁ ସଂକଳ୍ପ ପାଠ କରାଇଥିଲେ।ଏହି କାର୍ଯ୍ୟକ୍ରମରେ ୭୦ରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ। ଏଥିରେ ଛାତ୍ରଛାତ୍ରୀ, ଶିକ୍ଷକ, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ପଞ୍ଚାୟତ ପ୍ରତିନିଧି, ବରିଷ୍ଠ ନାଗରିକ ଓ ବ୍ୟବସାୟୀମାନେ ସାମିଲ ହୋଇଥିଲେ। ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନର ସହଯୋଗରେ ଆୟୋଜିତ ଏହି ସଚେତନତା ସଭା ସହ ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଶୁ ଶ୍ରମର କୁପରିଣାମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏବଂ କନିକାପଡ଼ା ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ ସାମୂହିକ ଉଦ୍ୟମକୁ ସୁଦୃଢ଼ କରିବା। କାର୍ଯ୍ୟକ୍ରମ ପରିଚାଳନାରେ ଚିତ୍ତରଞ୍ଜନ ଦାସ, ଶଶିକାନ୍ତ ପ୍ରଧାନ,କପିଳ ଚରଣ ଦାସ, ମନୋଜ ମହାପାତ୍ର, ସୁମନ୍ତ କୁମାର ମହାପାତ୍ର, ତପନ କୁମାର ଦାସ, ଅଲେଖ ଭଞ୍ଜ, ତପନ କୁମାର ପତି ପ୍ରମୁଖ ସହଯୋଗ କରିଥିଲେ।

ଡାକବଙ୍ଗଳାରେ ଚାଲିଛି ଦଶରଥପୁର ଥାନା

ଦଶରଥପୁର,୨୯।୧୦(ସମିସ): ଆଇନଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ପୋଲିସ ବିଭାଗର ପ୍ରମୁଖ ଦାୟିତ୍ୱ। ମାତ୍ର ଯେଉଁ ଥାନା ଉପରେ ଅଞ୍ଚଳବାସୀଙ୍କ ସୁରକ୍ଷାର ଗୁରୁଦାୟିତ୍ୱ ନ୍ୟସ୍ତ, ସେହି ଥାନାର ନିଜସ୍ୱ ଭିତ୍ତିଭୂମି ନଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଯାଜପୁର ଜିଲ୍ଲାର ଦଶରଥପୁର ଥାନା ଆଜି ବି ଡାକବଙ୍ଗଳାରେ ଚାଲିଥିବାବେଳେ ଏଠାରେ ନାହିଁ ଅଭିଯୁକ୍ତଙ୍କୁ ରଖିବା ପାଇଁ ହାଜତ, ନା ଅଛି ପୋଲିସ କର୍ମଚାରୀଙ୍କ ରହିବା ପାଇଁ ଆବଶ୍ୟକ ଗୃହ। ସେମାନଙ୍କୁ ରହଣି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଦିନରାତି ଲୋକଙ୍କ ସୁରକ୍ଷାରେ ନିୟୋଜିତ ରହୁଥିବା ପୋଲିସ କର୍ମଚାରୀଙ୍କ ପାଇଁ ମୌଳିକ ସୁବିଧାର ଅଭାବ ରହିବା ଥାନାର କାର୍ଯ୍ୟ ପରିବେଶକୁ ନେଇ ଚିନ୍ତା ବଢ଼ାଇଛି।ଅନ୍ୟପକ୍ଷରେ, ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବା ମଧ୍ୟ ଏକ ପ୍ରମୁଖ ସମସ୍ୟା। ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା, ଅଭିଯୋଗର ତଦନ୍ତ, ଅପରାଧ ନିୟନ୍ତ୍ରଣ ଓ ନିୟମିତ ପାଟ୍ରୋଲିଂ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବା ପାଇଁ ପୁଲିସ କର୍ମଚାରୀଙ୍କ ଉପସ୍ଥିତି ଅତ୍ୟନ୍ତ ଆବଶ୍ୟକ।

ଏପରି ସ୍ଥିତିରେ ଭିତ୍ତିଭୂମି ଅଭାବ ସହ କର୍ମଚାରୀ ସମସ୍ୟା ଥାନାର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ପାଇଁ ଏକ ଆହ୍ୱାନ ସୃଷ୍ଟି କରୁଛି।ଏ ସମ୍ପର୍କରେ ଦଶରଥପୁର ଥାନା ଅଧିକାରୀ ସୁବ୍ରତ ସାହୁ କହିଛନ୍ତି ଯେ ଥାନାରେ କର୍ମଚାରୀ ଅଭାବ ରହିଛି। ସେହିପରି କର୍ମଚାରୀଙ୍କ ରହିବା ପାଇଁ ବାସଗୃହ ଓ ଅଭିଯୁକ୍ତଙ୍କୁ ରଖିବା ପାଇଁ ହାଜତ ବ୍ୟବସ୍ଥା ନାହିଁ। ଏଭଳି ଅସୁବିଧା ମଧ୍ୟରେ ଥାନାର କାର୍ଯ୍ୟ ପରିଚାଳନା କରାଯାଉଛି। ଏପରିକି କର୍ମଚାରୀ ଅଭାବ ମଧ୍ୟ ଥାନାର କାର୍ଯ୍ୟ ପରିଚାଳନାକୁ ଆହୁରି ଜଟିଳ କରୁଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଦଶରଥପୁର ଥାନା ପାଇଁ ୨୦୨୩ ଜାନୁଆରୀ ୯ ତାରିଖରେ ନୂତନ ଗୃହ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାଦ୍ୱାରା ଥାନାକୁ ନିଜସ୍ୱ କୋଠା ଓ ଆବଶ୍ୟକ ସୁବିଧା ମିଳିବ ବୋଲି ଅଞ୍ଚଳବାସୀ ଆଶା ବାନ୍ଧିଥିଲେ। କିନ୍ତୁ ଭିତ୍ତିପ୍ରସ୍ତର ସ୍ଥାପନର ଦୀର୍ଘ ସମୟ ପରେ ମଧ୍ୟ ଥାନା ଡାକବଙ୍ଗଳାରେ କାର୍ଯ୍ୟ କରୁଥିବାରୁ ଥାନାର ଭିତ୍ତିଭୂମି ବିକାଶକୁ ନେଇ ପ୍ରଶ୍ନ ଉଠିଛି। ନୂତନ ଥାନା ଗୃହ ନିର୍ମାଣର ବର୍ତ୍ତମାନ ସ୍ଥିତି କ'ଣ ଏବଂ କେବେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ତାହାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ଥାନାରେ ହାଜତ ବ୍ୟବସ୍ଥା ନଥିବାରୁ ଅଭିଯୁକ୍ତଙ୍କୁ ରଖିବା ସମ୍ପର୍କିତ କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେବାର ଆଶଙ୍କା ରହୁଛି। ସେହିପରି ପୋଲିସ କର୍ମଚାରୀଙ୍କ ରହିବା ପାଇଁ ସରକାରୀ ବାସଗୃହ ନଥିବାରୁ ଦଶରଥପୁର ଭଳି ଏକ ବଡ଼ ଅଞ୍ଚଳର ଆଇନଶୃଙ୍ଖଳା ଦାୟିତ୍ୱ ବହନ କରୁଥିବା ଥାନାର ଏଭଳି ସ୍ଥିତିକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଉଛି। ଥାନାର ନିଜସ୍ୱ କୋଠା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ହାଜତ, କର୍ମଚାରୀଙ୍କ ରହଣି ଗୃହ ଓ ଆବଶ୍ୟକ କର୍ମଚାରୀ ଯୋଗାଇଦେବାକୁ ଦାବି ହେଉଛି। ଭିତ୍ତିପ୍ରସ୍ତର ସ୍ଥାପନ ପରେ ମଧ୍ୟ ଯଦି ଥାନା ନିଜସ୍ୱ ଭିତ୍ତିଭୂମିରୁ ବଞ୍ଚିତ ରହେ, ତେବେ ଏହାର ସମାଧାନ କେବେ ହେବ ବୋଲି ଏବେ ପ୍ରଶ୍ନ ଉଠୁଛି। ସମ୍ପୃକ୍ତ ବିଭାଗ ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ଶୀଘ୍ର ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

ଆଇନ ସେବା ପ୍ରାଧିକରଣ ପକ୍ଷରୁ 'ସୁରକ୍ଷିତ ଶୈଶବ ଅଭିଯାନ'

ଯାଜପୁର,୨୯ ।୧୦(ସମିସ): ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ପ୍ରଦାନ କରିବା ସହ ସେମାନଙ୍କ ଅଧିକାର ଓ ଆଇନଗତ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ "ସୁରକ୍ଷିତ ଶୈଶବ ଅଭିଯାନ' ଅନ୍ତର୍ଗତ ଏକ ସଚେତନତା ସଭା ଆଜି ଯାଜପୁର ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଅଧିନିୟମ, ୨୦୧୨ ଆଧାରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଅମୃତ ରଞ୍ଜନ ନନ୍ଦ ଅଧ୍ୟକ୍ଷତା କରିଥିଲେ।

ଏହି ଅବସରରେ ଶ୍ରୀ ନନ୍ଦ ନିଜ ବକ୍ତବ୍ୟରେ ପ୍ରତ୍ୟେକ ଶିଶୁର ଶୈଶବକୁ ସୁସ୍ଥ, ସକ୍ରିୟ, ଆନନ୍ଦମୟ ଓ ସୁରକ୍ଷିତ କରିବା ଦିଗରେ ସମସ୍ତଙ୍କର ମିଳିତ ଦାୟିତ୍ୱ ରହିଛି ବୋଲି ମତପ୍ରକାଶ କରିଥିଲେ। ଶିଶୁମାନେ ଯେପରି ଭୟ ଓ ଆଶଙ୍କାମୁକ୍ତ ପରିବେଶରେ ଜୀବନ ଅତିବାହିତ କରିପାରିବେ, ସେଥିପାଇଁ ପରିବାର, ବିଦ୍ୟାଳୟ ଓ ସମାଜର ପ୍ରତ୍ୟେକ ବ୍ୟକ୍ତି ଯତ୍ନବାନ ହେବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଥିଲେ।

ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ଲିପା ମହାନ୍ତି ନିଜ ବକ୍ତବ୍ୟରେ ଶିଶୁମାନଙ୍କ ସୁରକ୍ଷା, ସଂରକ୍ଷଣ ଓ ଅଧିକାର ସେମାନଙ୍କର ଆଇନଗତ ଅଧିକାର ବୋଲି ଉଲ୍ଲେଖ କରିଥିଲେ। ଶିଶୁମାନଙ୍କ ଅଧିକାରର ସୁରକ୍ଷା ଓ ନ୍ୟାୟ ପ୍ରଦାନ ଦିଗରେ ପ୍ରାଧିକରଣ ସର୍ବଦା ସଚେତନ ରହିବା ସହ ଆବଶ୍ୟକ ସ୍ଥଳେ ଆଇନଗତ ସହାୟତା ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ।

ଏହି ଅଭିଯାନର ଅଂଶସ୍ୱରୂପ ଗତ ୨୭ ତାରିଖଠାରୁ ଯାଜପୁରସ୍ଥିତ ହରି ସାମନ୍ତ ଉଚ୍ଚ ବିଦ୍ୟାଳୟ, ନାଥସାହି ପଞ୍ଚାୟତ ହାଇସ୍କୁଲ ଏବଂ ସରସ୍ୱତୀ ଶିଶୁ ମନ୍ଦିରଠାରେ ମଧ୍ୟ ଆଇନ ସଚେତନତା ସଭାମାନ ଆୟୋଜନ କରାଯାଇଥିଲା। ଏହି ସଚେତନତା ସଭାଗୁଡ଼ିକରେ ଯଥାକ୍ରମେ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ, ବରିଷ୍ଠ ଦେୱାନୀ ବିଚାରପତି ନୀଳିମା ପଣ୍ଡା ଏବଂ ସିନିୟର ସିଭିଲ ଜଜ୍ ଏଲଆର୍ ଏଲଟିଭି ଲୋପାମୁଦ୍ରା ବେହେରା ଯୋଗଦେଇଥିଲେ। ସେମାନେ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ଶିଶୁଙ୍କ ସୁରକ୍ଷାରେ ଶିକ୍ଷକ, ଅଭିଭାବକ, ନାଗରିକ ସମାଜ ଓ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ତଥା ଶିଶୁମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଆଇନ ସେବା ପ୍ରାଧିକରଣର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅଭିଯାନର ସଫଳ ପରିଚାଳନାରେ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀ, ଶିକ୍ଷାକର୍ମୀ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀମାନେ ସହଯୋଗ କରିଥିଲେ।

ସ୍ୱର୍ଗତ ନରେନ୍ଦ୍ର ଗୁରୁଜୀଙ୍କ ସ୍ମୃତିଚାରଣ

ପାଣିକୋଇଲି,୨୯।୧୦(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କାର୍ଯ୍ୟକାରୀ ପ୍ରଧାନଆଚାର୍ଯ୍ୟ ସ୍ୱର୍ଗତ ନରେନ୍ଦ୍ର ତ୍ରିପାଠୀଙ୍କର ଗତ ୧୮ ତାରିଖରେ ହୃଦ୍‌ଘାତରେ ପରଲୋକ ହୋଇଥିଲା। ଆଜି ତାଙ୍କ ଦ୍ୱାଦଶରେ ତିଥିରେ ବିଦ୍ୟାଳୟ ପରିସରରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ବୃନ୍ଦାବନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସଙ୍କୁଳ ସଂଯୋଜକ ତ୍ରିଲୋଚନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ମନ୍ଦିର ଜିଲ୍ଲା ପ୍ରମୁଖ ଅଶୋକ ସାହୁ, ସଙ୍କୁଳ ପ୍ରମୁଖ ଅଶୋକ କୁମାର ଶତପଥି,

ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ସମ୍ପାଦକ ଦିଲ୍ଲୀପ କୁମାର ଧଳ, ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ବାସୁଦେବ ପରିଡ଼ା, ସମ୍ପାଦକ ବିଷ୍ଣୁ ଚରଣ ଧଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁଜୀ ପ୍ରମୋଦ ପଣ୍ଡା, ମମତା ମଞ୍ଜରୀ ସାହୁ, ହେମନ୍ତ ଗୁରୁଜୀ, ପ୍ରତିମା ମଞ୍ଜରୀ ଗୁରୁମା ଓ ସଙ୍କୁଳର ସମସ୍ତ ୭ଟି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ/ଆଚାର୍ଯ୍ୟା ପରିଚାଳନା ସମିତି ସଦସ୍ୟ ବୃନ୍ଦ, ଉପସଭାପତି ନିରଞ୍ଜନ ସେଠୀ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ନାଣ୍ଟୁ ମଳିକ, ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ପ୍ରତାପ ଧଳ, ଶରତ ଚନ୍ଦ୍ର ଧଳ, ଗଦାଧର ଧଳ, ଭବରଞ୍ଜନ ଧଳ, ଅଭିଭାବକ, ଛାତ୍ରଛାତ୍ରୀ ସ୍ମୃତିଚାରଣ କରିଥିଲେ।

ବନଲତା ଦେବୀଙ୍କ ପ୍ରଥମ ବାର୍ଷିକ ସ୍ମୃତିଚାରଣ ସଭା

ଜେନାପୁର,୨୯।୧୦(ସମିସ): ଧର୍ମଶାଳା ବ୍ଲକ୍ ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ସ୍ୱର୍ଗତ ପୂଜ୍ୟା ଡ.ବନଲତା ଦେବୀଙ୍କ ପ୍ରଥମ ବାର୍ଷିକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ପୂଜ୍ୟଶ୍ରୀ କୁମାର ଭାଇ ଓ ସ୍ୱର୍ଗତ ପୂଜ୍ୟା ଡ. ବନଲତା ଦେବୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିବା ପୂର୍ବକ ଭାଗବତ ଗୀତା ପୂଜକ ରଘୁନାଥ ଶତପଥୀଙ୍କ ଦ୍ୱାରା ପାଠ କରାଯାଇଥିଲା। ଉକ୍ତ ସଭାରେ ନାରାୟଣ ଶୋଭନୀୟ ଶିକ୍ଷାଶ୍ରମର ସମ୍ପାଦକ ଡ.ବିଷ୍ଣୁପ୍ରସାଦ ଶତପଥୀ ସଭାପତିତ୍ୱ କରିଥିଲେ। ଏଥିରେ ମଞ୍ଚାସୀନ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କର୍ମଚାରୀ ସମାଜସେବୀ ରଘୁନାଥ ଶତପଥୀ, ସମାଜସେବୀ ପଦ୍ମନାଭ ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ଓଝା, ପୂଜ୍ୟା ବିଦ୍ୟୁଲତା ଶତପଥୀ ଓ ଚାରୁଲତା ଦେବୀ

ଯୋଗଦେଇ ତାଙ୍କ ଜୀବନୀ ଓ ସ୍ମୃତି ଉପରେ ଗୁଣଗାନ କରିଥିଲେ। ଅତିଥିଙ୍କ ଦ୍ୱାରା ସ୍ୱର୍ଗତ ଡ. ବନଲତା ଦେବୀଙ୍କ 'ସୃଷ୍ଟି ସମ୍ଭାର' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିରେ ନାରାୟଣ ଶୋଭନୀୟ ଶିକ୍ଷାଶ୍ରମର ସମସ୍ତ ଗୁରୁଜୀ, ଗୁରୁ ମା' ଓ ସମସ୍ତ ପରିବାରବର୍ଗ ଉପସ୍ଥିତ ରହି ସହଯୋଗ କରିଥିଲେ। ସଭା ଶେଷରେ ନାରାୟଣ ଶୋଭନୀୟ ଶିକ୍ଷାଶ୍ରମର ପ୍ରଧାନ ଆଚାର୍ଯ୍ୟା ସୁଧାଂଶୁବାଳା ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

ଚମ୍ପାପାଳରେ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ

ବିଞ୍ଝାରପୁର,୨୯।୧୦(ସମିସ): ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ହଳଦୀଡିହ ପଞ୍ଚାୟତର ଚମ୍ପାପାଳ ଗ୍ରାମରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମଦେବତୀ ମା' ସାଆଁଳା ସୁନ୍ଦରୀଙ୍କ ମନ୍ଦିର ପରିସରରେ ମନୋଜ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜଗନ୍ନାଥ ମନ୍ଦିର ନିର୍ମାଣର ଆବଶ୍ୟକତା, ଏହାର ରୂପରେଖ ଏବଂ ଅଞ୍ଚଳରେ ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଜଗନ୍ନାଥ ଚେତନାର ବିକାଶ ସହ ଧାର୍ମିକ ଓ ସାଂସ୍କୃତିକ ପରମ୍ପରାକୁ ସମୃଦ୍ଧ କରିବା ଦିଗରେ ଏହି ମନ୍ଦିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତ ପ୍ରକାଶ କରିଥିଲେ। ଏହି ବୈଠକରେ ସଭାପତି ସୁବାସ ଚନ୍ଦ୍ର ନାୟକ, ସମ୍ପାଦକ ହୃଦାନନ୍ଦ ନାୟକ, ଅନଙ୍ଗଦେବ ଦାଶ, ଶୁକଦେବ ଢାଲି, କୃଷ୍ଣଚନ୍ଦ୍ର ଦାସ, ବିରଞ୍ଚି ନାରାୟଣ ବେହେରା, ରବୀନ୍ଦ୍ର ବେହେରା, ଗୁରୁଚରଣ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି, ସାଂସଦଙ୍କ ପ୍ରତିନିଧି ଜୟଜୟ ବେହେରା, ରଶ୍ମୀରଞ୍ଜନ ନାୟକ, ସମାଜସେବୀ ବିଜୟ କୁମାର ଧଳ, ଦଣ୍ଡହରି ମଲ୍ଲିକ, ସରୋଜ ଦାଶ, କାର୍ତ୍ତିକ ମଲ୍ଲିକ ଓ ମୁରଲୀଧର ନାୟକଙ୍କ ସମେତ ଆଉଁରୀ, ହଳଦୀଡିହ ଓ ବାଙ୍ଗରା ପଞ୍ଚାୟତର ବହୁ ବୁଦ୍ଧିଜୀବୀ ଏବଂ ଜଗନ୍ନାଥପ୍ରେମୀ ଯୋଗ ଦେଇଥିଲେ। ଶେଷରେ ମା' ସାଆଁଳା ସୁନ୍ଦରୀଙ୍କ ମନ୍ଦିର ନିକଟରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ କରି ଅଞ୍ଚଳରେ ମହାପ୍ରଭୁ ଜଗନ୍ନାଥଙ୍କ ମହିମା ଓ ସଂସ୍କୃତିର ପ୍ରଚାରପ୍ରସାରକୁ ବ୍ୟାପକ କରିବା ପାଇଁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା।

ଗୋଟିଏ ଭୁଲ୍ କ୍ଲିକ୍‌ରେ ଖାଲି ହୋଇଯାଉଛି ଆକାଉଣ୍ଟ, ସଚେତନତା ଜରୁରୀ

କର୍ଯ୍ୟାଁଗୋଲା,୨୯।୧୦(ସମିସ)

ଦିନକୁ ଦିନ ଇଣ୍ଟରନେଟ୍‌ର ବ୍ୟବହାର ବଢ଼ିଚାଲିଥିବା ବେଳେ ଏହା ସହିତ ସମାନ ତାଳରେ ବଢ଼ିଚାଲିଛି ସାଇବର ଅପରାଧ। ମୋବାଇଲ୍ ଫୋନ୍‌ର ଗୋଟିଏ କ୍ଲିକ୍‌ରେ ଅନେକ କାମ ସହଜ ହୋଇଯାଇଥିଲେ ମଧ୍ୟ ସାମାନ୍ୟ ଅସାବଧାନତା ଏବେ ଲୋକଙ୍କୁ ବଡ଼ ଆର୍ଥିକ କ୍ଷତିରେ ପକାଇ ଦେଉଛି। ଅଜଣା ଲିଙ୍କ୍‌ରେ କ୍ଲିକ୍, ଅଜଣା ଫୋନ୍ କଲ୍, ନକଲି ବାର୍ତ୍ତା, ଅନଲାଇନ୍ ପ୍ରଲୋଭନ ଓ ବିଭିନ୍ନ ଡିଜିଟାଲ ଠକେଇ ମାଧ୍ୟମରେ ଠକମାନେ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ହାସଲ କରି ଟଙ୍କା ଲୁଟି ନେଉଛନ୍ତି। ସାଇବର ଠକେଇର ତରିକା ମଧ୍ୟ ବଦଳୁଛି। କେତେବେଳେ ଅଧିକ ଲାଭର ପ୍ରଲୋଭନ ଦିଆଯାଉଛି, ତ କେତେବେଳେ ଭୁଆ ପରିଚୟ ଦେଇ ବିଶ୍ୱାସ ଜନ୍ମାଇ ଲୋକଙ୍କଠାରୁ ଗୋପନୀୟ ତଥ୍ୟ ହାସଲ କରାଯାଉଛି। ଏହା ପରେ ବ୍ୟାଙ୍କ ଖାତା, ଡିଜିଟାଲ ୱାଲେଟ୍ କିମ୍ବା ଅନ୍ୟାନ୍ୟ ମାଧ୍ୟମରୁ ଟଙ୍କା ହଡ଼ପ କରାଯାଉଛି। ଅନେକ କ୍ଷେତ୍ରରେ ଠକେଇର ଶିକାର ହୋଇଥିବା ଲୋକ ଘଟଣା ବୁଝିବା ବେଳକୁ ତାଙ୍କ ଟଙ୍କା ଅନ୍ୟ ଖାତାକୁ ଚାଲିଯାଇଥାଏ। ବିଶେଷଜ୍ଞଙ୍କ ମତରେ, ଅନଲାଇନ୍ କାରବାର ବଢ଼ିବା

ସହିତ ଠକେଇର ନୂଆ ନୂଆ ଉପାୟ ମଧ୍ୟ ସାମ୍ନାକୁ ଆସୁଛି। ସାଇବର ଅପରାଧର ତଦନ୍ତରେ ଜଟିଳତା, ଅପରାଧୀଙ୍କ ଦ୍ୱାରା ନକଲି ପରିଚୟ ଓ ବିଭିନ୍ନ ଡିଜିଟାଲ ମାଧ୍ୟମର ବ୍ୟବହାର ତଦନ୍ତକୁ ଆହୁରି କଷ୍ଟକର କରୁଛି। ଫଳରେ ଠକମାନେ ପ୍ରତିଥର ନୂଆ କୌଶଳ ଆପଣାଇ ଲୋକଙ୍କୁ ଫସାଇବାକୁ ଚେଷ୍ଟା କରୁଛନ୍ତି।

ସାଇବର ଅପରାଧର ମୁଖ୍ୟ କାରଣ ମଧ୍ୟରୁ ସଚେତନତାର ଅଭାବ ଅନ୍ୟତମ। ଅନେକ ଲୋକ ଅଜଣା ବ୍ୟକ୍ତିଙ୍କୁ ଫୋନ୍‌ରେ ବ୍ୟକ୍ତିଗତ ତଥ୍ୟ ଦେଇଦେଉଛନ୍ତି। ଓଟିପି, ପିନ୍, ପାସୱାର୍ଡ କିମ୍ବା ବ୍ୟାଙ୍କ ସମ୍ପର୍କିତ ଗୋପନୀୟ ତଥ୍ୟ କାହା ସହିତ ମଧ୍ୟ ସେୟାର ନ କରିବା ନେଇ ସଚେତନତା ଜରୁରୀ। ନକଲି ଚାକିରି, ଅନଲାଇନ୍ ନିବେଶ, ପୁରସ୍କାର, ଋଣ, ବ୍ୟାଙ୍କ ସେବା, କେୱାଇସି ଅଦ୍ୟତନ ଭଳି ବିଭିନ୍ନ ଆଳରେ ଲୋକଙ୍କୁ ଯୋଗାଯୋଗ କରାଯାଉଛି। ଲୋକଙ୍କ ମନରେ ଭୟ କିମ୍ବା ଲୋଭ ସୃଷ୍ଟି କରି ତୁରନ୍ତ ନିଷ୍ପତ୍ତି ନେବାକୁ ବାଧ୍ୟ କରିବା ଠକମାନଙ୍କ ଏକ ପ୍ରମୁଖ କୌଶଳ ପାଲଟିଛି। ସାଇବର ଅପରାଧକୁ ରୋକିବା କେବଳ ପୁଲିସ କିମ୍ବା ସରକାରଙ୍କ ଦାୟିତ୍ୱ ନୁହେଁ। ନିଜ ବ୍ୟକ୍ତିଗତ ଓ ଆର୍ଥିକ ତଥ୍ୟର ସୁରକ୍ଷା ପାଇଁ ପ୍ରତ୍ୟେକ ନାଗରିକଙ୍କୁ ସଚେତନ ହେବାକୁ ପଡ଼ିବ।

ସେମାନଙ୍କ ମତରେ...

ସାଇବର ଠକେଇରୁ ରକ୍ଷା ପାଇବା ପାଇଁ ସଚେତନତା ହିଁ ସବୁଠାରୁ ବଡ଼ ଅସ୍ତ୍ର। ଅଜଣା ଫୋନ୍ କଲ୍, ଲିଙ୍କ୍ କିମ୍ବା ବାର୍ତ୍ତା ମାଧ୍ୟମରେ କେହି ଓଟିପି, ପିନ୍, ପାସୱାର୍ଡ କିମ୍ବା ବ୍ୟାଙ୍କ ସମ୍ପର୍କିତ ଗୋପନୀୟ ତଥ୍ୟ ମାଗିଲେ ତାହା କେବେ ମଧ୍ୟ ପ୍ରଦାନ କରନ୍ତୁ ନାହିଁ। ଅନଲାଇନ୍‌ରେ ଅଧିକ ଲାଭର ପ୍ରଲୋଭନ ଦେଖାଉଥିବା ବ୍ୟକ୍ତି କିମ୍ବା ସଂସ୍ଥା ପ୍ରତି ସତର୍କ ରୁହନ୍ତୁ। କୌଣସି ସାଇବର ଠକେଇର ଶିକାର ହେଲେ ଭୟଭୀତ ନହୋଇ ତୁରନ୍ତ ପୋଲିସ କିମ୍ବା ସାଇବର ଅପରାଧ ହେଲ୍ପଲାଇନ୍ ୧୯୩୦ରେ ଯୋଗାଯୋଗ କରନ୍ତୁ। ସାମାନ୍ୟ ସତର୍କତା ଦ୍ୱାରା ଅନେକ ବଡ଼ ଆର୍ଥିକ କ୍ଷତିକୁ ଏଡ଼ାଇ ହେବ।

-ଭୁବନ ମୋହନ ସେଠୀ
ମଙ୍ଗଳପୁର ଥାନା ଅଧିକାରୀ

ବର୍ତ୍ତମାନ ସମୟରେ ଡିଜିଟାଲ ଜ୍ଞାନ ଯେତିକି ଆବଶ୍ୟକ, ସାଇବର ସୁରକ୍ଷା ସମ୍ପର୍କରେ ସଚେତନତା ମଧ୍ୟ ସେତିକି ଜରୁରୀ। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଅଭିଭାବକ ଓ ସାଧାରଣ ଲୋକ ସମସ୍ତେ ମୋବାଇଲ୍ ଓ ଇଣ୍ଟରନେଟ୍‌ର ସୁରକ୍ଷିତ ବ୍ୟବହାର ବିଷୟରେ ଜାଣିବା ଆବଶ୍ୟକ। ନିୟମିତ ସାଇବର ସଚେତନତା କାର୍ଯ୍ୟକ୍ରମ କରାଗଲେ ନୂଆ ପିଢ଼ି ନିଜେ ସୁରକ୍ଷିତ ରହିବା ସହ ପରିବାର ଓ ସମାଜକୁ ମଧ୍ୟ ସଚେତନ କରିପାରିବ।

ବିପନ କୁମାର ରାୟ, ଶିକ୍ଷକ

ସକାଳ
THE SAKALA

ଜଳବାୟୁ ଓ ଜନସ୍ୱାସ୍ଥ୍ୟ

ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଏବଂ ବୈଶ୍ୱିକ ତାପମାତ୍ରା ବୃଦ୍ଧିର କୁପ୍ରଭାବ ଆଉ କେବଳ ପରିବେଶରେ ସୀମିତ ହୋଇରହିନାହିଁ। କ୍ରମଶଃ ଏହା ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ନିରାପତ୍ତା ଆଦି କ୍ଷେତ୍ରକୁ ପ୍ରଭାବିତ କରିଚାଲିଛି। ସ୍ୱନାମଧନ୍ୟ ବିଜ୍ଞାନ ପତ୍ରିକା 'ଲାନସେଟ୍'ର ନିକଟରେ ପ୍ରକାଶିତ ଜଳବାୟୁ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟ ଜଳବାୟୁ ଅସ୍ୱାଭାବିକ ପରିବର୍ତ୍ତନ ପ୍ରଭାବର ଏହି ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି ଏବଂ ସମ୍ଭାବ୍ୟ ବିପଦ ପ୍ରତି ସାବଧାନ ହେବାକୁ ଚେତାବନୀ ଦେଇଛି। ବିଶେଷକରି ଭାରତ ଭଳି ଜନବହୁଳ ଦେଶ ପାଇଁ ଏହା ଅଧିକ ଚିନ୍ତାଜନକ ବୋଲି କହିଛି। ଭାରତର ଗ୍ରୀଷ୍ମପ୍ରବାହ, ଅତ୍ୟଧିକ ତାପମାତ୍ରା, ବାୟୁପ୍ରଦୂଷଣ ଓ ସଂକ୍ରାମକ ରୋଗର କ୍ରମବର୍ଦ୍ଧିଷ୍ଣୁ ଧାରା ଜନସ୍ୱାସ୍ଥ୍ୟ ପାଇଁ ନୂଆ ସଙ୍କଟ ସୃଷ୍ଟି କରୁଛି। ଏଥିରେ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି ଗରିବ, ଶ୍ରମଜୀବୀ ଭଳି ଉପେକ୍ଷିତ ବର୍ଗ।

ଦିନକୁ ଦିନ ବାୟୁମଣ୍ଡଳ ଓ ପରିବେଶର ତାପମାତ୍ରା ବଢ଼ିବାରେ ଲାଗିଛି ଏବଂ ନୂଆ ନୂଆ ରେକର୍ଡ ସୃଷ୍ଟି ହେଉଛି। ଅତ୍ୟଧିକ ଗରମ ଶରୀରର ସ୍ୱାଭାବିକ ତାପମାତ୍ରା ନିୟନ୍ତ୍ରଣ ପ୍ରକ୍ରିୟାକୁ ବାଧା ଦେଇ ଅଂଶୁଘାତ ସମସ୍ୟା ବୃଦ୍ଧି କରୁଛି। ପୂର୍ବରୁ କେବଳ ବୟସ୍କ ଓ ଶିଶୁମାନେ ଅଂଶୁଘାତରେ ପ୍ରଭାବିତ ହେଉଥିବା ବେଳେ ଏବେ ହୃଦ୍‌ରୋଗୀ ଓ ଶ୍ୱାସଜନିତ ରୋଗ ଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା ଗୁରୁତର ସ୍ୱାସ୍ଥ୍ୟସଙ୍କଟ ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି। 'ଲାନ୍‌ସେନଟ୍' ରିପୋର୍ଟ ଅନୁଯାୟୀ, ୨୦୨୪ ମସିହାରେ ଭାରତର ଲୋକମାନେ ହାରାହାରି ୧୯.୮ ଦିନ ଗ୍ରୀଷ୍ମପ୍ରବାହର ସମ୍ମୁଖୀନ ହୋଇଥିଲେ। ସେଥିମଧ୍ୟରୁ ୬.୬ ଦିନର ଗ୍ରୀଷ୍ମପ୍ରବାହ ପ୍ରାକୃତିକ ହୋଇଥିବା ବେଳେ ବାକି ମାନବକୃତ। ୨୦୨୪ରେ ମାତ୍ରାଧିକ ଉତ୍ତାପ ଯୋଗୁଁ ଶ୍ରମିକମାନଙ୍କର ସମ୍ଭାବ୍ୟ ୨୪୭୦୦ କୋଟି କାର୍ଯ୍ୟଘଣ୍ଟା ହାନି ହୋଇଥିବା ଆକଳନ କରାଯାଇଛି।

ଏହାଛଡ଼ା ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ବର୍ଷାର ଅନିୟମିତତା, ବନ୍ୟା, ଜଳବନ୍ଦୀ, ଅଧିକ ଆର୍ଦ୍ରତା ଭଳି ମାନବ ସ୍ୱାସ୍ଥ୍ୟ ପ୍ରତିକୂଳ ପରିବେଶ ସୃଷ୍ଟି କରିପାରେ। ଅପରପକ୍ଷରେ ମଶାଙ୍କ ବଂଶବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିପାରେ। ଫଳରେ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗର ସଂକ୍ରମଣ ଆଶଙ୍କା ବଢ଼ିପାରେ। ଅନ୍ୟପକ୍ଷରେ, ବନ୍ୟା ଓ ପାନୀୟ ଜଳର ପ୍ରଦୂଷଣ ଯୋଗୁଁ ଜଳବାହିତ ଓ ଭେକ୍ଟରବାହିତ ରୋଗର ବିପଦ ମଧ୍ୟ ବୃଦ୍ଧି ପାଏ। ରୋଗ ସଂକ୍ରମଣ କେବଳ ଜଳବାୟୁ ଉପରେ ନିର୍ଭର କରେ ନାହିଁ। ପରିମଳ ବ୍ୟବସ୍ଥା, ଜଳ ନିଷ୍କାସନ, ମଶା ନିୟନ୍ତ୍ରଣ ଓ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ। ତେଣୁ ଜଳବାୟୁ ପରିବର୍ତ୍ତନର ମୁକାବିଲା ସହିତ ସ୍ୱଚ୍ଛତା ଓ ରୋଗ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଜରୁରୀ।

ଜଳବାୟୁ ସଙ୍କଟର ପ୍ରଭାବ ସମସ୍ତଙ୍କ ଉପରେ ସମାନ ଭାବରେ ପଡ଼େ ନାହିଁ। ଖୋଲା ଆକାଶ ତଳେ କାମ କରୁଥିବା କୃଷକ, ନିର୍ମାଣ ଶ୍ରମିକ, ରାସ୍ତାକଡ଼ ବ୍ୟବସାୟୀ ଓ ଦିନମଜୁରିଆମାନେ ଏଥିରେ ଅଧିକ ପ୍ରଭାବିତ ହୁଅନ୍ତି। ଉତ୍ତାପ ଯୋଗୁଁ କାମ କରିବାର କ୍ଷମତା କମିଯାଏ, ଆୟ ହ୍ରାସ ପାଏ ଏବଂ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହୁଏ। ଯେଉଁମାନଙ୍କ ଘରେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର, ପର୍ଯ୍ୟାପ୍ତ ପାଣି କିମ୍ବା ଉତ୍ତାପରୁ ରକ୍ଷା ପାଇବା ପାଇଁ ଉପଯୁକ୍ତ ସୁବିଧା ନାହିଁ, ସେମାନଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଯାଏ। ଓଡ଼ିଶା ପାଇଁ ମଧ୍ୟ 'ଲାନ୍‌ସେଟ୍'ର ଚେତାବନୀ ବିଶେଷ ଗୁରୁତ୍ୱ ବହନ କରେ। ଗ୍ରୀଷ୍ମପ୍ରବାହ, ଆର୍ଦ୍ରତା, ବାତ୍ୟା ଓ ବନ୍ୟା ଭଳି ବିପଦର ମୁକାବିଲା କରୁଥିବା ଓଡ଼ିଶାରେ ଜଳବାୟୁ ଅନୁକୂଳ ସ୍ୱାସ୍ଥ୍ୟସେବା, ସୁରକ୍ଷିତ ପାନୀୟ ଜଳ ଓ ଶ୍ରମିକଙ୍କ ପାଇଁ ସୁରକ୍ଷିତ କାର୍ଯ୍ୟ ପରିବେଶ ଅତ୍ୟନ୍ତ ଆବଶ୍ୟକ।

ଏହି ସଙ୍କଟର ମୁକାବିଲା କେବଳ ଗ୍ରୀଷ୍ମପ୍ରବାହ ସମୟରେ ସତର୍କତା ଜାରି କରିଦେଲେ ଚଳିବ ନାହିଁ। ଏଥିପାଇଁ ସରକାର, ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ଆବଶ୍ୟକ। ଗ୍ରୀଷ୍ମପ୍ରବାହର ପୂର୍ବାନୁମାନ ଆଧାରରେ ଆଗୁଆ ସତର୍କତା ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ସହିତ ଡାକ୍ତରଖାନାଗୁଡ଼ିକରେ ଅଂଶୁଘାତ ମୁକାବିଲା ଓ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ଚିକିତ୍ସା ଭିତ୍ତିଭୂମିର ବିକାଶ ଆବଶ୍ୟକ। ସହରାଞ୍ଚଳରେ ଚାରାରୋପଣ, ଜଳାଶୟ ସୁରକ୍ଷା, ଛାୟାଯୁକ୍ତ ସାର୍ବଜନୀନ ସ୍ଥାନ ଓ ଉତ୍ତାପ ସହନଶୀଳ ଗୃହନିର୍ମାଣକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ଶ୍ରମିକମାନଙ୍କ ପାଇଁ ପର୍ଯ୍ୟାପ୍ତ ବିଶ୍ରାମ, ପାନୀୟ ଜଳ ଓ ଅତ୍ୟଧିକ ଗରମ ସମୟରେ କାମର ସମୟ ପରିବର୍ତ୍ତନ ମଧ୍ୟ ସୁନିଶ୍ଚିତ କରିବା ଦରକାର। ଏହାସହିତ କୋଇଲା, ତୈଳ ଓ ଗ୍ୟାସ୍ ଭଳି ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରି ସୌର ଓ ପବନ ଶକ୍ତି ଭଳି ସ୍ୱଚ୍ଛ ଶକ୍ତିର ବ୍ୟବହାର ବଢ଼ାଇବା ଆବଶ୍ୟକ। ଏହାଦ୍ୱାରା ସବୁଜଗୃହ ବାଷ୍ପ ନିର୍ଗମନ କମିବା ସହ ବାୟୁ ପ୍ରଦୂଷଣଜନିତ ସ୍ୱାସ୍ଥ୍ୟ ସମସ୍ୟାକୁ ହ୍ରାସ କରାଯାଇପାରିବ।

'ଲାନସେଟ୍'ର ଚେତାବନୀ ଆମକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନର ଜନସ୍ୱାସ୍ଥ୍ୟ ସଙ୍କଟ। ଏହାର ସମାଧାନ ପାଇଁ ନୀତିଗତ ନିଷ୍ପତ୍ତି, ବୈଜ୍ଞାନିକ ଯୋଜନା, ସ୍ୱଚ୍ଛ ଶକ୍ତିର ବ୍ୟବହାର ଓ ଜନସଚେତନତାକୁ ଏକାଠି କରିବାକୁ ହେବ। ବିକାଶର ଅର୍ଥ କେବଳ ରାସ୍ତା, କୋଠା ଓ ଶିଳ୍ପର ବୃଦ୍ଧି ନୁହେଁ; ବରଂ ଏକ ସୁସ୍ଥ, ସୁରକ୍ଷିତ ଓ ବାସଯୋଗ୍ୟ ପରିବେଶ ମଧ୍ୟ ବିକାଶ ସଜ୍ଞା ଅନ୍ତର୍ଭୁକ୍ତ। ଭବିଷ୍ୟତର ପିଢ଼ିକୁ ସୁରକ୍ଷିତ ରଖିବାକୁ ହେଲେ ଆଜି ହିଁ ଆମେ ଜଳବାୟୁ ସୁରକ୍ଷାକୁ ଜନସ୍ୱାସ୍ଥ୍ୟର କେନ୍ଦ୍ରବିନ୍ଦୁରେ ରଖିବାକୁ ପଡ଼ିବ।

ସମ୍ପାଦକୀୟ

ଲେଖକ ବହିଟିଏ ଆରମ୍ଭ କରେ, କିନ୍ତୁ ଜଣେ ପ୍ରକୃତ ପାଠକ ଏହାକୁ ସଫଳ କରିଥାଏ।
-ସାମୁଏଲ୍ ଜନ୍‌ସନ୍

ଛାତ୍ର ଆନ୍ଦୋଳନ: ୧୯୭୪ ବନାମ ୨୦୨୬

ସୌଭାଗ୍ୟ ସୁନ୍ଦରରାୟ

୧୯୭୪ ମସିହାରେ ସାମାଜିକ ସମସ୍ୟାକୁ ନେଇ ପାଟନା ବିଶ୍ୱବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇଥିଲା ଏକ ପ୍ରତିବାଦ। ଗଠନ ହୋଇଥିଲା 'ବିହାର ଛାତ୍ର ସଂଘର୍ଷ ସମିତି'। ପ୍ରଥମରୁ ହଷ୍ଟେଲ ଓ ଖାଦ୍ୟ ସମସ୍ୟାକୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସାରାରାଜ୍ୟକୁ ବ୍ୟାପୀ ଯାଇଥିଲା। ସେ ସମୟରେ ଦରଦାମ ବୃଦ୍ଧି, ଖାଦ୍ୟାଭାବ ଓ ବେକାରୀ ସମସ୍ୟାରେ ଦେଶ ଜର୍ଜରିତ ହେଉଥିଲା। ଏଣୁ ସାମାଜିକ ପରିବର୍ତ୍ତନ ପାଇଁ ବିଭିନ୍ନ କାର୍ଯ୍ୟକଳାପରେ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ଆହ୍ୱାନ ଜଣାଇ ସମାଜବାଦୀ ବିଚାରଧାରା ନେତା ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଆନ୍ଦୋଳନ। ଏହାକୁ 'ସଂପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ' କୁହାଗଲା। ଏଥିରେ ବହୁ ଯୁବ, ଛାତ୍ର ଅଂଶଗ୍ରହଣ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ରସଂସଦର ତତ୍କାଳୀନ ସଭାପତି ଅରୁଣ ଜେଟଲୀ, ପାଟନା ବିଶ୍ୱବିଦ୍ୟାଳୟ ଛାତ୍ରସଂସଦ ସଭାପତି ଲାଲୁ ପ୍ରସାଦ ଯାଦବ, ମୁଲାୟମ ସିଂହ ଯାଦବ, କିଷନ ପଟ୍ଟନାୟକ, ମଧୁ ଲିମାୟେ, ମଧୁ ଦଣ୍ଡବତେ, ରାମକୃଷ୍ଣ ହେଗଡ଼େ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହି ଯୁବ-ଛାତ୍ରଙ୍କ ମଧ୍ୟରୁ ପରବର୍ତ୍ତୀ ସମୟରେ ଅନେକଙ୍କ ହାତରେ ଦେଶର ଶାସନ ଡୋରି ରହିଲା। ଆନ୍ଦୋଳନରେ ବିବ୍ରତ ହୋଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ ମସିହାରେ ଦେଶରେ ଜରୁରୀ ପରିସ୍ଥିତି ଜାରି କଲେ। ବହୁ ନେତା 'ମିଶା' ଆଇନ ବଳରେ ଜେଲରେ ରହିଲେ। ୧୯୭୭ ମସିହା ନିର୍ବାଚନରେ ଇନ୍ଦିରାଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଗାଦିଚ୍ୟୁତ ହୋଇ ଦେଶରେ ପ୍ରଥମ ଅଣକଂଗ୍ରେସ ସରକାର ଗଠନ ହେଲା।

ଅନୁରୂପ ବର୍ତ୍ତମାନର ଛାତ୍ର ଆନ୍ଦୋଳନ ଆରମ୍ଭ ହୋଇଛି ଶିକ୍ଷା ବ୍ୟବସ୍ଥାରେ ଦୁର୍ନୀତି ଓ ଶାସନର ମନମୁଖି ଶାସନକୁ ନେଇ। ଭାରତୀୟ ଶିକ୍ଷା ବ୍ୟବସ୍ଥା ଧର୍ମନିରପେକ୍ଷ ରହିବ, ହିନ୍ଦୁତ୍ୱବାଦୀ ହେବ ନା ଉତ୍ତର ଭାରତୀୟ ହେବ? ବିଭିନ୍ନ ପରୀକ୍ଷା ଠିକାରେ ଚାଲିବ ନା ପରିଚାଳନା ସ୍ୱଚ୍ଛ ହେବ? ଏହିସବୁ ପ୍ରଶ୍ନ ଛାତ୍ର ସମାଜକୁ ଆନ୍ଦୋଳିତ କରିଛି। ଶିକ୍ଷା ବ୍ୟବସ୍ଥାରେ ବିଭ୍ରାଟକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନ ଗଣତନ୍ତ୍ର ସୁରକ୍ଷା କୈନ୍ଦ୍ରିକ ହୋଇଛି। ନାଗରିକର ଭୋଟଦାନ ଅଧିକାରକୁ ସଂକୁଚିତ କରି, ସାମ୍ବିଧାନିକ ବ୍ୟବସ୍ଥାର ହାତମୋଡ଼ି କ୍ଷମତାରେ ରହିବା ପାଇଁ ଦେଶରେ ଯେଉଁ ଉଦ୍ୟମ ଜାରି ରହିଛି, ତାହାକୁ ଛାତ୍ରସମାଜ ବରଦାସ୍ତ କରିବାକୁ ଚାହୁଁନାହିଁ।

ନିର୍ବାଚନ ଆୟୋଗ ପ୍ରଥମେ ନୂଆ ଧରଣର ଭୋଟର ତାଲିକା ସଂଶୋଧନ କଥା ଉଠାଇଲେ। ଏହାର ନାମ 'ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର)' ଦିଆଗଲା। ନୂତନ ଭୋଟରଙ୍କ ନାମ ପଞ୍ଜିକରଣ ସ୍ଥଗିତ ରଖି ଏହି ବ୍ୟବସ୍ଥାରେ ଲକ୍ଷଲକ୍ଷ ଭୋଟରଙ୍କୁ ବାଦ ଦିଆଗଲା। ଏହା ଶାସକ ଦଳକୁ ସୁହାଇଲା। ଛାତ୍ର ଓ ରାଜନୈତିକ ଦଳ ପକ୍ଷରୁ ଏହାର ଦୃଢ଼ ପ୍ରତିବାଦ ହେବାରୁ ଆୟୋଗ ପୁନର୍ବାର 'ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ(ଏସ୍‌ଏସ୍‌ଆର)' ଆରମ୍ଭ କଲେ, ଯାହା ପୂର୍ବରୁ ପ୍ରଚଳିତ ଥିଲା। ତା' ହେଲେ 'ଏସ୍‌ଆଇଆର' ପୁନର୍ବାର କିପରି 'ଏସ୍‌ଏସ୍‌ଆର' ହେଲା? ଏଠାରେ କୁହାଯାଇପାରିବ ଯେ ନିର୍ବାଚନ ଆୟୋଗଙ୍କ ପୂର୍ବ ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ବା ଶାସକ ଦଳର ନିୟନ୍ତ୍ରଣାଧୀନ ଥିଲା। ବାଦ ଦିଆଯାଇଥିବା ଭୋଟରଙ୍କୁ ପୁଣି କିପରି ଫର୍ମ-୬ରେ ନାମ ପଞ୍ଜିକରଣ ପାଇଁ ସୁଯୋଗ ପ୍ରଦାନ କରାଯାଉଛି? ନିର୍ବାଚନ ଆୟୋଗଙ୍କ ଏପ୍ରକାର ଅଗଣତାନ୍ତ୍ରିକ କାର୍ଯ୍ୟର ପ୍ରତିବାଦ ଜଣାଇ ଏବେ ଛାତ୍ର ଓ ରାଜନୈତିକ ଆନ୍ଦୋଳନ ଆରମ୍ଭ ହୋଇଛି। ଏହା ହେବା ସ୍ୱାଭାବିକ।

ଯେତେବେଳେ ଶାସକ ଓ ଶାସନତନ୍ତ୍ର ମନମୋଟିଆ ହୋଇଯାଏ, ସେତେବେଳେ ଯୁବ-ଛାତ୍ର ଗୋଷ୍ଠୀ ଦେଶର ସୁରକ୍ଷା ନିମନ୍ତେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥା'ନ୍ତି। ଶାସନକଳକୁ ସଠିକ୍ ମାର୍ଗକୁ ଆଣିବା ନିମନ୍ତେ ଛାତ୍ର ସଂପ୍ରଦାୟ ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ତାହା ଇତିହାସର ଛତ୍ରେଛତ୍ରେ ଦେଖିବାକୁ ମିଳେ। ଛାତ୍ରଗୋଷ୍ଠୀ ଜ୍ୱଳନ୍ତ ପିଣ୍ଡ ସଦୃଶ। ସେମାନଙ୍କ ମନରେ ଥାଏ ଅନେକ ଆଶା, ଆକାଂକ୍ଷା, ସାହସ ଓ ଶକ୍ତି। ସାଧାରଣ ଜନତା ଯାହା କରିବାରେ ସମର୍ଥ ହୋଇନଥା'ନ୍ତି, ତାହା ଛାତ୍ରଙ୍କ ଦ୍ୱାରା ସମ୍ଭବ ହୋଇପାରିଥାଏ। ଦେଶରେ ଘରୋଇକରଣ ଓ ବେରୋଜଗାରୀ ବଢୁଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରା ଅବମୂଲ୍ୟାୟନ ଘଟି ଚାଲିଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବଢ଼ିଚାଲିଛି। କିନ୍ତୁ ଆକଳନଠାରୁ ଘରୋଇ ଉତ୍ପାଦନ ହାର ଅଧିକ ରହୁଛି। ଏହା କିପ୍ରକାର ପରିସଂଖ୍ୟାନ? ସରକାରୀ ଉଦ୍ୟୋଗ ଇସ୍ରୋରୁ ବୈଜ୍ଞାନିକ/ଗବେଷକ ଇସ୍ତଫା ଦେଇ ଚାଲି ଯାଉଛନ୍ତି। ଏଭଳି ଏକ ଉଦାରୀକରଣ ବ୍ୟବସ୍ଥା ବୋଧହୁଏ ମନମୋହନ ସିଂହ ପରିକଳ୍ପନା କରିନଥିଲେ। ଏ ସମସ୍ତ ପ୍ରସଙ୍ଗ ଯୁବଗୋଷ୍ଠୀଙ୍କୁ ଆନ୍ଦୋଳିତ କରିବା ସ୍ୱାଭାବିକ।

ସାମ୍ବିଧାନିକ ସଂସ୍ଥା ପ୍ରାୟତଃ ଅଚଳ। ଦେଶର ଦୁଇଟି ପ୍ରମୁଖ ଶିକ୍ଷାନୁଷ୍ଠାନର ଛାତ୍ର ଗୋଷ୍ଠୀ ପ୍ରଧାନ ବିଚାରପତିଙ୍କୁ ଅତିଥି ହେବାକୁ ବିରୋଧ କଲେ। ଫଳରେ ମୁମ୍ବାଇର ଖ୍ୟାତନାମା 'ଟାଟା ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍‌ସ(ଟିସ୍)'ର ୮୬ତମ ସମାବର୍ତ୍ତନ ଉତ୍ସବ କାର୍ଯ୍ୟକ୍ରମକୁ କର୍ତ୍ତୃପକ୍ଷ ହଠାତ୍ ବାତିଲ କରିବାକୁ ବାଧ୍ୟ ହେଲେ। ହାଇଦ୍ରାବାଦର 'ନାଲସାର ୟୁନିଭରସିଟି ଅଫ ଲ'ର ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଧାନ ବିଚାରପତି ଦୀକ୍ଷାନ୍ତ ଭାଷଣ ଦେବାର ପରମ୍ପରା ରହିଛି। କିନ୍ତୁ ଚଳିତ ଥର ପ୍ରଧାନ ବିଚରପତିଙ୍କ ସାମ୍ଭବ୍ୟ ଆମନ୍ତ୍ରଣ ପ୍ରସ୍ତାବ ବିରୋଧର ସମ୍ମୁଖୀନ ହେବା ଯୋଗୁଁ କାର୍ଯ୍ୟକ୍ରମ ବାତିଲ କରାଯାଇଛି। ଏବେ ଆଉ ଜଣେ ପ୍ରଧାନ ବିଚାରପତି କିପରି ସରକାରଙ୍କ ସହ ଆବଶ୍ୟକତାଠାରୁ ଅଧିକ ବିଚାରବିମର୍ଶ କରୁଥିଲେ ତାହା ଲୋକଲୋଚନକୁ ଆସିଛି।

ଯେଉଁସବୁ କାରଣ ପାଇଁ ୧୯୭୪ ମସିହାରେ ଇନ୍ଦିରା ଗାନ୍ଧୀଙ୍କ ଶାସନ ବିରୋଧରେ ଦେଶବ୍ୟାପୀ ସ୍ୱର ଉତ୍ତୋଳନ ହୋଇଥିଲା, ସମକାରଣ ପାଇଁ ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନ ହେଉଥିବା କୁହାଯାଇପାରେ। ସେତେବେଳେ ଜେଲରେ ଛାତ୍ର ଓ ରାଜନୈତିକ ନେତାଙ୍କୁ ଅଟକ ରଖାଯାଉଥିଲା; ଏବେ ମଧ୍ୟ ତାହା ହେଉଛି। ସେତେବେଳେ ପ୍ରତିବାଦ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା; ଏବେ ମଧ୍ୟ ଲଗାଯାଉଛି। ସେତେବେଳେ 'ମିଶା' ଆଇନ ଲାଗୁ କରାଯାଇଥିଲା, ଏବେ 'ୟୁଏପିଏ' ଆଇନ ଲାଗୁ କରାଯାଉଛି। ଇନ୍ଦିରାଙ୍କ କଂଗ୍ରେସ ସରକାରକୁ ବିରୋଧ କରାଯିବା ଯଦି ଠିକ୍, ତା'ହେଲେ ବର୍ତ୍ତମାନର ଛାତ୍ର ଆନ୍ଦୋଳନ ଆକ୍ରୋଶମୂଳକ ନୁହେଁ, ବରଂ ଏକ ଆବଶ୍ୟକତା ବୋଲି କୁହାଯାଇପାରେ।

୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଭାବେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରର ନେତୃତ୍ୱ ନେଇଥିଲେ ମନମୋହନ ସିଂହ। ଶାସନ ସମୟ ୧୦ ବର୍ଷ। ବର୍ତ୍ତମାନର ପ୍ରଧାନମନ୍ତ୍ରୀଙ୍କ ଶାସନକାଳ ୧୨ ବର୍ଷରେ ପହଞ୍ଚିଛି। ମନମୋହନ ସିଂହ ସରକାରଙ୍କ ଅମଳରେ ଦେଶରେ ଦରଦାମ ସୁନିୟନ୍ତ୍ରିତ ରହିଥିଲା। ଜନତାଙ୍କ ହାତରେ ରୋଜଗାର ଥିଲା। ସାମ୍ବିଧାନିକ ସଂସ୍ଥାରେ ହସ୍ତକ୍ଷେପ ନ ଥିଲା। ଫଳରେ ଛାତ୍ରଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି ହୋଇ ନ ଥିଲା। ଏଣୁ ସେ ସମୟରେ ବର୍ତ୍ତମାନ ଭଳି ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟି ହୋଇପାରି ନ ଥିଲା। ୟୁପିଏ କ୍ଷମତାକୁ ଆସିବାର ୪ ବର୍ଷ ମଧ୍ୟରେ ୨୦୦୮ ମସିହାରେ ଭାରତ-ଆମେରିକା ମଧ୍ୟରେ ଐତିହାସିକ ବେସାମରିକ ଆଣବିକ ଶକ୍ତି ରାଜିନାମା ସ୍ୱାକ୍ଷର ହୋଇଥିଲା। ବର୍ତ୍ତମାନର ସରକାର ଆମେରିକା ସହ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ନ କରି ଏହାକୁ ଐତିହାସିକ କହିଲେ। ଏ ପ୍ରକାର ଆତ୍ମପ୍ରଚାର ଓ ବିଭ୍ରାନ୍ତିକର ତଥ୍ୟକୁ ନେଇ ଛାତ୍ର ଓ ଯୁବ ସମାଜ ବିଭ୍ରାନ୍ତ, ଦିଗଭ୍ରଷ୍ଟ ହେବା ସ୍ୱାଭାବିକ। ଏହା ଛାତ୍ରଆନ୍ଦୋଳନ ପାଇଁ ଖୋରାକ ଯୋଗାଉଛି। ଆନ୍ଦୋଳନର କାରଣ ଖୋଜିବା ପରିବର୍ତ୍ତେ ସ୍ୱଦେଶୀ ଜାଗରଣକୁ ସରକାର ବିଦେଶୀ ପ୍ରୋତ୍ସାହିତ ବୋଲି କହି ଚାଲିଛନ୍ତି। ଏହାଦ୍ୱାରା ସମସ୍ୟା ସମାଧାନ ହୋଇପାରିବ ନାହିଁ, ବରଂ ବଢ଼ିବ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

ସବୁଜ ବାଣ ବି ନିଷିଦ୍ଧ ହେଉ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ବିଭିନ୍ନ ପର୍ବପର୍ବାଣି ଏବଂ ଉତ୍ସବ/ମହୋତ୍ସବ ଅବସରରେ ଆମେ ବାଣ ଫୁଟାଇଥାଉ ଏବଂ ଉଚ୍ଚଧ୍ୱନିର ବାଦ୍ୟ ବଜାଇଥାଉ। ଏହା ଆମକୁ ଆନନ୍ଦ ଦିଏ। ହେଲେ ଏ ଉଭୟର ପରିବେଶ ଓ ଜନସ୍ୱାସ୍ଥ୍ୟ ଉପରେ ପ୍ରଭାବ ଅତି ଭୟଙ୍କର। ସେଥିପାଇଁ ଆମ ଉଚ୍ଚତମ ନ୍ୟାୟଳୟ ନିର୍ଦ୍ଦେଶ ଦେଇଛନ୍ତି କେବଳ କମ୍ ପ୍ରଦୂଷଣକାରୀ ବାଣ ଫୁଟାଇବାକୁ ଏବଂ କମ୍ ଧ୍ୱନିସୃଷ୍ଟିକାରୀ ବାଜା ବ୍ୟବହାର କରିବାକୁ। କମ୍ ପ୍ରଦୂଷଣକାରୀ ବାଣକୁ କୁହାଯାଉଛି ସବୁଜବାଣ। ପାରମ୍ପରିକ ବାଣଠାରୁ ଏହା କମ୍ ପ୍ରଦୂଷଣ ଘଟାଏ। ୨୦୧୮ରେ 'କାଉନସିଲ ଅଫ୍ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ' ଏବଂ 'ନ୍ୟାସନାଲ୍ ଏନ୍‌ଭାର୍ଣ୍ଣମେଣ୍ଟ ଇଂଜିନିୟରିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ' ଦ୍ୱାରା ମିଳିତ ଭାବେ ଏହାର ବିକାଶ କରାଯାଇଥିଲା।

ପାରମ୍ପରିକ ବାଣରେ ନିମ୍ନୋକ୍ତ ଉପାଦାନମାନ ଥାଏ - (୧) ଇନ୍ଧନ ଇନ୍ଧନ ରୂପେ ବ୍ୟବହୃତ ହୋଇଥାଏ କୋଇଲା ଗୁଣ୍ଡ। (୨) ବିବିଧ ନାଇଟ୍ରେଟ୍ (ପଟାସିୟମ ନାଇଟ୍ରେଟ୍) ଓ କ୍ଲୋରେଟ୍‌କୁ ଜାରକ ରୂପେ ବ୍ୟବହାର କରାଯାଏ। ଏହା ବାଣକୁ ଜଳିବା ପାଇଁ ଅମ୍ଳଜାନ ଯୋଗାଏ। (୩) ଏଥିରେ ପ୍ରତିଜାରକ ରୂପେ ବ୍ୟବହାର ହୁଏ ଗନ୍ଧକ। ଜାରକ ଦ୍ୱାରା ନିର୍ଗତ ଅମ୍ଳଜାନ ସହ ଏହା ପ୍ରତିକ୍ରିୟା କରେ। (୪) ଜ୍ୱଳନ ବା ବିସ୍ଫୋରଣର ବେଗ, ତାପ ଓ ଘନତ୍ୱ ନିୟନ୍ତ୍ରଣ ପାଇଁ ବ୍ୟବହାର ହୁଏ ଲୌହ, ଟିଟାନମ୍, ଷ୍ଟ୍ରୋଞ୍ଚିୟମ ଆଦି ଧାତୁ ଏବଂ ତା'ର ଲବଣ। (୫) ଭିନ୍ନ ଭିନ୍ନ ରଙ୍ଗ ସୃଷ୍ଟି ଲାଗି ବ୍ୟବହାର ହୁଏ ବିବିଧ ଧାତବ ଲବଣ ଓ ରାସାୟନିକ ପଦାର୍ଥ। ସେଗୁଡ଼ିକ ମଧ୍ୟରେ ରହିଛି ଷ୍ଟ୍ରୋଞ୍ଚିୟମ (ଲାଲ), ବାରିୟମ (ସବୁଜ), ସୋଡିୟମ (ହଳଦିଆ), ତମ୍ବା (ନୀଳ) କାଲସିୟମ (କମଳା ରଙ୍ଗ) ଇତ୍ୟାଦିର ଲବଣ। (୬) ଡେକଷ୍ଟ୍ରିନ୍ ବା ଷ୍ଟାର୍ଚ ଭଳି ପଦାର୍ଥ ବ୍ୟବହାର ହୁଏ ଉପାଦାନଗୁଡ଼ିକୁ ବାନ୍ଧି ରଖିବାକୁ। (୭) ଆଲୁମିନିୟମ, ମାଗ୍ନେସିୟମ, ଲୌହ ଏବଂ ବାରିୟମ ଭଳି ଭାରିଧାତୁର ଗୁଣ୍ଡ ମଧ୍ୟ ଏଥିରେ ବ୍ୟବହୃତ ହୁଏ।

ଏଥିରୁ ନିର୍ଗତ ପ୍ରଦୂଷକଗୁଡ଼ିକ ହେଲା ଅତିମାତ୍ରାରେ ବାୟୁରେ ଭାସମାନ ସୂକ୍ଷ୍ମ ପଦାର୍ଥ ବା ପାର୍ଟିକ୍ୟୁଲେଟ୍ ମ୍ୟାଟର, ଭାରିଧାତୁ ଓ ବିଷାକ୍ତ ରାସାୟନ। ଗନ୍ଧକ ଡାଇଅକ୍ସାଇଡ୍, ଯବକ୍ଷାରଜାନ, ଅକ୍ସାଇଡ ଭଳି ବାଷ୍ପ ଏବଂ ପ୍ରାୟ ୧୬୦ଡେସିବଲ୍‌ରୁ ଉଚ୍ଚ ଧ୍ୱନି। ଏହା ଶ୍ୱାସକ୍ରିୟାଜନିତ ରୋଗଠାରୁ କର୍କଟରୋଗ ପର୍ଯ୍ୟନ୍ତ ନାନାଦି ରୋଗର କାରଣ ହୁଏ ଏବଂ ଶ୍ରବଣଶକ୍ତି ହ୍ରାସ ତଥା ମାନସିକ ଚାପ ବୃଦ୍ଧି କରେ। ବାୟୁ ବ୍ୟତୀତ ଏହା ଜଳପ୍ରଦୂଷଣ ମଧ୍ୟ ଘଟାଏ। ସେଥିପାଇଁ ଏବେ ଏହା ବଦଳରେ ସବୁଜ ବାଣ ବ୍ୟବହାର କରିବାକୁ ଆଇନ କରାଯାଇଛି।

ସବୁଜ ବାଣର ଅର୍ଥ ହେଲା ପରିବେଶ ସହାୟକ ବାଣ। ଏଥିରେ ବିଷାକ୍ତ ବାରିୟମ ନାଇଟ୍ରେଟ୍ ଓ ଆଲୁମିନିୟମ ନଥାଏ। ଅନ୍ୟାନ୍ୟ ପ୍ରଦୂଷଣକାରୀ ପଦାର୍ଥ କମ୍ ହୋଇଥାଏ। ଏଥିରୁ ପାରମ୍ପାରିକ ବାଣ ତୁଳନାରେ ୩୦ ରୁ ୪୦ ଶତାଂଶ ବାୟୁରେ ଭାସମାନ ସୂକ୍ଷ୍ମ ପଦାର୍ଥ, ଗନ୍ଧକ ଓ ଯବକ୍ଷାରଜାନର ଅକ୍ସାଇଡ ଆଦି କମ ଥାଏ। ସେହିପରି ଏଥିରୁ ନିର୍ଗତ ହୁଏ ୧୧୦ ରୁ ୧୨୫ ଡେସିବଲ୍ ଧ୍ୱନି)। ସବୁଜବାଣ ତିନି ପ୍ରକାର। ପ୍ରଥମଟିରୁ ଜଳର ସୂକ୍ଷ୍ମ କଣିକା ନିର୍ଗତ ହୋଇ ଧୂଳି (ବାୟୁରେ ଭାସମାନ ସୂକ୍ଷ୍ମକଣିକା ଇତ୍ୟାଦି)କୁ ଶୋଷଣ କରେ। ଦ୍ୱିତୀୟଟିରେ ଆଲୁମିନିୟମ ଆଦି ଧାତୁ କମ୍ ଥିବାରୁ ତହିଁରୁ ତାହାର ନିର୍ଗମନ ଘଟେ ନାହିଁ। ପୁନଶ୍ଚ ଏଥିରୁ ମଧ୍ୟ କମ୍ ଧ୍ୱନି ନିର୍ଗତ ହୁଏ। ତୃତୀୟ ପ୍ରକାରରେ ପଟାସିୟମ ନାଇଟ୍ରେଟ୍ କିମ୍ବା ଗନ୍ଧକ ଆଦୌ ନଥାଏ। ଏଣୁ ଏଥିରୁ କମ୍ ଧୂଆଁ ବାହାରେ।

ଏସବୁଗୁଡ଼ିକ ପାରମ୍ପରିକ ବାଣଠାରୁ ଅଧିକ ପରିବେଶ ଉପଯୋଗୀ; କିନ୍ତୁ ତାହା ଯଥେଷ୍ଟ ନୁହେଁ। ସବୁଜ ବାଣ କମ୍ ପ୍ରଦୂଷଣ କରେ ସତ, ତେବେ ବାୟୁମଣ୍ଡଳକୁ ପ୍ରଦୂଷଣମୁକ୍ତ କରେ ନାହିଁ। ସେଥିରୁ ମଧ୍ୟ ଅନେକ ପରିମାଣରେ ବାୟୁରେ ଭାସମାନ ସୂକ୍ଷ୍ମ ପଦାର୍ଥ, ଧୂଆଁ, ବିଷାକ୍ତ ବାଷ୍ପ ଓ ଧ୍ୱନି ନିର୍ଗତ ହୁଏ। ସେଥିପାଇଁ ଏହାର ବ୍ୟବାହାର ସତ୍ତ୍ୱେ ବିଗତ ବର୍ଷ ଦୀପାବଳୀରେ ଭାରତର ବହୁ ସହରାଞ୍ଚଳରେ ବାୟୁ ପ୍ରଦୂଷଣ ବେଶ ଉଚ୍ଚସ୍ତରରେ ପହଞ୍ଚିଥିଲା। ଉଦାହରଣ ସ୍ୱରୂପ, ପ୍ରାୟ ୧୦୦ ସହରରେ ଏହାଥିଲା ବିପଦଜନକ ସ୍ତରରେ। ଏସବୁଠାରେ ବାୟୁମାନ ସୂଚନାଙ୍କ ୩୦୦ ଟପି ଯାଇଥିଲା। ଏହାବ୍ୟତୀତ ଅଧିକାଂଶ ସହରରେ ତାହା ୧୫୦ ରୁ ୩୦୦ ମଧ୍ୟରେ, ଅର୍ଥାତ୍ ଅସ୍ୱାସ୍ଥ୍ୟକର ଏବଂ ଅତି ଅସ୍ୱାସ୍ଥ୍ୟକର ସ୍ତରରେ ପହଞ୍ଚିଥିଲା। ଦୀପାବଳୀ ଅବସରରେ ଏ ସମସ୍ତ ସହରରେ ବ୍ୟବହୃତ ହୋଇଥିଲା ସବୁଜ ବାଣ। ଏହାସତ୍ତ୍ୱେ ବାୟୁ ପ୍ରଦୂଷଣ ଏଭଳି ଅବସ୍ଥାକୁ ଆସିଯାଇଥିଲା। ଏଥିରୁ ପ୍ରମାଣିତ ହେଉଛି ଯେ ସବୁଜ ବାଣ ଏ ସମସ୍ୟା ଦୂର କରିବାକୁ ଯଥେଷ୍ଟ ନୁହେଁ। ଏହାଦ୍ୱାରା ମଧ୍ୟ ବେଶ ବାୟୁ ପ୍ରଦୂଷଣ ଘଟୁଛି। ଏପରିସ୍ଥଳେ ଏହାକୁ ନିଷିଦ୍ଧ କରାଯିବା ଉଚିତ। ଆଗକୁ ଆସୁଛି ସର୍ବାଧିକ ବାଣ ଫୁଟାଯାଉଥିବା ପର୍ବ ଦୀପାବଳୀ। ଚାଲନ୍ତୁ ପରିବେଶର ସୁରକ୍ଷା ଲାଗି ଆମେ ଏହାକୁ ବାଣମୁକ୍ତ ରୂପେ ପାଳନ କରିବା।

ଭୁବନେଶ୍ୱର, ମୋ: ୯ ୯୩୭୦୧୪୬୦

ଦୀର୍ଘାୟୁ ପାଇଁ ନେଉଳ ପୂଜା

ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ସୃଷ୍ଟିର ପ୍ରତ୍ୟେକ ଜୀବଜନ୍ତୁଙ୍କ ଭିତରେ ଈଶ୍ୱରଙ୍କୁ ଦେଖିବା ହେଉଛି ଭାରତୀୟ ଧର୍ମ ଦର୍ଶନର ମୁଖ୍ୟ ସ୍ରୋତ। ଏହି ଧାରାରେ ଭାରତର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଶୁପକ୍ଷୀ, କୀଟପତଙ୍ଗ ଓ ସରୀସୃପଜାତୀୟ ଜୀବମାନଙ୍କର ପୂଜାର୍ଚ୍ଚନା କାହିଁ କେଉଁକାଳରୁ ଚାଲିଆସୁଛି। ଏହି ଧାରାରେ ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଏବଂ ଉତ୍ତର ଭାରତର ଗ୍ରାମୀଣ ଅଞ୍ଚଳଗୁଡ଼ିକରେ ନେଉଳ ପୂଜା ବା 'ନିଉରି ନବମୀ' ବ୍ରତ ପାଳନ କରାଯାଏ।

ଧାର୍ମିକ ଦୃଷ୍ଟିରୁ ନେଉଳକୁ ଧନର ଦେବତା କୁବେରଙ୍କ ଅତି ପ୍ରିୟ ସହଚର ଭାବେ ମାନ୍ୟତା ମିଳିଛି। ଅନେକ ପୌରାଣିକ ଚିତ୍ରରେ କୁବେରଙ୍କ ସହିତ ନେଉଳ ରହିଥିବାର ଦେଖିବାକୁ ମିଳିଥାଏ। ତେଣୁ ନେଉଳ ଐଶ୍ୱର୍ଯ୍ୟର ପ୍ରତୀକ ଭାବେ ପୂଜିତ ହୋଇଆସୁଛି। ଲୋକମାନ୍ୟତା ଅନୁସାରେ ନେଉଳ ଦେଖିଲେ ଶୁଭ ଓ ଧନପ୍ରାପ୍ତି ହୁଏ। ଯେଉଁ ଘରକୁ ନେଉଳ ବାରମ୍ବାର ଯିବା ଆସିବା କରେ ସେହିଘରର ନକାରାତ୍ମକ ଶକ୍ତି ଦୂର ହୁଏ। ଭାରତରେ ଥିବା କେତେକ ଜନସମୁଦାୟଙ୍କ ଗୋତ୍ର ମଧ୍ୟ 'ନେଉଳ' ରହିଛି। ଏହାବ୍ୟତୀତ ସମୁଦ୍ରଶାସ୍ତ୍ରରେ ଧନପ୍ରାପ୍ତି ଏବଂ ଶତ୍ରୁଜୟ ପାଇଁ ନେଉଳ ପୂଜନ ପରମ୍ପରା ଓ ବିଶ୍ୱାସ ରହିଛି। ଫେଙ୍ଗ୍‌ସୁଇରେ ନେଉଳ ବହୁତ ଶୁଭପ୍ରାଣୀ ବୋଲି ବର୍ଣ୍ଣନା କରାଯାଇଛି। ଆର୍ଥିକ ଉନ୍ନତି ଏବଂ ନକାରାତ୍ମକତା ଓ ବାଧାବିଘ୍ନ ଦୂର କରିବା ପାଇଁ କେଉଁ ଧାତୁରେ ତିଆରି ନେଉଳ ମୂର୍ତ୍ତି ଘର କିମ୍ବା କାର୍ଯ୍ୟାଳୟ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନର କେଉଁ ସ୍ଥାନରେ ରଖାଯିବା ଉଚିତ, ସେ ସମ୍ପର୍କରେ ଫେଙ୍ଗସୁଇରେ ଅନେକ ତଥ୍ୟ ରହିଛି।

ଭାରତରେ ନେଉଳ ପୂଜା ଶ୍ରାବଣ ମାସ ଶୁକ୍ଳପକ୍ଷ ନବମୀ (ମତାନ୍ତରରେ ଶ୍ରାବଣ କୃଷ୍ଣପକ୍ଷ ନବମୀ) ତିଥିରେ ହୁଏ, ଯାହାକୁ 'ନିଉରି ନବମୀ' / 'ନିଉରି ନବମୀ' / 'ନେବଢ଼ି ନବମୀ' / 'ନୋରି ନୋମ୍' / 'ନକୁଲ୍ ନବମୀ' କୁହାଯାଏ। ବିଶ୍ୱାସ ରହିଛି ଯେ, ଏହି ବ୍ରତ କରିବା ଦ୍ୱାରା ସନ୍ତାନମାନେ ଦୀର୍ଘାୟୁ ହେବା ସହିତ ନିରୋଗ ରହିଥା'ନ୍ତି ଏବଂ ପରିବାରରେ ସୁଖସମୃଦ୍ଧି ବୃଦ୍ଧି ପାଏ। ଏହାବ୍ୟତୀତ 'ନେଉଳ ନବମୀ' ବ୍ରତରେ ସର୍ପଦୋଷରୁ ମୁକ୍ତି ମିଳେ। ବାରମ୍ବାର ଘରେ ସର୍ପ ବାହାରୁଥିଲେ କିମ୍ବା ସ୍ୱପ୍ନରେ ସର୍ପ ଦେଖୁଥିଲେ, ଏହି ବ୍ରତ କରିବା ଦ୍ୱାରା ତାହାର ସମାଧାନ ହୋଇଯାଏ ଏବଂ ସର୍ପଦୋଷ ଦୂର ହୁଏ। ଏହି ବ୍ରତ ପାଳନର ଅନେକ ବିଧିବିଧାନ ରହିଛି। ନବମୀ ତିଥିରେ ଏହି ବ୍ରତ ପଡୁଥିବାରୁ '୯' ସଂଖ୍ୟାର ବହୁତ ପ୍ରାଧାନ୍ୟ ରହିଛି। ଯେପରିକି ୯ ପ୍ରକାର ଡାଲିର ମିଶ୍ରଣରେ ପୁର ପ୍ରସ୍ତୁତ କରି ୯ଟି କଚୋଡ଼ି ତିଆରି କରାଯାଏ, ଯାହାକୁ 'ବଢ଼ଇ' କୁହାଯାଏ। ଏହାସହିତ 'ଅରବି'(ସାରୁ) ତରକାରି ପ୍ରସ୍ତୁତ କରାଯାଇ ପୂଜା ଓ ଭୋଜନ କରାଯାଏ। ଏହି ପୂଜାରେ ଘିଅ ଓ ଗୁଡ଼ର ମହତ୍ତ୍ୱ ଅଧିକ ରହିଛି।

ମା'ମାନେ ଘରଅଗଣାର ସଫା ମାଟି କିମ୍ବା ନଦୀ, ପୋଖରୀ ତଟର ସଫା ମାଟି ଆଣି ଗୋଟିଏ ନେଉଳ ଏବଂ ତା'ର ଶିଶୁ ଭାବେ ଛୋଟ ଛୋଟ ନେଉଳ ମୂର୍ତ୍ତି ଗଢ଼ନ୍ତି। ଆଉ କିଛି ଅଞ୍ଚଳରେ ପୂଜାସ୍ଥଳରେ ଥିବା କାନ୍ଥରେ ଗେରୁ, ମାଟି, ହଳଦୀ, ଅଟା ଦ୍ୱାରା ନେଉଳର ଚିତ୍ର (ଚୌକ) କରାଯାଇ ପୂଜା କରାଯାଏ। ନେଉଳର ଫଟୋ ରଖି ଏବଂ ବିଭିନ୍ନ ଧାତୁରେ ନେଉଳ ପ୍ରତିମା ନିର୍ମାଣ କରି ପୂଜା କରିବାର ବିଧି ମଧ୍ୟ କେତେକ ଅଞ୍ଚଳରେ ପ୍ରଚଳିତ। ପୂଜା ସରିବା ପରେ ଏହି ମୂର୍ତ୍ତିକୁ ଘରେ କିମ୍ବା କାର୍ଯ୍ୟାଳୟରେ ବାସ୍ତୁଶାସ୍ତ୍ର ଅନୁମୋଦିତ ସ୍ଥାନରେ ରଖାଯାଏ। ଏହାଦ୍ୱାରା ଧନବୃଦ୍ଧି ହେବା ସହିତ ବାଧାବିଘ୍ନ ଦୂର ହୋଇଥାଏ। ଏହି ପୂଜାରେ କଳସ ସ୍ଥାପନା ପରେ ପ୍ରଥମେ ଶ୍ରୀଗଣେଶଙ୍କୁ ଆବାହନ କରାଯାଏ ଏବଂ ତା'ପରେ ନେଉଳର ଚିତ୍ର କିମ୍ବା ମୂର୍ତ୍ତି ପୂଜା ଆରମ୍ଭ ହୁଏ। ଏହିଦିନ କୌଣସି ଧାରଯୁକ୍ତ ବସ୍ତୁ (ଛୁରୀ, କଇଁଚି ଆଦି) ବ୍ୟବହାର କରିବା କିମ୍ବା ଏଭଳି ବସ୍ତୁରେ କଟାଯାଇଥିବା କିଛି ଖାଦ୍ୟ ଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆଣ୍ଡାମାନରେ ସୃଷ୍ଟି...

ଦିଆଯାଇଥିଲେ ମଧ୍ୟ ଏହା ବାତ୍ୟାରେ ପରିଣତ ହେବ କି ନାହିଁ, ତାହା ସ୍ପଷ୍ଟ କରାଯାଇ ନାହିଁ। ସାଧାରଣତଃ ଏହା ଅକ୍ଟୋବର ମାସରେ ସୃଷ୍ଟି ହୋଇଥିବାରୁ ଏହା ବାତ୍ୟାରେ ପରିଣତ ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁ ନାହିଁ। ତେବେ ଆସନ୍ତା ୨-୩ ତାରିଖ ସୁଦ୍ଧା ଏହା ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଉପକୂଳ ଓଡ଼ିଶା ନିକଟତର ହେଉଥିବା ନେଇ ବିଭିନ୍ନ ମଡେଲ୍ ଆକଳନ କରୁଛନ୍ତି। ଅନ୍ୟପଟେ ଆସନ୍ତା ୨ ତାରିଖରୁ ରାଜ୍ୟରେ ପୁଣି ବର୍ଷାର ପ୍ରଭାବ ବଢ଼ିବା ନେଇ ମଧ୍ୟ ଆଇଏମ୍‌ଡି ଆକଳନ କରିଛି। ଏ ଦୃଷ୍ଟିରୁ ନଭେମ୍ବର ପ୍ରଥମ ସପ୍ତାହରେ ରାଜ୍ୟରେ ପୁଣି ଗୋଟିଏ ପର୍ଯ୍ୟାୟ ବର୍ଷା କିମ୍ବା ବର୍ଷା/ପବନ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଅପରପକ୍ଷେ ବାତ୍ୟ 'ଅର୍ଣ୍ଣବ' ଦୁର୍ବଳ ହେବାରେ ଲାଗିଛି। ଏବେ ଏହା ଦକ୍ଷିଣ ଛତିଶଗଡ଼ ଏବଂ ସଂଲଗ୍ନ ଓଡ଼ିଶା ଉପରେ ସଦୃଶ ଲଘୁଚାପ ଆକାରରେ କେନ୍ଦ୍ରୀଭୂତ ରହିଛି। ଗତ ୬ ଘଣ୍ଟା ମଧ୍ୟରେ ଏହା ଘଣ୍ଟା ପ୍ରତି ୨୩ କିଲୋମିଟର ବେଗରେ ପ୍ରାୟ ଉତ୍ତର ଦିଗକୁ ଗତି କରୁଛି। ଟିଟିଲାଗଡ଼ଠାରୁ ଏହା ୧୭୦ କିଲୋମିଟର ପଶ୍ଚିମରେ ରହିଥିବା ବେଳେ ଛତିଶଗଡ଼ର ବିଳାସପୁରଠାରୁ ୨୨୦ କିଲୋମିଟର ଦକ୍ଷିଣ-ଦକ୍ଷିଣପଶ୍ଚିମରେ ରହିଛି। ଏହି ସଦୃଶ ଲଘୁଚାପ ପ୍ରାୟ ଉତ୍ତର ଦିଗକୁ ଗତି ଜାରି ରଖିବା ସହିତ ଶୁକ୍ରବାର ସକାଳ ସୁଦ୍ଧା ଉତ୍ତର ଛତିଶଗଡ଼ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ଓଡ଼ିଶା ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଲଘୁଚାପ କ୍ଷେତ୍ର ଓଡ଼ିଶାଠାରୁ ଦୂରକୁ ଯାଉଥିବାରୁ ଶୁକ୍ରବାରଠାରୁ ରାଜ୍ୟରେ ଅପେକ୍ଷାକୃତ ପାଗ ଭଲ ରହିବାର ସମ୍ଭାବନା ରହିଛି।

ଦକ୍ଷିଣରେ ଜଳପ୍ରଳୟ...

ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି। ଗଜପତିରେ ଏକ ପୋଲ ଭୁଶୁଡ଼ି ପଡ଼ିଥିବାବେଳେ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ରାସ୍ତା ଓ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ବିପର୍ଯ୍ୟୟର ମୁକାବିଲା ଓ ଜଳବନ୍ଦୀ ଲୋକଙ୍କୁ ଉଦ୍ଧାର ପାଇଁ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀର ମୋଟ ୫୪ଟି ଦଳ ମୁତୟନ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୨୦ ଜଣଙ୍କୁ ହେଲିକପ୍ଟର ଯୋଗେ ଉଦ୍ଧାର କରିବାକୁ ଯୋଜନା କରାଯାଇଥିବା ବେଳେ ଆଜି ଏହି ଅପରେସନ୍ ଜାରି ରହିଛି।

ବାତ୍ୟା ପ୍ରଭାବରେ ରାଜ୍ୟରେ ଜାରି ରହିଥିବା ପ୍ରବଳ ବର୍ଷା ଏବଂ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗଞ୍ଜାମ ଏବଂ ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଘୋଷଣା କରାଯାଇଛି। ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଜିଲ୍ଲା ମଧ୍ୟରେ ଥିବା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ, ଡିଗ୍ରୀ କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟ ବିଭାଗଗୁଡ଼ିକ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରହିବ। ପୂର୍ବ ନିର୍ଦ୍ଦେଶନାମା ଆଧାରରେ ଏହି ନିଷ୍ପତ୍ତିକୁ ଆଗକୁ ବଢ଼ାଯାଇଛି ଏବଂ ଏହା ତୁରନ୍ତ ଲାଗୁ କରାଯାଇଛି। ଗଜପତି ଜିଲ୍ଲା ପ୍ରଶାସନ ମଧ୍ୟ ଜିଲ୍ଲାର ସମସ୍ତ ସ୍କୁଲକୁ ଅକ୍ଟୋବର ୩୧ ଯାଏଁ ଛୁଟି ଘୋଷଣା କରିଛି।

ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଅକସ୍ମାତ୍ ବନ୍ୟା (ଫ୍ଲାଶ୍ ଫ୍ଲଡ୍) ପ୍ରଭାବରେ ଗଞ୍ଜାମରେ ପ୍ରାୟ ୪୨,୫୦୦ ଓ ଗଜପତିରେ ପ୍ରାୟ ୨୦ ହଜାର ଲୋକ ପ୍ରଭାବିତ ହୋଇଥିବା ମୁଖ୍ୟ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି। ପୁନଶ୍ଚ ଲଗାଣ ବର୍ଷା ଓ ଜଳବନ୍ଦୀ ସମସ୍ୟାକୁ ଦୃଷ୍ଟିରେ ରଖି ଗଜପତି ଜିଲ୍ଲାରେ ଅକ୍ଟୋବର ୩୧ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରଖାଯାଇଛି। ଗଞ୍ଜାମରେ ମଧ୍ୟ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରଖିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାତ୍ୟା ଓ ବନ୍ୟାର ପ୍ରଭାବ, ପ୍ରଭାବିତ ଜିଲ୍ଲାଗୁଡ଼ିକର ସ୍ଥିତି ଏବଂ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଅବଗତ କରାଇଛନ୍ତି। କେନ୍ଦ୍ରର ସହଯୋଗରେ ଉଦ୍ଧାର, ରିଲିଫ୍ ଓ ପୁନର୍ବାସ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ଆଶା ରଖିଛନ୍ତି।

ସହାୟତା ପାଇଁ...

'ଅର୍ଣ୍ଣବ' ପରେ ଓଡ଼ିଶାକୁ ସମସ୍ତ ପ୍ରକାର ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିବାରୁ ଗୃହମନ୍ତ୍ରୀ ଅମିତ ଶାହଙ୍କ ପ୍ରତି ମୁଁ କୃତଜ୍ଞ। ଗୃହମନ୍ତ୍ରୀଙ୍କ ସହ ଫୋନ୍‌ରେ କଥା ହୋଇ ଓଡ଼ିଶା ଉପରେ ଘୂର୍ଣ୍ଣିବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ, ପ୍ରଭାବିତ ଜିଲ୍ଲାଗୁଡ଼ିକର ବର୍ତ୍ତମାନ ସ୍ଥିତି ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ତାଙ୍କୁ ଅବଗତ କରାଇଛି। ଘୂର୍ଣ୍ଣିବାତ୍ୟା ପରବର୍ତ୍ତୀ ପରିସ୍ଥିତିରେ ଓଡ଼ିଶାକୁ ସମସ୍ତ ପ୍ରକାର ସମ୍ଭାବ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଭାରତ ସରକାରଙ୍କ ସହଯୋଗ ଓ ସମର୍ଥନ ଆମର ଉଦ୍ୟମକୁ ଆହୁରି ସୁଦୃଢ଼ କରିବ। ଏହାଦ୍ୱାରା ଜୀବନ ରକ୍ଷା, ପ୍ରଭାବିତ ପରିବାରଗୁଡ଼ିକୁ ସହାୟତା ପ୍ରଦାନ ଏବଂ ସାରା ରାଜ୍ୟରେ ରିଲିଫ୍, ପୁନର୍ବାସ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଆମକୁ ସହାୟତା ମିଳିବବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

ବିପର୍ଯ୍ୟୟ ପରିଚାଳନାରେ...

ଲୋକଙ୍କ ସୁରକ୍ଷା ଏବଂ ଆମର ଆର୍ଥିକ ପ୍ରଗତି ପ୍ରତି ବଡ଼ ବିପଦ ସୃଷ୍ଟି କରିବ ବୋଲି ନବୀନ ଉଲ୍ଲେଖ କରିଛନ୍ତି। ସୂଚନା ଥାଉ କି ୨୦୦୦ ମସିହାଠାରୁ ପ୍ରତି ବର୍ଷ ଅକ୍ଟୋବର ୨୯ ତାରିଖରେ ରାଜ୍ୟରେ 'ବିପର୍ଯ୍ୟୟ ପ୍ରସ୍ତୁତି ଦିବସ' ପାଳନ କରାଯାଉଛି। ୧୯୯୯ ମହାବାତ୍ୟାରେ ଓଡ଼ିଶା ଯେଉଁ କ୍ଷତିଗ୍ରସ୍ତ ହୋଇଥିଲା ଓ ଏହା ପରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସାଙ୍ଗକୁ ଆଗାମୀ ପ୍ରସ୍ତୁତି ସମ୍ପର୍କରେ ସଚେତନତା ପାଇଁ ଏହି ଦିବସ ପାଳନ କରାଯାଇ ଆସୁଛି।

୫ ବିଧାୟକଙ୍କୁ...

ନୋଟିସ ଜାରି କରି ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଆସନ୍ତା ୬ ସପ୍ତାହ ଭିତରେ ଜବାବ ରଖିବାକୁ ପକ୍ଷରୁ ସମୟ ନିଆଯାଇଛି। ସେହିଭଳି ଆବେଦନକାରୀ ଚାହିଁଲେ ଏହି ମାମଲାରେ ତାଙ୍କର ପ୍ରତିଜବାବ ଦାଖଲ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦୨୭ ଜାନୁଆରି୧୧କୁ ଧାର୍ଯ୍ୟ କରାଯାଇଛି।

ଗତ ଶୁଣାଣିରେ ବାଚସ୍ପତିଙ୍କ ନିକଟରେ ସାନି ଆବେଦନ କରାଯିବା ପ୍ରସଙ୍ଗରେ ଆବେଦନକାରୀ ଯେଉଁ ଯୁକ୍ତି ରଖିଥିଲେ ତାହାକୁ ଆଜି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ବିରୋଧ କରିଥିଲେ। ବାଚସ୍ପତି ଦେଇଥିବା ଆଦେଶ ନ୍ୟାୟିକ ଆଦେଶ ସଦୃଶ। ଏଣୁ ମାମଲା ପ୍ରତ୍ୟାହାର କରି ବାଚସ୍ପତିଙ୍କ ନିକଟରେ ସାନି ଆବେଦନ ଅନୁମତି ହାଇକୋର୍ଟ ଦେଇପାରିବେ ନାହିଁ ବୋଲି ଆଡଭୋକେଟ ଜେନେରାଲ ଯୁକ୍ତି ଦର୍ଶାଇଥିଲେ। ତେବେ ଆବେଦନକାରୀଙ୍କ ଓକିଲ ବାଚସ୍ପତିଙ୍କ ନିର୍ଦ୍ଦେଶର ବୈଧତା ପ୍ରସଂଗରେ ଶୁଣାଣି ଜାରି ସହ ପ୍ରତିପକ୍ଷ ବିଧାୟକଙ୍କୁ ନୋଟିସ ହେଉ ବୋଲି ଦର୍ଶାଇଥିଲେ।

ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ବିଜେଡି ବିଧାୟକ ନବକିଶୋର ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଚକ୍ରମଣି କହଁର ଓ ଦଳରୁ ନିଲମ୍ବିତ ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ଼ଙ୍କ ସଭ୍ୟ ପଦ ରଦ୍ଦ ଆବେଦନଗୁଡ଼ିକୁ ଓଡିଶା ବିଧାନସଭା ବାଚସ୍ପତି ଖାରଜ କରିଥିଲେ। ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ସଂପର୍କିତ ପିଟିସନ ଖାରଜ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ବିଜେଡି ମୁଖ୍ୟ ସଚେତକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦଳର ହ୍ୱିପ ମାନି ନଥିବା ଓ ଦଳ ବିରୋଧୀ କାର୍ଯ୍ୟରେ ସଂପୃକ୍ତ ଥିବା ଅଭିଯୋଗ ଆଣି ୮ଜଣ ବିଧାୟକଙ୍କ ବିରୋଧରେ ବାଚସ୍ପତିଙ୍କ ନିକଟରେ ଦାଖଲ ପିଟିସନକୁ ବିନା ଶୁଣାଣିରେ ଖାରଜ କରିଥିବା ବିଜେଡି ମୁଖ୍ୟସଚେତକ ଅଭିଯୋଗ କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଉକ୍ତ ମୁଖ୍ୟ ସଚେତକଙ୍କ ଆବେଦନଟି ସଂଶୋଧନ ଯୋଗ୍ୟ ଓ ଏହାର ତ୍ରୁଟି ସଂଶୋଧନ କରି ପୁଣି ଆବେଦନ କରାଯାଇପାରିବ ବୋଲି ହାଇକୋର୍ଟ ପୂର୍ବରୁ କହିଥିଲେ। ଏଣୁ ଏହି ମାମଲାରେ ଆଗକୁ ହାଇକୋର୍ଟଙ୍କ କଣ ନିର୍ଦ୍ଦେଶ ଆସୁଛି ତାହା ପରବର୍ତ୍ତୀ ଶୁଣାଣିରେ ସ୍ପଷ୍ଟ ହେବ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ଆଶିଷ କୁମାର ମିଶ୍ର ସହାୟତା କରୁଛନ୍ତି। ସେହିଭଳି ପ୍ରତିପକ୍ଷ ବାଚସ୍ପତିଙ୍କ ତରଫରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

ଜ୍ଞାନେଶଙ୍କ ବିରୋଧରେ...

ବିରୋଧୀ ଦଳଗୁଡ଼ିକର ବୈଠକରେ କାର୍ଯ୍ୟକ୍ରମର ରୂପରେଖ ଚୂଡ଼ାନ୍ତ ହୋଇଛି। ଜନ-ମହାଭିଯୋଗ କାର୍ଯ୍ୟକ୍ରମ ପାଇଁ ସରକାର ଅନ୍ୟ ସ୍ଥାନରେ ଅନୁମତି ନଦେବାରୁ ଖଡ଼ଗେଙ୍କ ଘରେ ଏହି ବୈଠକ ହେବ।

ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ କରି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ମୁଖ୍ୟ ନିର୍ବାଚନ କମିସନରଙ୍କ ଇସ୍ତଫା ଦାବି କରୁଛନ୍ତି। ଖଡ଼ଗେ କହିଛନ୍ତି, ଗଣତନ୍ତ୍ରର ସୁରକ୍ଷା ପାଇଁ ବିରୋଧୀଙ୍କ ଲଢେଇ ଜାରି ରହିବ। ନଭେମ୍ବର ୧ରେ ମଧ୍ୟ ଏକ ବଡ଼ ରାଲି ଆୟୋଜନ କରାଯିବ। କଂଗ୍ରେସ ନେତା ଗୌରବ ଗୋଗୋଇ କହିଛନ୍ତି, ଏସ୍‌ଆଇଆର୍ ଓ ଭୋଟ୍ ଚୋରି ସମ୍ପର୍କିତ ପ୍ରସଙ୍ଗ ଉପରେ ସାର୍ବଜନୀନ ଆଲୋଚନା ହେବା ଆବଶ୍ୟକ। ଇତିମଧ୍ୟରେ ଭୋଟ ଚୋରି ଓ ନିର୍ବାଚନୀ ଅନିୟମିତତା ବିରୋଧରେ ନଭେମ୍ବର ୧ରେ ଦିଲ୍ଲୀର ରାମଲୀଳା ମୈଦାନରେ ହେବାକୁ ଥିବା 'ଚଲୋ ଦିଲ୍ଲୀ ରାମଲୀଳା ମାର୍ଚ୍ଚ'କୁ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ସମର୍ଥନ ଜଣାଇଛନ୍ତି। 'ଭୋଟ ବିପଦରେ ଥିବାବେଳେ ନିରବ ରହିବା ଆଉ ବିକଳ୍ପ ନୁହେଁ' ବୋଲି ସେ 'ଏକ୍ସ'ରେ ଲେଖିଛନ୍ତି। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଛାତ୍ରଛାତ୍ରୀ, ଯୁବବର୍ଗ, ମହିଳା, ଶ୍ରମିକ ଓ ସାମାଜିକ ସଂଗଠନଗୁଡ଼ିକୁ ରାଲିରେ ଯୋଗଦେବାକୁ ସେ ଆହ୍ୱାନ ଦେଇଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ରାଲିରେ ସାମିଲ ହେବାକୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଆନ୍ଦୋଳନକାରୀ ପୁଲିସ କିମ୍ବା ଏହାର ଲାଠିକୁ ଡରିଯିବା ଉଚିତ ନୁହେଁ।

ଡିଜିଟାଲ୍ ଠକେଇରେ ବ୍ୟାଙ୍କ...

ଆକାଉଣ୍ଟଧାରୀଙ୍କ ସୁରକ୍ଷା ପାଇଁ ବ୍ୟାଙ୍କ ବିଶେଷ ଭାବେ ଚିନ୍ତିତ ନଥିବା କୋର୍ଟ କହିଛନ୍ତି। ବ୍ୟାଙ୍କରେ ସାଧାରଣତଃ ଦୁଇ ପ୍ରକାର ଆକାଉଣ୍ଟ ଥାଏ। ଗୋଟିଏ ଆକାଉଣ୍ଟରେ ବ୍ୟବସାୟୀମାନେ କୋଟି କୋଟି ଟଙ୍କାର କାରବାର କରନ୍ତି। ଅନ୍ୟ ଆକାଉଣ୍ଟରେ ସାଧାରଣ ଲୋକ ଏବଂ ଅବସରପ୍ରାପ୍ତ କର୍ମଚାରୀ କାରବାର କରନ୍ତି। ଏହି ବର୍ଗର କଷ୍ଟମର କମ୍ ପରିମାଣର ଅର୍ଥ ଉଠାଉଥିବା ବେଳେ ଏଥିରେ ଅଚାନକ ବ୍ୟତିକ୍ରମ ଦେଖାଦେଲେ ବ୍ୟାଙ୍କ କାହିଁକି ଧରିପାରୁ ନାହିଁ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି।

ବ୍ୟାପକ ସଚେତନତା ସତ୍ତ୍ୱେ ଡିଜିଟାଲ ଆରେଷ୍ଟ କେମିତି ବୃଦ୍ଧି ପାଉଛି ବୋଲି କୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ମୋବାଇଲ ଫୋନରେ ଜଣେ କେମିତି ଗିରଫ ହେବ, ଏହି କଥାକୁ ବିଶ୍ୱାସ କରିହେଉ ନାହିଁ। ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି ଯେ ଶିକ୍ଷିତ ଲୋକ ଏହି ଜାଲରେ ପଡ଼ିଯାଉଛନ୍ତି। ଚଳିତ ବର୍ଷ ଏଯାଏଁ ଡିଜିଟାଲ୍ ଠକେଇରେ ଲୋକେ ପ୍ରାୟ ୮୦୦ କୋଟି ଟଙ୍କା ହରାଇଥିବା କୋର୍ଟ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ହ୍ୱାଟ୍ସଆପ୍‌କୁ ମଧ୍ୟ ପକ୍ଷ ରଖିବାକୁ ଅନୁମତି ମିଳିଛି। ହ୍ୱାଟ୍ସଆପ୍ ପକ୍ଷରୁ ୯,୪୦୦ ସନ୍ଦିଗ୍ଧ ଆକାଉଣ୍ଟ ବନ୍ଦ କରାଯାଇଥିବା କୁହାଯାଇଛି। ଏହି ଶୁଣାଣି ଗ୍ରେଟର ନୋଏଡାର ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ଶାଖାରୁ ୩୫ କୋଟି ଟଙ୍କା ଗାଏବ ହେବା ଘଟଣା ପରିପ୍ରେକ୍ଷୀରେ ଗୁରୁତ୍ୱ ବହନ କରୁଛି। ଘଟଣା ପରେ ବ୍ୟାଙ୍କ ପକ୍ଷରୁ ଶାଖା ପରିଚାଳକଙ୍କ ସମେତ ପାଞ୍ଚ ଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି।

୩,୮୫୫ କୋଟିର...

କ୍ଷେତ୍ରରେ ଏହି ନିବେଶ ହେବ। ପେପର, ପ୍ୟାକେଜିଂ ଓ ପ୍ଲାଷ୍ଟିକ୍ କ୍ଷେତ୍ରରେ ଦୁଇଟି ପ୍ରକଳ୍ପ ପାଇଁ ମୋଟ ୧,୦୨୯.୯୧ କୋଟି ଟଙ୍କା ନିବେଶ ପ୍ରସ୍ତାବ ରହିଛି। ଏଥିରୁ ୧,୯୬୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆକଳନ କରାଯାଇଛି। ନୟାଗଡ଼ରେ ଆଲିଶା ଟୋରେଣ୍ଟ କ୍ଲୋଜର୍ସ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ ୫୨୯.୯୧ କୋଟି ଟଙ୍କା ବିନିଯୋଗ କରି ବୋତଲରେ ବ୍ୟବହୃତ କ୍ୟାପ୍ ଓ କ୍ଲୋଜର୍ ଉତ୍ପାଦନ କରିବ। ଏଥିରେ ୨୫୦ ଜଣଙ୍କୁ ନିଯୁକ୍ତି ମିଳିବା ସମ୍ଭାବନା ରହିଛି। ଖୋର୍ଦ୍ଧାରେ ଷ୍ଟାର୍କ ରିଜ୍ ପ୍ରାଇଭେଟ୍ ଲିମିଟେଡ୍ ୫୦୦ କୋଟି ଟଙ୍କାରେ ପେପର ଓ ପେପର ପ୍ରଡକ୍ଟସ କାରଖାନା ପ୍ରତିଷ୍ଠା କରିବ। ଏହି ପ୍ରକଳ୍ପରେ ୧,୭୧୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ରହିଛି। କମ୍ପ୍ରେସ୍ଡ ବାୟୋଗ୍ୟାସ୍(ସିବିଜି) ଉତ୍ପାଦନ ପାଇଁ ବୈଠକରେ ୩ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏଥିରେ ମୋଟ ୬୮୦ କୋଟି ଟଙ୍କା ନିବେଶ ହେବ ଏବଂ ୯୮୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ତିନିଟି ପ୍ରକଳ୍ପର ମୋଟ ସିବିଜି ଉତ୍ପାଦନ କ୍ଷମତା ବାର୍ଷିକ ୨୯,୭୦୦ ଟନ୍ ହେବ। ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଅନୁଗୁଳ, ଯାଜପୁର ଓ ସମ୍ବଲପୁରରେ ୩୬୦ କୋଟି ଟଙ୍କା ବିନିଯୋଗରେ ବାର୍ଷିକ ୧୪,୮୫୦ ଟନ୍ କ୍ଷମତାର ସିବିଜି କାରଖାନା କରିବ। ଏଥିରେ ୭୪୫ଟି ନିଯୁକ୍ତି ସୁଯୋଗ ରହିଛି। ସେହିପରି ସୁନ୍ଦରଗଡ଼ରେ କିନେଟା ଗ୍ଲୋବାଲ୍ ଲିମିଟେଡ୍ ୧୭୦ କୋଟି ଟଙ୍କାରେ ୮,୨୫୦ ଟନ୍ କ୍ଷମତାର ସିବିଜି ପ୍ରକଳ୍ପ କରିବ। ଏଥିରେ ୧୭୦ ଜଣ ନିଯୁକ୍ତି ପାଇବେ। ବାଲେଶ୍ୱରରେ ଶ୍ରୀ ମେଟାଲିକ୍ସ ବାୟୋ ଏନର୍ଜି ଲିମିଟେଡ୍ ୧୫୦ କୋଟି ଟଙ୍କା ବିନିଯୋଗରେ ୬,୬୦୦ ଟନ୍ କ୍ଷମତାର ସିବିଜି ପ୍ରକଳ୍ପ କରିବ। ଏଥିରେ ୬୯ଟି ନିଯୁକ୍ତି ସୁଯୋଗ ରହିଛି। ଡାଉନଷ୍ଟ୍ରିମ୍ ଷ୍ଟିଲ୍ ଓ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ୩ଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ଏଥିରେ ୩୨୩.୮୧ କୋଟି ଟଙ୍କା ନିବେଶ ଓ ୬୩୪ଟି ନିଯୁକ୍ତି ସୁଯୋଗ ରହିଛି। ଏରୋସ୍ପେସ୍ ଓ ପ୍ରତିରକ୍ଷା କ୍ଷେତ୍ରରେ ଖୋର୍ଦ୍ଧାରେ ୨ଟି ପ୍ରକଳ୍ପ ପାଇଁ ୧୧୭ କୋଟି ଟଙ୍କା ନିବେଶ ହେବ। ଏଥିରେ ୧,୧୭୦ଟି ନିଯୁକ୍ତି ସୁଯୋଗ ରହିଛି। ଏତଦବ୍ୟତୀତ ଖୋର୍ଦ୍ଧାରେ ଅମୃତାଶ ହେଲ୍ଥକେୟାର ପ୍ରାଇଭେଟ୍ ଲିମିଟେଡ୍ ୧୫୨.୬୯ କୋଟି ଟଙ୍କା ବିନିଯୋଗରେ ଔଷଧ ଉତ୍ପାଦନ କାରଖାନା କରିବ। ଏଥିରେ ୫୨୦ଟି ନିଯୁକ୍ତି ସୁଯୋଗ ରହିଛି। ସେହିପରି ପର୍ଯ୍ୟଟନ କ୍ଷେତ୍ରରେ ୬ଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ଏଥିରେ ମୋଟ ୧,୦୩୫.୬୨ କୋଟି ଟଙ୍କା ନିବେଶ ଓ ୧,୩୩୭ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଲିଣ୍ଡେ ସାଉଥ୍ ଏସିଆ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୮୨ କୋଟି ଟଙ୍କା ବିନିଯୋଗରେ ଏକ ଗ୍ଲୋବାଲ୍ କମ୍ପିଟେନ୍ସି ସେଣ୍ଟର ପ୍ରତିଷ୍ଠା କରିବ। ଏଠାରେ ପରିବହନ ଓ ରିମୋଟ୍ ଅପରେସନ୍ ସମ୍ବନ୍ଧୀୟ କାର୍ଯ୍ୟ ହେବ। ଏହି ପ୍ରକଳ୍ପରେ ୨୧୦ଟି ନିଯୁକ୍ତି ସୁଯୋଗ ରହିଛି।

ଆବଶ୍ୟକ

ଝାରପୋଖରିଆ ଟୋଲ୍ ପ୍ଲାଜା, ମୟୂରଭଞ୍ଜ, ଓଡ଼ିଶା ଠାରେ ଅବସରପ୍ରାପ୍ତ କର୍ମଚାରୀ ଏବଂ ଅବସରପ୍ରାପ୍ତ ସୁରକ୍ଷା କର୍ମଚାରୀ (ଅସ୍ତ୍ର ଲାଇସେନ୍ସପ୍ରାପ୍ତ) ଆବଶ୍ୟକ।

ଯୋଗାଯୋଗ

8130006980

NOTICE FOR LOSS OF DOCUMENTS

Notice is hereby given from Prasanta Kumar Biswal that, he has applied for loan to LIC HFL. But at present he has lost the Original Link Documents i.e. Sale Deed No. 3723 dtd. 26/05/2001 & ROR of Khata No.: 1330/5715, which were kept with him and in-spite of his best efforts, failed to trace the same. Therefore, notice is hereby given to general public that if anybody has got any right, title, interest over the property on the missing documents, he/she has to claim before the LIC HFL, Kataka within 15 days from the date of publication. And after that the document will lose its legal force and LIC HFL, KATAKA will not be responsible for any claim What-so-ever on the property after 15 days.

Address for Communication: LIC HFL, Kataka, B. K. Pattanaik, Advocate, Mob. No. : 9337395558

କଟକ ଉନ୍ନୟନ କର୍ତ୍ତୃପକ୍ଷ

KDA

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

13001/12282/2627

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ ରେ ପ୍ଲଟ୍ ନଂ-13-3C/1321 ଟିକୁ ଡ଼. ସଂଯୁକ୍ତା ଏସ୍. ମହାନ୍ତି, ସ୍ୱାମୀ-ସ୍ୱର୍ଗତ ସବ୍ୟସାଚୀ ପି. ମହାନ୍ତି, ସା-ବେପାରୀ ସାହି, ବକ୍ସି ବଜାର, ପୋ-ବକ୍ସି ବଜାର, ଥା-କଟକ ସଦର, ଜିଲ୍ଲା-କଟକ, ଓଡିଶା ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଡ଼. ସଂଯୁକ୍ତା ଏସ୍. ମହାନ୍ତି ଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଶ୍ରୀ ସମିତ ସବ୍ୟସାଚୀ ମହାନ୍ତି, ପିତା-ସ୍ୱର୍ଗତ ସବ୍ୟସାଚୀ ପି. ମହାନ୍ତି ଏବଂ ମାତା-ସ୍ୱର୍ଗତା ସଂଯୁକ୍ତା ଏସ୍. ମହାନ୍ତି, ସା-ବେପାରୀ ସାହି, ବକ୍ସି ବଜାର, ପୋ-ବକ୍ସି ବଜାର, ଥା- କଟକ ସଦର, ଜିଲ୍ଲା-କଟକ, ଓଡିଶା ଉକ୍ତ ପ୍ଲଟ୍ ଟିକୁ ଉତ୍ତରାଧିକାର ସୂତ୍ରରେ ତାଙ୍କ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR- 13001/13037/1/26-27/0129 **ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**

OFFICE OF THE DIVISIONAL FOREST OFFICER, MALKANGIRI

E-Mail: dfo.malkangiri@odisha.gov.in 8001/418/2627

CORRIGENDUM

The advertisement for the engagement of a Wildlife Veterinary Assistant on a contractual basis under Malkangiri Forest Division, issued vide this office Letter No. 5380 dated 14.10.2026, is hereby postponed until further notice due to unavoidable circumstances.

Divisional Forest Officer,
Malkangiri Forest Division.

OIPR-8001/8109/1/26-27/0006

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର — ଡିମାଣ୍ଡ ନୋଟିସ୍

बैंक ऑफ महाराष्ट्र Bank of Maharashtra भारत सरकार का उद्यम — एक परिवार एक बैंक

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

ଡିମାଣ୍ଡ ନୋଟିସ୍

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, କ୍ର. ନଂ.-୧ ପାଇଁ **କଟକ ଶାଖା** ଏବଂ କ୍ର. ନଂ.-୨ ପାଇଁ **କଳିଙ୍ଗ ନଗର ଶାଖା** ଦ୍ୱାରା ନିମ୍ନ ଋଣ ସୁବିଧା ଗୁଡ଼ିକ ମଞ୍ଜୁର କରାଯାଇଛି ଏବଂ ଆପଣ ଏହା ପ୍ରାପ୍ତ କରିଛନ୍ତି । କଥିତ ପ୍ରାପ୍ତ ଋଣ ସୁବିଧା ଅନୁଯାୟୀ ଆପଣ ବ୍ୟାଙ୍କ ସପକ୍ଷରେ ଆବଶ୍ୟକୀୟ କାଗଜପତ୍ର ସମ୍ପାଦନ କରିଛନ୍ତି ଏବଂ ବ୍ୟାଙ୍କ ସପକ୍ଷରେ ବନ୍ଧକ ମଧ୍ୟ ଦେଇଛନ୍ତି । ଆମର ବାରମ୍ବାର ରିମାଇଣ୍ଡ ସତ୍ତ୍ୱେ, ଆପଣମାନେ ଆପଣମାନଙ୍କର ବକେୟା ଦେୟ ପରିଶୋଧ କରୁନାହାନ୍ତି । ଏଣୁ କିସ୍ତି ସୁଧ ମୂଳଋଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର ମଣ୍ଡଳର** ଋଣଗ୍ରହିତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା । କିନ୍ତୁ ରେଜିଷ୍ଟ୍ରେଡ଼ ଡ଼ାକ ସହିତ ଏ.ଡ଼ି. / ସ୍ପିଡ୍ ପୋଷ୍ଟ ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇଥିଲା । ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

କ୍ର. ନଂ	ଋଣଗ୍ରହୀତା / ଜାମିନଦାର ଓ ଶାଖାର ନାମ ଏବଂ ଠିକଣା	ପ୍ରକାର / ଋଣ ପରିମାଣ	ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ ବକେୟା ଦେୟ	ସମ୍ପତ୍ତିର ବିବରଣୀ ବନ୍ଧକ / ହାଇପୋଥେକେଟ୍ କରାଯାଇଥିବା ସମ୍ପତ୍ତି
୧.	କଟକ ଶାଖା / ୧) ଋଣଗ୍ରହୀତା: ମେସର୍ସ ଶ୍ରୀ ଶ୍ୟାମ ଇନଫ୍ରା, ଆଲୋଏଜ୍ । ଏହାର ସତ୍ତ୍ୱାଧିକାରୀ: ଶ୍ରୀ ସନ୍ଦୀପ କୁମାର ଅଗ୍ରୱାଲଙ୍କ ମାଧ୍ୟମରେ, ସା-ପ୍ଲଟ୍ ନଂ.-୩୪୪/୨୯୫୩/୩୨୯୮, ଚୌଦ୍ୱାର ମଙ୍ଗଳା ମନ୍ଦିର ନିକଟ, ଚୌଦ୍ୱାର କଲେଜ ପଛରେ, କଟକ, ଓଡ଼ିଶା-୭୫୪୦୭୧ ୨) ଋଣଗ୍ରହୀତା: ଶ୍ରୀ ସନ୍ଦୀପ କୁମାର ଅଗ୍ରୱାଲ, ପିତା-ଶ୍ରୀ ସୁବାଷ ଚନ୍ଦ୍ର ଅଗ୍ରୱାଲ, ସା-ଗଙ୍ଗା ମନ୍ଦିର, କଟକ ସଦର, କଟକ, ଓଡ଼ିଶା-୭୫୩୦୦୧	CC-MAHA-MSE CGT<= 25L_NEW / ଟ.୨୫.୦୦ ଲକ୍ଷ ମାତ୍ର TLMAHA-MSE CGT<= 25L_NEW / ଟ.୧୫.୦୦ ଲକ୍ଷ ମାତ୍ର	୦୮.୦୮.୨୦୨୫ /୧୩.୧୦.୨୦୨୬ /ତା.୧୩.୧୦.୨୦୨୬ ସୁଦ୍ଧା ଟ. ୨୯,୪୬,୫୬୬.୭୨ + ସେବାବଦ ପରବର୍ତ୍ତୀ ସୁଧ ୦୮.୦୮.୨୦୨୫ /୧୩.୧୦.୨୦୨୬ /ତା.୧୩.୧୦.୨୦୨୬ ସୁଦ୍ଧା ଟ. ୧୨,୫୯,୦୮୭.୩୪ + ସେବାବଦ ପରବର୍ତ୍ତୀ ସୁଧ	ସମାନ ବନ୍ଧକ ଥିବା ଜମି ଏବଂ ବିଲ୍ଡିଂର ବିବରଣୀ ନିମ୍ନପ୍ରକାରେ: ଶ୍ରୀ ସନ୍ଦିପ କୁମାର ଅଗ୍ରୱାଲଙ୍କ ନାମରେ ସମାନ ବନ୍ଧକ ଥିବା ସେହି ସମସ୍ତ ଜମି ଏବଂ ବିଲ୍ଡିଂର ସମସ୍ତ ଖଣ୍ଡ ଓ ଅଂଶବିଶେଷ ଯାହାର ଗ୍ରାମ/ମୌଜା-ଜେନିପୁର, ନରସିଂହପୁର, ପୋ-ଟାଙ୍ଗୀ ଚୌଦ୍ୱାର, ଥାନା-ଜଗତପୁର, ତହସିଲ-ଜଗତପୁର, ରେଜିଷ୍ଟ୍ରେସନ୍ ଜିଲ୍ଲା-କଟକ, ସିଟିଏସ୍/ସର୍ଭେ/ଖାତା ନଂ.-୬୦୯/୧୦୯୯, ଅନୁରୂପ ଖାତା ନଂ.-୬୦୯/୧୯୧୯, ପ୍ଲଟ୍ ନଂ.-୧୮୯୯/୩୨୦୪, ୨୦୦୦ ବର୍ଗଫୁଟ ମାପ ବିଶିଷ୍ଟ । ଏହାର ଚତୁଃପାର୍ଶ୍ୱ ନିମ୍ନପ୍ରକାର ଅଟେ: ପୂର୍ବ-ବିକ୍ରେତାଙ୍କ ସମ୍ପତ୍ତି, ପଶ୍ଚିମ-ରାସ୍ତା, ଉତ୍ତର-ରାସ୍ତା, ଦକ୍ଷିଣ-ପ୍ଲଟ୍ ନଂ.-୧୮୯୬
୨.	କଳିଙ୍ଗ ନଗର ଶାଖା / ୧) ଋଣଗ୍ରହୀତା: ଶ୍ରୀ/ ଶ୍ରୀମତୀ ରେଣୁକା ଦାସ, ସ୍ୱାମୀ-ସୁଦର୍ଶନ ନାୟକ, ନଚିନ୍ତା, ମହାରାଜପୁର, ବାଲେଶ୍ୱର, ଓଡ଼ିଶା-୭୫୬୦୪୩	Term Loan (MAHA SUPER CAR LN ୨୦୨୧)	୦୯.୦୯.୨୦୨୯ /୧୬.୦୯.୨୦୨୬ /ତା.୧୮.୦୯.୨୦୨୬ ସୁଦ୍ଧା ଟ. ୧୧,୩୩,୮୨୫/- + ବର୍ତ୍ତମାନ ତାରିଖ ପର୍ଯ୍ୟନ୍ତ ସୁଧ	ସୁରକ୍ଷା: ଶ୍ରୀ/ଶ୍ରୀମତୀ ରେଣୁକା ଦାସଙ୍କ ନାମରେ ବନ୍ଧକ ଥିବା ଯାନର (ସମ୍ପତ୍ତି) ଏହାର ବିବରଣୀ ନିମ୍ନରେ ଦିଆଯାଇଛି-ଯାନବାହାନ ବିବରଣୀ ପଞ୍ଜିକରଣ ନଂ.-24BH9673K, ନିର୍ମାଣ ବର୍ଷ-୨୦୨୪, ମଡେଲ୍ ଓ ରଙ୍ଗ-ELEVATE/ZX MT PLATINUM ସହିତ ଚେଚିସ୍ ନଂ.-MAKDG577CR4006215, ଇଞ୍ଜିନ ନଂ.-L15ZD2238351, ବୀମା ବିବରଣୀ-ROYAL SUNDERAM INSURANCE HOBL128326000100.

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ସରଫେଶୀ) ଅନୁଯାୟୀ ବ୍ୟାଙ୍କ ଏହାର ଅଧିକାର କ୍ଷୁର୍ଣ୍ଣ ନକରି କ୍ଷମତା ପ୍ରୟୋଗ କରିବ । ଏତଦ୍‌ଦ୍ୱାରା ବ୍ୟାଙ୍କ ଆପଣଙ୍କୁ ଉପରୋକ୍ତ ଉଲେଖିତ ବକେୟା ରାଶି ସହିତ ଭବିଷ୍ୟତର ସୁଧ ଏବଂ ତତ୍ ସମ୍ବନ୍ଧୀୟ ଅନ୍ୟାନ୍ୟ ଦେୟ ଶୁଳ୍କ ପରିଶୋଧ କରିବାକୁ ଜଣାଇ ଦେଉଅଛି । କ୍ର. ନଂ.-୧ କ୍ଷେତ୍ରରେ ସରଫେଶୀ ଅଧିନିୟମ, ୨୦୦୨ ଅନୁଯାୟୀ **୬୦ଦିନ** ମଧ୍ୟରେ ଏବଂ କ୍ର. ନଂ.-୨ କ୍ଷେତ୍ରରେ ଋଣ ଚୁକ୍ତିନାମା / ହାଇପୋଥେକେସନ୍ ସର୍ତ୍ତାବଳୀ ଅନୁଯାୟୀ **୧୫ ଦିନ** ମଧ୍ୟରେ ଉକ୍ତ ରାଶି ପରିଶୋଧ କରିବାକୁ ହେବ । ଏଥିରେ ବିଫଳ ହେଲେ, କ୍ର. ନଂ.-୧ କ୍ଷେତ୍ରରେ ବ୍ୟାଙ୍କ ସରଫେଶୀ ଅଧିନିୟମର ଧାରା ୧୩(୪) ଅନୁଯାୟୀ ସମସ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ କ୍ର. ନଂ.-୨ କ୍ଷେତ୍ରରେ ହାଇପୋଥେକେଟ୍ କରାଯାଇଥିବା ଯାନକୁ ଜବତ କରିବା, ନିଜ ଅଧୀନକୁ ନେବା ଏବଂ ବିକ୍ରୟ କରିବାକୁ ହକଦାର ହେବ । ଏହି ଅଧିନିୟମ ଅନୁଯାୟୀ ଉକ୍ତ ବନ୍ଧକ ସମ୍ପତ୍ତି / ସୁରକ୍ଷା ସମ୍ପତ୍ତି ସମ୍ବନ୍ଧରେ ବ୍ୟାଙ୍କର ଅନ୍ୟାନ୍ୟ ଆଇନଗତ ପ୍ରତିକାର ଗ୍ରହଣ କରିବାର ଅଧିକାର ଅକ୍ଷୁଣ୍ଣ ରହିବ । ଏପରି ପରିସ୍ଥିତିରେ ଆପଣଙ୍କୁ ସମସ୍ତ ଖର୍ଚ୍ଚ, ଦେୟ ଶୁଳ୍କ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ମଧ୍ୟ ପରିଶୋଧ କରିବାକୁ ଦାୟୀ ରହିବାକୁ ପଡ଼ିବ । ଆକ୍ଟ ଅନ୍ତର୍ଗତ ଉପଲବ୍ଧ ଥିବା କ୍ଷମତାଗୁଡ଼ିକ : **କ)** ଋଣଗ୍ରହୀତାଙ୍କ ବନ୍ଧକ ସୁରକ୍ଷିତ ସମ୍ପତ୍ତିକୁ ଦଖଲ, ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରି କରାଯାଇ ଋଣ ରାଶି ଆଦାୟ କରିପାରିବେ । **ଖ)** ବନ୍ଧକ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ଭାର ଗ୍ରହଣକରି ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରୟ କରାଯାଇ ଋଣ ରାଶି ଆଦାୟ କରିପାରିବେ । **ଗ)** ବନ୍ଧକଧାରୀ ଋଣଦାତା ଭାବେ ବ୍ୟାଙ୍କ ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ପାଇଁ ଯେକୌଣସି ବ୍ୟକ୍ତିଙ୍କୁ (ଏହା ପରେ ପରିଚାଳକ ଭାବେ ଦର୍ଶିତ ହେବେ) ନିଯୁକ୍ତି କରିପାରିବେ । **ଘ)** କୌଣସି ବ୍ୟକ୍ତିଙ୍କୁ ଯିଏ କି ଋଣଗ୍ରହୀତାଙ୍କ ଠାରୁ ସୁରକ୍ଷିତ ସମ୍ପତ୍ତିକୁ ଅଧିକାର କରିଛନ୍ତି ଏବଂ ଯାହାଙ୍କ ଠାରୁ ଅର୍ଥରାଶି ପ୍ରାପ୍ତ ହେବାକୁ ଅଛି କିମ୍ବା ଯାହାଙ୍କର ଋଣଗ୍ରହୀତାଙ୍କୁ ଦେୟ ପ୍ରଦାନ କରିବାକୁ ଅଛି, ତାଙ୍କୁ ଲିଖିତ ନୋଟିସ୍ ମାଧ୍ୟମରେ ବ୍ୟାଙ୍କକୁ ଉକ୍ତ ଅର୍ଥରାଶି ଯାହାକି ସୁରକ୍ଷିତ ଋଣ ନିମନ୍ତେ ଯଥେଷ୍ଟ ତାହା ପ୍ରଦାନ କରିବାକୁ କୁହାଯିବ । ସୂଚନାଯୋଗ୍ୟ ଯେ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପ୍ରାପ୍ତି ପରେ ଆମର ପ୍ରାକ୍ ଲିଖିତ ଅନୁମତି ବିନା ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ । **ଏତଦ୍‌ଦ୍ୱାରା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ ।**

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୯.୧୦.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

WANTED

Retired Employees and retired security personnel (holding arms licenses) are required at Jharpokharia Toll Plaza, Mayurbhanj, Odisha.

Contact
8130006980

AFFIDAVIT

By virtue of an affidavit sworn before the Executive Magistrate, Anandapur, on 27.10.2026, I, Sunil Tiyu, S/o Sundara Tiyu, resident of At-Baruan, P.O.-Baladuan, P.S.-Anandapur, Dist.-Keonjhar, Odisha-758021, do hereby declare that I have changed my name from Sunil Ho to Sunil Tiyu. Henceforth, I shall be known as **Sunil Tiyu** for all purposes.

Sd/- Sunil Tiyu

AFFIDAVIT

By virtue of an affidavit (SL No. A/35, dtd- 28.10.2026) sworn before The Executive Magistrate, Panposh, Raurkela. I, **Kavita Sahu** (applicant name), W/o Mohan Sahu, resident of Sitalnagar, PO/PS: Bondamunda, Raurkela, Dist: Sundargarh, State: Odisha, PIN-770032 declare that I have changed my minor daughter's name from **Prachi Sahu** (old name) to **Barkha Sahu** (new name). Henceforth, she shall be known as **Barkha Sahu** (new name) for all purposes.

Kavita Sahu

AFFIDAVIT

By virtue of an affidavit sworn before the Notary Public, Sonepur, dated 12.10.2026 I, **Rajat Barakhuntia,** Address: At-sahajbahal, Po- Sankara, Ps-Binika, Dist- Subarnapur, Pin-767019, ODISHA, declare that I have changed my name from **Rajit Barakhuntia** to **Rajat Barakhuntia.** Henceforth, I shall be known as **"Rajat Barakhuntia"** for all purposes.

Rajat Barakhuntia

AFFIDAVIT

By virtue of an affidavit sworn before The Notary Public, Titilagarh, on dated- 29/10/2026. I, **Maniram Samarath** (applicant name), S/o Lakinath Samarath, permanent & current resident of AT/PO: Temurupali, PS: Mathili, Dist: Malkangiri, State: Odisha, PIN: 764044 declare that I have changed my minor son's name from **Yaswant Samarth** (old name) to **Jasabanta Samarath** (new name). Henceforth, he shall be known as **Jasabanta Samarath** (new name) for all future purposes.

Maniram Samarath

AFFIDAVIT

I, Malati Behera legally Wife of Muralidhara Behera, permanent resident of Vill-PO Kandarsinagha, PS-Parjanga, Dist- Dhenkanal, State- Odisha, PIN- 759120 have corrected my date of birth from **(01.01.1969)** to **(18.11.1965)** in my son's Army Service Record No-**4289735Y**, vide affidavit No-1204, dtd- 27.10.2026 before The Executive Magistrate, Parjang, Odisha.

AFFIDAVIT

I, Haresh Patel, aged about 60 years, S/o- Late Lalji Bhai Patel, At-282, Kali Mandir Road, Jharsuguda, PS/Dist-Jharsuguda, PIN-768202, Odisha declared by this affidavit No.7516, dtd- 14/08/2026 that now onwards I shall be known as **HARESH KUMAR PATEL** for all future purposes.

AFFIDAVIT

By virtue of an affidavit sworn before the Notary Public, Jajpur Road, dtd.24.10.2026. I, Nirod Kumar Mohapatra, Vill.-Pathara Pada, P.O./P.S.-Panikoili, Dist.-Jajpur-755043, declare that my correct name is Nirod Kumar Mohapatra but in passport records of my son Jyoti Ranjan Mohapatra, my name has been mentioned as Nirod Mohapatra. I hereby declare that Nirod Mohapatra and Nirod Kumar Mohapatra refer to one and the same person , being the father of Jyoti Ranjan Mohapatra. Henceforth I shall be known as **Nirod Kumar Mohapatra** for all purposes.

Sd/- Nirod Kumar Mohapatra

AFFIDAVIT

By virtue of an affidavit No. 3529 dated 26.10.26 sworn in front of the Executive Magistrate, Bolagada, Dist.-Khordha, Odisha, I, GITA RAUT, W/o- Baikuntha Raut, Aadhaar Card No. 5165 2491 0013, of Village- Chuda, P.O.- Dabardhuapatna, Via/P.S.-Bolagada, Dist.-Khordha, declare that I have changed my name from Kabita Raut to Gita Raut. Henceforth I shall be known as **Gita Raut** for all official and non-official purposes.

Sd/- Gita Raut

AFFIDAVIT

By virtue of an affidavit sworn before the Executive Magistrate, Bhadrak, on 26.10.2026, I, Saraswati Maharana, W/o Pravakar Sutar, Vill-Falpur, P.O.-Nadigaon, P.S.-Dhusuri, Dist.-Bhadrak, Odisha-756119, do hereby declare that Pravati Sutar, Pravati Maharana and Saraswati Maharana are one and the same person. I was known as Pravati Sutar as per my LIC policy no. 586552099 whereas my name is recorded as Saraswati Maharana in my bank passbook / Aadhaar records. Henceforth, I shall be known as **Saraswati Maharana** for all purposes.

Saraswati Maharana

ପଶ୍ଚିମ ରେଳବାଇ-ରତଲାମ

ଇ-ଟେଣ୍ଡର ବିଜ୍ଞପ୍ତି

କ୍ରମିକ ନଂ. ୧, ଇ-ଟେଣ୍ଡର ନଂ.:RTM-2026-27-105। କାର୍ଯ୍ୟର ନାମ: ମାକ୍ସି–ଭୋପାଳ – Blanketing Material ସହିତ Through Formation Treatment (TFTR) – ୨୩.୬୩୬ Tkm। ଆନୁମାନିକ ପରିମାଣ: ଟେଣ୍ଡର ସିଡ୍ୟୁଲ୍ ଅନୁଯାୟୀ। ଆନୁମାନିକ ମୂଲ୍ୟ: ଟ.୩୦,୮୮,୦୦,୭୭୬.୦୩। ବୟନା ରାଶି: ଟ. ୬୧,୭୬,୦୦୦.୦୦। କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ। ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୨୭.୧୦.୨୦୨୬। ଟେଣ୍ଡର ଖୋଲିବା ତାରିଖ: ୨୦.୧୧.୨୦୨୬। କ୍ରମିକ ନଂ. ୨, ଇ-ଟେଣ୍ଡର ନଂ.: RTM-2026-27-111। କାର୍ଯ୍ୟର ନାମ: ନାଗଦା–ଭୋପାଳ ସେକ୍ସନ୍‌ର ୦୯ଟି ଷ୍ଟେସନରେ Automatic Block Signalling ସହିତ PI to EI କାର୍ଯ୍ୟ ପାଇଁ EI ବିଲ୍ଡିଂ ନିର୍ମାଣ (ସିଭିଲ୍ + ଇଲେକ୍ଟ୍ରିକାଲ୍) ସମ୍ମିଳିତ କାର୍ଯ୍ୟ। ଆନୁମାନିକ ପରିମାଣ: ଟେଣ୍ଡର ସିଡ୍ୟୁଲ୍ ଅନୁଯାୟୀ। ଆନୁମାନିକ ମୂଲ୍ୟ: ଟ. ୧୫,୩୭,୮୯,୧୫୩.୦୧। ବୟନା ରାଶି: ଟ. ୩୦,୭୫,୮୦୦.୦୦। କାର୍ଯ୍ୟ ସମାପ୍ତି ଅବଧି: ୧୬ ମାସ। ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୨୭.୧୦.୨୦୨୬। ଟେଣ୍ଡର ଖୋଲିବା ତାରିଖ: ୨୦.୧୧.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। 0310

ଆମକୁ ଲାଇକ୍ କରନ୍ତୁ facebook.com/WesternRly

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 40/ET/SBP/ENGG/2026-27, ତା.22.10.2026ରିଖ

(1) ଇ-ଟେଣ୍ଡର ସଂ. 09-eT-BRIDGE-SBP-26

କାର୍ଯ୍ୟର ବିବରଣୀ: ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ବ୍ରିଜ୍/ ସମ୍ବଲପୁରଙ୍କ ପରିସୀମା ଅଧୀନରେ ଥିବା ଝାରସୁଗୁଡ଼ା ରୋଡ୍ (JSGR) - ବଡ଼ମାଳ (BUDM) ଏବଂ ସରଗିପାଲି (SRGP) - ହଣ୍ଡପା (HNPA) ସେକ୍ସନ ମଧ୍ୟରେ 2026-27 ବର୍ଷ ପାଇଁ 02 ସଂ. TOWG, 07 ସଂ. ପ୍ଲେଟ ଗାର୍ଡର (Plate Girder) ଏବଂ 09 ସଂ. ରୋଡ଼ ଓଭର ବ୍ରିଜ (ROB) ର ସମ୍ପୂର୍ଣ୍ଣ ରଙ୍ଗ (ନିର୍ଦ୍ଧାରିତ) କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹1,43,29,356.70, ବିଡ୍ ସିକ୍ୟୁରିଟୀ : ₹2,86,600/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ।

(2) ଇ-ଟେଣ୍ଡର ସଂ. 10-eT-SETT-SBP-26

କାର୍ଯ୍ୟର ନାମ: ସମ୍ବଲପୁର ରେଳମଣ୍ଡଳ ଅନ୍ତର୍ଗତ ସହାୟକ ମଣ୍ଡଳ ଯନ୍ତ୍ରୀ / ସେଟଲମେଣ୍ଟ / ସମ୍ବଲପୁରଙ୍କ ଅଧୀନରେ ଥିବା ସମ୍ବଲପୁର ସେଟଲମେଣ୍ଟର ସେକ୍ଟର A, B, C, D ଏବଂ E ରେ ଥିବା ରେଳ ଆବାସିକ କ୍ୱାଟର୍ସଗୁଡ଼ିକର ପ୍ରମୁଖ ମରାମତି କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹1,98,36,896.50, ବିଡ୍ ସିକ୍ୟୁରିଟୀ : ₹3,96,800/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 16.11.2026, 1500 ଘଣ୍ଟିକା (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନ୍ୟୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନ୍ୟୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର

PR-515/R/26-27

LOST

I, **Ramita Mahapatra,** aged about 43 years, W/o: Debasis Tripathy, resident of At: Telengapentha (in Front of Govt. Medical & Backside of Gandhi Smruti Pitha), PO: Telengapentha, PS: Kataka Sadar, Dist.: Kataka, PIN-754001, Odisha, do hereby solemnly affirm that the Original Regd. Sale Deed No.: 10391105750, dtd.13.05.2011 executed by Debaki Sahoo, W/o: Bahudi Sahoo in favour of Sanjaya Kumar Rath, S/o: Sachidananda Rath and Original Mutation Khata No.: 2-D1, Plot No.: 1981, Area: Ac. 0.190 Dec., in the name of Sanjay Kumar Rath, S/o: Sachidananda Rath & Original Regd. Sale Deed No.: 10391011788, dtd.06.12.2010 executed by Bijay Kumar Prusty, S/o: Agani Prusty in favour of Smt. Debaki Sahoo, W/o: Bahudi Sahoo & Original Regd. Sale Deed No.: 10391006426, dtd.12.07.2010 executed by Santilata Sahoo, W/o: Rabindra Nath Sahoo & others in favour of Bijaya Kumar Prusty, S/o: Agani Sahoo & Original Mutation Khata No.: 697/29 & 2-D1, Plot No.: 1981, Area: Ac. 0.19 Dec., in the name of Rabindra Nath Sahoo, S/o: Kasinath Sahoo & Regd. Sale Deed No.: 2799, dtd. 05.05.1982 executed by Malati Behera, W/o: Uchhaba Behera & Jiban Behera, S/o: Uchhaba Behera in favour of Rabindra Nath Sahoo, S/o: Kasinath Sahoo of the previous owner to be deposited with the Bank. (Original) That, despite of all efforts, I could not trace the original Sale Deed till date. If anyone found, please contact on **Mob: 9437366322.**

ସକାଳ
THE SAKALA

● ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବ ୪ର୍ଥ ସନ୍ଧ୍ୟା

'ଭଣ୍ଡାରିପୋଖରୀ କଳା ସାହିତ୍ୟ ସଂସ୍କୃତିର ମାଟି'

ବାରିକପୁର,୨୯।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଳଦା ଜଗନ୍ନାଥ ବଜାର ବଣିକ ସଂଘଠାରେ ମା' ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ମୁଖ୍ୟବକ୍ତା ଭାବେ ବିଜେପି ନେତା ତଥା ନାଟ୍ୟକାର ସୁଧାଂଶୁ ନାୟକ, ବରେଣ୍ୟ ଅତିଥି ବିଜେପି ନେତା ବଦ୍ରୀ ନାରାୟଣ ଧଳ, ଅନ୍ୟତମ ଅତିଥି ଅକ୍ଷୟ କୁମାର ସାହୁ, ଶ୍ରୀଧର ସ୍ୱାଇଁ, ଗିରିଶ ସାମଲ, ମଣ୍ଡଳ ସଭାପତି ରଞ୍ଜନ ପରିଡ଼ା, ତରଣୀସେନ ଜେନା ପ୍ରମୁଖ ଯୋଗଦେଇ ଭଣ୍ଡାରିପୋଖରୀ ମାଟି କଳା, ସାହିତ୍ୟ, ସଂସ୍କୃତି ଓ ସଂଗ୍ରାମୀଙ୍କ ମାଟି ବୋଲି ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ନାୟକ, ଜଗନ୍ନାଥ ଦାସ, ବ୍ରଜ କିଶୋର ନାୟକ, ସୁରେନ୍ଦ୍ର ଦାସ, ପରମାନନ୍ଦ ସାମଲ, ଦେବାଶିଷ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବ ନେତା ଅଭୟ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରାକେଶ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗାୟକ ନିରଞ୍ଜନ ସ୍ୱାଇଁଙ୍କ ଦ୍ୱାରା ପାଲା ପରିବେଷଣ ହୋଇଥିଲା।

ଭଦ୍ରକରେ ୧୪ ରାସ୍ତାର ଭାଗ୍ୟ ବଦଳିବ

■ ୪.୯ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ପ୍ରସ୍ତାବ
■ କ୍ଷତିଗ୍ରସ୍ତ ରାସ୍ତାର ମରାମତି ନେଇ ଆଶା ସଞ୍ଚାର

ଭଦ୍ରକ,୨୯।୧୦(ସମିସ): ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀରେ କ୍ଷତିଗ୍ରସ୍ତ ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ରାସ୍ତାଗୁଡ଼ିକର ମରାମତି ଓ ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ପାଣ୍ଠି ଯୋଗାଣ ନେଇ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ୧୪ଟି ରାସ୍ତାର ଉନ୍ନତୀକରଣ ପାଇଁ ୪ କୋଟି ୯୦ ଲକ୍ଷ ଟଙ୍କାର ପାଣ୍ଠି ପ୍ରସ୍ତାବ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ଗତ ୨୭ ତାରିଖରେ ଚିଠି ଜାରି କରିଥିବା ଜଣାପଡ଼ିଛି। ଏହି ପଦକ୍ଷେପ ପରେ ସମ୍ପୃକ୍ତ ଅଞ୍ଚଳର ରାସ୍ତା ମରାମତି ନେଇ ଆଶା ସଞ୍ଚାର ହୋଇଛି। ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ରଙ୍କ ପତ୍ର ସଂଖ୍ୟା ୩୩୮/୦୩.୧୦.୨୦୨୬ ଆଧାରରେ ଏହି ପଦକ୍ଷେପ ନିଆଯାଇଛି। ରାସ୍ତାଗୁଡ଼ିକର ଗୁରୁତର କ୍ଷୟକ୍ଷତି ଓ ମରାମତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଆବଶ୍ୟକ ବିବରଣୀ ଓ ବିସ୍ତୃତ ରିପୋର୍ଟ ଦାଖଲ ପାଇଁ ସମ୍ପୃକ୍ତ ଅଧୀକ୍ଷକ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରସ୍ତାବିତ ରାସ୍ତା ତାଲିକାରେ ଜଳଙ୍ଗା-ଚରମ୍ପା ରାସ୍ତା ପାଇଁ ସର୍ବାଧିକ ୪୫ ଲକ୍ଷ ଟଙ୍କା ରହିଛି। ଚୁନିଦା-ବଳଭଦ୍ରପୁର ଲିଙ୍କ୍ ରୋଡ୍, ଏଲ୍-୬୫ରୁ ବଳାଜିତପଡ଼ା, ସାବରଙ୍ଗ-ନଳାବଙ୍କା, ଏଲ୍-୮୬ରୁ ବୌଦପୁର ଏବଂ ଏଲ୍-୮୬ରୁ ଜିରାଗମ୍ଭିରୀ ରାସ୍ତା ପାଇଁ ୪୦ ଲକ୍ଷ ଟଙ୍କା ଲେଖାଏଁ ପ୍ରସ୍ତାବ ରହିଛି।

● 'ଅର୍ଣ୍ଣବ' ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ

ଦୁର୍ଦ୍ଦଶାରେ ଦିନମଜୁରିଆ, ଶ୍ରମିକ ଓ ବେପାରୀ

ଅସୁରାଳି,୨୯।୧୦(ସମିସ): ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲାଗିରହିଥିବା ବର୍ଷା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ଧୂଷୁରୀ ଓ ଆଖପାଖ ପଞ୍ଚାୟତ ତଥା ଖପରପଡ଼ା, କଟସାହି, ବେତାଳିଗାଁ, ହସନାବାଦ, ଅର୍ଜୁନପୁର, ଗୋବିନ୍ଦପୁର, କଲ୍ୟାଣୀ ଗ୍ରାମାଞ୍ଚଳଗୁଡ଼ିକରେ ବର୍ଷାର ପ୍ରଭାବ ସବୁଠାରୁ ଅଧିକ ପରିଲକ୍ଷିତ ହୋଇଛି। ଜିଲ୍ଲାର କୋରୁଆ, ଇଚ୍ଛାପୁର, ମାଙ୍କିଡ଼ିଆ ଆଦି ଗ୍ରାମରେ ବର୍ଷାଜଳ ଜମି ରହିବା ଯୋଗୁଁ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ବର୍ଷା କାରଣରୁ ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି ଦିନମଜୁରିଆ, ନିର୍ମାଣ ଶ୍ରମିକ ଏବଂ ବେପାରୀମାନେ। ପ୍ରତିଦିନ କାମଧନ୍ଦାକୁ ଯାଇ ପରିବର ପ୍ରତିପୋଷଣ କରୁଥିବା ଏହି ଗରିବ ଶ୍ରେଣୀର ଲୋକମାନେ କାମ ନ ପାଇ ବେକାର ହୋଇ ବସିଛନ୍ତି। ଘରେ ଦାନା ନାହିଁ କି କାମର ସୁଯୋଗ ନାହିଁ। ଯାହାଫଳରେ ସେମାନଙ୍କ ପରିବାର ଚଳାଇବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ବର୍ଷା ଯୋଗୁଁ କୃଷି କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଅନ୍ୟପକ୍ଷରେ ଲଗାଣ ବର୍ଷା ଫଳରେ ଏହି ଅଞ୍ଚଳଗୁଡ଼ିକର କଚ୍ଚା ରାସ୍ତାଘାଟ କାଦୁଅମୟ ହୋଇଯିବା ସହ ପାଣି ଜମିରହି ଯାତାୟାତରେ ଅନେକ ଅସୁବିଧା ସୃଷ୍ଟି ହୋଇଛି। ବିଦ୍ୟୁତ୍ ସରବାରହ ମଧ୍ୟ ବାରମ୍ବାର ବାଧାପ୍ରାପ୍ତ ହେଉଥିବାରୁ ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଅଞ୍ଚଳରେ ଦେଖାଦେଇଥିବା ଏହି ଦୁର୍ଦ୍ଦଶା ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ପ୍ରଭାବିତ ଗ୍ରାମଗୁଡ଼ିକରେ ତୁରନ୍ତ ରିଲିଫ୍ ସହାୟତା ଏବଂ ଦିନମଜୁରିଆମାନଙ୍କୁ ଜରୁରୀ ସହାୟତା ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭିତିରି କଥା

ମେଡିକାଲ ସେବାକୁ 'ଫୁଁ'; ସୁଭଦ୍ରା କାଫେକୁ ଗୁରୁତ୍ୱ

ଭଦ୍ରକ,୨୯।୧୦(ସମିସ):

ପୂର୍ବ ସରକାର ଅମଳରେ ନିର୍ମିତ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହେବାକୁ ଇତିମଧ୍ୟରେ ଦେଢ଼ବର୍ଷ ହେବାକୁ ବସିଲାଣି। ତେବେ ବିଡ଼ମ୍ବନାର କଥା ହେଉଛି, ଏଯାଏଁ ଏଠାରେ ଗୁରୁତ୍ୱପୂର୍ଣ୍ଣ ରକ୍ତ ଭଣ୍ଡାର, ଶବ ବ୍ୟବଚ୍ଛେଦ ଗୃହ, ଆଇସିୟୁ(ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍), ଡାକ୍ତର ଓ ଡାକ୍ତରଖାନା ଷ୍ଟାଫ୍‌ଙ୍କ କ୍ୱାର୍ଟର୍ସ ନିର୍ମାଣ ହେଲାନାହିଁ। କହିବାକୁ ଗଲେ ସୁଦୃଢ଼ ଭିତ୍ତିଭୂମି, ଚକାଚକ୍ ପରିବେଶରେ ଛିଡ଼ା ହୋଇଥିବା ଏହି ଚିକିତ୍ସାଳୟଟି ବାସ୍ତବ ସେବାଠାରୁ ଦୂରରେ। ଏପରିସ୍ଥଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରର ମୁଖ୍ୟ ସ୍ଥାନରେ ବିରାଟକାୟ "ସୁଭଦ୍ରା କାଫେ" ନିର୍ମାଣ ଯୁଦ୍ଧକାଳୀନ ଭିତ୍ତିରେ କରାଯାଇ ଶେଷ ହେବାକୁ ବସିଛି। ଏହି କାଫେରେ ଖାଦ୍ୟପେୟ ଓ ଓମ୍‌ଫେଡ୍ କ୍ଷୀର ବିତରଣ ହେବ ବୋଲି ଜଣାଯାଇଛି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲ ଓ ବରିଷ୍ଠ ନାଗରିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ପ୍ରାୟ ୧୫୦ କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ସହର ଉପକଣ୍ଠ ସାମରାଇପୁରଠାରେ ୧୦ ଏକର ଭଳି ଜମିରେ ୨୦୦ରୁ ଅଧିକ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ୧୦୦ ଶଯ୍ୟାର ଏମ୍‌ସିଏଚ୍(ମଦର ଚାଇଲ୍ଡ ହସ୍ପିଟାଲ) ଅତ୍ୟାଧୁନିକ ଢଙ୍ଗରେ ନିର୍ମିତ ହୋଇଥିଲା। ପ୍ରାୟ ଦେଢ଼ବର୍ଷ ହେବ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏହା ସ୍ଥାନାନ୍ତର ହୋଇ କାର୍ଯ୍ୟକ୍ଷମ ହୋଇଛି। ହେଲେ ଏହି ନୂତନ ହସ୍ପିଟାଲରେ ଏଯାଏଁ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇନି। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସରକାରୀଭାବେ ମଞ୍ଜୁର ପଦବୀଠାରୁ ୬୦ ଭାଗ କମ୍ ଡାକ୍ତର କାର୍ଯ୍ୟ କରୁଛନ୍ତି। ସେହିଭଳି ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବେ ୫ଜଣ ନିଶ୍ଚେତକ (ଆନାସ୍ଥେସିଆ ସ୍ପେଶାଲିଷ୍ଟ) ଡାକ୍ତର କାର୍ଯ୍ୟରତ ଥିବା ସହ ଆଇସିୟୁ ଗୃହ ରହିଛି। ତେବେ ଗୁରୁତର ରୋଗୀଙ୍କ ଲାଗି ଆଇସିୟୁ ସେବା ଆରମ୍ଭ ହୋଇପାରୁନି। ସେହିଭଳି ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବବତ୍ ରକ୍ତ ଭଣ୍ଡାର(ବ୍ଲଡ୍ ବ୍ୟାଙ୍କ) ଓ ଶବ ବ୍ୟବଚ୍ଛେଦ(ପୋଷ୍ଟମର୍ଟମ) କାର୍ଯ୍ୟ ଚାଲିଛି। ଫଳରେ ରୋଗୀଙ୍କ ରକ୍ତ ପରୀକ୍ଷା ଓ ଶବ ବ୍ୟବଚ୍ଛେଦ କାର୍ଯ୍ୟ ପାଇଁ ଅଯଥାରେ ୪ କି.ମି. ଦୂରକୁ ଏପଟସେପଟ ହୋଇ ଦେଢ଼ବର୍ଷ ହେବ ଦୁର୍ଦ୍ଦଶା ଭୋଗୁଛନ୍ତି ରୋଗୀ ଓ ସମ୍ପର୍କୀୟମାନେ। ଅନ୍ୟପକ୍ଷରେ ନୂଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ୟାମ୍ପସ୍‌ରେ ଏଯାଏଁ ଡାକ୍ତର, ଡାକ୍ତରଖାନା କର୍ମଚାରୀଙ୍କ ଲାଗି କ୍ୱାର୍ଟର୍ସ ନିର୍ମାଣ ହୋଇନି। ଯଦ୍ୱାରା ଦୂରରେ ରହି ଯିବାଆସିବାରେ ଡାକ୍ତର ଓ କର୍ମଚାରୀଙ୍କୁ ଅଯଥା ସମୟ ଅପଚୟ ହେବା ସହ ରୋଗୀ ସେବାରେ ବ୍ୟାଘାତ ଘଟୁଥିବା ପରିଲକ୍ଷିତ ହୋଇଛି। ଏପରିସ୍ଥଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିରାଟକାୟ ସୁଭଦ୍ରା କାଫେ ଏବଂ ଓମ୍‌ଫେଡ୍ ପାର୍ଲର ଖୋଲିବା ଘଟଣାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜଙ୍କୁ ପଚାରିବାରୁ, ସେ କାଫେ ଓ ଓମ୍‌ଫେଡ୍ ପାର୍ଲର ଖୋଲିବା ନିଷ୍ପତ୍ତି ସରକାରଙ୍କର ବୋଲି କହିଥିଲେ। ତେବେ ବ୍ଲଡ୍ ବ୍ୟାଙ୍କ, ଶବ ବ୍ୟବଚ୍ଛେଦ ଓ କ୍ୱାର୍ଟର୍ସ ନିର୍ମାଣ ତଥା ଲିଫ୍ଟ ଅଚଳ ସମସ୍ୟାର ସମାଧାନ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଥିଲେ। ଏଭଳି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନେକଗୁଡ଼ିଏ ଘୋର୍ ଅବ୍ୟବସ୍ଥା ଥିବାବେଳେ ଲୋକଙ୍କ ସରକାର କେଉଁ ସ୍ୱାର୍ଥରେ କାଫେ ଓ ଓମ୍‌ଫେଡ୍ ପାର୍ଲରକୁ ଗୁରୁତ୍ୱ ଦିଆଗଲା ବୋଲି ସ୍ୱତଃ ପ୍ରଶ୍ନ ଉଠୁଛି।

ଦେଢ଼ ବର୍ଷ ପରେ ବି ରକ୍ତଭଣ୍ଡାର, ଶବ ବ୍ୟବଚ୍ଛେଦ ଗୃହ, ଆଇସିୟୁ ସେବା ଉପଲବ୍ଧ ହେଲାନି

■ ଜନବସତି ସୁରକ୍ଷାରେ ପ୍ରଶାସନ ବିଫଳ

ମାଟିରେ ମିଶିଗଲା କୂଳସାହି ଗ୍ରାମ୍ୟ ରାସ୍ତା

ବାରିକପୁର,୨୯।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଷୋଳମପୁର ପଞ୍ଚାୟତ ଡିଖିଲିଆ ନୂଆ କୂଳସାହି ଗ୍ରାମ୍ୟ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ମାଟିରେ ମିଶିଯାଇଛି। ଫଳରେ ୨୫ରୁ ୩୦ ପରିବାର ଯାତାୟାତ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ସୂଚନା ମୁତାବକ, ଗତ ଜୁଲାଇରୁ ସେପ୍ଟେମ୍ବର ମାସ ଯାଏଁ ବୈତରଣୀ ନଦୀର ଶାଖା ଗେଙ୍ଗୁଟିରେ ବାରମ୍ବାର ବନ୍ୟା ଆସିବା କାରଣରୁ ଜନବସତି ସଂଲଗ୍ନ ମୁଖ୍ୟ ରାସ୍ତାଟି ପ୍ରଭାବିତ ହୋଇଥିଲା। ପ୍ରଥମ ଓ ଦ୍ୱିତୀୟ ବନ୍ୟା ପାଣି ମାଡ଼ରେ ନିକଟସ୍ଥ ପୋଲ ଓ ରାସ୍ତା ଦବିଯାଇଥିଲା। ଏପରିକି ରାସ୍ତା ନିମ୍ନ ଭାଗରୁ ମାଟି ଧୋଇ ଯାଇଥିଲା। ରାସ୍ତା ସୁରକ୍ଷା ନିମନ୍ତେ ଅସ୍ଥାୟୀ ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ଯାଏଁ ସମସ୍ତଙ୍କୁ ଗୁହାରି କରିଥିଲେ। ଲୋକମାନଙ୍କ ପ୍ରକୃତ ଅସୁବିଧାକୁ କେହି ଶୁଣି ନ ଥିଲେ। ଏହା ପରେ ବାରମ୍ବାର ବନ୍ୟା ଆସିବାରୁ ସମ୍ପୂର୍ଣ୍ଣ ରାସ୍ତାଟି ଜରାଜୀର୍ଣ୍ଣ ଅବସ୍ଥାରେ ପରିଣତ ହୋଇଥିଲା। ଏପରିକି କିଛି ଦିନ ଧରି ରାସ୍ତା ଶୂନ୍ୟରେ ଝୁଲି ରହିଥିଲା। ଏଭଳି ଅବସ୍ଥାରେ ମଧ୍ୟ କେହି ଏହା ଉପରେ ଦୃଷ୍ଟି ଦେଲେ ନାହିଁ। ପର୍ଯ୍ୟାୟ କ୍ରମେ କଂକ୍ରିଟ୍ ରାସ୍ତାଟି ଭାଙ୍ଗିରୁଜି ଛାରଖାର୍ ହୋଇଯାଇଛି। ଯଦିଓ ରାସ୍ତାର କିଛି ଅଂଶ ବନ୍ୟାରୁ ବର୍ତ୍ତି ଯାଇଥିଲା କିନ୍ତୁ ତାହା ଏବେ ଲଗାଣ ବର୍ଷା ଯୋଗୁଁ ଖଣ୍ଡ ଖଣ୍ଡ ହୋଇଯାଇଛି। ଲୋକମାନେ ଏକପ୍ରକାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାସ୍ତା ବିନା ସାଇକଲ ଓ ବାଇକ୍‌ରେ କେହି ଘରୁ ବାହାରିପାରୁ ନାହାନ୍ତି। ଏବେ ଯଦି ଅକସ୍ମାତ୍ ବନ୍ୟା ଆସେ ତାହେଲେ ପରିସ୍ଥିତି କ'ଣ ହେବ କହି ହେଉନାହିଁ। ପ୍ରଶାସନିକ ଅଧିକାରୀମାନେ ସବୁ ଜାଣି ସୁଦ୍ଧା ଲୋକଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ରାସ୍ତା ନଷ୍ଟଭ୍ରଷ୍ଟ ହେବା ପରେ ଏବେ ଜନବସତି ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ୍ୟା ସମୟ ଅତିବାହିତ ହେବା ପରେ ପ୍ରଶାସନ ଏହା ଉପରେ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ସ୍ଥାୟୀ ବାସିନ୍ଦାମାନେ ଭୋଟ୍ ବର୍ଜନ କରିବେ ବୋଲି ମୁରଲୀଧର ଭୋଇ, ଚୈତନ୍ୟ ଭୋଇ, ଶରତ ନାୟକ, ମନୋଜ ଭୋଇ, ରତିକାନ୍ତ ଭୋଇ, ପ୍ରଫୁଲ୍ଲ ମହାକୁଡ଼, କେଶବ ନାୟକ, ସୂର୍ଯ୍ୟ ନାରାୟଣ ଭୋଇ, ସତ୍ୟ ନାରାୟଣ ଭୋଇ, ନଟବର ମହାକୁଡ଼, ଭାଗିରଥି ମହାକୁଡ଼, ରାମଚନ୍ଦ୍ର ଭୋଇ, ବିଜୟ ଭୋଇ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

■ ଭଦ୍ରକ ବ୍ଲକ୍‌ରେ ବିବାଦ: 'ବିକଶିତ ଗାଁ ବିକଶିତ ଓଡ଼ିଶା'ରେ ଅନିୟମିତତା

ବ୍ଲକ୍ ଅଧ୍ୟକ୍ଷଙ୍କ ସମ୍ମତି ବିନା କାର୍ଯ୍ୟ ଅନୁମୋଦନ; ହାଇକୋର୍ଟଙ୍କ ସ୍ଥଗିତାଦେଶ

ଭଦ୍ରକ,୨୯।୧୦(ସମିସ): ଭଦ୍ରକ ପଞ୍ଚାୟତ ସମିତି ବା ବ୍ଲକ୍ ଅଧ୍ୟକ୍ଷାଙ୍କୁ ନେଇ ଏବେ ଜିଲ୍ଲା ରାଜନୀତି ସରଗରମ ହୋଇଛି। ସୂଚନାଯୋଗ୍ୟ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ପ୍ରଥମେ ବିଜୁ ଜନତା ଦଳ ସମର୍ଥନରେ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ହେବା ପରେ ଭଦ୍ରକ ବ୍ଲକ୍‌ର ସର୍ବାଙ୍ଗିଣ ବିକାଶ ଓ ଉନ୍ନତି ପାଇଁ ବିକାଶର ନାରା ଦେଇ ସେ ବର୍ଷକ ତଳେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇଥିଲେ। କିନ୍ତୁ ବିଜେପିରେ ଯୋଗଦେବା ପରେ ବ୍ଲକ୍ ପ୍ରଶାସନ ପକ୍ଷରୁ ବ୍ଲକ୍ ଅଧ୍ୟକ୍ଷଙ୍କୁ ଅଣଦେଖା କରାଯାଉଛି ବୋଲି ସେ ବହୁବାର ଅଭିଯୋଗ କରିଥିଲେ। ବିଶେଷ କରି ୨୦୨୫-୨୬ ଓ ୨୦୨୬-୨୭ ଆର୍ଥିକ ବର୍ଷରେ ବିଜିବିଓ (ବିକଶିତ ଗାଁ ବିକଶିତ ଓଡ଼ିଶା) ଯୋଜନା ଅଧୀନ ବିଭିନ୍ନ ଉନ୍ନୟମୂଳକ ପ୍ରକଳ୍ପ ବା କାର୍ଯ୍ୟଗୁଡ଼ିକରେ ବ୍ଲକ୍ ଅଧ୍ୟକ୍ଷାଙ୍କ ସହ ବିନା ଆଲୋଚନା, ତାଙ୍କ ବିନା ସମ୍ମତି ଓ ବିନା ସୂଚନାରେ ଅନୁମୋଦନ କରି ଦିଆଯାଉଥିଲା। ଏହା ସମ୍ପୂର୍ଣ୍ଣ ନିୟମ ବିରୁଦ୍ଧ ବୋଲି ବ୍ଲକ୍ ଅଧ୍ୟକ୍ଷ ଉର୍ମିଳା ନାୟକ ବହୁବାର ଅଭିଯୋଗ କରିଥିଲେ ବି ତାଙ୍କ କଥା ଶୁଣାଯାଉ ନ ଥିଲା। ଶେଷରେ ପ୍ରଶାସନର ଏହି ଅନିୟମିତତା ବିରୁଦ୍ଧରେ ନ୍ୟାୟ ପାଇବା ପାଇଁ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ନାୟକ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଏକ ଡବ୍ଲୁପି(ସି)ନଂ-୩୪୪୬୩/୨୦୨୬ ହାଇକୋର୍ଟରେ ଆଗତ ହୋଇଥିଲା। ତାଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଏଥିରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ହାଇକୋର୍ଟ ଭଦ୍ରକ ବ୍ଲକ୍‌ର ସମସ୍ତ ବିଜିବିଓ ଯୋଜନା କାର୍ଯ୍ୟ ଉପରେ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି କରିଛନ୍ତି। ଏହି ସ୍ଥଗିତାଦେଶ ପରେ ଭଦ୍ରକ ବ୍ଲକ୍‌ରେ ଚାଲିଥିବା ସମସ୍ତ ବିଜିବିଓ କାମ ବନ୍ଦ ହୋଇଯାଇଛି।

ବର୍ଷକ ତଳେ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଥିଲେ ଅଧ୍ୟକ୍ଷା

ଏହି ଘଟଣାକୁ ନେଇ ଭଦ୍ରକ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପକ୍ଷରେ ଭଦ୍ରକ ବ୍ଲକ୍ ବିଡିଓ ରଶ୍ମିରଞ୍ଜନ ମଲ୍ଲିକଙ୍କୁ ଏ ସମ୍ପର୍କରେ ତାଙ୍କ ମୋବାଇଲକୁ ବହୁବାର ଯୋଗାଯୋଗ କରାଯାଇଥିଲେ ବି ସେ କଲ୍ ରିସିଭ୍ କରି ନ ଥିଲେ। ବିଜେଡିରୁ ଯାଇ ବିଜେପିରେ ଯୋଗଦେଇଥିବା ଜଣେ ମହିଳା ବ୍ଲକ୍ ଅଧ୍ୟକ୍ଷାଙ୍କୁ କୋଣଠେସା କରି ବେଆଇନ ଭାବେ ପ୍ରକଳ୍ପ ଅନୁମୋଦନ କରିବା ଘଟଣା ଭଦ୍ରକ ବ୍ଲକ୍‌ରେ ଚାଲିଥିବା ଦୁର୍ନୀତିକୁ ସ୍ୱତଃ ପ୍ରମାଣିତ କରୁଛି।

● ବହୁ ପ୍ରତୀକ୍ଷାର ଅନ୍ତ

ଖୋଲିଲା କୋଠାର-ଧାମନଗର ରାସ୍ତାର ଉନ୍ନତୀକରଣ ପଥ

କୋଠାର,୨୯।୧୦(ସମିସ): ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ଧାମନଗର-କୋଠାର ରାସ୍ତା ସହ କୋଠାରରୁ ନାସଲାପୁର ବାଇପାସ୍ ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ରାଜ୍ୟ ସରକାରଙ୍କ ୱାର୍କସ୍ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଏହି ବହୁ ପ୍ରତୀକ୍ଷିତ ରାସ୍ତାର ଉନ୍ନତୀକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ପତ୍ର ସଂଖ୍ୟା ୩୩୪୫୨ ଅନୁସାରେ ଏହି ପ୍ରକଳ୍ପର ଟେଣ୍ଡର ମୂଲ୍ୟ ୧୭ କୋଟି ୪୧ ଲକ୍ଷ ଟଙ୍କା ରଖାଯାଇଥିବା ଜଣାପଡ଼ିଛି।

ଧାମନଗର ଓ କୋଠାର ଅଞ୍ଚଳ ମଧ୍ୟରେ ଯାତାୟାତକୁ ସୁଗମ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ଆଶା ସଞ୍ଚାର କରିଛି। ଉକ୍ତ ରାସ୍ତା ଉପରେ ପ୍ରତିଦିନ ଧାମନଗର ଅଞ୍ଚଳର ପ୍ରାୟ ୧୫ଟି ପଞ୍ଚାୟତର ଲୋକେ ନିର୍ଭର କରୁଥିବାବେଳେ ଏହା ଏକ ପ୍ରମୁଖ ଯୋଗାଯୋଗ ମାଧ୍ୟମ ଭାବେ ପରିଚିତ। ବିଶେଷକରି ଆରଡ଼ିରୁ ଭୁବନେଶ୍ୱର ଯାତାୟାତ କରୁଥିବା ପ୍ରାୟ ୫ରୁ ୭ଟି ବସ୍ ଏହି ରାସ୍ତା ଦେଇ ଚଳାଚଳ କରୁଥିବାରୁ ଏହାର ଗୁରୁତ୍ୱ ଅଧିକ। ତେବେ ରାସ୍ତାଟି ଅଣଓସାରିଆ ହୋଇଥିବାରୁ ଦୈନନ୍ଦିନ ଯାତାୟାତ ସମୟରେ ଯାତ୍ରୀ ଓ ଗାଡ଼ିଚାଳକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାନବାହନ ଚଳାଚଳ ବୃଦ୍ଧି ସହ ରାସ୍ତାର ଅବସ୍ଥା ଯୋଗୁଁ ଯାତାୟାତରେ ଅସୁବିଧା ଉପୁଜୁଥିବାରୁ ଏହାର ପ୍ରଶସ୍ତୀକରଣ ନିମନ୍ତେ ଦୀର୍ଘଦିନର ଦାବି ହୋଇ ରହିଥିଲା। ଏବେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବା ପରେ ରାସ୍ତାର ଉନ୍ନତୀକରଣ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ବଢ଼ିଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଯାତାୟାତ ଅଧିକ ସୁବିଧାଜନକ ହେବା ସହ ଯାତ୍ରା ସମୟ ହ୍ରାସ, ସଡ଼କ ସୁରକ୍ଷାରେ ଉନ୍ନତି ଏବଂ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ଦୀର୍ଘଦିନର ଦାବି ପରେ ଟେଣ୍ଡର ଆହ୍ୱାନ ହୋଇଥିବାରୁ ଏବେ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

ଏଣିକି ଜିଲ୍ଲାପାଳଙ୍କ ଅନୁମୋଦନ ବିନା ଶିକ୍ଷକଙ୍କ ବଦଳି ହେବନି

ଭଦ୍ରକ,୨୯।୧୦(ସମିସ): ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଅସନ୍ତୋଷ ତେଜିଛି। ବିଶେଷକରି କେତେକ ବ୍ଲକ୍ ଶିକ୍ଷାଧିକାରୀ ମନ୍ଦ ଉଦ୍ଦେଶ୍ୟ ରଖି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ବଦଳି କରୁଥିବାର ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚିଥିଲା। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଏହି ଶିକ୍ଷକମାନଙ୍କ ବଦଳିରେ ଏକ କଡ଼ା ପଦକ୍ଷେପ ନେଇଛନ୍ତି। ଏଣିକି ଜିଲ୍ଲାପାଳଙ୍କ ବିନା ଅନୁମତିରେ ବ୍ଲକ୍ ଶିକ୍ଷାଧିକାରୀ(ବିଇଓ)ମାନେ ଶିକ୍ଷକମାନଙ୍କୁ ବଦଳି କରିପାରିବେ ନାହିଁ। ଅନୁସନ୍ଧାନରୁ ଜଣାଯାଇଛି, ବ୍ଲକ୍ ଶିକ୍ଷାଧିକାରୀମାନେ ଡେପୁଟେସନ ଆଳରେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ବଦଳି କରି ଆସୁଥିଲେ। ଫଳରେ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ଜିଲ୍ଲାର ବାସୁଦେବପୁର ବ୍ଲକ୍‌ରେ ବହୁ ଶିକ୍ଷକଙ୍କ ବଦଳି ହେବା ପରେ ବାସୁଦେବପୁର ବିଧାୟକ ଅଶୋକ ଦାସ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଆର୍‌ଆଇ ନିଲମ୍ବିତ

ଭଦ୍ରକ,୨୯।୧୦(ସମିସ): ସରକାରୀ କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ଭଦ୍ରକ ଜିଲ୍ଲା ବନ୍ତ ତହସିଲ୍ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ସସ୍ମିତା ମହାପାତ୍ରଙ୍କୁ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ନିଲମ୍ବନ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ବିଭାଗ ପକ୍ଷରୁ ଗତ ୨୭ ତାରିଖରେ କାର୍ଯ୍ୟାଳୟ ଆଦେଶ ଜାରି କରାଯାଇଛି। ନିଲମ୍ବନ ଅବଧିରେ ତାଙ୍କର ମୁଖ୍ୟାଳୟ ଭଦ୍ରକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାର୍ଯ୍ୟ କରାଯାଇଛି। କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ।

ତିହିଡ଼ି ଏନ୍‌ଏସିରେ ମଦ ବାର୍ ନିର୍ମାଣ ନିମନ୍ତେ ବିଜ୍ଞପ୍ତି ପ୍ରସଙ୍ଗ

ଦୁଇ ସାମାଜିକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ତିହିଡ଼ି,୨୯।୧୦(ସମିସ):

ତିହିଡ଼ି ଏନ୍‌ଏସି ଅଧୀନ ମଙ୍ଗରାଜପୁର ଛକ ନିକଟରେ ଏକ ନୂତନ ମଦ ବାର୍ ଖୋଲିବା ପାଇଁ ପ୍ରସ୍ତାବ ଅନୁମୋଦନ ହେବା ପରେ ଅଞ୍ଚଳରେ ତୀବ୍ର ଜନସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି ପ୍ରସ୍ତାବିତ ମଦ ବାର୍ ଅନୁମୋଦନ ପାଇଁ ସମସ୍ତ ସରକାରୀ ଗାଇଡ୍‌ଲାଇନ୍‌କୁ ଜଳାଞ୍ଜଳି ଦେଇ ଖୋଲାଯିବାକୁ ଉଦ୍ୟମ କରାଯାଉଛି। ତାହାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ମଦ ବାର୍ ବନ୍ଦ ନିମନ୍ତେ ଦୁଇ ସାମାଜିକ ସଂଗଠନ ଜୀବନ ଜ୍ୟୋତି ସଂଗଠନ, ଗୋପବନ୍ଧୁ ସେବା ସେନା ପକ୍ଷରୁ ଗୁରୁବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ଜନସାଧାରଣଙ୍କ କହିବା ଅନୁଯାୟୀ, ପ୍ରସ୍ତାବିତ ମଦ ବାର୍ ଅଳ୍ପ ଦୂରରେ ଏକ ସ୍କୁଲ, ଶନି ମନ୍ଦିର, ଦୁର୍ଗା ମନ୍ଦିର, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ବାଲେଶ୍ୱର ସମବାୟ ବ୍ୟାଙ୍କ ରହିଛି। ଏହା ବ୍ୟତୀତ ତିହିଡ଼ି ମହାବିଦ୍ୟାଳୟ ମଧ୍ୟ ଅବସ୍ଥିତ। ଏହି ମୁଖ୍ୟ ରାସ୍ତା ଦେଇ ପ୍ରତିଦିନ ଶହଶହ ଛାତ୍ରଛାତ୍ରୀ କଲେଜ ଓ ସ୍କୁଲକୁ ଯାତାୟାତ କରନ୍ତି। ଏଠାରେ ମଦ ବାର୍ ଖୋଲିଲେ ମଦ୍ୟପଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଯାହାଦ୍ୱାରା କୋମଳମତି ଛାତ୍ରଛାତ୍ରୀମାନେ ଅସଭ୍ୟ ଭାଷା ଶୁଣିବା ସହ ସ୍ଥାନୀୟ ପରିବେଶ ସମ୍ପୂର୍ଣ୍ଣ କଳୁଷିତ ହେବାର ଆଶଙ୍କା ରହିଛି। ଏହି ଗମ୍ଭୀର ସମସ୍ୟାକୁ ନେଇ ତିହିଡ଼ି ବ୍ଲକ୍ ଚେୟାରମ୍ୟାନ୍ ଅବନ୍ତୀ ଦାସ ନିଜେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ଭଦ୍ରକ ଜିଲ୍ଲାପାଳ, ଅବକାରୀ କମିଶନର, ସଚିବ ଏବଂ ଭଦ୍ରକ ଅବକାରୀ ଅଧୀକ୍ଷକ, ତିହିଡ଼ି ଆଇଆଇସିଙ୍କୁ ଚିଠି ଲେଖି ଦୃଢ଼ ପ୍ରତିବାଦ ଜଣାଇଛନ୍ତି। ଗୁରୁବାର ଜୀବନ ଜ୍ୟୋତି ସଂଗଠନ, ଗୋପବନ୍ଧୁ ସେବା ସେନା ପକ୍ଷରୁ ତିହିଡ଼ି ବଜାରରେ ଶୋଭାଯାତ୍ରା କରି ତୀବ୍ର ବିରୋଧ କରାଯାଇଛି। ଏହି ଶୋଭାଯାତ୍ରାରେ ଶହ ଶହ ଜେନ୍‌ଜି ସାମିଲ୍ ହୋଇଥିଲେ। ତିହିଡ଼ି ତହସିଲ୍‌ଦାର ସୁଭାଶିଷ ସାହୁ, ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ, ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ ଅବକାରୀ ବିଭାଗ, ତିହିଡ଼ି ମେଡିକାଲ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରସ୍ତାବିତ ମଦ ବାର୍‌କୁ ଅଞ୍ଚଳର ବହୁ ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀ ଦୃଢ଼ ବିରୋଧ କରିଛନ୍ତି। ବିଭିନ୍ନ ସଂଗଠନ ପକ୍ଷରୁ ଜୀବନ ଜ୍ୟୋତି ସଂଗଠନ ସଭାପତି ଦୀପକ ସ୍ୱାଇଁଙ୍କ ନେତୃତ୍ୱରେ ଗୋପବନ୍ଧୁ ସେବକ ସେନା ତିହିଡ଼ି ସଭାପତି ରାଜୀବ କୁମାର ନାୟକ, ଉପସଭାପତି ଅଭିରାମ ଦାସ, ସମ୍ପାଦକ ଅଶୋକ ନାୟକ ଏହାକୁ ନେଇ ତୀବ୍ର ପ୍ରତିବାଦ ଜଣାଇଛନ୍ତି।

ଏନ୍‌ଏସି ପକ୍ଷରୁ ପଲିଥିନ୍ ବିକ୍ରି ଉପରେ ଚଢ଼ଉ

● ଜରିମାନା ସହ ୩ ବସ୍ତା ଜବତ

ଧାମନଗର,୨୯।୧୦(ସମିସ): ଧାମନଗର ଦୋକାନ ବଜାରରେ ବେଆଇନ ପଲିଥିନ୍ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ଚଢ଼ଉ କରାଯାଇ ୩ ବସ୍ତା ପଲିଥିନ୍ ଜବତ ସହ ଜରିମାନା ଆଦାୟ କରାଯାଇଛି। ପଲିଥିନ୍ ବ୍ୟବହାର ଉପରେ ରୋକ୍ ଲଗାଇବା ଓ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ଧାମନଗର ଏନ୍‌ଏସି ପକ୍ଷରୁ ଏହି ଯାଞ୍ଚ ଓ ଚଢ଼ଉ କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ଏନ୍‌ଏସିର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ପୁଲିସ ସହାୟତାରେ ସହରାଞ୍ଚଳରେ ଥିବା ବିଭିନ୍ନ ଦୋକାନ ବଜାର ଉପରେ ଚଢ଼ଉ କରି ଯାଞ୍ଚ କରାଯାଇଥିଲା। ଏହି ସମୟରେ ୩ ବସ୍ତା ବେଆଇନ ପଲିଥିନ୍ ଜବତ କରିଛନ୍ତି। ଚଢ଼ଉବେଳେ କନିଷ୍ଠ ଓ ସହକାରୀ ଯନ୍ତ୍ରୀ ନୀଳକଣ୍ଠ ନାୟକ, ସସ୍ମିତା ନାୟକ, ଶରତ ଦାସ, ମନୋଜ ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ୍ ହୋଇଥିଲେ। ପଲିଥିନ୍ ବ୍ୟବହାର ଯୋଗୁଁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବା ସହ ମଣିଷର ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପଡ଼ିବା, ନାଳନର୍ଦ୍ଦମା ଅବରୋଧ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏହାର ବ୍ୟବହାର ରୋକିବା ପାଇଁ ନିୟମିତ ଯାଞ୍ଚ ସହ ଦୋକାନୀ ଓ ଗ୍ରାହକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ଅଧିକାରୀ ମତପ୍ରକାଶ କରିଛନ୍ତି।

ସାମାଜିକ କର୍ମୀ ନୃସିଂହ ନାଥଙ୍କ ପରଲୋକ

ବନ୍ତ/ଆଗରପଡ଼ା,୨୯।୧୦(ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ଛୟାଳସିଂହ ପଞ୍ଚାୟତର ମଙ୍ଗୁଳି ଗାଁର ସାମାଜିକ କର୍ମୀ ନୃସିଂହ ନାଥଙ୍କର ଗୁରୁବାର ୪୩ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ମଙ୍ଗୁଳି ଗ୍ରାମ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନୃସିଂହ ଦୀର୍ଘଦିନ ଧରି ଫୁସ୍‌ଫୁସ୍ ସଂକ୍ରମଣ ଓ ମଧୁମେହ ରୋଗରେ ପୀଡ଼ିତ ଥିଲେ। ସେ କଟକସ୍ଥିତ ଏସ୍‌ସିବି ମେଡିକାଲ୍‌ରେ ଚିକିତ୍ସିତ ହୋଇ ଆସୁଥିଲେ। ଗୁରୁବାର ସକାଳ ପ୍ରାୟ ୯ଟା ସମୟରେ ନିଜ ମଙ୍ଗୁଳିସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ଘଟିଥିଲା। ତାଙ୍କ ମରଶରୀରକୁ ଗ୍ରାମ୍ୟ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ସଚିନ କୁମାର ନାଥ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ତାଙ୍କ ଦୁଇ କନ୍ୟା ଝାନ୍ସୀରାଣୀ ନାଥ ଓ ରଶ୍ମିରେଖା ନାଥଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ଶେଷ ଦର୍ଶନ ଓ ଶେଷକୃତ୍ୟରେ ସ୍କୁଲ ସାଙ୍ଗ ବସନ୍ତ ମହାନ୍ତି, କିଶୋର କିଙ୍କର ପଢ଼ିଆରୀ, ହରିହର ମଣ୍ଡଳ, ଜୟନ୍ତ ପୁହାଣ, ଗୌରାଙ୍ଗ ପୁହାଣ, ବିନୋଦ ସେଠୀ, କରୁଣାକର ଦାସ, ମୁକେଶ ମଲ୍ଲିକ, ନିରଞ୍ଜନ ଦାଶ ଓ ମହେନ୍ଦ୍ର କରଙ୍କ ସମେତ ବହୁ ବନ୍ଧୁ ଓ ଶୁଭେଚ୍ଛୁ ଯୋଗଦେଇଥିଲେ।

ୱାର୍ଡମେମ୍ବରଙ୍କୁ ୧୦ ମାସ ହେଲା ମିଳୁନି ଭତ୍ତା

ଦୋଳସାହି,୨୯।୧୦(ସମିସ): ସରକାରଙ୍କ ପକ୍ଷରୁ ଜନପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଉଥିବା ମାସିକ ଭତ୍ତା ମଧ୍ୟରୁ ସର୍ବନିମ୍ନ ମାସିକ ଭତ୍ତା ପ୍ରଦାନ କରୁଥିବା ୱାର୍ଡ ମେମ୍ବରଙ୍କୁ ୧୦ ମାସ ଧରି ଭତ୍ତା ପ୍ରଦାନ କରାଯାଇ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ସରକାରଙ୍କ ପକ୍ଷରୁ ୱାର୍ଡ ମେମ୍ବରମାନଙ୍କୁ ମାସିକ ଭତ୍ତା ୪୮୦ ଟଙ୍କା ପ୍ରଦାନ କରାଯାଉଛି। ଏହି ୪୮୦ ଟଙ୍କା ମାସିକ ଭତ୍ତା ୧୦ ମାସ ଧରି ତିହିଡ଼ି ବ୍ଲକ୍‌ରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇ ନ ଥିବା ଜଣାଯାଇଛି। ସରକାରଙ୍କ ତରଫରୁ ଏହି ୱାର୍ଡ ମେମ୍ବରଙ୍କୁ ତୁରନ୍ତ ଏହି ମାସିକ ଭତ୍ତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

ନିଷିଦ୍ଧାଞ୍ଚଳରେ ଗଚ୍ଛିତ ବାଲି ନିଲାମ

ବାରିକପୁର,୨୯।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀର ବିଭିନ୍ନ ଘାଟରୁ ବର୍ଷସାରା ବେଆଇନ ଭାବେ ବାଲି ଲୁଟ୍ ହେଉଛି। ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କେତେକ ସ୍ଥାନରେ ନାଳ ଖନନ ହୋଇଥିବାବେଳେ ଆଉ କେତେକ ଜାଗାକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ଏପରିକି ଉକ୍ତ ସ୍ଥାନରେ ସୂଚନାଫଳକ ମଧ୍ୟ ଲଗାଯାଇଛି। ଏହାସତ୍ତ୍ୱେ ବାଲି ଚୋରି ବନ୍ଦ ହେଉନାହିଁ। ଏପରିକି ନିଷିଦ୍ଧାଞ୍ଚଳରେ ନଦୀରୁ ଆସୁଥିବା ଟ୍ରିପ୍ ଟ୍ରିପ୍ ବାଲି ଗଚ୍ଛିତ ରହୁଛି।

ସୂଚନା ମୁତାବକ, ଷୋଳମପୁର ପଞ୍ଚାୟତ ବିନ୍ଧାଣଠାରେ ଗୁରୁବାର ପାଖାପାଖି ୫୦ ଟ୍ରିପ୍ ଗଚ୍ଛିତ ବାଲିକୁ ପ୍ରଶାସନ ଜବତ କରିଛି। ନିଷିଦ୍ଧାଞ୍ଚଳରେ ଚୋରା ବାଲି ଗଚ୍ଛିତ ଥିବା ଖବର ପାଇ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ଓ କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ ବ୍ୟାପକ ପୁଲିସ ଫୋର୍ସ ସହିତ ସେଠାରେ ପହଞ୍ଚିଥିଲେ। ଗଚ୍ଛିତ ବାଲିକୁ ଜବତ କରିବା ସହିତ ଅଧିକାରୀମାନେ ନିୟମ ଅନୁସାରେ କ୍ଷେତ୍ରୀୟ ନିଲାମ କରିଥିଲେ। ମୋଟ୍ ୩୬ ହଜାର ୨୬୩ ଟଙ୍କାରେ ଜବତ ବାଲି ନିଲାମ ହୋଇଥିବା ଜଣାପଡ଼ିଛି। କେବଳ ବିନ୍ଧାଣ ନୁହେଁ, ଜଗନ୍ନାଥ ପ୍ରସାଦ, ବାଲିପୋଖରୀ, ବନସ୍ତା, ନେରଡ଼ା, ଝୁଟଣା ଅଞ୍ଚଳରେ ମଧ୍ୟ ବେଆଇନ ବାଲି ଗଚ୍ଛିତ ଥିବା ସୂଚନା ମିଳିଛି।

ଚାନ୍ଦବାଲିର ୧୧ ସ୍କୁଲ ପାଇଁ ୧.୫୧ କୋଟିର ଶ୍ରେଣୀଗୃହ ଯୋଜନା

ଭଦ୍ରକ,୨୯।୧୦(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍‌ର ୧୧ଟି ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ପ୍ରାୟ ୧ କୋଟି ୫୧ ଲକ୍ଷ ଟଙ୍କାର ନିର୍ମାଣ ଯୋଜନା ସାମ୍ନାକୁ ଆସିଛି। ବିଭିନ୍ନ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ (ଏସିଆର୍) ନିର୍ମାଣ ନିମନ୍ତେ ଚାନ୍ଦବାଲି ପଞ୍ଚାୟତ ସମିତି ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ଏବେ ନଜର ରହିଛି ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତା, ନିର୍ମାଣର ଗୁଣବତା ଏବଂ ଧାର୍ଯ୍ୟ ସମୟରେ କାମ ଶେଷ ହେବା ଉପରେ।

ଟେଣ୍ଡର ଆହ୍ୱାନ; ୬ ମାସରେ କାମ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ

ଟେଣ୍ଡର ବିବରଣୀ ଅନୁଯାୟୀ, ଆଙ୍କପଡ଼ା ଏମ୍.ଇ. ସ୍କୁଲ, ଛେଡ଼ାକା ନୋଡାଲ ସ୍କୁଲ, ସରସ୍ୱତୀ ପ୍ରାଥମିକ ବିଦ୍ୟାଳୟ, ଗରୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଗୋଲାଡ଼ିଆ ଉର୍ଦ୍ଦୁ ୟୁଜିଏମ୍‌ଇ ସ୍କୁଲ, ହରିପୁର ପ୍ରାଥମିକ ବିଦ୍ୟାଳୟ, ଇଟାଗୋଥା ପ୍ରକଳ୍ପ ୟୁପି ସ୍କୁଲ, ଖୁଣ୍ଟାସାହି ସରକାରୀ ପ୍ରକଳ୍ପ ୟୁପି ସ୍କୁଲ, ମାଳିସାହି ପ୍ରକଳ୍ପ ୟୁପି ସ୍କୁଲ, ମେଘସାହି ପ୍ରାଥମିକ ବିଦ୍ୟାଳୟ ଓ ତେନ୍ତୁଳିଆଡ଼ିଆ ପ୍ରକଳ୍ପ ୟୁପି ସ୍କୁଲରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପ୍ରସ୍ତାବ ରହିଛି। ପ୍ରତ୍ୟେକ କାର୍ଯ୍ୟର ଆକଳନ ମୂଲ୍ୟ ୧୩.୬୩ ଲକ୍ଷରୁ ୧୩.୯୦ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ନଭେମ୍ବର ୧୮ ତାରିଖ ଦିନ ୧ଟା ସୁଦ୍ଧା ଟେଣ୍ଡର ଦାଖଲ କରାଯାଇପାରିବ ଏବଂ ସେହିଦିନ ଅପରାହ୍ଣ ୩ଟା ୩୦ରେ ଟେଣ୍ଡର ଖୋଲାଯିବାର କାର୍ଯ୍ୟସୂଚୀ ରହିଛି। ଚୟନ ପରେ ନିର୍ମାଣ କାର୍ଯ୍ୟ ୬ ମାସ(କ୍ୟାଲେଣ୍ଡର) ମଧ୍ୟରେ ଶେଷ କରିବାକୁ ନିୟମ ରହିଛି। ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ହେଲେ ଶିକ୍ଷାଦାନ ପାଇଁ ଅଧିକ ସ୍ଥାନ ଉପଲବ୍ଧ ହେବାର ଆଶା ରହିଛି। କିନ୍ତୁ କେବଳ ଅର୍ଥ ମଞ୍ଜୁରୀ କିମ୍ବା ଟେଣ୍ଡର ଆହ୍ୱାନରେ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ ହେବ ନାହିଁ। ନିର୍ମାଣର ମାନ, ଅର୍ଥର ସଠିକ୍ ବିନିଯୋଗ ଓ କାର୍ଯ୍ୟର ନିୟମିତ ତଦାରଖ ହିଁ ଏହି ଯୋଜନାର ସଫଳତା ନିର୍ଣ୍ଣୟ କରିବ। ତେଣୁ ଟେଣ୍ଡର ପ୍ରକ୍ରିୟାଠାରୁ ଆରମ୍ଭ କରି ନିର୍ମାଣ ସମାପ୍ତି ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ।

ମୌଳିକ ସୁବିଧାରୁ ବଞ୍ଚିତ କୋଠାର 'ନୂଆ ମଲିକ ସାହି'

ବନ୍ୟା ସହାୟତା ଓ ଘର ମିଳୁ ନ ଥିବା ଅଭିଯୋଗ

ଅସୁରାଳି,୨୯।୧୦(ସମିସ):କୋଠାର ପଞ୍ଚାୟତ "ନୂଆ ମଲିକ ସାହି"ରେ ମୌଳିକ ସୁବିଧା ସୁଯୋଗର ଚରମ ଅଭାବ ଦେଖିବାକୁ ମିଳିଛି। ପ୍ରାୟ ୩୦ଟି ପରିବାର ବସବାସ କରୁଥିବା ଏହି ସାହିରେ ନା ଅଛି ଭଲ ରାସ୍ତା, ନା ଅଛି ସୁରକ୍ଷିତ ପାନୀୟ ଜଳ ଓ ପ୍ରଶାସନିକ ସହାୟତା।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗତ ବନ୍ୟା ସମୟରେ ଅଞ୍ଚଳବାସୀ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲେ ସୁଦ୍ଧା ସେମାନଙ୍କୁ ଆବଶ୍ୟକୀୟ ରିଲିଫ୍ କିମ୍ବା ସହାୟତା ମିଳିପାରି ନାହିଁ। ବନ୍ୟା ସମୟରେ ମାତ୍ର ୪ଟି ପରିବାରକୁ ପଲିଥିନ୍(ପାଲ) ଯୋଗାଇ ଦିଆଯାଇଥିବା ବେଳେ ବଳକା ୨୫ରୁ ଉର୍ଦ୍ଧ୍ୱ କ୍ଷତିଗ୍ରସ୍ତ ପରିବାର ଆଜି ବି ପ୍ରଶାସନିକ ସହାୟତାରୁ ବଞ୍ଚିତ ହୋଇ ରହିଛନ୍ତି। ସରକାରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ଆବେଦନ କରିଥିଲେ ସୁଦ୍ଧା ଅନେକ ଯୋଗ୍ୟ ପରିବାରକୁ ଏପର୍ଯ୍ୟନ୍ତ ଘର ମିଳିନାହିଁ। ଏହା ବ୍ୟତୀତ ସାହିରେ ପାନୀୟ ଜଳ ସମସ୍ୟା ଗୁରୁତର ରୂପ ନେଇଛି। ଲୋକଙ୍କ ନିକଟରେ ଯାତାୟାତ ପାଇଁ ଉପଯୁକ୍ତ ରାସ୍ତା ନାହିଁ କି ପିଇବା ପାଇଁ ବିଶୁଦ୍ଧ ପାଣି ନାହିଁ। ଗୋଟିଏ ହାଣ୍ଡପମ୍ପ (ଟ୍ୟୁବ୍‌ୱେଲ୍) ଥିଲେ ସୁଦ୍ଧା ସେଥିରୁ ପ୍ରାୟତଃ ପାଣି ବାହାରୁନାହିଁ। ଏହା ସହିତ ସାହିର ଷ୍ଟ୍ରିଟ୍‌ଲାଇଟ୍, ବିଜୁଳି ଆଲୋକ ନ ଜଳିବା ଯୋଗୁଁ ସନ୍ଧ୍ୟା ହେଲେ ସମ୍ପୂର୍ଣ୍ଣ ଅଞ୍ଚଳ ଅନ୍ଧକାରମୟ ହୋଇପଡୁଛି। ଯାହାଫଳରେ ସ୍ଥାନୀୟ ମହିଳା ଓ ଶିଶୁମାନେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁରେଶ ମଲିକ, ଯଶୋଦା ମଲିକ, ବାବାଜୀ ମଲିକ, ଦୁଃଶାସନ ମଲିକ,

ମନୋଜ ମଲିକ, ସରୋଜ ମଲିକ, ସାବିତ୍ରୀ ମଲିକ, ଝରଣା ମଲିକ, ରୁବି ମଲିକ, ସସ୍ମିତା ମଲିକ, ବର୍ବତୀ ମଲିକ, ଦେବୀ ମଲିକ, ପୀତବାସ ମଲିକ, ପ୍ରାଚୀପ୍ରଭା ମଲିକ, ଦିଲ୍ଲୀପ ମଲିକ, ଛବିରାଣୀ ନାୟକ, ଶର୍ମିଳା ମଲିକ, କାମିନୀ ମଲିକ, ମାମିନା ଦାସଙ୍କ ସମେତ ସାହିର ବହୁ ପୁରୁଷ ଓ ମହିଳା ପ୍ରଶାସନର ଏହି ଅବହେଳା ବିରୋଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧି ଏଥିପ୍ରତି ଦୃଷ୍ଟି ଦେଇ ସାହିକୁ ପାନୀୟ ଜଳ ଯୋଗାଣ, ରାସ୍ତା ନିର୍ମାଣ, ଷ୍ଟ୍ରିଟ୍ ଲାଇଟ୍ ସଜାଡ଼ିବା ସହ ବନ୍ୟା କ୍ଷତିଗ୍ରସ୍ତ ଓ ବସୁନ୍ଧରା/ଆବାସ ଯୋଜନାରୁ ବଞ୍ଚିତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

୬ଟି ଶ୍ରେଣୀକୁ ଦୁଇ ଶିକ୍ଷକ; ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଭେଟିଲେ ଗ୍ରାମବାସୀ

ଶିକ୍ଷକ ନ ଦେଲେ ବିଦ୍ୟାଳୟରେ ତାଲା ପଡ଼ିବ

ବାସୁଦେବପୁର,୨୯।୧୦(ସମିସ): ବାସୁଦେବପୁର ବ୍ଲକ୍ ଜଗନ୍ନାଥ ପ୍ରସାଦ ପଞ୍ଚାୟତର ଦଧିବାମନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୬ଟି ଶ୍ରେଣୀକୁ ଅଛନ୍ତି ମାତ୍ର ଦୁଇ ଜଣ ଶିକ୍ଷକ। ଶିକ୍ଷକ ସମସ୍ୟାକୁ ନେଇ ପରିଚାଳନା କମିଟି ଓ ଗ୍ରାମବାସୀମାନେ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଭେଟି ଶିକ୍ଷକ ନିଯୁକ୍ତି ନିମନ୍ତେ ଦାବି ଜଣାଇଛନ୍ତି। ବିଇଓ ଶିକ୍ଷକ ଦେବା ଆଳରେ ଦିନ ଗଡ଼ାଇ ଚାଲିଥିବାରୁ ପିଲାଙ୍କ ପାଠପଢ଼ାରେ ଘୋର୍ ବାଧାପ୍ରାପ୍ତ ହେଉଛି। ଫଳରେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଶିକ୍ଷକ ଯୋଗାଇ ନ ଦେଲେ ଏହି ଆନ୍ଦୋଳନ ଉଗ୍ରରୂପ ନେବ ବୋଲି ଅଭିଭାବକମାନେ ଦୃଢ଼ ଚେତାବନୀ ଦେଇଛନ୍ତି।

ଦଧିବାମନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ୬ଟି ଶ୍ରେଣୀକୁ ୩ ଜଣ ଶିକ୍ଷକ ଥିଲେ। ସେଥିମଧ୍ୟରୁ ଜଣେ ଶିକ୍ଷୟିତ୍ରୀ ପ୍ରସବକାଳୀନ ଛୁଟି ନେଇଛନ୍ତି। ୬ଟି ଶ୍ରେଣୀରେ ୧୨୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷକଙ୍କ ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାରୁ ଅଭିଭାବକମାନେ ବିଇଓଙ୍କଠାରେ ଅଭିଯୋଗ କରି ଆସୁଛନ୍ତି। ବାରମ୍ବାର ଲିଖିତ ଅଭିଯୋଗ କରିବା ସତ୍ତ୍ୱେ ବ୍ଲକ୍ ଶିକ୍ଷାଧିକାରୀ ଶିକ୍ଷକ ଦିଆଯିବ କହି ଦିନ ଗଡ଼ାଇ ଚାଲିଛନ୍ତି। ଶିକ୍ଷାବର୍ଷ ଅଧାରୁ ଅଧିକ ଦିନ ଅତିକ୍ରମ କଲାଣି। ଆଖପାଖ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଅନୁପାତରେ ବହୁତ ଅଧିକ ରହିଛନ୍ତି। ଦଧିବାମନପୁର ସ୍କୁଲରେ ଶିକ୍ଷକ ଅଭାବ ଥିଲେ, ଏ ପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତି ଦେବାରେ ବ୍ଲକ୍ ଶିକ୍ଷାଧିକାରୀ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଆଗାମୀ ଦିନରେ ଯଦି ଶିକ୍ଷକ ଯୋଗାଇ ନ ଦିଅନ୍ତି ସ୍କୁଲ ତାଲା ପକାଇ ରାସ୍ତା ଅବରୋଧ କରିବେ ବୋଲି ବିଇଓଙ୍କୁ ଗ୍ରାମବାସୀ ଧମକ ଦେଇଛନ୍ତି।

ଶିଶୁ ବାଟିକାରେ ଶିଶୁ ସେବିକା ନିଯୁକ୍ତିକୁ ନେଇ ବିବାଦ

ଟିସି ନେବାକୁ ଜିଦ୍ ଧରି ପ୍ରଧାନଶିକ୍ଷକଙ୍କୁ ତାଲା ପକାଇଲେ ଅଭିଭାବକ

ବାସୁଦେବପୁର,୨୯।୧୦(ସମିସ): ବାସୁଦେବପୁର ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତର କଣ୍ଟାଗଡ଼ିଆ ମଲିକ ସାହି ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରେ ଶିଶୁ ସେବିକା ନିଯୁକ୍ତିକୁ ନେଇ ବିବାଦ ଦେଖାଦେଇଥିଲା। କେତେକ ଅଭିଭାବକ ଏହି ବିବାଦକୁ କେନ୍ଦ୍ର କରି ପିଲାମାନଙ୍କ ଟିସି ନେବାକୁ ପ୍ରଧାନଶିକ୍ଷକଙ୍କ ନିକଟରେ ଜିଦ୍ ଧରିଥିଲେ। ପ୍ରଧାନଶିକ୍ଷକ ଟିସି ଦେବାକୁ ମନାକରି ଦେବାରୁ ଅଫିସରେ ଥିବାବେଳେ ଅଭିଭାବକମାନେ ବିଦ୍ୟାଳୟର ତାଙ୍କୁ ତାଲା ପକାଇଦେଇଥିଲେ। ସୂଚନା ପାଇ ବାସୁଦେବପୁର ପୁଲିସ ସ୍କୁଲରେ ପହଞ୍ଚି ତାଲା ଖୋଲି ପ୍ରଧାନଶିକ୍ଷକଙ୍କୁ ଉଦ୍ଧାର କରିଥିଲେ।

ପ୍ରକାଶ ଯେ, କଣ୍ଟାଗଡ଼ିଆ ମଲିକ ସାହି ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରେ ଶିଶୁ ସେବିକା ନିଯୁକ୍ତିକୁ ନେଇ ଗାଁ ଗାଁ ମଧ୍ୟରେ ବିବାଦ ଦେଖାଦେଇଥିଲା। ଗାଁର ଗୋଟିଏ ପକ୍ଷରେ ଜଣଙ୍କୁ ଚାହୁଁଥିବାବେଳେ ଅପରପକ୍ଷ ନୀତି ନିୟମ ଅନୁଯାୟୀ ନିଯୁକ୍ତି ଦିଆଯାଇଥିଲା। ଯାହାକୁ ଗୋଟିଏ ପକ୍ଷରୁ ବିରୋଧ କରାଯାଉଥିଲା। କିଛି ଅଭିଭାବକ ଏହି ନିଯୁକ୍ତିକୁ ବିରୋଧ କରି ସ୍କୁଲରୁ ପିଲାମାନଙ୍କର ଟିସି ନେବାକୁ ଆବେଦନ କରିଥିଲେ। ଶିକ୍ଷା ବର୍ଷର ମଝିରେ ଟିସି ଦେଇହେବ ନାହିଁ ବୋଲି ପ୍ରଧାନଶିକ୍ଷକ କହିଥିଲେ। କିନ୍ତୁ ଟିସି ନେବାକୁ ଜିଦ୍ କରି ପ୍ରଧାନ ଶିକ୍ଷକଙ୍କୁ ଏକ ଘର ମଧ୍ୟରେ ତାଲା ପକାଇ ଦେଇଥିଲେ ଅଭିଭାବକମାନେ। ବାସୁଦେବପୁର ପୁଲିସ ପହଞ୍ଚି ତାଲା ଖୋଲି ପ୍ରଧାନଶିକ୍ଷକଙ୍କୁ ଉଦ୍ଧାର କରିଥିଲେ।

୪୭ ଲିଟର ମଦ ଜବତ, ୪ ଗିରଫ

ଦୋବଲ,୨୯।୧୦(ସମିସ): ଧାମନଗର ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ବିଭିନ୍ନ ଅଞ୍ଚଳରୁ ୪ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ନେଇ ଜଣାପଡ଼ିଛି। ବାବାବୁରୀଗାଁର ଦୀପକ ଧଳଙ୍କଠାରୁ ୨୦ ଲିଟର ବିଦେଶୀ ମଦ, ଉତେଇପୁର ତୋପାଇ ମାଝୀଙ୍କଠାରୁ ୫ ଲିଟର ଦେଶୀ ରନ୍ଧା ମଦ, କଣ୍ଟାପାରି ଗ୍ରାମର ସନାତନ ଜେନାଙ୍କଠାରୁ ୨୦ ଲିଟର ବିଦେଶୀ ମଦ ଓ ଖଡ଼ିପଦାର ଗଣେଶ ଦାସଙ୍କଠାରୁ ୨.୪ ଲିଟର ଦେଶୀ ମଦ ଜବତ କରାଯାଇଛି। ବେଆଇନ ମଦ କାରବାର ବିରୋଧରେ ଅବକାରୀ ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନ ଆଗକୁ ମଧ୍ୟ ଜାରି ରହିବ ବୋଲି ଧାମନଗର ଅବକାରୀ ବିଭାଗର ଅଧିକାରିଣୀ ସୁମିତ୍ରା ହେମ୍ବ୍ରମ କହିଛନ୍ତି। ଏହି ଚଢ଼ଉ ସମୟରେ ଅବକାରୀ ଥାନାର ଏଏସ୍ଆଇ ଦୁର୍ଯ୍ୟୋଧନ ବେହେରା, କର୍ମଚାରୀ ସନ୍ଧ୍ୟାରାଣୀ ସେନାପତି, ସୂର୍ଯ୍ୟକାନ୍ତ ଟିସ୍କୋ ପ୍ରମୁଖ ଉପସ୍ଥିତ ଥିଲେ।

୭୫ ବର୍ଷରେ ପଦାର୍ପଣ କଲା ମତୋ ଗଜଲକ୍ଷ୍ମୀ ପୂଜା

ମା' ଧନଦାତ୍ରୀଙ୍କ ଆରାଧନାରେ ଉତ୍ସବମୁଖର ଅଞ୍ଚଳ; ସନ୍ଧ୍ୟାରେ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼

ଚାନ୍ଦବାଲି,୨୯।୧୦(ସମିସ): ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ମତୋ ଅଞ୍ଚଳ ଏବେ ମା' ଧନଦାତ୍ରୀ ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଧୁମ୍‌ଧାମ୍‌ରେ ପାଳିତ ହେଉଛି ମା' ଗଜଲକ୍ଷ୍ମୀଙ୍କ ପୂଜା। ଚଳିତ ବର୍ଷ ଏହି ପୂଜା ୭୫ ବର୍ଷରେ ପଦାର୍ପଣ କରିଥିବାରୁ ସମଗ୍ର ଅଞ୍ଚଳରେ ଏକ ସ୍ୱତନ୍ତ୍ର ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ ପାଇଛି।

ଦୀର୍ଘ ୭୫ ବର୍ଷ ଧରି ମତୋ ଅଞ୍ଚଳରେ ପାଳିତ ହୋଇଆସୁଥିବା ଏହି ପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଅଞ୍ଚଳବାସୀଙ୍କ ଆସ୍ଥା, ବିଶ୍ୱାସ ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପରିଚିତ। ପ୍ରତିବର୍ଷ ମା'ଙ୍କ ପୂଜାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଶେଷ ଉତ୍ସାହ ଦେଖାଦେଉଥିବା ବେଳେ ଚଳିତ ବର୍ଷ ୭୫ତମ ବର୍ଷର ପୂଜା ଏହି ଆନନ୍ଦକୁ ଆହୁରି ଦ୍ୱିଗୁଣିତ କରିଛି। ପୂଜା ଅବସରରେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ପ୍ରତିଦିନ ସନ୍ଧ୍ୟାରେ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ତା' ସହିତ ମିନାବଜାର, ଦୋଳି ଓ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ମଜା ନେଉଛନ୍ତି ଅଞ୍ଚଳବାସୀ। ଏ ମେଳା ପ୍ରାୟ ୭ ଦିନ ଧରି ଚାଲିବ। ମତୋ ସମେତ ଆଖପାଖ ଗ୍ରାମାଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମଣ୍ଡପକୁ ଆସି ମା'ଙ୍କ ଦର୍ଶନ କରିବା ସହ ନିଜ ପରିବାରର ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରୁଛନ୍ତି। ମା'ଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ଅପାର ଶ୍ରଦ୍ଧା ଓ ଭକ୍ତିଭାବ ପରିଲକ୍ଷିତ ହେଉଛି। ମା' ଗଜଲକ୍ଷ୍ମୀଙ୍କ ଆରାଧନା ମାଧ୍ୟମରେ ଅଞ୍ଚଳବାସୀଙ୍କ ମଧ୍ୟରେ ଧାର୍ମିକ ଭାବନା ସହ ସାମାଜିକ ଏକତା ଓ ଭାଇଚାରାର ଭାବ ମଧ୍ୟ ସୁଦୃଢ଼ ହେଉଛି। ପିଢ଼ି ପରେ ପିଢ଼ି ଧରି ପାଳିତ ହୋଇଆସୁଥିବା ଏହି ପୂଜା ମତୋ ଅଞ୍ଚଳର ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିବା ସହ ଲୋକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରୁଛି। ଦୀର୍ଘ ୭୫ ବର୍ଷର ଏହି ଧାର୍ମିକ ପରମ୍ପରା ଆଜି ମତୋ ଅଞ୍ଚଳର ଗର୍ବ ଓ ଗୌରବ ପାଲଟିଥିବାବେଳେ ମା' ଧନଦାତ୍ରୀ ଗଜଲକ୍ଷ୍ମୀଙ୍କ ପୂଜାକୁ ନେଇ ସମଗ୍ର ଅଞ୍ଚଳରେ ଭକ୍ତିମୟ ଓ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି।

ଆଗରପଡ଼ାରେ ଅନନ୍ୟ ପର୍ବ କରୱାଚୌଥ

ବନ୍ତ/ଆଗରପଡ଼ା,୨୯।୧୦(ସମିସ): ସ୍ଥାନୀୟ କ୍ଷତ୍ରୀୟ ସମ୍ପ୍ରଦାୟ ମହିଳାମାନେ ଅନନ୍ୟ ପର୍ବ କରୱାଚୌଥକୁ ଭକ୍ତିଭାବନା ମଧ୍ୟରେ ପାଳନ କରିଛନ୍ତି। ଏହି ପର୍ବରେ ବିବାହିତା ମହିଳାମାନେ ସ୍ୱାମୀଙ୍କ ଶୁଭ ମନାସୀ ଓ ଦୀର୍ଘଜୀବୀ କାମନା କରି ଉପବାସ କରି ରାତିରେ ଚନ୍ଦ୍ର ଦର୍ଶନ କରିବା ପରେ ଏହାକୁ ସମାପନ କରିଥିଲେ। ପରମ୍ପରା ଅନୁଯାୟୀ, ଏହି ସମ୍ପ୍ରଦାୟର ସମସ୍ତ ମହିଳା ନୂଆ ବସ୍ତ୍ର ପରିଧାନ ପୂର୍ବକ ଏକତ୍ରିତ ହୋଇ ପରସ୍ପର ମଠୁରୀ ପୁଞ୍ଜା(ଭୋଗ)କୁ ଅଦଳବଦଳ କରିଥିଲେ। ଯାହାକି ଏହି ପର୍ବର ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ। ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ସହଧର୍ମିଣୀ ତଥା ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ସୁଭଦ୍ରା ମହତାବ ଏହି ପର୍ବକୁ ଏଠାରେ ଆରମ୍ଭ କରିଥିଲେ। ଅଦମ୍ୟ ସାହସର ପ୍ରତୀକ କ୍ଷତ୍ରୀୟ ମହିଳାମାନେ ଏକତ୍ରିତ ହେବା ଉଦ୍ଦେଶ୍ୟରେ ଏହା ଆରମ୍ଭ କରାଯାଇଥିଲା ବୋଲି ଜନଶ୍ରୁତି କହେ।



ଶାନ୍ତି କମିଟି ବୈଠକର ଫଟୋକୁ ବିକୃତ କରି ସୋସିଆଲ ମିଡିଆରେ ଭାଇରାଲ୍ ଅଭିଯୋଗ; କାର୍ଯ୍ୟାନୁଷ୍ଠାନ ଦାବି

ଧାମନଗର,୨୯।୧୦(ସମିସ): ଗତ ୯ ତାରିଖରେ ଧାମନଗର ବ୍ଲକ୍ ପଞ୍ଚାୟତ ସମିତି ସଭାଗୃହରେ ପର୍ବପର୍ବାଣୀ ଶାନ୍ତିଶୃଙ୍ଖଳାକୁ ନେଇ ଶାନ୍ତି କମିଟିର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଦୁଃଖ ଓ ପରିତାପର ବିଷୟ ଯେ ଏହି ବୈଠକର ପ୍ରକୃତ ଫଟୋକୁ କିଛି ଅସାମାଜିକ ବ୍ୟକ୍ତି ଅସତ୍ ଉଦ୍ଦେଶ୍ୟ ରଖି ଡିଜିଟାଲ୍ ମାଧ୍ୟମରେ ବିକୃତ କରିଛନ୍ତି। ସେମାନେ ଉକ୍ତ ଫଟୋରେ ଥିବା ସଭ୍ୟମାନଙ୍କର ପୋଷାକ ଟୋପିକୁ ବଦଳାଇ (ଗେରୁଆ ଟୋପି ଲଗାଇ) ତାହାକୁ ଫେସ୍‌ବୁକ୍ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆରେ ଭାଇରାଲ୍ କରିଛନ୍ତି। ଆମର ଏହି ଲିଖିତ ଏତଲାକୁ ଭିତ୍ତିକରି ଦୋଷୀ ବିରୋଧରେ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ପ୍ରଯୁଜ୍ୟ ଧାରା (ମାନହାନୀ, ମିଥ୍ୟା ଦଲିଲ୍, ଇଲେକ୍ଟ୍ରୋନିକ୍ ରେକର୍ଡ ତିଆରି ଜନଅଶାନ୍ତକାରୀ ଓ ସମ୍ମାନ ଉଦ୍ଦେଶ୍ୟଧାରା) ଏବଂ ତଥ୍ୟ ପ୍ରଯୁକ୍ତି ଆଇନ-୨୦୦୦ର ପ୍ରଯୁଜ୍ୟ ଧାରା ଅନୁଯାୟୀ, ମାମଲା ରୁଜୁ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଫେସବୁକ୍ ପେଜରେ ପୋଷ୍ଟ ହୋଇଥିବା ପେଜର ନାମ-ମୁସଲମାନ କା ଆୱାଜ୍ ହ୍ୱାଟ୍ସଆପ୍ ନମ୍ବର ୯୬୯୨୩୪୯୭୦୧ରେ ପୋଷ୍ଟ କରାଯାଇଛି। ଏହି କାର୍ଯ୍ୟ ଦ୍ୱାରା ଅଞ୍ଚଳରେ ସାମ୍ପ୍ରଦାୟିକ ସଦ୍ଭାବ ବିଗାଡ଼ିବା ଏବଂ ଶାନ୍ତି କମିଟିର ମର୍ଯ୍ୟାଦା ହାନୀ କରିବା ଜନସାଧାରଣଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିବାର ଷଡ଼ଯନ୍ତ୍ର କରିଥିବା ବ୍ୟକ୍ତିଙ୍କ କାର୍ଯ୍ୟକୁ ନିନ୍ଦା କରିବା ସହ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱ ଦେଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଶାନ୍ତି କମିଟିର ସଦସ୍ୟ ଦାବି ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରତାପ ସାମଲ, ଜଗବନ୍ଧୁ ପ୍ରଧାନ, ଏମ୍‌ଡି ହବିବୁର ରହେମାନ, ଏମ୍‌ଡି ମଞ୍ଜୁରୁଲ୍ ହକ୍, ସେକ୍ ଜାଫର ଅଲ୍ଲୀ, ସେକ୍ ରୋସ୍ତମ୍(ବାଟୋ), ସୁଶାନ୍ତ କୁମାର ରାଉତ, ସେକ୍ ଅସଲାମ, ଏମ୍‌ଡି ଫକିରୁଦ୍ଦିନ, ସେକ୍ ମୁସ୍ତାକଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଧାମନଗର ତହସିଲଦାର ତଥା ଶାନ୍ତି କମିଟିର ଆବାହକ ଜ୍ଞାନରଞ୍ଜନ ସାହୁ, ଆଇଆଇସି ଶୁଭ୍ରଜିତ୍ ଦାଶଙ୍କୁ ଭେଟି ଲିଖିତ ଦାବି କରିଛନ୍ତି। ଏହି ଘଟଣାର ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଭୟ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

ବାପୁଜୀ ନୋଡାଲ ସ୍କୁଲରେ 'ସୁରକ୍ଷିତ ବଚପନ ଅଭିଯାନ'

'ଶିଶୁଙ୍କ ସୁରକ୍ଷିତ ବାଲ୍ୟାବସ୍ଥା ପାଇଁ ଆଇନ ସଚେତନତା ଜରୁରୀ'

ଭଦ୍ରକ,୨୯।୧୦(ସମିସ)

ଶିଶୁଙ୍କ ଅଧିକାରର ସୁରକ୍ଷା, ଯୌନ ଶୋଷଣର ନିରାକରଣ ଏବଂ ଏକ ସୁରକ୍ଷିତ ବାଲ୍ୟାବସ୍ଥା ନିଶ୍ଚିତ କରିବା ଦିଗରେ ଆଇନ ସଚେତନତାର ଗୁରୁତ୍ୱ ଅପରିସୀମ। ଏହି ଉଦ୍ଦେଶ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ 'ସୁରକ୍ଷିତ ବଚପନ ଅଭିଯାନ' ଅନ୍ତର୍ଗତ 'ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଗେଲପୁରସ୍ଥିତ ବାପୁଜୀ ନୋଡାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଆଶିଷ କୁମାର ଦେ ସମ୍ମାନିତ ଅତିଥି ଏବଂ ଶିଶୁ ସୁରକ୍ଷା ଶାଖାର ସାମାଜିକ ଶିଶୁ ଆଇନ ଅଧିକାରୀ ସୁବ୍ରତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପାରାଲିଗାଲ୍ କର୍ମୀ ଅନ୍ନପୂର୍ଣ୍ଣା ସାହୁ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ରଥ ନିଜ ବକ୍ତବ୍ୟରେ ଶିଶୁଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କୁ ଯୌନ ଅପରାଧରୁ ସୁରକ୍ଷିତ ରଖିବା ପାଇଁ ପ୍ରଚଳିତ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଶିଶୁଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଶୋଷଣକୁ ରୋକିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ଆଇନ ସଚେତନତାର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ବିଚାରପତି ଶ୍ରୀ ଦେ ଶିଶୁଙ୍କ ସୁରକ୍ଷା ନିମନ୍ତେ ରହିଥିବା କଠୋର ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟପକ୍ଷରେ, ମୁଖ୍ୟବକ୍ତା ଶ୍ରୀ ଦାସ ପ୍ରତ୍ୟେକ ଶିଶୁ ନିଜର ଅଧିକାର ସମ୍ପର୍କରେ ସଚେତନ ହେବା ସହ ନିଜ ପ୍ରତି କିମ୍ବା ଅନ୍ୟ ଶିଶୁଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ ବୋଲି କହିଥିଲେ। ଏଥିସହ ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକମାନେ ମିଳିତ ଭାବେ ଶିଶୁଙ୍କ ପାଇଁ ଏକ ସୁରକ୍ଷିତ, ନିରାପଦ ଓ ଭୟମୁକ୍ତ ପରିବେଶ ଗଢ଼ି ତୋଳିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସରସ୍ୱତୀ ଖଣ୍ଡେଇଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ 'କାନୁନ ଜାଣ, ବଚପନ ବଚାଓ' ଏବଂ 'ଜାଗରୁକ ବଚପନ, ସଶକ୍ତ ଭାରତ' ଭଳି ସଚେତନତାମୂଳକ ସ୍ଲୋଗାନ ଦେଇ ଶିଶୁ ସୁରକ୍ଷାର ବାର୍ତ୍ତା ପ୍ରଚାର କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଶିବାନୀ ତ୍ରିପାଠୀ ଓ ସରୋଜ ସେଠୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ତପନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଲଗାଣ ବର୍ଷାରେ ବୁଡ଼ିଗଲେ ପଞ୍ଚଲିଙ୍ଗେଶ୍ୱର

ସାଧାରଣ ସ୍ପର୍ଶ ଓ ଦର୍ଶନ ବନ୍ଦ

ନୀଳଗିରି, ୨୯।୧୦ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରିର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠର ପୂଜା ମଣ୍ଡପ ଲଗାଣ ବର୍ଷାରେ ବୁଡ଼ିଛି। ପଞ୍ଚଲିଙ୍ଗ ଉପରେ ପ୍ରଖର ସ୍ରୋତରେ ଝରଣା ଜଳ ପ୍ରବାହିତ ହେଉଥିବାରୁ ସାଧାରଣ ସ୍ପର୍ଶ ଓ ଦର୍ଶନ ବନ୍ଦ ଥିବାବେଳେ ମଣ୍ଡପ ଉପରେ ଆଣ୍ଠୁଏ ଉଚ୍ଚରେ ଚାଲିଛି ଲଗାଣ ବର୍ଷାଜଳ। ଭକ୍ତ, ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉପରେ ଉଚ୍ଚା ଜାଗାରେ ପୂଜା ହେଉଥିବା ବେଳେ ପୀଠରେ ଲିଙ୍ଗ ଦର୍ଶନ ଓ ସ୍ପର୍ଶ ବନ୍ଦ ରଖାଯାଇଛି।

ଇନ୍ଦୁପୁରା ଗ୍ରାମ୍ୟରାସ୍ତା ନିର୍ମାଣକୁ ନେଇ ତାତିଲେ ଗ୍ରାମବାସୀ

ଆନନ୍ଦପୁର, ୨୯।୧୦ (ସମିସ): ବାରମ୍ବାର ଦାବି ଓ ଅନେକ ହାରିଗୁହାରି ପରେ ଗାଁ ରାସ୍ତା ନିର୍ମାଣ ପାଇଁ ଆସିଥିବା ଅନୁଦାନରେ ଅତି ନିମ୍ନମାନର ପିଚୁ ରାସ୍ତା କାମ ହୋଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ରାୟ ୨୨ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଘସିପୁରା ବ୍ଲକର ଇନ୍ଦୁପୁରା ଗାଁକୁ ୧୭ଶହ ମିଟର ଲମ୍ବର ଏକ ପିଚୁ ରାସ୍ତା ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ହୋଇଥିଲା। ପୁରୁଣା ରାସ୍ତାକୁ ଠିକ ଭାବେ ସଫା ନକରି ଆରମ୍ଭ ହୋଇଥିବା କାର୍ଯ୍ୟରେ ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ସଠିକ ଭାବେ ଘାସ ଓ ମାଟି ସଫା କରା ନଯାଇ ରାତାରାତି ପିଚୁ ପକାଇ ଦେବା ଘଟଣାରେ ଉଦବେଗ ପ୍ରକାଶ ପାଇଛି। ଅତି ନିମ୍ନମାନର ଏହି ରାସ୍ତା କାମ ହୋଇଥିବାରୁ ଗୋଡ଼ରେ ଆଡେଇ ଦେଲେ ମଧ୍ୟ ପିଚୁ ଉଠି ଯାଉଥିବା ଗ୍ରାମର ଯୁବକମାନେ ଦର୍ଶାଇଛନ୍ତି। ଠାଏ ଠାଏ ପିଚୁ ରାସ୍ତା ଭିତରେ ମଧ୍ୟ ଘାସ ଦେଖା ଯାଉଥିବାରୁ କାର୍ଯ୍ୟର ମାନକୁ ନେଇ ଗ୍ରାମବାସୀ ଶ୍ୟାମସୁନ୍ଦର ଦାସ, ଅଜୟ ଦାସ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଘଟଣାର ନିଜେ ତଦନ୍ତ କରିବା ସହିତ ଅଭିଯୋଗରେ ସତ୍ୟତା ଥିଲେ ଠିକାଦାରଙ୍କ ବିଲ୍ ବନ୍ଦ କରାଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ।

ହାଟଡିହି ତହସିଲରୁ ପଲିଥିନ୍ ଗାଏବ୍

ଫୋରେନସିକ୍ ଟିମ୍‌ର ତଦନ୍ତ

ଆନନ୍ଦପୁର, ୨୯।୧୦ (ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ କାର୍ଯ୍ୟାଳୟର ଷ୍ଟୋର ରୁମ୍‌ରୁ ୧୫୫ ବଣ୍ଡଲ ପଲିଥିନ ଗାଏବ ଘଟଣା ଏବେ ପ୍ରଶାସନିକ ଅଧିକାରୀଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଏନେଇ ନନ୍ଦିପଦା ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ ହୋଇଛି। ଘଟଣାର ପ୍ରାୟ ୪୮ ଘଣ୍ଟା ପରେ ଅଭିଯୋଗ ହୋଇଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଘଟଣାସ୍ଥଳରେ ଫୋରେନସିକ୍ ଟିମ୍ ପହଞ୍ଚି ଅନୁଧ୍ୟାନ କରିଛି। ପୂର୍ବରୁ ଏହାକୁ ହେରଫେର କରାଯାଇ ଏବେ ଚୋରିର ନାଟକ ରଚନା କରାଯାଉଥିବା ଚର୍ଚ୍ଚା ହେଉଛି। ଏତେ ପରିମାଣର ପଲିଥିନ ଏକାବେଳକେ ନେବାକୁ ହେଲେ ପିକଅପ ଭ୍ୟାନ କିମ୍ବା ଟ୍ରାକ୍ଟର ଭଳି ଗାଡି ଆବଶ୍ୟକ। ରାତ୍ରି ଜଗୁଆଳି ମଧ୍ୟ ରହିଛନ୍ତି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଦିଗହରା

ପଲିଥିନ ତଳେ କଟୁଛି ଜୀବନ, ଲଘୁଚାପ ବର୍ଷାରେ ଦୁର୍ବିସହ

ବଡସାହି,୨୯।୧୦(ସମିସ): ପାନମଣୀ ନାଏକ। ବୟସ ୭୦। ସେ ଜଣେ ବିଧବା ବୃଦ୍ଧା ହୋଇଥିବାବେଳେ ତାଙ୍କର ପିଲାପିଲି ମଧ୍ୟ ନାହାନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ବାପଘର ଶିଆଳିଘାଟୀ ପଞ୍ଚାୟତ ଭଞ୍ଜବାଟୀ ଗ୍ରାମରେ ସେ ଏକାକି ଦୟନୀୟ ଭାବେ ଜୀବନଯାପନ କରୁଛନ୍ତି। ରାସନ ଚାଉଳ ଓ ୧ ହଜାର ଟଙ୍କା ଭତ୍ତାରେ ତାଙ୍କର ଦିନ କଟୁଛି ତ କେତେବେଳେ ଉପାସ ରହିବାକୁ ପଡୁଛି। ପରିତ୍ୟକ୍ତ ବିପଦସଂଙ୍କୁଳ ଘରେ ସେ ବସବାସ କରୁଥିବାବେଳେ ଅଦ୍ୟାବଧି ସରକାରଙ୍କ ପକ୍ଷରୁ ଘରଟିଏ ମଧ୍ୟ ପାଇପାରିନାହାନ୍ତି। ଯାହାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ସେପ୍ଟେମ୍ବର ମାସରେ ବାରମ୍ବାର ଲଗାଣ ବର୍ଷା ଓ ବନ୍ୟାରେ ତାଙ୍କ ଘର ଭାଙ୍ଗି ପଡିଥିବାବେଳେ ତାଙ୍କୁ ପ୍ରଶାସନ ପକ୍ଷରୁ ପଲିଥିନ ଖଣ୍ଡେ ଯୋଗାଇ ଦିଆଯାଇଥିଲା। ତାହା ନଷ୍ଟ ହୋଇଯାଇଥିବାବେଳେ ଚଳିତ ଲଘୁଚାପ ବର୍ଷାରେ ସେ ପର ପଣ୍ଡାରେ ଆଶ୍ରୟ ନେଇଥିବା କହିଛନ୍ତି। ବଞ୍ଚିଥିବା ସମୟରେ ସେ ଘର ଖଣ୍ଡେ ପାଇବେ କି ନାହିଁ ତାହାକୁ ନେଇ ତାଙ୍କ ମନରେ ସଂଶୟ ସୃଷ୍ଟି ହୋଇଛି। ପାନମଣୀଙ୍କୁ ଘର ଖଣ୍ଡେ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଡବଲ ଇଞ୍ଜିନ ସରକାର ଆସିବାର ଅଢେଇ ବର୍ଷ ହେବାକୁ ବସିଥିବାବେଳେ ଅଦ୍ୟାବଧି ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ଘର ଯୋଗାଇ ଦିଆଯାଇନାହିଁ। ଘର ଯୋଗାଣ କେବଳ ହାତ ଗଣତି କେତୋଟି ଅନ୍ତ୍ୟୋଦୟ ଘରରେ ସୀମିତ ଅଛି। ସରକାର ପୁଣି ଏହି ଯୋଜନାରେ ଘର ସଂଖ୍ୟା ବଢାଇଥିବାବେଳେ ଏ ଘର ସବୁ ସରକାରୀ ଦଳର କାର୍ଯ୍ୟକର୍ତ୍ତାଙ୍କ କଥାରେ ବଣ୍ଟାଯାଉଥିବା ଅଭିଯୋଗ ଉଠିଛି। ଫଳରେ ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବାଦ୍ ପଡୁଛି। ପୁଣି ଏହି ଘର ସବୁ ୧୦ ହଜାରରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ କେତେକ ପଞ୍ଚାୟତରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ନିକଟ ଅତୀତରେ ସରକାରଙ୍କ ପକ୍ଷରୁ ଗ୍ରାମୀଣ ଗୃହ ଯୋଜନାରେ ଘର ଯୋଗାଇ ଦେବା ପାଇଁ ଲମ୍ବା ଚିଠା ପ୍ରତି ପଞ୍ଚାୟତରେ ଲାଗିଛି। ଯେଉଁ ଯୋଗ୍ୟ ହିତାଧିକାରୀ ଏହି ତାଲିକାରେ ସ୍ଥାନ ପାଇନାହାନ୍ତି, ସେମାନଙ୍କୁ ଆବେଦନ ପାଇଁ କୁହାଯାଇଛି। ତେବେ ସରକାର ପ୍ରତି ପଞ୍ଚାୟତରେ କେତୋଟି ଲେଖାଏଁ ଘର ଯୋଗାଇ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା ବୋଲି ଆଲୋଚନା ଚାଲିଛି। ସରକାର ଗରିବ ସୀମାରେଖା ତଳେ ଥିବା ହିତାଧିକାରୀଙ୍କୁ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ପକ୍କାଘର ପ୍ରଦାନ ପାଇଁ ନିୟମ କରିଛନ୍ତି। କିପରି ପ୍ରକୃତ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବେ, ସେଥିପାଇଁ ସରକାର ପ୍ରତି ପଞ୍ଚାୟତର ଗ୍ରାମସଭା ଓ ପଲ୍ଲୀସଭା ମାଧ୍ୟମରେ ତାଲିକା ପ୍ରସ୍ତୁତ କରୁଛନ୍ତି। ଉଦ୍ଦେଶ୍ୟ କୌଣସି ପ୍ରକୃତ ହିତାଧିକାରୀ ଯେପରି ଏହି ଯୋଜନାରୁ ବଞ୍ଚିତ ନ ହୁଅନ୍ତି। ମାତ୍ର ଏହି ଯୋଜନା ବଡସାହି ବ୍ଲକ୍‌ରେ ସମ୍ପୂର୍ଣ୍ଣ ଦିଗହରା ହୋଇଛି। ଅଧିକାଂଶ ପଞ୍ଚାୟତରେ ହିତାଧିକାରୀଙ୍କ ନାମ ଗ୍ରାମସଭା ଓ ପଲ୍ଲୀସଭା ତାଲିକାରେ ଥିଲେ ମଧ୍ୟ ସେମାନେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ହିତାଧିକାରୀଙ୍କ ନାମ ତାଲିକାରେ ଥିଲେ ମଧ୍ୟ କେତେକ ଠିକାଦାର ଓ ସେମାନଙ୍କୁ ଘର କରି ଦେବା କହି ସେମାନଙ୍କଠାରୁ ଆବଶ୍ୟକୀୟ କାଗଜପତ୍ର ସଂଗ୍ରହ କରି ନିଜର ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ କରୁଛନ୍ତି। ବହୁ ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବାଦ ପଡୁଥିବାବେଳେ ଥିଲାବାଲା ଲୋକେ ପ୍ରଥମେ ଏହି ଯୋଜନାର ଫାଇଦା ନେଉଥିବା ଦେଖାଯାଇଛି। ଅସହାୟ ଲୋକଙ୍କ ପାଇଁ ଲଢିବା ପାଇଁ କେହିନାହିନ୍ତି। ଫଳରେ ସେମାନଙ୍କର ନାମ ତାଲିକାରେ ପଛକୁ ରହୁଛି। ଯାହାର ଫାଇଦା ଥିଲାବାଲା ଲୋକେ ଉଠାଉଥିବା ଅଭିଯୋଗ ହୋଇଛି। ତେଣୁ ନିର୍ବାଚିତ ପ୍ରତିନିଧି, ପିଇଓ ଓ ଜିଆରଏସ ଏଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଇ ଘର ନ ଥିବା ଅସହାୟ ଲୋକଙ୍କ ନାମ ପ୍ରଥମେ ତାଲିକାଭୁକ୍ତ କରିବା ପାଇଁ ଦାବି ହୋଇଛି। ସେହିପରି କେଉଁଠି ଘର ତିଆରି ନ ହୋଇ ବିଲ ଉଠୁଥିବାବେଳେ କେଉଁଠି ଠିକାଦାର ଅଗ୍ରୀମ ଟଙ୍କା ହିତାଧିକାରୀଙ୍କଠାରୁ ନେଇ ବର୍ଷ ବର୍ଷ ଧରି ଘର କାମ ସାରୁନାହାନ୍ତି। ତେଣୁ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ପଞ୍ଚାୟତରେ ଝୁଲୁଛି ଲମ୍ବା ଚିଠା, କେବେ ମିଳିବ ଘର

ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟରେ ସାନ୍ତାଳୀ ଅନର୍ସ ଖୋଲିବାକୁ ବିଧାୟକଙ୍କୁ ଦାବିପତ୍ର

ସାରସକଣା, ୨୯ ।୧୦(ସମିସ): ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟରେ ସାନ୍ତାଳୀ ଭାଷାର ଅନର୍ସ (ମେଜର) ଓ ଇଲେକ୍ଟିଭ୍ (ମାଇନର) ବିଷୟ ପ୍ରଚଳନ ଦାବିରେ ବିଭିନ୍ନ ସଂଗଠନ ପକ୍ଷରୁ ସାରସକଣା ବିଧାୟକ ଭାଦବ ହାଁସଦାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘବର୍ଷ ଧରି ଏହି ଦାବି ହୋଇଆସୁଥିଲେ ହେଁ ଆଜି ପର୍ଯ୍ୟନ୍ତ ଖୋଲା ନ ଯିବାରୁ ଆଗ୍ରହୀ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ତେଣୁ ଆସନ୍ତା ଶିକ୍ଷାବର୍ଷରୁ ଏହି ମହାବିଦ୍ୟାଳୟରେ ସାନ୍ତାଳୀ ଅନର୍ସ ଖୋଲିବା ସହ ଉର୍ଦ୍ଦୁ, ତେଲୁଗୁ ଓ ବଙ୍ଗଳା ଭଳି ସାନ୍ତାଳୀ ଭାଷାକୁ ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ କରିବାକୁ କର୍ମକର୍ତ୍ତା ବିଧାୟକଙ୍କ ସହ ଆଲୋଚନା କରିଥିଲେ। ଏହି ଦାବିପତ୍ର ପ୍ରଦାନ ବେଳେ ଓଡ଼ିଶା ପନତ୍ ପାରଗାନା ବାଳକରାମ ବାସ୍କେ, ହିତାଲ୍ ଆଖଳାର ଚେୟାରମ୍ୟାନ ପରାନ ହେମ୍ବ୍ରମ, ନିଖିଳ ଓଡ଼ିଶା ସାନ୍ତାଳୀ ସ୍ନାତକୋତ୍ତର ଛାତ୍ର ସଂଘର ସଦସ୍ୟ ଦୁର୍ଗା ସୋରେନ, ସିମାଲ ସୋରେନ, ବିଷ୍ଣୁ ହାଁସଦା, ଅଖିଳ ଭାରତ ଅଲଚିକି ଛାତ୍ର ସଂଘର ଶ୍ରୀରାମ ଟୁଡୁ, ସାନ୍ତାଳୀ ଏକାଡେମୀ ସଭାପତି ସୁନାରାମ ସୋରେନ, ନିଖିଳ ଓଡ଼ିଶା ସାନ୍ତାଳୀ ଶିକ୍ଷକ ସଂଘ ସଭାପତି ଗୁଲାରାମ ମୁର୍ମୁ, ଜଗ ପିଲ୍ ପାରଗାନା ପଦ୍ମଲୋଚନ ମୁର୍ମୁ ଓ ପିଲ୍ ଗୋଡ଼େତ୍ ଠାକୁରା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଶ୍ରୀ ହାଁସଦା ଏହି ପ୍ରସଙ୍ଗ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣି ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ମହୁଲ ଫୁଲ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

ମହୁଲଡିହା,୨୯।୧୦ (ସମିସ): କଟକ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଠାକୁରମୁଣ୍ଡା -ମହୁଲଡିହା ରାସ୍ତାରେ ଚଢ଼ଉ କରାଯାଇ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରାଯାଇଛି। ଏ ନେଇ କେଶ ନମ୍ବର ୪୩୯/୨୬ରେ ମାମଲା ରୁଜୁ ହୋଇଛି। ବିଶେଷ ସୂତ୍ରରୁ ଖବର ପାଇ କଟକ ଅବକାରୀ ଗୁଇନ୍ଦା ବିଭାଗ ଠାକୁରମୁଣ୍ଡା ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥ ମହୁଲଡିହା ନିକଟରେ ମହୁଲ ଫୁଲ ବୋଝେଇ କରି ଯାଉଥିବାବେଳେ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ ଅବକାରୀ ବିଭାଗ। ଯାଞ୍ଚ ପରେ ଗାଡ଼ିରେ ୫ କ୍ୱିଣ୍ଟାଲ ମହୁଲ ଫୁଲ ବୋଝେଇ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାରେ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ଅଟକ ଚାଳକ ଜଣକ ହେଲେ ଠାକୁରମୁଣ୍ଡା ଅଞ୍ଚଳର ଟୁନୁ ଗିରି (୩୫) ଓ ପାର୍ଥ ପେରେଇ। ଦୁଇ ଜଣଙ୍କୁ ଠାକୁରମୁଣ୍ଡା ଜେଏମଏଫସିଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ୨ ଅଭିଯୁକ୍ତଙ୍କୁ କରଞ୍ଜିଆ କୋର୍ଟ ଫରୱାର୍ଡ କରାଯାଇଥିବା ଅବକାରୀ ଗୁଇନ୍ଦା ବିଭାଗର ଏଏସଆଇ ପ୍ରଶାନ୍ତ କୁମାର ପରିଡା ସୂଚନା ଦେଇଛନ୍ତି। ଅବକାରୀ ବିଭାଗର ଯୁଗ୍ମ କମିଶନର ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଓ ବିକାଶ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ଉ ହୋଇଥିଲା।

ଟୁହାକୁ ଟୁହା ବର୍ଷା; ଚିନ୍ତାରେ ଚାଷୀ

ଆନନ୍ଦପୁର, ୨୯।୧୦(ସମିସ): ସାମୁଦ୍ରିକ ଝଡ଼ 'ଅର୍ଣ୍ଣବ' ପ୍ରଭାବରେ ଆନନ୍ଦପୁର ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ମଙ୍ଗଳବାର ସନ୍ଧ୍ୟାରୁ ଝିପିଝିପି ବର୍ଷା ଆରମ୍ଭ ହୋଇଥିଲା। ପରେ ବର୍ଷାର ପରିମାଣ ବୃଦ୍ଧି ପାଇଥିଲା। ଅଞ୍ଚଳରେ ପାଗ ପରିବର୍ତ୍ତନ ହେବା ସହ ବର୍ଷାକୁ ନେଇ ଲୋକଙ୍କ ଚିନ୍ତା ବଢ଼ିଯାଇଛି। ଧାନ ଚାଷ କରିଥିବା ଚାଷୀମାନେ ବର୍ଷାକୁ ନେଇ ଅଧିକ ଚିନ୍ତିତ ହୋଇପଡ଼ିଛନ୍ତି। କିଛି ଅଞ୍ଚଳରେ ଧାନ ଫସଲକୁ ବର୍ଷା ଆବଶ୍ୟକ ଥିବାବେଳେ ଅଧିକ ହେଲେ ଚାଷୀ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି। ବର୍ଷା ଜାରି ରହିଲେ ପରିବା ଫସଲ ମଧ୍ୟ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି। ଆନନ୍ଦପୁର ଉପଖଣ୍ଡର ପଦ୍ମପୁର, ବଳଦୁଆଁ, ଶାଳବଣି, ପଞ୍ଚୁପୁଲ୍ଲୀ, ହାତୀବନ୍ଧା, ସରେଇଁ ଅଞ୍ଚଳରେ ପରିବା ଚାଷ ଆରମ୍ଭ ହୋଇଥିବା ବେଳେ ଲଗାଣ ବର୍ଷାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି।

ଷଷ୍ଠ ଶ୍ରାଦ୍ଧବାର୍ଷିକୀ

୰ବସନ୍ତ କୁମାର ଦାସ
ବାରିପଦା, ମୟୂରଭଞ୍ଜ
ଆବିର୍ଭାବ - ୦୧.୦୨.୧୯୪୬
ତିରୋଧାନ - ୦୫.୧୧.୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କୁ ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ :
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ସୁରକ୍ଷିତ ବଚପନ ଅଭିଯାନ

ଶିଶୁ ସୁରକ୍ଷା ଓ ଅଧିକାର ନେଇ ସଚେତନତା

ଚମ୍ପୁଆ, ୨୯।୧୦(ସମିସ): ଶିଶୁମାନଙ୍କ ଅଧିକାରର ସୁରକ୍ଷା, ଶୋଷଣ ଓ ନିର୍ଯାତନାରୁ ରକ୍ଷା ସହ ଏକ ସୁରକ୍ଷିତ ଭବିଷ୍ୟତ ଗଠନ ଲକ୍ଷ୍ୟରେ ଚମ୍ପୁଆ ତାଲୁକ ଆଇନସେବା କମିଟି ପକ୍ଷରୁ 'ସୁରକ୍ଷିତ ବଚପନ ଅଭିଯାନ' ଅନ୍ତର୍ଗତ ଏକ ସଚେତନତା କାର୍ଯ୍ୟକ୍ରମ ପିଏମ୍‌ଶ୍ରୀ ମହତାବ ଉଚ୍ଚବିଦ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। ଅକ୍ଟୋବର ୨୮ ରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନରେ ୧୮ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ଅଧିକାର, ସୁରକ୍ଷା ଓ ଆଇନଗତ ସହାୟତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ପ୍ରଣୟ କୁମାର ଦାସ, ଏସ୍‌ଡିଜେଏମ୍ ସାଧନଜିତ ପଣ୍ଡା, ବରିଷ୍ଠ ଆଇନଜୀବୀ ବିଷ୍ଣୁଚରଣ ରାଠୋର ଓ ରମେଶଚନ୍ଦ୍ର ପ୍ରଧାନ ଶିଶୁମାନଙ୍କୁ ଆଇନଗତ ଅଧିକାର ଓ ସୁରକ୍ଷା ବ୍ୟବସ୍ଥା ବିଷୟରେ ବୁଝାଇଥିଲେ। ବିଶେଷକରି ଶିଶୁମାନଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ପ୍ରଣୀତ ପୋକ୍‌ସୋ ଆଇନ, ୨୦୧୨ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଶିଶୁମାନେ ନିଜ ଅଧିକାର ସମ୍ପର୍କରେ ଜାଣିବା ସହ କୌଣସି ପ୍ରକାର ଶୋଷଣ, ନିର୍ଯାତନା କିମ୍ବା ଅନ୍ୟାୟର ଶିକାର ହେଲେ ନିରବ ନରହି ଅଭିଭାବକ, ଶିକ୍ଷକ ଓ ସମ୍ପୃକ୍ତ ଅଧିକାରୀଙ୍କୁ ଜଣାଇବା ଉଚିତ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଶିଶୁମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ସେମାନଙ୍କ ମଧ୍ୟରେ ଆଇନ ସମ୍ପର୍କିତ ଜ୍ଞାନ ବୃଦ୍ଧି କରିବା ଏବଂ ଅଧିକାର ସମ୍ପର୍କରେ ସଚେତନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା।

NAYAGARH DISTRICT CENTRAL CO-OPERATIVE BANK LTD.
AT/PO/DIST. NAYAGARH (ODISHA)
Telephone (06753) 252232,211200,211202, 252208
email-nayagarhccb@yahoo.co.in
ପଞ୍ଜିକରଣ ନଂ ୯୨ ପିସୁ ତା ୩୦.୦୩.୧୯୪୯
ପତ୍ର ସଂଖ୍ୟା-୨୪୧୧, ତାରିଖ: ୨୯.୧୦.୨୦୨୬

ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି

ଏତଦ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଂର ସମସ୍ତ ଅଂଶୀଦାର ସଭ୍ୟ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କର ୬୭ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା ୦୯.୧୧.୨୦୨୬ ରିଖ ସୋମବାର ସକାଳ ୧୦.୩୦ ମିନିଟ୍ ସମୟରେ ସୃଜନ ହଲ (DRDA) ପରିସରରେ ଅନୁଷ୍ଠିତ ହେବ।
ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାଇ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଅନୁରୋଧ।
କାର୍ଯ୍ୟସୂଚୀ:
୧. ବ୍ୟାଙ୍କର ୬୬ ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ୀକରଣ।
୨. ବ୍ୟାଙ୍କର ୨୦୨୪-୨୫ ଓ ୨୦୨୫-୨୬ ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ବ୍ୟାଙ୍କର ୨୦୨୪-୨୫ ଓ ୨୦୨୫-୨୬ ବର୍ଷର ଅଡିଟ ରିପୋର୍ଟ ଅନୁମୋଦନ ଓ ଗ୍ରହଣ।
୪. ବ୍ୟାଙ୍କର ୨୦୨୬-୨୭ ବର୍ଷର ବାର୍ଷିକ ଆୟ ବ୍ୟୟ ଅଟକଳ ପଠନ ଓ ଅନୁମୋଦନ।
୫. ବ୍ୟାଙ୍କର ୨୦୨୩-୨୪, ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷର ଲାଭାଂଶ ବଣ୍ଟନ କରିବା ନିମନ୍ତେ ଅନୁମୋଦନ।
୬. ବ୍ୟାଙ୍କର ପଦାକାରୀମାନେ ଏବଂ ସେମାନଙ୍କର ନିକଟ ସମ୍ପର୍କୀୟ ବା ପରିବାର ସଦସ୍ୟମାନଙ୍କୁ ମଞ୍ଜୁର କରାଯାଇଥିବା ଋଣଗୁଡ଼ିକର ସମୀକ୍ଷା କରିବା ଏବଂ ଉକ୍ତ ଋଣଗୁଡ଼ିକର ଆଦାୟ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ଆଲୋଚନା ଓ ନିଷ୍ପତ୍ତି ଗ୍ରହଣ।
୭. ଅଡିଟ୍, ନିରୀକ୍ଷଣ ଓ ତଦନ୍ତ ରିପୋର୍ଟ, ବାର୍ଷିକ ରିପୋର୍ଟ, ମହାଲେଖାପରୀକ୍ଷକଙ୍କ ବାର୍ଷିକ ରିପୋର୍ଟ ଏବଂ ଯଦି କୌଣସି ସରକାରୀ ନିର୍ଦ୍ଦେଶ ଥାଏ, ତାହାର ବିଚାର ଓ ସମିତି ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପର ସମୀକ୍ଷା।
୮. ସମିତି, ଉପସମିତି ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ରିପୋର୍ଟଗୁଡ଼ିକର ସମୀକ୍ଷା।
୯. ସଂରକ୍ଷିତ ପାଣ୍ଠି ଏବଂ ଅନ୍ୟାନ୍ୟ ପାଣ୍ଠି ସୃଷ୍ଟି କରିବା ଓ ସେଗୁଡ଼ିକର ବିନିଯୋଗର ସମୀକ୍ଷା।
୧୦ ବ୍ୟାଙ୍କର ଉପବିଜ୍‌ରେ ପ୍ରସ୍ତାବିତ ସଂଶୋଧନଗୁଡ଼ିକୁ ବିଚାର କରି ଅନୁମୋଦନ କରିବା।
୧୧. ବ୍ୟାଙ୍କର ଅନୁମୋଦିତ ପୁଞ୍ଜିକୁ (Authorized Share Capital) ୧୫୦ କୋଟି ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ବ୍ୟାଙ୍କର ଉପବିଧି (ଧାରା ନଂ ୪) ରେ ଆବଶ୍ୟକୀୟ ସଂଶୋଧନ କରିବା ପ୍ରସ୍ତାବ ଉପରେ ବିଚାର କରି ଅନୁମୋଦନ କରିବା।
୧୨. ବ୍ୟାଙ୍କର ଓଡ଼ଗାଁ ଶାଖା, ଦଶପଲ୍ଲା ଶାଖା ଏବଂ ମୁଖ୍ୟ କାର୍ଯ୍ୟାଳୟ ଶାଖାଠାରେ ୩ (ତିନି)ଟି ଏଟିଏମ୍ (ATM) ସ୍ଥାପନ କରିବା ସମ୍ପର୍କରେ ବିଚାର କରି ଆବଶ୍ୟକୀୟ ଅନୁମୋଦନ ପ୍ରଦାନ କରିବା।
୧୩. ୪ (ଚାରି) ଗୋଟି ପ୍ରାଥମିକ କୃଷି ଋଣ ସମବାୟ ସମିତି (PACS) କୁ ବ୍ୟାଙ୍କ ସହ ଅନୁବନ୍ଧିତ କରିବା ନିମନ୍ତେ ପ୍ରସ୍ତାବ ଉପରେ ବିଚାର କରି ଅନୁମୋଦନ ପ୍ରଦାନ କରିବା।
୧୪. ବ୍ୟାଙ୍କର ମହିଳା ଶାଖା ଏବଂ ନାଇଟ୍ ଶାଖାକୁ ଉପଯୁକ୍ତ ଓ ସୁବିଧାଜନକ ନୂତନ ସ୍ଥାନକୁ ସ୍ଥାନାନ୍ତର କରିବା ସମ୍ପର୍କରେ ବିଚାର କରି ଆବଶ୍ୟକୀୟ ଅନୁମୋଦନ ପ୍ରଦାନ କରିବା।
୧୫. ପଦାଧିକାରୀମାନଙ୍କୁ ସେମାନଙ୍କ ପଦବୀ ଅନୁଯାୟୀ ସମ୍ପାଦନ କରାଯାଉଥିବା କାର୍ଯ୍ୟ ଏବଂ ବୈଠକରେ ଯୋଗଦାନ ସମ୍ବନ୍ଧରେ ଦିଆଯିବାକୁ ଥିବା ପାରିଶ୍ରମିକ ଓ ଅନ୍ୟାନ୍ୟ ସୁବିଧା ନିର୍ଦ୍ଧାରଣ
୧୬. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)।

ସଭାପତିଙ୍କ ଅନୁମୋଦନ କ୍ରମେ
ଶ୍ରୀଯୁକ୍ତ କରୁଣାକର ସାହୁ
ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ
ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲି

OFFICE OF THE PANCHAYAT SAMITI, BHANDARIPOKHARI
At/Po - Bhandaripokhari, Dist - Bhadrak, E-Mail: ori-bhandaripokhari@nic.in

Letter no. 2846 Date: 28.10.2026

Tender for Construction of Additional Classroom of Belagadia High School & Repair and Maintance of Cyclone Shelter at Bandalo Madhiali, Malda & Maninathpur

1. Name of the Work : Construction of Additional Classroom of Belagadia High School & Repair and Maintance of Cyclone Shelter at Bandalo Madhiali, Malda & Maninathpur
2. Total No. of Work : 04 nos
3. Approximate Estimated Cost : As per DTCN
4. Class Contractor : (C & D)
5. Period of Completion : Three Calendar Months for (i), (ii), (iii) & Six Calendar Months for (iv).
6. Other Details : The Details are as follows

Sl. No.	Bid Identification No.	Available Tender for bidding		Last date for receipt of Bids	Date & Time of Opening of Bid
		From	To		
1	PSB-09/2026-27 to PSB-12/2026-27	30.10.2026 10 AM	13.11.2026 5 PM	13.11.2026 5 PM	16.11.2026 11 AM

1. Further details can be seen from the website portal http://bhadrak.odisha.gov.in
2. Any other changes/ Corrigendum/ Addendum may be seen only in website http://bhadrak.odisha.gov.in

Block Development Officer
Bhandaripokhari Block

JAGATSINGHPUR MUNICIPALITY
e- Procurement Notice
No. 6362 Dt. 13.10.2026 13001/2291/2627
Email: Jagatsinghpur Municipality.gov.in

On behalf of the Municipal Council, Jagatsinghpur Municipality, Executive Officer JAGATSINGHPUR MUNICIPALITY invites Percentage Rate Bids from the eligible bidders for the works mentioned below through e-Procurement in conformity with the terms and conditions of the Detailed Tender Call Notice (DTCN) in Two Bid system from intending bidders fulfilling the eligibility criteria mentioned in the DTCN. Each bid should be submitted online through the website www.tendersodisha.gov.in by eligible bidders.

1.	Nature of the Works	:	Civil Construction
2.	No. of Works	:	01 (One) No.
3.	Estimated Cost	:	Rs. 1,06,68,695.24/- (Excluding GST)
4.	Class of contractor	:	"B" Class as indicated against the work mentioned in the DTCN.
5.	Period of completion	:	9 (Nine) Month
6.	Date and Time of Availability of Bid document in the portal	:	From 10:30 A.M. of 16.10.2026 to 05:00 P.M. of 06.11.2026
7.	Last date/Time of submission of bids in the portal	:	05:00 P.M. of 06.11.2026
8.	Date of opening of Technical Bids from Portal	:	09.11.2026 (11:00 A.M. onwards)
9.	Date of opening of Financial Bids	:	Will be intimated later

Further details can be seen from the e-Procurement portal https://www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

Executive Officer
Jagatsinghpur Municipality
OIPR-13001/13087/1/26-27/0010

ସକାଳ
THE SAKALA
www.sakalaepaper.com

ସମ୍ପୂର୍ଣ୍ଣା

ଶୁକ୍ରବାର, ୩୦ ଅକ୍ଟୋବର, ୨୦୨୬

ଆଜିର ରାଶିଫଳ

ମେଷ: ଅସ୍ଥିରତା କାରଣରୁ କାର୍ଯ୍ୟହାନି ହୋଇପାରେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଶୁଭଫଳ ପାଇବେ। ସମସ୍ୟା ଲାଗିରହିବ। ଆଳସ୍ୟତା ହେତୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବିଗିଡ଼ି ଯାଇପାରେ।

ବୃଷ: ବିଭିନ୍ନ ମାର୍ଗରେ ସଫଳତା ପାଇବେ। କାର୍ଯ୍ୟସିଦ୍ଧି ସହ ସୁଖସମ୍ମାନ ପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ଦାୟିତ୍ୱବୋଧ ରହିବ। ପରିବାରବର୍ଗଙ୍କ ସହ ନିବିଡ଼ତା ବୃଦ୍ଧି ପାଇବ। ଜୀବନସାଥୀଙ୍କ ସହଯୋଗ ପାଇବେ।

ମିଥୁନ: ଗୁରୁଜନଙ୍କ ଉପଦେଶ ଅନୁସାରେ କାର୍ଯ୍ୟ କରିବେ। ଭାଇଭଉଣୀଙ୍କ ସହଯୋଗ ପାଇବେ। ପ୍ରଶାସନିକ ଓ ରାଜନୀତି ସହ ଜଡ଼ିତ ବ୍ୟକ୍ତି ଶୁଭଫଳ ପାଇବେ।

କର୍କଟ: ମନର କଥାକୁ ଗୋପନ ରଖି କଷ୍ଟ ପାଇବେ। କର୍ମକ୍ଷେତ୍ରରେ ବିଷମ ପରିସ୍ଥିତି ରହିବ। ଗୁରୁଜନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଅଧିକ ଚିନ୍ତା କରି ଅସୁସ୍ଥ ମନେ କରିପାରନ୍ତି।

ସିଂହ: ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଚିନ୍ତାରେ ପଡ଼ିପାରନ୍ତି। ସାଙ୍ଗସାଥୀଙ୍କ ସହ ମିଳାମିଶା ବଢ଼ିବ। କର୍ମକ୍ଷେତ୍ରରେ ଲୋକପ୍ରିୟତା ବୃଦ୍ଧିପାଇବ। ପ୍ରେମ ଓ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।

କନ୍ୟା: କୌଣସି କାର୍ଯ୍ୟ ଉଦ୍ଦେଶ୍ୟରେ ଦୂରଯାତ୍ରା କରିପାରନ୍ତି। ଚାକିରିରେ ବ୍ୟସ୍ତତା ଭିତରେ କଟିବ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଭ୍ରମଣପ୍ରିୟ ହେବେ।

ତୁଳା: ଶାରୀରିକ ସମସ୍ୟା ଦେଖାଦେଇପାରେ। ଅର୍ଥ ଦିଆନିଆ ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। ଆଶା କରିଥିବା ଦିଗରୁ ଫଳ ପାଇବେ। ପ୍ରେମ ଓ ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ବିଛା: ଦିନଟି ବ୍ୟସ୍ତତା ଭିତରେ କଟିବ। ନୂତନ କାର୍ଯ୍ୟରେ ରୁଚି ଦେଖାଇବେ। କର୍ମକ୍ଷେତ୍ରରେ ଦାୟିତ୍ୱ ବଢ଼ିବାକୁ ଲାଗିବ। ପରିବାରବର୍ଗଙ୍କ ସହ ତୀର୍ଥସ୍ଥଳୀକୁ ଯାତ୍ରା କରିପାରନ୍ତି।

ଧନୁ: ସାମାଜିକ କାର୍ଯ୍ୟରେ ଅଧିକ ସମୟ କଟିବ। ବ୍ୟବସାୟରେ ଠକାମିରେ ପଡ଼ିପାରନ୍ତି। ଶତ୍ରୁମାନଙ୍କ ଷଡ଼ଯନ୍ତ୍ରର ଶିକାର ହେବେ। ଛାତ୍ରଛାତ୍ରୀ ଲେଖାପଢ଼ାରେ ମନୋନିବେଶ କରିବେ।

ମକର: କୌଣସି କାର୍ଯ୍ୟରେ ଜୀବନସାଥୀଙ୍କ ପରାମର୍ଶ ଲୋଡ଼ିବେ। କର୍ମକ୍ଷେତ୍ରରେ କଠିନ ପରିଶ୍ରମର ଫଳ ମିଳିବ। ଦେହ ଓ ମନ ଭଲ ରହିବ। ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରି ସନ୍ତୋଷ ପାଇବେ।

କୁମ୍ଭ: ପାରିବାରିକ ବୁଝାମଣା ଉତ୍ତମ ରହିବ। କର୍ମକ୍ଷେତ୍ରରେ ଉତ୍ସାହର ସହ କାର୍ଯ୍ୟ କରିବେ। ଦାମ୍ପତ୍ୟ ଜୀବନରେ ମଧୁର ସମ୍ପର୍କ ରହିବ। ମହିଳାମାନେ ପ୍ରସନ୍ନ ରହିବେ। ଦୀର୍ଘଦିନର ସମସ୍ୟା ଭିନ୍ନ ମୋଡ଼ ନେବ।

ମୀନ: କେତେକ କାର୍ଯ୍ୟକୁ ନେଇ ଚିନ୍ତିତ ରହିବେ। ମହିଳାମାନେ ଉଦାସ ରହିବେ। ବ୍ୟବସାୟରେ ଉନ୍ନତି ପାଇଁ ନୂତନ ପଥ ଚୟନ କରିବେ। ଛାତ୍ରଛାତ୍ରୀ ଅସ୍ଥିରମନା ରହିବେ।

ଆଜିର ଇତିହାସ

- ୧୮୮୩: ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦେହାନ୍ତ।
- ୧୯୨୫: ପ୍ରଥମଥର ଲଣ୍ଡନରେ ଟେଲିଭିଜନ ପ୍ରସାରଣ ସେବା ଆରମ୍ଭ।
- ୧୯୫୬: ଦିଲ୍ଲୀରେ ଦେଶର ପ୍ରଥମ ପଞ୍ଚତାରକା ହୋଟେଲ 'ଅଶୋକ' ଖୋଲିଲା।
- ୧୯୬୦: ବ୍ରିଟେନରେ ପ୍ରଥମଥର ସଫଳତା ପୂର୍ବକ ବୃକକ୍ ପ୍ରତ୍ୟାରୋପଣ କରାଗଲା।

ସୋନମ୍‌ଙ୍କ ଫ୍ୟାମିଲି ଟାଇମ୍

ବଲିଉଡ୍ ଅଭିନେତ୍ରୀ ସୋନମ୍ କପୁର ଏବେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିକଟରେ ସେ ସୋସିଆଲ ମିଡିଆରେ ନିଜ ଘରୋଇ ଜୀବନର କିଛି ସୁନ୍ଦର ଝଲକ ସେୟାର କରି ତାଙ୍କର ମାତୃତ୍ୱ ଅନୁଭୂତି ବିଷୟରେ ପ୍ରକାଶ କରିଛନ୍ତି। ଏବେ ସେ ନିଜ ଦୁଇ ପୁଅଙ୍କ ସହ ସମୟ ଅତିବାହିତ କରୁଥିବା କଥା କହିଛନ୍ତି। ଏହାସହ ଏହାର କିଛି ଫଟୋ ବି ସେୟାର୍ କରିଛନ୍ତି। ସୋନମ୍ ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ଚାରିଆଡ଼େ ଖେଳଣା, ଘରେ ଏଣେତେଣେ ହୋଇ ପଡ଼ିଛି, ମନ କିନ୍ତୁ ଆନନ୍ଦିତ। ଏବେର ଜୀବନ ଖୁବ୍ ଶାନ୍ତିମୟ। କେବଳ ଧ୍ୟାନର ସହ ରହିବାର ଅଛି।' ସେ ସେୟାର୍ କରିଥିବା ପ୍ରଥମ ଫଟୋରେ ସୋନମ୍ ସୋଫାରେ ବସି ସାନ ପୁଅକୁ କୋଳରେ ଧରିଥିବାର ଦେଖାଯାଇଛନ୍ତି। ତାଙ୍କ ବଡ଼ ପୁଅ ସୋନମ୍‌ଙ୍କୁ ଧରିଛି। ଏହି ଫଟୋଟି ସହିତ ସେ ଲେଖିଛନ୍ତି, 'ଆଜିକାଲି ମୋର ଜୀବନ ପୂରା ଦୁଇ ପୁଅଙ୍କ ଚାରିପାଖରେ ବିତୁଛି।' ଆଉ ଏକ ଫଟୋରେ ସୋନମ୍‌ଙ୍କ ସ୍ୱାମୀ ଆନନ୍ଦ ଆହୁଜା ତାଙ୍କ ଦୁଇ ପୁଅଙ୍କ ସହିତ ନଜର ଆସିଥିବା ଦେଖିବାକୁ ମିଳିଛି। ଏହାବାଦ୍ ସୋନମ୍ କପ୍‌କେକ୍ ଫଟୋ ମଧ୍ୟ ସେୟାର୍ କରିଛନ୍ତି। ଯାହାକୁ ସେ ନିଜ ପୁଅ ସହ ମିଶିକି ତିଆରି କରିଛନ୍ତି। ଫ୍ୟାମିଲି ଟାଇମ୍ ମଧ୍ୟରେ ସେ ନିଜ ସ୍ୱାମୀ ଆନନ୍ଦଙ୍କୁ ମିସ୍ କରୁଥିବା କଥା ମଧ୍ୟ କହିଛନ୍ତି। ସୋନମ୍‌ଙ୍କ ଏହି ଫଟୋଗୁଡ଼ିକୁ ଦେଖି କରିନା କପୁର, ବିପାଶା ବସୁ ଏବଂ କରିସ୍ମା କପୁରଙ୍କ ଭଳି ତାରକାମାନେ ବହୁତ ଭଲପାଇବା ଜଣାଇଛନ୍ତି। ତାଙ୍କ ମାଆ ସୁନୀତା କପୁର ମଧ୍ୟ ନାତିମାନଙ୍କୁ 'ଏଞ୍ଜେଲ୍ସ' ବୋଲି କହିଛନ୍ତି। ସୋନମ୍ କପୁର ବର୍ତ୍ତମାନ ଫିଲ୍ମ ଦୁନିଆରୁ ଦୂରେଇ ନିଜ ପରିବାର ଏବଂ ପିଲାମାନଙ୍କୁ ସମ୍ପୂର୍ଣ୍ଣ ସମୟ ଦେଉଛନ୍ତି।

ଷ୍ଟେସନ୍ ସଫେଇ କରୁଛନ୍ତି ଛେଳି

ସାଧାରଣତଃ ଷ୍ଟେସନରେ ଲୋକମାନେ କାମ କରୁଥିବା ସମସ୍ତେ ଜାଣନ୍ତି। ସେହିପରି ସଫାସଫି ଲାଗି ମେସିନ୍ ବ୍ୟବହାର କରାଯାଉଥିବା ସମସ୍ତେ ଦେଖିଛନ୍ତି। ହେଲେ ଜାପାନ ରାଜଧାନୀ ଟୋକିଓର ଏକ ଷ୍ଟେସନରେ ଛେଳି କାମ କରୁଛନ୍ତି। ଶୁଣିବାକୁ ଅଜବ ଲାଗିଲେ ବି ଘଟଣାଟି ସମ୍ପୂର୍ଣ୍ଣ ସତ। ଟୋକିଓର ୟୋସୁୟା ଷ୍ଟେସନରେ ପରିବେଶକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ଏହି ଦୁଇ ଛେଳିଙ୍କୁ 'ଘାସ ସଫା' କାର୍ଯ୍ୟରେ ଲଗାଯାଇଛି। ଏହି ଅଭିନବ ଏବଂ ପରିବେଶ ଅନୁକୂଳ ପଦକ୍ଷେପ ଏବେ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ନାଗି ଏକ ୧ ବର୍ଷର ଅଣ୍ଡିରା ଛେଳି ହୋଇଥିବା ବେଳେ ପୋକେ ହେଉଛି ଏକ ୨ ବର୍ଷର ମାଈ ଛେଳି। ଜାପାନର ପ୍ରସିଦ୍ଧ ରେଳ କମ୍ପାନି ଜେଆର୍ ଇଷ୍ଟ ପକ୍ଷରୁ ସେମାନଙ୍କୁ ଷ୍ଟେସନ ପରିସରରେ ଘାସ କାଟିବା କାମରେ ମୁତୟନ କରାଯାଇଛି। ୟୋସୁୟା ଷ୍ଟେସନର ଆକାସାକା ଏଗଜିଟ୍ ନିକଟରେ ଏକ ବଡ଼ ଢାଲୁଆ ସ୍ଥାନ ରହିଛି, ଯେଉଁଠି ପ୍ରଚୁର ଅନାବନା ଘାସ ଉଠିଥାଏ। ଢାଲୁଆ ସ୍ଥାନ ହୋଇଥିବାରୁ ମେସିନ୍ ସାହାଯ୍ୟରେ ଘାସ କାଟିବା କଷ୍ଟକର ଏବଂ ବିପଜ୍ଜନକ ହୋଇଥାଏ। ଏହାସହ ଘାସ କାଟିବା ପାଇଁ ଉଦ୍ଦିଷ୍ଟ ମେସିନ୍‌ରୁ ବାହାରୁଥିବା ଧୂଆଁ ପରିବେଶ ପ୍ରଦୂଷିତ କରୁଥିଲା। ଏହାପରେ ଷ୍ଟେସନର ଜଣେ କର୍ମଚାରୀ ଘାସ କାଟିବା ପାଇଁ ପ୍ରକୃତିର ସାହାଯ୍ୟ ନେବାକୁ ପ୍ରସ୍ତାବ ଦେଇଥିଲେ। ମେସିନ୍ ବଦଳରେ ଛେଳି ଛାଡ଼ିବା ଦ୍ୱାରା ଇନ୍ଧନ ଖର୍ଚ୍ଚ ବଞ୍ଚିବା ସହ ଶବ୍ଦ ଓ ବାୟୁ ପ୍ରଦୂଷଣରୁ ମଧ୍ୟ ମୁକ୍ତି ମିଳିପାରିଛି। ନାଗି ଏବଂ ପୋକେ ଷ୍ଟେସନକୁ ଆସିବା ପରେ ସେଠାକାର ପରିବେଶ ସମ୍ପୂର୍ଣ୍ଣ ବଦଳି ଯାଇଛି। ଦୈନିକ ଟ୍ରେନରେ ଯାତାୟାତ କରୁଥିବା ହଜାର ହଜାର ଯାତ୍ରୀ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଏହି ଦୁଇ ଛେଳି ଏବେ ମୁଖ୍ୟ ଆକର୍ଷଣ ସାଜିଛନ୍ତି। ଲୋକେ ବ୍ରିଜ୍ ଉପରେ ଠିଆ ହୋଇ ସେମାନଙ୍କର ଫଟୋ ଓ ସେଲଫି ଉଠାଉଛନ୍ତି। ସେମାନଙ୍କର ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ନଜରରେ ରଖି ଷ୍ଟେସନ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ସେମାନଙ୍କୁ ବାହାରୁ ଆଣିଥିବା କୌଣସି ଖାଦ୍ୟ ନ ଦେବାକୁ ଅନୁରୋଧ କରିଛନ୍ତି। କମ୍ପାନି ଅନୁସାରେ, ଛେଳି ଦ୍ୱୟ ଡିସେମ୍ବର ପର୍ଯ୍ୟନ୍ତ ଏଠାରେ ରହିବେ। ଯଦି ପୂର୍ବରୁ ସେମାନେ ଘାସ ସଫା କରିଦିଅନ୍ତି, ତେବେ ସେମାନଙ୍କୁ ଛାଡ଼ି ଦିଆଯିବ। ଟୋକିଓର ଏହି ପ୍ରୟାସ ଦେଖାଇଦେଇଛି ଯେ, ଟେକ୍ନୋଲୋଜି ଉପରେ ସମ୍ପୂର୍ଣ୍ଣ ନିର୍ଭର ନ କରି ପ୍ରାକୃତିକ ଉପାୟରେ ବି ସହରକୁ ସୁନ୍ଦର କରାଯାଇ ପାରିବ।

ଫିଟ୍‌ନେସ୍ ପାଇଁ ଖାଇଲେ ଜୀଅନ୍ତା ପିମ୍ପୁଡ଼ି

ସାଧାରଣତଃ ଖାଦ୍ୟରୁ ପିମ୍ପୁଡ଼ି ବାହାରିଲେ ଲୋକେ ତାକୁ ବାହାର କରି ଫିଙ୍ଗି ଦିଅନ୍ତି। ନିକଟରେ ବ୍ରାଜିଲର ଜଣେ ଜଣାଶୁଣା ଫିଟନେସ୍ ଇନଫ୍ଲୁଏନସର୍ ଆଡ୍ରିଆନୋ ବୋଲାଡୋ କ୍ୟାମେରା ସମ୍ମୁଖରେ ଏକ ପାତ୍ର ଭର୍ତ୍ତି ଜୀବିତ ଆମାଜୋନିଆନ୍ 'ତାନାଜୁରା' ପିମ୍ପୁଡ଼ି ଖାଇ ଚର୍ଚ୍ଚାରେ। ଏହି ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବେଶ୍ ଭାଇରାଲ ହେଉଛି। ଆଡ୍ରିଆନୋ ଦାବି କରିଛନ୍ତି ଯେ, ଏହି ପିମ୍ପୁଡ଼ିଗୁଡ଼ିକ ପ୍ରୋଟିନ୍‌ରେ ଭରପୂର ଏବଂ ତାଙ୍କ ଫିଟନେସ୍ ପାଇଁ ବେଶ୍ ଲାଭଦାୟକ। ସେ ଏହାକୁ ଖାଇବା ସହ ଏକ ଏନର୍ଜି ଡ୍ରିଙ୍କ୍ ମଧ୍ୟ ପିଇଥିଲେ। ଏହି ପିମ୍ପୁଡ଼ି ବ୍ରାଜିଲରେ ଦେଖାଯାଉଥିବାବେଳେ ଏହା ସାଧାରଣ ପିମ୍ପୁଡ଼ି ତୁଳନାରେ ଆକାରରେ ବେଶ୍ ବଡ଼ ହୋଇଥାନ୍ତି। ତେବେ ବ୍ରାଜିଲର କିଛି ସ୍ଥାନରେ ଏହାକୁ ଖାଇବାର ପରମ୍ପରା ରହିଛି। ବର୍ଷା ଦିନେ ଯେତେବେଳେ ପ୍ରଜନନ ପାଇଁ ସେମାନେ ଗାତରୁ ବାହାରକୁ ବାହାରନ୍ତି, ଲୋକେ ଏହାକୁ ଧରି ଏକତ୍ର କରିଥାନ୍ତି। ସେହିପରି ଏହି ପିମ୍ପୁଡ଼ିକୁ ଭାଜି ନଚେତ୍ ଅନ୍ୟ କୌଣସି ରାନ୍ଧଣାରେ ମିଶାଇ ଖିଆଯାଏ। ଏପରିକି କିଛି ସ୍ଥାନରେ ଏହି ପିମ୍ପୁଡ଼ିରେ ଫରୋଫା ନାମକ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ଏହି ଭିଡିଓ ସାମ୍ନାକୁ ଆସିବା ପରେ ଅନେକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଅନେକ ଲୋକ ଏହାକୁ ଅତ୍ୟନ୍ତ ଘୃଣ୍ୟ କାର୍ଯ୍ୟ ବୋଲି କହିଥିବାବେଳେ ଆଉ କିଛି ଜଣ କିଛି ଲାଇକ୍ସ ଏବଂ ଭିୟୁଜ୍ ପାଇଁ ଏଭଳି କାମ କରିବା ନେଇ ତାଙ୍କୁ ସମାଲୋଚନା କରିଛନ୍ତି।

'ସକାଳ'ର ସ୍ୱାସ୍ଥ୍ୟ

ନ୍ୟୁମୋନିକ୍ ପ୍ଲେଗ୍

ପ୍ଲେଗ୍‌ର ବିଭିନ୍ନ ପ୍ରକାର ମଧ୍ୟରୁ ନ୍ୟୁମୋନିକ୍ ସବୁଠୁ ବିପଜ୍ଜନକ। ଏହା ସିଧାସଳଖ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିଥାଏ। ୟର୍ସିନିଆ ପେଷ୍ଟିସ୍ ଜୀବାଣୁ ଦ୍ୱାରା ଏହି ରୋଗ ବ୍ୟାପିଥାଏ। ନିକଟରେ ଇର୍କୁଟ୍ସ୍କ ପ୍ଲେଗ୍ ଗବେଷଣାଗାରରେ କାର୍ଯ୍ୟରତ ଯୁବତୀଙ୍କ ମୃତ୍ୟୁ ଏବଂ ରୁଷିଆ ସାଇବେରିଆ ଅଞ୍ଚଳରେ ଏହି ରୋଗ ବ୍ୟାପିବା ପରେ ଚର୍ଚ୍ଚାକୁ ଆସିଛି। ତେବେ ରୋଗ ସଂକ୍ରମିତ ବ୍ୟକ୍ତିଙ୍କ କାଶ, ଏବଂ ଶ୍ୱାସକ୍ରିୟାର ସୂକ୍ଷ୍ମ କଣିକା ବାୟୁରେ ମିଶି ଅନ୍ୟଙ୍କୁ ଆକ୍ରାନ୍ତ କରାଏ। ଏଣୁ ବିଶେଷଜ୍ଞଙ୍କ ଅନୁଯାୟୀ ଠିକ୍ ସମୟରେ ରୋଗ ଚିହ୍ନଟ କରି ଚିକିତ୍ସା ନ କଲେ ମୃତ୍ୟୁ ହେବାର ଆଶଙ୍କା ରହିଛି।

ଲକ୍ଷଣ: ରୋଗ ସଂକ୍ରମିତ ହେବାର ଦିନେ, ଚାରିଦିନ ମଧ୍ୟରେ ଲକ୍ଷଣମାନ ଦେଖାଯାଏ। ପରେ ଏହା ଗୁରୁତର ରୂପ ନେଇଥାଏ। ଏଥିରେ ଫୁସ୍‌ଫୁସ୍ ସଂକ୍ରମଣ ଯୋଗୁଁ ଶ୍ୱାସକ୍ରିୟାରେ କଷ୍ଟ, ଜ୍ୱର, ମୁଣ୍ଡବ୍ୟଥା, ଅଣନିଶ୍ୱାସୀ ଲାଗିବା, ଦୁର୍ବଳ, ଥକା ଲାଗିବା, ବାନ୍ତି ଭଳି ଲକ୍ଷଣମାନ ଦେଖା ଦେଇଥାଏ। ଛାତିରେ ଅତ୍ୟଧିକ ଯନ୍ତ୍ରଣା ସହ କଫରେ ସାମାନ୍ୟ ରକ୍ତ ପଡ଼ିଥାଏ। ଅଧିକ ଥକ୍କା ଲାଗିବାରୁ ଶରୀର ଦୁର୍ବଳ ହୋଇଯାଏ। ଏହାଦ୍ୱାରା ଦୈନନ୍ଦିନ କାର୍ଯ୍ୟ କରିବାରେ ବାଧା ସୃଷ୍ଟି ହୋଇଥାଏ।

ଚିକିତ୍ସା ପଦ୍ଧତି: ରୋଗାକ୍ରାନ୍ତ ହେବାର ୨୪ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଉପଯୁକ୍ତ ଆଣ୍ଟିବାୟୋଟିକ୍ ଯଥା - ସିପ୍ରୋଫ୍ଲୋକ୍ସାସିନ୍, ଲେଭୋଫ୍ଲୋକ୍ସାସିନ୍, ମକ୍ସିଫ୍ଲୋକ୍ସାସିନ ଶିରାରେ ଦିଆଯିବା ଜରୁରୀ। ଏହା ଦ୍ୱାରା ରୋଗୀ ସୁସ୍ଥ ହେବାର ସମ୍ଭାବନା ଅଧିକ ଥାଏ। ସେହିପରି ସଂକ୍ରମିତ ରୋଗୀକୁ ଅନ୍ୟମାନଙ୍କଠୁ ଦୂରେଇ ସ୍ୱତନ୍ତ୍ର କୋଠରୀରେ ପୃଥକବାସ କରିବା ଉଚିତ୍। ଏହାଦ୍ୱାରା ସଂକ୍ରମଣ ଅନ୍ୟକୁ ବ୍ୟାପେ ନାହିଁ। ରୋଗୀଙ୍କ ସେବା କରୁଥିବା ସ୍ୱାସ୍ଥ୍ୟକର୍ମୀ ଏବଂ ପରିବାର ଲୋକେ ମୁହଁରେ ମାସ୍କ ବ୍ୟବହାର କରିବା ଆବଶ୍ୟକ।

ସଞ୍ଜୀବନୀ

କେଶ ପ୍ରତିରୋପଣ ପରର ଯତ୍ନ

ଆଜିକାଲି କେଶ ଝଡ଼ିବା ଏକ ସାଧାରଣ ସମସ୍ୟା ପାଲଟିଛି। ବଂଶାନୁଗତ, ପ୍ରଦୂଷଣ, ମାନସିକ ଚାପ, ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ ସେବନ ଆଦି ଯୋଗୁଁ କେଶ ଝଡ଼ିଥାଏ। କେଶଝଡ଼ା ରୋକିବାକୁ ବିଭିନ୍ନ ଉପାୟରୁ ସୁଫଳ ନ ମିଳିଲେ କେଶ ପ୍ରତିରୋପଣ (ହେୟାର ଟ୍ରାନ୍ସପ୍ଲାଣ୍ଟ) କରାଯାଏ। ତେବେ କେଶ ପ୍ରତରୋପଣ ପରେ କେଶର ସଠିକ୍ ଯତ୍ନ ନେବା ଏକାନ୍ତ ଆବଶ୍ୟକ।

କେଶ ପ୍ରତିରୋପଣ ଏକ ସୁରକ୍ଷିତ ଏବଂ ସ୍ଥାୟୀ ଚିକିତ୍ସା ପଦ୍ଧତି। ଏଥିରେ ଆଧୁନିକ ଚିକିତ୍ସା ପ୍ରକ୍ରିୟାରେ ସ୍ୱତନ୍ତ୍ର ବିଧିରେ ନୂଆ କେଶ ସୃଷ୍ଟି କରାଯାଇଥାଏ। ସେଥିପାଇଁ କେଶ ପ୍ରତିରୋପଣର ୪୮ ଘଣ୍ଟା ମଧ୍ୟରେ କେଶକୁ ଧୋଇବା ଅନୁଚିତ। ତିନିଦିନ ଯାଏଁ ସାଲାଇନ୍ ଲଗାଇବା ଆବଶ୍ୟକ। ପ୍ରଥମ ୧୦ ଦିନ ପିଠିରେ ଆଉଜେଇ ଶୋଇବାକୁ ହୋଇଥାଏ। ନିଜର ଚର୍ମ ଅନୁସାରେ ବିନା ସୁଗନ୍ଧିତ ସାମ୍ପୋରେ ହାଲୁକା ଭାବେ କେଶ ସଫା କରିପାରିବେ। ସର୍ବଦା କେଶକୁ ପ୍ରାକୃତିକ ଉପାୟରେ ଶୁଖାଇବା ଭଲ।

କେଶ ପ୍ରତିରୋପଣର କିଛି ଦିନ ଯାଏଁ ଢ଼ିଲା ପୋଷାକ ପିନ୍ଧିବା ଜରୁରି। କେଶରେ ହାତ ନ ମାରିବା ସହ ସର୍ଜରୀ ସ୍ଥାନରେ ଚାପ ପକାଇବା ଅନୁଚିତ। କେଶକୁ ସିଧାସଳଖ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁନି। କେଶ ପ୍ରତିରୋପଣ ପରେ କିଛି ସପ୍ତାହ କେଶ ଝଡ଼ିବା ସାଧାରଣ କଥା। ଏହାକୁ 'ଶକ ଲସ' କୁହାଯାଏ। ୩ରୁ ୪ ମାସ ପରେ ନୂଆ କେଶ ସୃଷ୍ଟି ହୋଇ ୧୨ରୁ ୧୮ ମାସରେ କେଶ ସ୍ପଷ୍ଟ ଦେଖାଯାଏ। ଏହାବାଦ୍ ଯଦି ଯନ୍ତ୍ରଣା କିମ୍ବା ସଂକ୍ରମଣ ହୁଏ, ଡାକ୍ତରଙ୍କ ସହ ଯୋଗାଯୋଗ କରିବା ଏକାନ୍ତ ଆବଶ୍ୟକ।

ହାତ ଥରୁଥିଲେ...

ଅତ୍ୟଧିକ ଭୟ, ଚିନ୍ତା ତଥା ଥକ୍କାପଣ ଯୋଗୁଁ ହାତ ଥରିଥାଏ। ଏହା ସାଧାରଣ କଥା। ହେଲେ କୌଣସି କାରଣ ନଥାଇ ବାରମ୍ବାର ହାତ ଥରିବା ସ୍ୱାସ୍ଥ୍ୟ ସମସ୍ୟାକୁ ସୂଚାଏ।

ହାତ ଥରିବା ପାର୍କିନସନ୍ ରୋଗର ସଙ୍କେତ ହୋଇପାରେ। ଏହି ରୋଗରେ ସାଧାରଣତଃ ବିଶ୍ରାମ ନେବା ସମୟରେ ହାତ କମ୍ପନ ହୋଇଥାଏ। ଏହା ସହିତ ଚଲାବୁଲାରେ ସମସ୍ୟା, ଶରୀରରେ କଠିନତା ଏବଂ ଭାରସାମ୍ୟ ହରାଇବା ଭଳି ସମସ୍ୟା ଦେଖାଯାଇପାରେ।

ଏସେନସିଆଲ ଟ୍ରେମୋର ବି ହାତ ଥରିବାର ବି ମୂଳ କାରଣ। ଏହି ସ୍ଥିତିରେ କୌଣସି ବସ୍ତୁକୁ ଧରିଲେ, ଲେଖାଲେଖି କିମ୍ବା କୌଣସି କାମ କରିବା ସମୟରେ ହାତ ଅନିୟନ୍ତ୍ରିତ ଭାବେ ଥରି ଉଠେ। ବଂଶଗତ କାରଣ କିମ୍ବା ୪୦ ବର୍ଷରୁ ଅଧିକ ବୟସ୍କଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ। ସେହିପରି ଶରୀରରେ ଥାଇରଏଡ୍ ହରମୋନ୍ ସ୍ତର ବଢ଼ିଗଲେ ମଧ୍ୟ ହାତ ଥରିଥାଏ। ଏହାବାଦ୍ ଦ୍ରୁତ ହୃଦ୍‌ସ୍ପନ୍ଦନ, ଓଜନ କମ୍ ହେବା, ଅଧିକ ଝାଳ ବାହାରି ବିଚଳିତ ଲାଗିବା ପରି ଲକ୍ଷଣ ଦେଖାଯାଇପାରେ।

ଶରୀରରେ ରକ୍ତ ଶର୍କରା ସ୍ତର ବହୁତ କମିଗଲେ ହାତ ଥରିବା ସହ ଦୁର୍ବଳ ଲାଗିବା, ମୁଣ୍ଡବୁଲାଇବା, ଝାଳ ବାହାରିବା ଅନୁଭବ ହୋଇପାରେ। ଶରୀରରେ ଭିଟାମିନ୍ ବି୧୨ର ଅଭାବ ସ୍ନାୟୁକୁ ପ୍ରଭାବିତ କରିଥାଏ। ଏହି କାରଣରୁ ହାତ ଗୋଡ଼ ଝିମ୍ ଝିମ୍ ଲାଗିବା, ଦୁର୍ବଳ ଅନୁଭବ ଏବଂ ହାତ ଥରିବା ଆଦି ଲକ୍ଷଣ ଦେଖାଯାଏ। ତେଣୁ ହାତ ଥରିବା ଲକ୍ଷଣ ଦେଖାଦେଲେ ମନଇଚ୍ଛା ଔଷଧ ସେବନ ନ କରି ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରିବା ଆବଶ୍ୟକ।

ଫ୍ୟାଟି ଲିଭରର ଆୟୁର୍ବେଦିକ ଉପଚାର

ଅଧିକ ଚର୍ବି ଏବଂ ଶ୍ୱେତସାରଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଯକୃତ୍‌ରେ ଚର୍ବି ଜମିଯାଏ। ଉଚ୍ଚ କୋଲେଷ୍ଟ୍ରଲ, ମୋଟାପଣ, ମଦ୍ୟପାନ, ମଧୁମେହ, ବୟସ ବୃଦ୍ଧି ଆଦି କାରଣରୁ ମଧ୍ୟ ଯକୃତରେ ଚର୍ବି ଜମାହୁଏ। ଏଣୁ ନିର୍ଦ୍ଦିଷ୍ଟ ସମୟରେ ଫ୍ୟାଟି ଲିଭରର ଉପଚାର ନ କଲେ, ଏହା ଗମ୍ଭୀର ସମସ୍ୟାର ରୂପ ନେଇଥାଏ।

- ଚର୍ବିଜାତୀୟ ଜିନିଷ ଓ ଶ୍ୱେତସାରଜାତୀୟ ଖାଦ୍ୟ ଯେତେ କମ୍ କରାଯିବ ଭଲ। ଭୋଜନରେ ନିୟମିତ ତନ୍ତୁଜାତୀୟ ଖାଦ୍ୟ ସାମିଲ କରିପାରିବେ। ସାମର୍ଥ୍ୟ ଅନୁଯାୟୀ ଶାରୀରିକ ଶ୍ରମ ଦ୍ୱାରା ଚର୍ବି ହ୍ରାସ ହୁଏ।
- ଖାଲିପେଟରେ ଉଷୁମ ପାଣିରେ ଏକ ଚାମଚ ମହୁ, ଫାଳେ ଲେମ୍ବୁ ଚିପୁଡ଼ି ସକାଳେ ପାନ କରିବା ହିତକର।
- ଗୁଗ୍ଗୁଲୁ ଜାତୀୟ ସମସ୍ତ ଔଷଧ ଚର୍ବିକୁ ହଜମ କରିବାରେ ସହାୟତା କରେ। କୋଳଥ ପାଣି, କୋଳଥ ଡାଲି ପାଣି ପିଇବା ହିତକର। ବରୁଣ ଗଛର ପତ୍ରରସ ୧୦ ମିଲି, ମାତ୍ରାର ଦିନକୁ ଦୁଇଥର ସେବନ କଲେ ମେଦରୋଗରେ ଉପକାର ହୁଏ।
- ଚିକିତ୍ସକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅରଖ ଫୁଲର ଚୂର୍ଣ୍ଣ ୨୦୦ ମିଲି ଗ୍ରାକୁ ଗୁଡ଼ ସହିତ ଦିନକୁ ଥରେ ଲେଖାଏଁ କିଛିଦିନ ସେବନ କଲେ ମେଦରୋଗରୁ ଉପଶମ ମିଳେ।

ସର୍ପଗନ୍ଧା

ସର୍ପଗନ୍ଧାକୁ ଓଡ଼ିଆରେ ପାତାଳ ଗରୁଡ଼ କୁହାଯାଏ। ସର୍ପଗନ୍ଧାର ଫୁଲ, ପତ୍ର, ମୂଳ, କାଣ୍ଡ, ଚେରରେ ଔଷଧୀୟ ଗୁଣ ରହିଛି। ଏହା ବିଭିନ୍ନ ରୋଗ ଦୂର କରିବାରେ ସାହାଯ୍ୟ କରେ।

ଉଚ୍ଚ ରକ୍ତଚାପ, ଚିନ୍ତା, ମାନସିକ ରୋଗ, ନିଦ୍ରାହୀନତା ଆଦି ପାଇଁ ସର୍ପଗନ୍ଧା ଲାଭକରୀ। ଚିକିତ୍ସକଙ୍କ ପରାମର୍ଶକ୍ରମେ ସର୍ପଗନ୍ଧାର ପତ୍ର, ମୂଳ, କାଣ୍ଡ, ଚେର ଯେକୌଣସିକୁ ଅନୁମୋଦିତ ହାତରେ କ୍ୱାଥ କରି ସେବନ କରାଗଲେ ଚକ୍ତଚାପ ନିୟନ୍ତ୍ରଣରେ ରୁହେ। ହୃଦୟ ସୁସ୍ଥ ରୁହେ। ସେହିପରି ପୂରା ପଞ୍ଚାଙ୍ଗର ଚୂର୍ଣ୍ଣରୁ ବଟିକା ବା ଘନ ବଟିକା ଉପଲବ୍ଧ ରହିଛି। ଏହାକୁ ଚିକିତ୍ସକଙ୍କ ପରାମର୍ଶରେ ବ୍ୟବହାର କଲେ ରକ୍ତଚାପ ସନ୍ତୁଳିତ ହୁଏ। ଅପସ୍ମାର, ମସ୍ତିଷ୍କ ରୋଗ, କଲେରା ଆଦି ରୋଗରେ ସର୍ପଗର୍ନ୍ଧାକୁ ଏକ ଉପଯୋଗୀ ଔଷଧ ଭାବେ ବ୍ୟବହାର କରାଯାଏ।

ବାତ, ଯନ୍ତ୍ରଣା, ଜ୍ୱର ଆଦି ଦୂର କରିବାର ମଧ୍ୟ ଏହାର ଶକ୍ତି ରହିଛି। କୋଷ୍ଠକାଠିନ୍ୟ, ପେଟ ଯନ୍ତ୍ରଣା ରୋଗରେ ଏହା ଉପକାରୀ ଔଷଧ ଭାବେ ବ୍ୟବହୃତ ହୁଏ।

ବିନା ଚିକିତ୍ସକଙ୍କ ପରାମର୍ଶରେ ସର୍ପଗନ୍ଧା ସେବନ କରିବା ଅନୁଚିତ।

ଘର ବଇଦ

କଫ ଉପଚାର

- ପିପ୍‌ପଳୀ ଚୂର୍ଣ୍ଣ ମହୁ ସଙ୍ଗରେ ଖାଇଲେ କଫଜ୍ୱର ଦୂର ହୁଏ।
- ଅଗସ୍ତି ଫୁଲର ରସ ଅଧତୋଳା ମାତ୍ରାରେ ଖାଇଲେ ଗାଢ଼ ଶ୍ଳେଷ୍ମା ସରଳ ହୋଇ ବାହାରି ପଡ଼େ। କଫ ଭଲ ହେବା ପର୍ଯ୍ୟନ୍ତ ଖାଇବେ। ଅଗସ୍ତି ଫୁଲ ନ ମିଳିଲେ ଅଗସ୍ତି ପତ୍ର ରସ ଏକ ତୋଳା ଖାଇବେ ଏବଂ ଅଗସ୍ତିଫୁଲକୁ ସୋରିଷ ତେଲରେ ଫୁଟାଇ ସେହି ତୈଳ ଛାତିରେ ମାଲିସ କରିବେ।
- କଫ ପ୍ରବଳ ହେଲେ କଇଁଚିକୋଳି ଗଛର ଚେର ଅଧତୋଳାକୁ ୨୬ଟି ଗୋଲମରିଚ ସହ ବାଟି ଖାଇବେ।
- ଗାଈଘିଅ ଏକ ସେର କରେଇରେ ତତାଇବେ। ତା' ପରେ ଗୋଟିଏ ଅରଖପତ୍ର ପକାଇବେ। ସେ ପତ୍ର ପାକ ହେଲା ପରେ ଆଉ ଗୋଟିଏ ପତ୍ର ପକାଇବେ। ଏହିପରି ଗୋଟିଏ ପରେ ଗୋଟିଏ ଏକ ଶହ ଅରଖପତ୍ର ପକାଇ ପାକ କରିବେ। ତା'ପରେ ଛାଣି ଘିଅକୁ ରଖିବେ। ଏହି ଘିଅରୁ ଦୁଇ ତୋଳା ହିସାବରେ ଗହମ ରୁଟି ଏବଂ ମାଂସ ତରକାରୀ ସଙ୍ଗେ ଖାଇଲେ କଫଜ ସମସ୍ତ ରୋଗ ନଷ୍ଟ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

■ ଆଇପିଏଲ୍-୨୦

ମାଲିଙ୍ଗାଙ୍କ ସହ ସମ୍ପର୍କ ଛିନ୍ନ କଲା ମୁମ୍ବାଇ ଇଣ୍ଡିଆନ୍ସ



ମୁମ୍ବାଇ, ୨୯ ।୧୦ (ଏଜେନ୍ସି): ରେକର୍ଡ ପାଞ୍ଚଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ୍‌ର ଆଗାମୀ ୨୦ତମ ସଂସ୍କରଣ ପୂର୍ବରୁ କୋଚିଂ ଟିମ୍‌ରେ ବ୍ୟାପକ ପରିବର୍ତ୍ତନ କରିଛି। ନିକଟରେ ଫ୍ରାଞ୍ଚାଇଜ ମାହେଲା ଜୟବର୍ଦ୍ଧନେଙ୍କ ସ୍ଥାନରେ କାଇରନ ପୋଲାର୍ଡଙ୍କୁ ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ କରିଥିଲା। ଏବେ ମୁମ୍ବାଇ ଇଣ୍ଡିଆନ୍ସ ବୋଲିଂ କୋଚ୍ ଲସିଥ ମାଲିଙ୍ଗାଙ୍କ ସହ ସମ୍ପର୍କ ଛିନ୍ନ କରିଛି। ସେହିଭଳି ଫିଲ୍ଡିଂ କୋଚ୍ କାର୍ଲ ହୋପକିନସନ ଓ ସହାୟକ କୋଚ୍ ପାରସ ମହାମ୍ବ୍ରେ ମଧ୍ୟ ନିଜ ନିଜ ପଦବୀରୁ ବିଦାୟ ନେଇଥିବା ଫ୍ରାଞ୍ଚାଇଜ ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୪୩ ବର୍ଷୀୟ ପୂର୍ବତନ ସିଂହଳୀ କ୍ରିକେଟର୍ ମାଲିଙ୍ଗା ଦୀର୍ଘ ବର୍ଷ ଧରି ମୁମ୍ବାଇ ଦଳ ସହ ଜଡ଼ିତ ରହିଥିଲେ। ପ୍ରଥମେ ଖେଳାଳି ଭାବରେ ମାଲିଙ୍ଗା ମୁମ୍ବାଇ ପାଇଁ ୪ଟି ଆଇପିଏଲ୍ ଓ ଗୋଟିଏ ଚାମ୍ପିଅନ୍ସ ଲିଗ୍ ଟାଇଟଲ୍ ଜିତିଥିଲେ। ପରବର୍ତ୍ତୀ ସମୟରେ ଅବସର ପରେ ମୁମ୍ବାଇ ଦଳର ପରାମର୍ଶଦାତା ଓ ବୋଲିଂ କୋଚ୍ ଦାୟିତ୍ୱ ତୁଲାଇଥିଲେ।

ବିନା ଛକାରେ ଡକେଟଙ୍କ ୧୬୭ ରନ୍

ଲାହୋର, ୨୯ ।୧୦ (ଏଜେନ୍ସି): ସ୍ଥାନୀୟ ଗଦାଫି ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜର ପାକିସ୍ତାନ ବିପକ୍ଷ ମ୍ୟାଚରେ ଇଂଲଣ୍ଡ ବ୍ୟାଟର ବେନ୍ ଡକେଟ ୧୬୭ ରନର ମାରାଥନ ଶତକୀୟ ପାଳି ଖେଳିଛନ୍ତି। ଓପନିଂ ଆସିଥିବା ଡକେଟ ୧୩୨ ବଲର ଏହି ପାଳିରେ କେବଳ ୨୪ଟି ଚୌକା ମାରିଥିଲେ। କିନ୍ତୁ ତାଙ୍କ ବ୍ୟାଟରୁ କୌଣସି ଛକା ଦେଖିବାକୁ ମିଳି ନ ଥିଲା। ଫଳରେ ଏକଦିବସୀୟ କ୍ରିକେଟ୍ ଇତିହାସରେ ଡକେଟ ବିନା ଛକାରେ ଦ୍ୱିତୀୟ ବୃହତ୍ ପାଳି ଖେଳିବାର ରେକର୍ଡ କରିଛନ୍ତି। ପୂର୍ବତନ ମହାନ ଅଷ୍ଟ୍ରେଲୀୟ ବ୍ୟାଟର ଡେଭିଡ୍ ୱାର୍ଣ୍ଣର ଏହି ରେକର୍ଡ ତାଲିକାର ଶୀର୍ଷରେ ରହିଛନ୍ତି। ୨୦୧୬ରେ କେପ୍ ଟାଉନରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଏକଦିବସୀୟ ମ୍ୟାଚରେ ୱାର୍ଣ୍ଣର ୧୩୬ ବଲରେ ୧୭୩ ରନର ଶତକୀୟ ପାଳି ଖେଳିଥିଲେ। ଯେଉଁଥିରେ ୨୪ଟି ଚୌକା ସାମିଲ ଥିବାବେଳେ ଗୋଟିଏ ହେଲେ ଛକା ନ ଥିଲା। ଉଲ୍ଲେଖଯୋଗ୍ୟ ଗଦାଫି ଷ୍ଟାଡିୟମରେ ଡକେଟଙ୍କ ଏହା ୩ୟ ଦିନିକିଆ ଶତକ। ଏଥିପୂର୍ବରୁ ଗତବର୍ଷ ଚାମ୍ପିଅନ୍ସ ଟ୍ରଫିର ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ସେ ୧୬୫ ରନ କରିଥିଲେ। ଫଳରେ ଡକେଟ ପ୍ରଥମ ଖେଳାଳି ଭାବରେ ପାକିସ୍ତାନ ମାଟିରେ ଏକଦିବସୀୟ କ୍ରିକେଟ୍‌ରେ ଦୁଇଥର ୧୫୦ରୁ ଊର୍ଦ୍ଧ୍ୱ ରନର ପାଳି ଖେଳିବାର ରେକର୍ଡ କରିଛନ୍ତି।

ହାୟଲୋ ଓପନ୍‌ରେ ସିନ୍ଧୁ, ଲକ୍ଷ୍ୟଙ୍କ ବିଜୟ ଅଭିଯାନ

ବର୍ଲିନ, ୨୯ ।୧୦ (ଏଜେନ୍ସି): ଜର୍ମାନୀରେ ଆରମ୍ଭ ହୋଇଥିବା ୪ କୋଟି ୭୬ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ହାୟଲୋ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତ ପିଭି ସିନ୍ଧୁ ଓ ଲକ୍ଷ୍ୟ ସେନ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ସିନ୍ଧୁ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ୨୧-୧୦, ୨୧-୧୦ ସିଧାସଳଖ ଗେମରେ ୟୁଏଇ'ର ପ୍ରକୃତି ଭାରଥଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ସିନ୍ଧୁଙ୍କୁ ମାତ୍ର ୨୮ ମିନିଟ୍ ସମୟ ଲାଗିଥିଲା। ସେହିଭଳି ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ୧୬-୨୧, ୨୧-୧୯, ୨୧-୧୩ ଗେମରେ ଫିନଲାଣ୍ଡର ଜୋଆକିମ ଓଲଡ୍ରୋଫଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଅନ୍ୟ ଭାରତୀୟ ସଟଲର୍‌ଙ୍କ ମଧ୍ୟରେ କିରନ ଜର୍ଜ, ଉନ୍ନତି ହୁଡା, ଇଶାରାଣୀ ବରୁଆ, ମାଳବିକା ବଂଶୋଦ ପ୍ରମୁଖ ପ୍ରଥମ ରାଉଣ୍ଡରେ ବିଜୟ ଲାଭ କରିଛନ୍ତି।

କିଟ୍‌ରେ ରାଜ୍ୟ ସିନିଅର ମହିଳା ଚେସ୍ ୨ରୁ

ଭୁବନେଶ୍ୱର,୨୯।୧୦(ସମିସ): ଓଡ଼ିଶା ରାଜ୍ୟ ସିନିଅର ମହିଳା ଫିଡେ ରେଟେଡ ଚେସ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କିଟ୍ ପରିସରସ୍ଥ ବିଶ୍ୱନାଥନ ଆନନ୍ଦ ଚେସ୍ ହଲ୍‌ରେ ନଭେମ୍ବର ୨ରୁ ୫ ତାରିଖଯାଏ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଜଗତସିଂହପୁର ଚେସ ସଂଘ ଆନୁକୂଲ୍ୟରେ ପାରାଦୀପରେ ଖେଳାଯିବାର ଥିଲା। କିନ୍ତୁ ବାରମ୍ବାର ଲଘୁଚାପ ଓ ବାତ୍ୟା ଯୋଗୁଁ ଏହାକୁ କିଟ୍ ପରିସରକୁ ସ୍ଥାନାନ୍ତରିତ କରାଯାଇଛି। ଏଥିରେ ଏଣ୍ଟ୍ରି ଫି ୭୦୦ ଟଙ୍କା ରଖାଯାଇଥିଲାବେଳେ ଚାମ୍ପିଅନଙ୍କୁ ୧୫,୦୦୦ ଟଙ୍କା ସହ ମୋଟ ୫୦,୫୦୦ ଟଙ୍କାର ଅର୍ଥ ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏଥିରେ ସଫଳତା ପାଇଥିବା ପ୍ରଥମ ୪ଜଣ ଖେଳାଳି ହାଇଦ୍ରାବାଦରେ ନଭେମ୍ବର ୩୦ରୁ ଡିସେମ୍ବର ୧୦ ଯାଏ ହେବାକୁ ଥିବା ଜାତୀୟ ମହିଳା ଚାମ୍ପିଅନସିପ୍ ଲାଗି ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ପ୍ରତିଯୋଗୀମାନେ ସଞ୍ଜୀବ ମହାନ୍ତିଙ୍କୁ ଫୋନ ନଂ-୯୭୮୧୭-୭୨୩୩୮ କିମ୍ବା ଏଓସିଏ କାର୍ଯ୍ୟକାରୀ ସମ୍ପାଦକ ଭବେଶ ମହାନ୍ତିଙ୍କୁ ଫୋନ୍ ନଂ-୯୯୩୭୮-୮୭୩୭୨ରେ ଯୋଗାଯୋଗ କରିବାକୁ ଆୟୋଜକ ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଅନୁରୋଧ କରିଛନ୍ତି।

ଇଡେନ୍ ପାର୍କର ଛୋଟିଆ ବାଉଣ୍ଡାରୀରେ ରନ୍ ବର୍ଷା ସମ୍ଭାବନା

ବିଜୟ ଧାରା ବଜାୟ ଲକ୍ଷ୍ୟରେ ଭାରତ

ଅକ୍‌ଲାଣ୍ଡ,୨୯।୧୦(ଏଜେନ୍ସି)

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଚତୁର୍ଥ ମୁକାବିଲା ଆସନ୍ତାକାଲି ବା ଶୁକ୍ରବାର ସ୍ଥାନୀୟ ଇଡେନ ପାର୍କ ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ଲଢ଼େଇ ପୂର୍ବରୁ ଖେଳାଯାଇଥିବା ପ୍ରଥମ ୩ଟିଯାକ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି। ଫଳରେ ଭାରତ ୩-୦ରେ ଅପରାଜେୟ ସିରିଜ୍ ଅଗ୍ରଣୀ ନେଇଛି। ଏହାର ଅର୍ଥ ୨ଟି ମ୍ୟାଚ୍ ବାକିଥାଇ ଭାରତ ଆଗୁଆ ସିରିଜ୍ କବ୍‌ଜା କରିଛି। ଏହା ମଧ୍ୟରେ ଲକି ଫର୍ଗୁସନ ନ୍ୟୁଜିଲାଣ୍ଡର ତୃତୀୟ ଫାଷ୍ଟ ବୋଲର ଭାବେ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଭାରତର ଇଶାନ କିଶାନଙ୍କ ଫିଟ୍‌ନେସ ଉପରେ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ଏହା ସତ୍ତ୍ୱେ ଆସନ୍ତାକାଲି ମ୍ୟାଚ୍‌ରେ ଉଭୟ ଦଳ କିଛି ଖେଳାଳିଙ୍କୁ ବିଶ୍ରାମ ଦେବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ। ବିଶେଷ କରି ଭାରତର ଦିନିକିଆ ଦଳରେ ସ୍ଥାନ ପାଇଥିବା ଅର୍ଶଦୀପ ସିଂହ ଓ ନୀତିଶ କୁମାର ରେଡ୍ଡୀଙ୍କୁ ବିଶ୍ରାମ ଦିଆଗଲେ କିମ୍ବା ପରିବର୍ତ୍ତନ କରାଗଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ବିଶେଷ କରି ପ୍ରଥମ ୩ଟି ମ୍ୟାଚ୍‌ରେ ଖେଳିବାକୁ ସୁଯୋଗ ପାଇ ନ ଥିବା ଶିବମ ଦୁବେ, କୁଳଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ କେହି ଖେଳିବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ।

ନ୍ୟୁଜିଲାଣ୍ଡ ମାଟିରେ ଘରୋଇ ବୋଲରଙ୍କ ବିପକ୍ଷରେ ଏଭଳି ପ୍ରଭାବଶାଳୀ ଖେଳିବା ଏହି ଭାରତୀୟ ଦଳ ପ୍ରଥମ। ଆୟର୍ଲାଣ୍ଡ ଓ ଇଂଲଣ୍ଡର ସୁଇଂ ବୋଲରଙ୍କ ବିପକ୍ଷରେ ଆଡଜଷ୍ଟ କରିପାରି ନ ଥିବା ଭାରତୀୟ ବ୍ୟାଟର ଏବେ ନିଜ ଦକ୍ଷତା ଓ ଲୟକୁ ଫେରିଛନ୍ତି। ଯାହା ଫଳରେ ୩ଟି ମ୍ୟାଚ୍‌ରେ ୩ଜଣ ଭିନ୍ନ ଭିନ୍ନ ବ୍ୟାଟର ଭାରତର ରନ୍ ଚେଜ୍‌ରେ ହିରୋ ସାଜିଛନ୍ତି। ସଞ୍ଜୁ ସାମସନ, ଅଭିଷେକ ଶର୍ମା, ଶ୍ରେୟସ ଆୟର, ନମନ ଧୀର ଓ ତିଲକ ବର୍ମା ବେଶ ବୀରତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ସମସ୍ତ ମ୍ୟାଚ୍‌ରେ ଫିନ୍ ଆଲେନ ଓ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଗ୍ଲେନ୍ ଫିଲିପ୍ସଙ୍କୁ ଛାଡିଦେଲେ ଅନ୍ୟ କେହି କ୍ଲିକ୍ କରିନାହାନ୍ତି। ଏଣୁ ନ୍ୟୁଜିଲାଣ୍ଡ ଇଡେନର ଛୋଟିଆ ବାଉଣ୍ଡାରୀ ଥିବା ଗ୍ରାଉଣ୍ଡରେ କିପରି ରନ୍ ସଂଗ୍ରହ କରିବେ ତାହା ଦେଖିବାର କଥା। ଏହି ଗ୍ରାଉଣ୍ଡରେ ଷ୍ଟ୍ରେଟ୍ ବାଉଣ୍ଡାରୀ ଅପେକ୍ଷାକୃତ ଛୋଟ। କିନ୍ତୁ ସ୍କୋୟାର ବାଉଣ୍ଡାରୀ ବଡ଼। ଏଣୁ ୩୦ ଗଜ ଏରିଆ ଏକ ରେକ୍ଟାଙ୍ଗଲ ଭଳି ଦେଖାଯାଏ। ଏଭଳି ପିଚ୍‌ରେ ବୋଲରଙ୍କୁ ମାପିଚୁପି ବୋଲିଂ କରିବାକୁ ହେବ। ସେହିପରି ବ୍ୟାଟରମାନେ ମଧ୍ୟ ଟେକ୍‌ନିକ୍‌ରେ କିଛି ପରିବର୍ତ୍ତନ କରିବାକୁ ପଡ଼ିବ। ବାଉଣ୍ଡାରୀ ଛୋଟିଆ ହୋଇଥିବାରୁ ଏଠାରେ ରନ୍ ବର୍ଷା ହେବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ। ଏପରିକି ଚଳିତ ସିରିଜ୍‌ରେ ପିଚ୍‌ରୁ ସହାୟତା ମିଳୁଥିଲେ ମଧ୍ୟ ବ୍ୟାଟରଙ୍କୁ ଅଟକାଇବା ଉଭୟ ଦଳର ବୋଲରଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି। ପ୍ରଥମ ୩ଟି ଦିନିକିଆରେ ନ୍ୟୁଜିଲାଣ୍ଡ ସମସ୍ତ ୬୦ ଓଭର ଖେଳି ୬୦୩ ରନ୍ କରିଛି। ଏହାର ଅର୍ଥ ଓଭର ପ୍ରତି ୧୦.୦୫ ହାରରେ ରନ୍ ସଂଗ୍ରହ କରିବା। ଜବାବରେ ରନ୍ ଚେଜ୍ କରିଥିବା ଭାରତୀୟ ବ୍ୟାଟରମାନେ ୩ଟି ମ୍ୟାଚ୍‌ରେ ୫୨.୫ ଓଭର ଖେଳି ୬୧୦ ରନ୍ ସଂଗ୍ରହ କରିଛନ୍ତି। ଏହାର ଅର୍ଥ ଭାରତୀୟ ବ୍ୟାଟର ଓଭରପ୍ରତି ୧୧.୬୧ ହାରରେ ରନ୍ କରିଛନ୍ତି। ୱେଲିଂଟନରେ ନ୍ୟୁଜିଲାଣ୍ଡ ପ୍ରଦତ୍ତ ୧୯୯ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୧୩.୨ ଓଭରରେ ହାସଲ କରିବା ପରେ ବ୍ୟାଟରଙ୍କ ପ୍ରାଧାନ୍ୟ ସ୍ପଷ୍ଟ ପ୍ରମାଣିତ ହୋଇଛି। ବ୍ୟାଟରଙ୍କର ଆଉ ଏକ ପ୍ରାଧାନ୍ୟ ଥିବା ମ୍ୟାଚ୍ ଏଠାରେ ଦେଖିବାକୁ ମିଳିବ ବୋଲି ଆଶା କରିବା ସ୍ୱାଭାବିକ୍।

ଆଜି ଚତୁର୍ଥ ଟି-୨୦
ଭେନ୍ୟୁ: ଇଡେନ ପାର୍କ, ଅକ୍‌ଲାଣ୍ଡ
ଖେଳ ଆରମ୍ଭ: ଅପରାହ୍ଣ ୧୨.୩୦
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ: ସୋନି ଲିଭ୍

ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି

ଚାଇନା ପରାସ୍ତ; ଭାରତର କ୍ରମାଗତ ବିଜୟ

କଳନ୍ଦର, ୨୯ ।୧୦ (ଏଜେନ୍ସି): ପଞ୍ଜାବରେ ଚାଲିଥିବା ଏସିଆନ ଚାମ୍ପିଅନ୍ସ ଟ୍ରଫି ହକିର ୯ମ ସଂସ୍କରଣରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଗୁରୁବାର ସୁରଜିତ୍ ହକି ଷ୍ଟାଡିୟମରେ ଅନୁଷ୍ଠିତ ରାଉଣ୍ଡ-ରବିନ ମ୍ୟାଚରେ ଘରୋଇ ଭାରତ ୫-୨ ଗୋଲରେ ଚାଇନାକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ଉଦ୍‌ଘାଟନୀ ଦିବସରେ ଭାରତ ୧୩-୦ ଗୋଲ୍‌ରେ ବାଂଲାଦେଶକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ଶୁକ୍ରବାର ଜାପାନକୁ ଭେଟିବ। ଗୁରୁବାର ଅନୁଷ୍ଠିତ ଅନ୍ୟ ଦୁଇଟି ମ୍ୟାଚରେ ମାଲେସିଆ ୩-୧ ଗୋଲ୍‌ରେ ଦକ୍ଷିଣ କୋରିଆକୁ ଏବଂ ଜାପାନ ୧-୦ ଗୋଲରେ ବାଂଲାଦେଶକୁ ପରାସ୍ତ କରିଛି। ଗୁରୁବାର ରାତିରେ ଅନୁଷ୍ଠିତ ମ୍ୟାଚରେ ଭାରତ ପ୍ରଥମାର୍ଦ୍ଧରେ ଦୁଇଟି ଓ ଦ୍ୱିତୀୟାର୍ଦ୍ଧରେ ୩ଟି ଗୋଲ୍ ଦେଇଥିଲା। ସେଥିମଧ୍ୟରୁ ଅଧିନାୟକ ହରମନପ୍ରୀତ୍ ସିଂହ ଓ ସୁଖଜିତ୍ ସିଂହ ଡବଲ୍ ଗୋଲ୍‌ସ୍କୋର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୁଖଜିତ୍ ମ୍ୟାଚର ୧୨ତମ ଓ ୩୪ତମ ଏବଂ ହରମନପ୍ରୀତ୍ ୨୭ତମ ଓ ୩୧ତମ ମିନିଟରେ ଗୋଲ୍ ଦେଇଥିଲେ। ମ୍ୟାଚର ୪୭ତମ ମିନିଟରେ ଯୁଗରାଜ ସିଂହଙ୍କ ଷ୍ଟିକ୍‌ରୁ ଅନ୍ୟତମ ଗୋଲ୍‌ଟି ବାହାରିଥିଲା। ଅପରପକ୍ଷରେ ଚାଇନା ପାଇଁ ପେଙ୍ଗ ୟାଙ୍ଗ୍ ଓ ଚେନ୍ ଚୋଙ୍ଗକଙ୍ଗ ଗୋଟିଏ ଲେଖାଏ ଗୋଲ୍ ଶୁଝିଥିଲେ। ଦ୍ୱିତୀୟ ବିଜୟ ସହ ଭାରତ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ୬ ପଏଣ୍ଟ ପାଇ ଶୀର୍ଷରେ ରହିଛି। ସେହିଭଳି ଚାଇନାର ଏହା କ୍ରମାଗତ ଦ୍ୱିତୀୟ ପରାଜୟ ଥିଲା।

କଟକରେ ଆଜିଠାରୁ ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍

ଭୁବନେଶ୍ୱର,୨୯।୧୦(ସମିସ): କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଅକ୍ଟୋବର ୩୦ରୁ ନଭେମ୍ବର ୧ ତାରିଖଯାଏ ୩୯ତମ ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଉଭୟ କ୍ୟୁରୋଗୀ ଓ ପୁମ୍‌ସାଏରେ ପ୍ରତିଯୋଗିତା ହେବ। ସୁପର ସବ୍ ଜୁନିଅର, କ୍ୟାଡେଟ, ସବ୍‌ଜୁନିଅର, ଜୁନିଅର ଓ ସିନିଅର କାଟାଗୋରୀରେ ଲଢ଼େଇ ହେବ। ଏହା ଛଡ଼ା ୩୦, ୪୦, ୫୦, ୬୦ ଓ ୭୦ ବର୍ଷରୁ କମ୍ ବିଭାଗରେ ମଧ୍ୟ ମ୍ୟାଚ୍ ଖେଳାଯିବ। ଏହି ପ୍ରତିଯୋଗିତାରେ ଯେଉଁମାନେ ପ୍ରଥମସ୍ଥାନ ଅଧିକାର କରିବେ, ସେମାନଙ୍କୁ କଟକରେ ଆସନ୍ତା ଡିସେମ୍ବରରେ ହେବାକୁ ଥିବା ଜାତୀୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିବେ ବୋଲି ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ ସମ୍ପାଦକ ସନ୍ତୋଷକୁମାର ମହାନ୍ତି ଜଣାଇଛନ୍ତି।

ୱେଷ୍ଟର୍ଣ୍ଣ ଏସିଆନ ୟୁଥ୍ ଓ ଜୁନିଅର ଚେସ୍

କ୍ଲାସିକାଲ ଓ ବ୍ଲିଜ୍‌ରେ ସାତ୍ତ୍ୱିକ ଚାମ୍ପିଅନ

ଭୁବନେଶ୍ୱର,୨୯।୧୦(ସମିସ): ଓଡ଼ିଶା ଚେସ୍‌ର ବିସ୍ମୟ ବାଳକ ସାତ୍ତ୍ୱିକ ସ୍ୱାଇଁ ତାଙ୍କ ଖେଳ ଜୀବନରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡିଦେଇଛନ୍ତି। ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ୱେଷ୍ଟର୍ଣ୍ଣ ଏସିଆନ ଚେସ୍‌ରେ ସାତ୍ତ୍ୱିକ ୧୦ ବର୍ଷରୁ କମ୍ ବୟସ ବିଭାଗରେ ଡବଲ ଚାମ୍ପିଅନ ହୋଇ ରାଜ୍ୟ ତଥା ଦେଶର ଗୌରବ ବଢ଼ାଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର କ୍ଲାସିକାଲ ବିଭାଗରେ ୯ ରାଉଣ୍ଡରୁ ୮.୫ ଓ ବ୍ଲିଜ୍‌ରେ ୭ ରାଉଣ୍ଡରୁ ୬.୫ ପଏଣ୍ଟ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିବା ସହ ଟାଇଟଲ ଜିତିନେଇଥିଲେ। ଆସନ୍ତାକାଲି ରାପିଡ ବିଭାଗରେ ପ୍ରତିଯୋଗିତା ହେବ। ଏଥିରେ ମଧ୍ୟ ସେ ସଫଳତା ପାଇବେ ବୋଲି ଆଶା କରାଯାଉଛି।

ଡବଲ ଟାଇଟଲ ଜିତି ସାତ୍ତ୍ୱିକ ଯେପରି ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି, ଠିକ୍ ସେହିପରି ରାଜ୍ୟ ଚେସ୍‌ରେ ଆନନ୍ଦ ଉଲ୍ଲାସ ଖେଳିଯାଇଛି। ସେ ପ୍ରଶିକ୍ଷଣ ନେଉଥିବା କିଙ୍ଗ ଚେସ୍ ସେଣ୍ଟରର ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟ ଖେଳାଳିଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି। ଏହି ସଫଳତା ଲାଗି ଅଲ୍‌ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଟ୍ଟ ଓ କିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ତଥା ବରିଷ୍ଠ କୋଚ୍ ବିଶ୍ୱଜିତ ରାୟ, ଟ୍ରିପଲ-ସି ଚେସ୍ କ୍ଲବ୍‌ରୁ ସମ୍ପାଦକ ବିରଞ୍ଚିନାରାୟଣ ସାହୁ, ଉପସଭାପତି ଅର୍ଘ୍ୟଅର୍ପଣ ପରିଡ଼ା ପ୍ରମୁଖ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଗୋଆ ବିପକ୍ଷ ସିକେ ନାଇଡୁ ଟ୍ରଫି

ଶ୍ରେୟାଂଶଙ୍କ ଶତକ, ଆଶୀର୍ବାଦ ଓ ସୁଜଲଙ୍କ ଅର୍ଦ୍ଧଶତକ

ଶ୍ରେୟାଂଶ ଭରଦ୍ୱାଜ

ଆଶୀର୍ବାଦ ସ୍ୱାଇଁ

ସୁଜଲ ସିଂ

ଭୁବନେଶ୍ୱର,୨୯।୧୦(ସମିସ): କ୍ରମାଗତ ବିଫଳତା ପରେ ଓଡ଼ିଶାର ୨୩ ବର୍ଷରୁ କମ୍ ବୟସର ବ୍ୟାଟର ଜାତୀୟସ୍ତରରେ କିଛିଟା ଭଲ ଖେଳିଛନ୍ତି। ସାଙ୍ଗୁଏମ୍‌ଠାରେ ଚାଲିଥିବା ଗୋଆ ବିପକ୍ଷ ମୁକାବିଲାରେ ପ୍ରଥମ ଇନିଂସ ପଛୁଆ ରହିବା ପରେ ଦମ୍‌ଦାର ବ୍ୟାଟିଂ କରି ୬ ୱିକେଟରେ ୩୭୪ ରନ୍ କରି ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଛି। ଦଳ ପକ୍ଷରୁ ଶ୍ରେୟାଂଶ ଭରଦ୍ୱାଜ ଶତକ ସହ ସର୍ବାଧିକ ୧୦୩, ରଣଜୀ ଦଳରୁ ବାଦ୍ ପଡ଼ିଥିବା ଆଶୀର୍ବାଦ ସ୍ୱାଇଁ ୮୮ ଓ ଅଧିନାୟକ ସୁଜଲ ସିଂ ୬୯ ରନ୍ କରିଛନ୍ତି। ଏହା ଫଳରେ ଗୋଆ ଆଗରେ ୩୨୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ଓଡ଼ିଶା। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ଗୋଆ ଦ୍ୱିତୀୟ ଇନିଂସରେ ୩ରନ୍‌ରେ ୨ ୱିକେଟ ହରାଇଛି। ଆଶୁତୋଷ ମାରାଣ୍ଡି ଓ ଅଭିଷେକ ସିଂ ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି।

ରଣଜୀ ଟ୍ରଫି ଲଢ଼େଇ

ପଏଣ୍ଟ ଖାତା ଖୋଲିଲେ ଓଡ଼ିଶା ଓ ସର୍ଭିସେସ୍

ଭୁବନେଶ୍ୱର,୨୯।୧୦(ସମିସ)

ବାତ୍ୟା ଅର୍ଣ୍ଣବର ପ୍ରଭାବ ଓ କ୍ରମାଗତ ବର୍ଷା ଯୋଗୁଁ ଓଡ଼ିଶା ଏବଂ ସର୍ଭିସେସ ମଧ୍ୟରେ ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଥିବା ମ୍ୟାଚ ଶେଷ ହୋଇପାରି ନାହିଁ। ନିର୍ଦ୍ଧାରିତ ୪ ଦିନ ଖେଳରେ ଉଭୟ ଦଳ ଗୋଟିଏ ଲେଖାଏଁ ଇନିଂସ ପୂରଣ କରିବାରେ ସମର୍ଥ ହୋଇନାହାନ୍ତି। ଫଳରେ ମ୍ୟାଚ୍ ଡ୍ର ରହିଛି କିନ୍ତୁ ଗୋଟିଏ ଲେଖାଏଁ ଇନିଂସ ପୂରଣ କରିପାରି ନ ଥିବାରୁ ବିସିସିଆଇ ଘରୋଇ କ୍ରିକେଟର ନିୟମ ଅନୁଯାୟୀ ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଛି। ଉଭୟ ଦଳ ପ୍ରଥମ ଦୁଇଟି ମୁକାବିଲାରେ ପରାଜିତ ହୋଇଥିବାରୁ କୌଣସି ପଏଣ୍ଟ ପାଇ ନ ଥିଲେ। କିନ୍ତୁ ବର୍ଷା ଓ ବାତ୍ୟା ଯୋଗୁଁ ଉଭୟ ଦଳ ପଏଣ୍ଟ ଖାତା ଖୋଲିବାରେ ସମର୍ଥ ହୋଇଛନ୍ତି। ପ୍ରଥମ ଦିନ ଖେଳ ସମ୍ଭବ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୧୯୪ ରନ୍ କରିଥିଲାବେଳେ ସର୍ଭିସେସ ବିନା ୱିକେଟରେ ୧୩ ରନ୍ କରିଥିଲା। ଆଜି ଚତୁର୍ଥ ଦିନ ଆଉ ୭ ଓଭର ଖେଳ ହୋଇଥିଲାବେଳେ ସର୍ଭିସେସ୍ ୧୨ ଓଭରରେ କୌଣସି ୱିକେଟ ନ ହରାଇ ୪୦ ରନ୍ କରିଥିଲା। ପରେ ପୁଣି ବର୍ଷା ହେବାରୁ ମ୍ୟାଚ୍‌କୁ ଡ୍ର ଘୋଷଣା କରାଯାଇଥିଲା।

ଝାଡ଼ଖଣ୍ଡ ବିପକ୍ଷ ରେ ବର୍ଷା ଆଶଙ୍କା

ଏହି ମୁକାବିଲା ପରେ ଓଡ଼ିଶା ଏଠାରେ ବା କିଟ୍ କ୍ରିକେଟ ଷ୍ଟାଡିୟମ୍‌ରେ ଚତୁର୍ଥ ରାଉଣ୍ଡ ମୁକାବିଲାରେ ଝାଡ଼ଖଣ୍ଡ ସହ ଖେଳିବ। ଏହି ମ୍ୟାଚ୍‌ଟି ମଧ୍ୟ ବର୍ଷାରେ ଧୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆଣ୍ଡାମାନ ନିକଟରେ ଗତକାଲି ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇସାରିଛି। ଏହାର ପ୍ରଭାବରେ ଅକ୍ଟୋବର ୩୧ କିମ୍ବା ନଭେମ୍ବର ୧ରୁ ଭୁବନେଶ୍ୱର ସମେତ ସମଗ୍ର ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଯିବ। ଲଘୁଚାପ ବାତ୍ୟାରେ ପରିଣତ ହୋଇ ଯଦି ଓଡ଼ିଶା ଉପକୂଳରେ ଲ୍ୟାଣ୍ଡଫଲ କରେ ତେବେ ଅତ୍ୟଧିକ ବର୍ଷା ହେବାର ସମ୍ଭାବନାକୁ ଏଡ଼ାଇଦେଇ ହେବ ନାହିଁ। ମୋଟାମୋଟି କହିବାକୁ ଗଲେ ସର୍ଭିସେସ୍ ମୁକାବିଲା ଭଳି ଝାଡଖଣ୍ଡ ବିପକ୍ଷ ମ୍ୟାଚ୍ ମଧ୍ୟ ଆୟୋଜିତ ହୋଇ ନ ପାରିବାର ଆଶଙ୍କା ସୃଷ୍ଟି ହୋଇଛି।

ମୁମ୍ବାଇ, ବିଦର୍ଭ ଓ ବେଙ୍ଗଲର ହ୍ୟାଟ୍ରିକ୍ ବିଜୟ

ମୁମ୍ବାଇ, ୨୯ ।୧୦ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ତୃତୀୟ ରାଉଣ୍ଡ ଗୁରୁବାର ଶେଷ ହୋଇଛି। ଯେଉଁଥିରେ ରେକର୍ଡ ୪୨ଥରର ବିଜେତା ମୁମ୍ବାଇ, ବିଦର୍ଭ ଓ ବେଙ୍ଗଲ ହ୍ୟାଟ୍ରିକ ବିଜୟ ସ୍ୱାଦ ଚାଖିଛନ୍ତି। ସ୍ଥାନୀୟ ଶରଦ ପାୱାର କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଡି'ର ଏକ ମ୍ୟାଚରେ ମୁମ୍ବାଇ ୧୦ ୱିକେଟରେ ହରିୟାଣାକୁ ମାତ୍ ଦେଇଛି। ମୁସିର ଖାନ ୧୦୯ ରନର ଶତକୀୟ ପାଳି ସହ ମୋଟ୍ ୭ଟି ୱିକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ନାଗପୁରରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଘରୋଇ ବିଦର୍ଭ ଏକ ପାଳି ଓ ୨୭ ରନରେ ଗୋଆକୁ ହରାଇଦେଇଛି। ଏହି ମ୍ୟାଚରେ ଗୋଆର ୨୨୦ ରନ ଜବାବରେ ବିଦର୍ଭ ଧ୍ରୁବ ସୋରେ (୧୬୮)ଙ୍କ ଶତକ ସହାୟତାରେ ୮ ୱିକେଟରେ ୪୪୨ ରନ କରି ପାଳି ଘୋଷଣା କରିଥିଲା। ୨୨୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଗୋଆ ଗୁରୁବାର ୧୯୫ ରନରେ ସୀମିତ ରହିଥିଲା। ପୂର୍ବରୁ ବିଦର୍ଭ ପ୍ରଥମ ଦୁଇଟି ମ୍ୟାଚରେ ପୁଡୁଚେରୀ ଓ ଜମ୍ମୁ-କାଶ୍ମୀରକୁ ହରାଇଥିଲା।

ଅପରପକ୍ଷରେ ଶାହବାଜ ଅହମ୍ମଦଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ବେଙ୍ଗଲ ୨୮୭ ରନର ବୃହତ୍ ବ୍ୟବଧାନରେ ଘରୋଇ କେରଳକୁ ହରାଇଦେଇଛି। ଥିରୁଅନନ୍ତପୁରମରେ ଅନୁଷ୍ଠିତ ଏହି ମ୍ୟାଚରେ ବେଙ୍ଗଲ ପ୍ରଦତ୍ତ ୪୦୮ ରନକୁ ପିଛା କରିଥିବା କେରଳ ୧୨୦ ରନରେ ଦ୍ୱିତୀୟ ପାଳି ଅଲ୍‌ଆଉଟ୍ ହୋଇଥିଲା। ଶାହବାଜ ମ୍ୟାଚରେ ମୋଟ୍ ୧୪୧ ରନ ସହ ୪ଟି ୱିକେଟ ନେଇଥିଲେ।

■ ସିନିଅର ମହିଳା ଟି-୨୦ରେ ମାଧୁରୀଙ୍କ ଅର୍ଦ୍ଧଶତକ

ଓଡ଼ିଶାର ହ୍ୟାଟ୍ରିକ୍ ପରାଜୟ

ଭୁବନେଶ୍ୱର,୨୯।୧୦(ସମିସ): ମୋହାଲିରେ ଚାଲିଥିବା ସିନିଅର ମହିଳା ଟି-୨୦ କ୍ରିକେଟରେ ଆଜି ଅନୁଷ୍ଠିତ ମୁକାବିଲାରେ ଓଡ଼ିଶା ମାତ୍ର ୬ ରନ୍‌ରେ ସୌରାଷ୍ଟ୍ର ନିକଟରୁ ପରାଜିତ ହୋଇଛି। ଏହା ଫଳରେ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ହ୍ୟାଟ୍ରିକ୍ ପରାଜୟ ବରଣ କରିଛି। ପୂର୍ବରୁ ଓଡ଼ିଶା ୯ୱିକେଟରେ ଆନ୍ଧ୍ର ପ୍ରଦେଶ ଓ ୪ ୱିକେଟରେ ହିମାଚଳ ପ୍ରଦେଶ ନିକଟରୁ ହାରିଥିଲା। ଆଜିର ଖେଳରେ ପ୍ରଥମେ ବ୍ୟାଟିଂ କରି ସୌରାଷ୍ଟ୍ର ୬ ୱିକେଟରେ ୧୩୮ ରନ୍ କରିଥିଲା। ଜବାବରେ ମାଧୁରୀ ମେହେଟାଙ୍କ ୫୨ ଏବଂ ଅଲିସ୍ମା ବିଶ୍ୱାଳଙ୍କ ୨୪ ରନ ସତ୍ତ୍ୱେ ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୩୨ରନ୍‌ରେ ଅଟକିଥିଲା। ବୋଲିଂରେ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଓ ଅନନ୍ୟା ମିଶ୍ର ୨ଟି ଲେଖାଏଁ ୱିକେଟ ନେଇଥିଲେ। ଆନ୍ଧ୍ର ବିପକ୍ଷରେ ମାଧୁରୀ ମଧ୍ୟ ୫୬ରନ୍‌ର ଇନିଂସ ଖେଳିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY